# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଏପ୍ରିଲ ୭/୨୦୨୧ (୧୬ ପୃଷ୍ଠା) | Sambalpur, Wednesday, April 7/2021 | ★★

୧୭ଶ ଭାଗ ୧୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ରିଲେ ଦଳରେ ଦୂତୀ ସାମିଲ**

ପୋଲାଣ୍ଡରେ ହେବାକୁଥିବା ୱାର୍ଲ୍ଡ ଆଥଲେଟିକ୍ସ ମହିଳା ୪x୧୦୦ ମିଟର ରିଲେ ଇଭେଣ୍ଟ ଲାଗି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଦୂତୀ ଚାନ୍ଦ। ୧୬

୧୪ **ବଲିଉଡ୍‌ରେ ତାପସୀଙ୍କ ୮ ବର୍ଷ**

ବଲିଉଡ୍‌ରେ ଅଭିନୟ କ୍ୟାରିୟରର ୮ ବର୍ଷ ସମ୍ପୂର୍ଣ୍ଣ କରିଛନ୍ତି ତାପସୀ ପନ୍ନୁ।



# ‘ଗୁରୁତ୍ୱ ନ ଦେଲେ ଦ୍ୱିତୀୟ ଲହର ଘାତକ’

## ଆଜିଠୁ କଠୋର ହେବ କଟକଣା

## ରାଜ୍ୟବ୍ୟାପୀ ୧୦ ଦିନିଆ ସ୍ୱତନ୍ତ୍ର ଅଭିଯାନ ପାଇଁ ଡିଜିପିଙ୍କୁ ନିର୍ଦ୍ଦେଶ



ଭୁବନେଶ୍ୱର,୬।୪(ବ୍ୟୁରୋ)

ଛତିଶଗଡ଼ ସୀମାକୁ ଲାଗିଥିବା ଜିଲାଗୁଡ଼ିକରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଦ୍ରୁତ ବେଗରେ ବଢ଼ିବାରେ ଲାଗିଛି। କୋଭିଡ୍ ପଜିଟିଭ ମାମଲା ବଢୁଥିବା ପଶ୍ଚିମ ଓଡ଼ିଶାର ଜିଲାଗୁଡ଼ିକୁ ନିୟମିତ ପରିଦର୍ଶନ କରି ତୃଣମୂଳ ସ୍ତରରେ ସ୍ଥିତିକୁ ଦେଖି ଜରୁରୀ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଭିଡିଓକନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ରାଜ୍ୟର କୋଭିଡ୍ ସ୍ଥିତିର ସମୀକ୍ଷା କରିଛନ୍ତି। କରୋନା ସଂକ୍ରମଣର ମୁକାବିଲା କରିବାକୁ ତୁରନ୍ତ ଅଧିକ ସଂଖ୍ୟାରେ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ ଓ ଲାବ୍ ଟେକ୍ନିସିଆନଙ୍କୁ ପଶ୍ଚିମ ଓଡ଼ିଶା ଜିଲାଗୁଡ଼ିକୁ ପଠାଇବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ହସ୍ପିଟାଲରେ ସିଟ୍ ସଂଖ୍ୟା ବଢ଼ାଇବା ସହ ଅଧିକ ସଂଖ୍ୟାରେ ଅକ୍ସିଜେନ ଥିବା ଆମ୍ବୁଲାନ୍ସ ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମନିଟରିଂ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ପ୍ରତ୍ୟେକ ଜରୁରୀ କଲ୍‌କୁ ତୁରନ୍ତ ଗ୍ରହଣ କରି ଜରୁରିକାଳୀନଭିତ୍ତିରେ ସମ୍ବେଦନଶୀଳ ଭାବେ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆମ୍ବୁଲାନ୍ସ ଯୋଗାଇବାରେ ନକାରାତ୍ମକ ଉତ୍ତର କିମ୍ବା ହସ୍ପିଟାଲରେ ବେଡ୍ ଅଭାବଜନିତ ଅଭିଯୋଗ ଯେପରି ନ ହେବ ସେ ନେଇ ☞ପୃଷ୍ଠା-୪

**ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ ସମୀକ୍ଷା**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

- ଫୋକସରେ ପଶ୍ଚିମ ଓଡ଼ିଶା
- ଛତିଶଗଡ଼ ସୀମାନ୍ତ ଜିଲା ଗସ୍ତ କରିବେ ମୁଖ୍ୟ ଶାସନ ସଚିବ, ବରିଷ୍ଠ ଅଧିକାରୀ

## ୫ ରାଜ୍ୟର ପର୍ଯ୍ୟଟକଙ୍କ ପାଇଁ ଆର୍‌ଟି-ପିସିଆର୍ ବାଧ୍ୟତାମୂଳକ

- ପୁରୀ ରେଳଷ୍ଟେଶନରେ ଥର୍ମାଲ ସ୍କ୍ରିନିଂ
- ପଜିଟିଭ୍ ପରେ ବାଧ୍ୟତାମୂଳକ ୭ଦିନିଆ ହୋମ୍ ଆଇସୋଲେଶନ୍
- ହୋଟେଲ ମାଲିକଙ୍କ ସହ ଆଲୋଚନା କଲେ ଜିଲାପାଳ

ପୁରୀ ଅଫିସ, ୬।୪

ଶ୍ରୀକ୍ଷେତ୍ରରେ କୋଭିଡ୍ କଟକଣାକୁ କଡ଼ାକଡ଼ି କରିଛି ପୁରୀ ଜିଲା ପ୍ରଶାସନ। କୋଭିଡ୍ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପୁଥିବା ୧୨ରାଜ୍ୟରୁ ପୁରୀ ଆସୁଥିବା ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର କଟକଣା ଲାଗୁ କରାଯାଇଛି। ବିଶେଷକରି ଉଦ୍‌ବେଗଜନକ ସ୍ଥିତିରେ ଥିବା ୫ ପ୍ରମୁଖ ରାଜ୍ୟ ମଧ୍ୟପ୍ରଦେଶ, ମହାରାଷ୍ଟ୍ର, କେରଳ, ପଞ୍ଜାବ ଓ ଛତିଶଗଡ଼ରୁ ଆସୁଥିବା ଯାତ୍ରୀଙ୍କ ଆର୍‌ଟିପିସିଆର୍ ଟେଷ୍ଟ ରିପୋର୍ଟକୁ ବାଧ୍ୟତାମୂଳକ କରାଯାଇଛି। ପୁରୀ ରେଳଷ୍ଟେଶନରେ ସମସ୍ତ ଯାତ୍ରୀଙ୍କ ଥର୍ମାଲ ସ୍କ୍ରିନିଂ କରାଯିବ। ଯଦି କୌଣସି ଯାତ୍ରୀଙ୍କ ଠାରେ କୋଭିଡ୍ ଲକ୍ଷଣ ଥିବା ପରିଲକ୍ଷିତ ହୁଏ, ତେବେ ତାଙ୍କର ଟେଷ୍ଟିଂ କରାଯିବ। ଟେଷ୍ଟିଂରେ ପଜିଟିଭ୍ ଥିବା ଜଣାପଡ଼ିଲେ ସେମାନଙ୍କୁ ୭ଦିନିଆ ହୋମ୍ ଆଇସୋଲେଶନକୁ ପଠାଯିବ। ସେହିଭଳି ୭୨ଘଣ୍ଟା ପୂର୍ବର କୋଭିଡ୍ ନେଗେଟିଭ୍ ରିପୋର୍ଟ ଦେଖାଇଲେ ☞ପୃଷ୍ଠା-୪



## ଭୁବନେଶ୍ୱରରେ ବଢୁଛି ସଂକ୍ରମଣ

- ଦିନକରେ ୧୦୧ କରୋନା ସଂକ୍ରମିତ ଚିହ୍ନଟ
- ତରୁ ଆପାର୍ଟମେଣ୍ଟ, ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍ ସିଲ୍

ଭୁବନେଶ୍ୱର, ୬।୪(ବ୍ୟୁରୋ)

ରାଜଧାନୀରେ କରୋନା ସଂକ୍ରମଣ ଉପରମୁହାଁ ହେବାରେ ଲାଗିଛି। ମଙ୍ଗଳବାର ଗୋଟିଏ ଦିନରେ ଭୁବନେଶ୍ୱରରୁ ୧୦୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହା ବିଏମ୍‌ସି ଓ ରାଜ୍ୟ ସରକାରଙ୍କୁ ଚିନ୍ତାରେ ପକାଇଛି। କେତେଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଏକ ଆପାର୍ଟମେଣ୍ଟ ଏବଂ କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ ଅଭିଯୋଗରେ ଏକ ଘରୋଇ ଶିକ୍ଷାନୁଷ୍ଠାନକୁ ସିଲ୍ କରିଦିଆଯାଇଛି।

ଭୁବନେଶ୍ୱରରେ ପୁଣି ଦୀର୍ଘ ମାସ ପରେ ଶହେ ପାର୍ କରିଛି ଦୈନିକ ସଂକ୍ରମଣ। ଗତ ୨୪ ଘଣ୍ଟାରେ ଖୋର୍ଦ୍ଧା ଜିଲାରେ ୧୦୫ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ☞ପୃଷ୍ଠା-୪






## ଜଷ୍ଟିସ୍ ରମନା ସିଜେଆଇ ନିଯୁକ୍ତ

### ୨୪ରେ ଶପଥ ନେବେ



ଜଷ୍ଟିସ୍ ନୁଥାଲାପତି ଭେଙ୍କଟ ରମନା

ନୂଆଦିଲ୍ଲୀ, ୬।୪

ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ନୁଥାଲାପତି ଭେଙ୍କଟ ରମନା ଭାରତର ୪୮ ତମ ପ୍ରଧାନ ବିଚାରପତି (ସିଜେଆଇ) ନିଯୁକ୍ତ ହୋଇଛନ୍ତି। ବିଦାୟୀ ପ୍ରଧାନ ବିଚାରପତି ଜଷ୍ଟିସ୍ ଏସ୍. ଏ. ବୋବଡେଙ୍କ ସୁପାରିଶକୁ ମଞ୍ଜୁରି ଦେଇ ରାଷ୍ଟ୍ରପତି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପରମବୀରଙ୍କ ଦିଗ**

## ୧୦ଦିନରେ ମିଳିବ ଆବାସିକ, ଆୟ ପ୍ରମାଣପତ୍ର

ଭୁବନେଶ୍ୱର, ୬।୪(ବ୍ୟୁରୋ)

ଜାତିଗତ, ଆବାସିକ, ଆୟ ଆଦି ବିଭିନ୍ନ ମିସ୍‌ଲାନିୟସ୍ ପ୍ରମାଣପତ୍ର ଯେପରି ଲୋକମାନଙ୍କୁ ଶୀଘ୍ର ମିଳିପାରିବ ସେନେଇ ରାଜ୍ୟ ସରକାର ମଙ୍ଗଳବାର ଏକ ପରିବର୍ତ୍ତିତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜନକୈନ୍ଦ୍ରିକ ଏବଂ ପ୍ରଶାସନିକ ପ୍ରତିବଦ୍ଧତାକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏହି ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ କରିବାକୁ ସମସ୍ତ ଜିଲାପାଳଙ୍କୁ ବିଭାଗୀୟ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ପତ୍ର ଲେଖି ଜଣାଇଛନ୍ତି।

ପରିବର୍ତ୍ତିତ ନିୟମ ଅନୁସାରେ ଆବାସିକ, ଆୟ ଏବଂ ସମ୍ପତ୍ତି ପ୍ରମାଣପତ୍ର ଏବେ ଆବେଦନର ୧୦ଦିନ ମଧ୍ୟରେ ମିଳିପାରିବ, ଯାହାକି ପୂର୍ବରୁ ୧୫ଦିନ ରହିଥିଲା। ସେହିପରି ତଫସିଲ୍‌ଭୁକ୍ତ ଜନଜାତି (ଏସ୍‌ଟି), ତଫସିଲ୍‌ଭୁକ୍ତ ଜାତି (ଏସ୍‌ସି), ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ (ଏସ୍‌ଇବିସି) ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ପ୍ରମାଣପତ୍ର ଏବେ ମାସେ ପରିବର୍ତ୍ତେ ୧୫ଦିନ ମଧ୍ୟରେ ମିଳିପାରିବ।

ସମ୍ପତ୍ତି (ସଲ୍‌ଭେନ୍ସ), ଉତ୍ତରାଧିକାରୀ ଏବଂ ଅଭିଭାବକ ପ୍ରମାଣପତ୍ର ପୂର୍ବପରି ମାସେ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଉତ୍ତରାଧିକାରୀ ପ୍ରମାଣପତ୍ର ପ୍ରତ୍ୟେକ କ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ତେଣୁ ଭିନ୍ନ ଭିନ୍ନ ଉପଯୋଗ ପାଇଁ ଏକାଧିକ ଆବେଦନର ଆବଶ୍ୟକତା ନାହିଁ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।

**ନୂଆ ନିର୍ଦ୍ଦେଶନାମା**

**୧୫ଦିନ ମଧ୍ୟରେ ଜାତି ପ୍ରମାଣପତ୍ର**




## ଉତ୍କଟ ଦାରିଦ୍ର୍ୟ ମଧ୍ୟକୁ ଯିବେ ବିଶ୍ୱର ଆଉ ୯.୫ କୋଟି

ନୂଆଦିଲ୍ଲୀ,୬।୪

କରୋନାର ଦ୍ୱିତୀୟ ଲହର ବିଶ୍ୱକୁ ସଙ୍କଟ ଆଡ଼କୁ ନେଲାଣି। ବିଭିନ୍ନ ଦେଶର ଅର୍ଥ ବ୍ୟବସ୍ଥା ବିପର୍ଯ୍ୟସ୍ତ। ଲୋକଙ୍କ ଜୀବନଜୀବିକା ଉପରେ ମହାମାରୀ ଗଭୀର ପ୍ରଭାବ ପକାଇଥିବା ବେଳେ ୨୦୨୦ରେ ଅଧିକ ୯.୫ କୋଟି ଲୋକ ଉତ୍କଟ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯିବେ ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ପକ୍ଷରୁ ମଙ୍ଗଳବାର ପ୍ରକାଶିତ ରିପୋର୍ଟରେ ପ୍ରକାଶ ପାଇଛି। ୨୦୨୦-୨୪ ମଧ୍ୟରେ ନିମ୍ନ ଆୟକରୀ ଦେଶଗୁଡ଼ିକ ମଧ୍ୟରେ ୫.୭% ଏବଂ ଅଭିବୃଦ୍ଧିଶୀଳ ବଜାରଗୁଡ଼ିକରେ ୪.୭% ମୁଣ୍ଡ ପିଛା ଜିଡିପି ହ୍ରାସ ହେବ ବୋଲି ଏଥିରେ କୁହାଯାଇଛି। ରିପୋର୍ଟ ମୁତାବକ, ଚଳିତ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) ୧୨.୫% ଅଭିବୃଦ୍ଧି ହାସଲ କରିବ। ଅଭିବୃଦ୍ଧି ୧୧.୫% ରହିବା ନେଇ ଏହି ଏଜେନ୍ସି ଜାନୁୟାରୀରେ ଆକଳନ କରିଥିବା ବେଳେ ବର୍ତ୍ତମାନ ଏଥିରେ ପରିବର୍ତ୍ତନ କରିଥିବା ଜଣାପଡ଼ିଛି। କରୋନାର ଦ୍ୱିତୀୟ ଲହରକୁ ନିୟନ୍ତ୍ରଣ କରିବା ଲାଗି ଭାରତରେ ବର୍ତ୍ତମାନ ବିଭିନ୍ନ ରାଜ୍ୟ ଯାନବାହନ ଚଳାଚଳ ଉପରେ କଟକଣା ଜାରି କରୁଛନ୍ତି। ☞ପୃଷ୍ଠା-୪

**ଭାରତର ଜିଡିପି ଅଭିବୃଦ୍ଧି ୧୨.୫% ଛୁଇଁବ: ଆଇଏମ୍‌ଏଫ୍**

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଶାନ୍ତ

### ଅନ୍‌ଲାଇନ ପରୀକ୍ଷା ଦାବି ସମୟରେ ଭଙ୍ଗାରୁଜା, ଲାଠିଚାର୍ଜ

- ୪ ଛାତ୍ର, ୨ ପୋଲିସ, ୧ କର୍ମଚାରୀ ଆହତ
- ରାସ୍ତାରୋକୋ, ୪ ପ୍ଲାଟୁନ ପୋଲିସ ମୁତୟନ
- ‘ସୁଟା’ର ନିନ୍ଦା, ୪ ଛାତ୍ର ଅଟକ



ସମ୍ବଲପୁର, ୬।୪(ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ(ଏସ୍‌ୟୁ) ମଙ୍ଗଳବାର ଅଶାନ୍ତ ହୋଇପଡ଼ିଛି। ଯୁକ୍ତ୩ ଥାର୍ଡ ସେମିଷ୍ଟର ପରୀକ୍ଷା ଅନ୍‌ଲାଇନ ମାଧ୍ୟମରେ କରିବା ପାଇଁ ଛାତ୍ରୀଛାତ୍ର ଦାବି କରିବାକୁ ଆସିଥିବା ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ପୋଲିସ ଉପସ୍ଥିତିରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠାରେ ଛାତ୍ରୀଛାତ୍ର ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଆଲୋଚନା ପାଇଁ ଆସିଥିବା ସମୟରେ ପୋଲିସ ଅତର୍କିତ ଲାଠିଚାର୍ଜ କରିଥିବା ନେଇ ଛାତ୍ରୀଛାତ୍ର ପାଲଟା ଅଭିଯୋଗ କରିଛନ୍ତି। ଏହି ଘଟଣାରେ ୪ ଛାତ୍ର, ୨ ପୋଲିସ ଓ ଜଣେ ବିଶ୍ୱବିଦ୍ୟାଳୟ କର୍ମଚାରୀ ଆହତ ହୋଇଛନ୍ତି। ସୁରକ୍ଷା ପାଇଁ ଘଟଣାସ୍ଥଳରେ ୪ ପ୍ଲାଟୁନ ପୋଲିସ ମୁତୟନ ରହିଛନ୍ତି। ଲାଠିଚାର୍ଜ ପରେ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ ସମ୍ମୁଖ ରାସ୍ତା ଅବରୋଧ କରିଥିଲେ।

ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି ଯେ, ଏପ୍ରିଲ ୨୭ଠାରୁ ☞ପୃଷ୍ଠା-୪

## ୧୨୧ ବର୍ଷରେ ତୃତୀୟ ଉତ୍ତପ୍ତ ଥିଲା ମାର୍ଚ୍ଚ

ନୂଆଦିଲ୍ଲୀ,୬।୪

ଭାରତରେ ୨୦୦୪ ଓ ୨୦୧୦ ପରେ ୨୦୨୧ର ମାର୍ଚ୍ଚ ମାସ ୧୨୧ ବର୍ଷରେ ତୃତୀୟ ଉତ୍ତପ୍ତ ରହିଥିଲା। ଗତ ମାର୍ଚ୍ଚରେ ଦେଶର ହାରାହାରି ତାପମାତ୍ରା ୩୨.୬୫ ଡିଗ୍ରୀ ସେଲସିୟସ୍ ଥିଲା, ଯାହାକି ବିଗତ ୧୧ ବର୍ଷରେ ସର୍ବାଧିକ ଏବଂ ୧୨୧ ବର୍ଷରେ ତୃତୀୟ ସର୍ବାଧିକ। ଏହି ମାସରେ ଦେଶର ହାରାହାରି ତାପମାତ୍ରା ସ୍ୱାଭାବିକଠାରୁ ୧.୪ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ରହିଥିଲା ବୋଲି ଭାରତର ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି।

ଆଇଏମ୍‌ଡି ପକ୍ଷରୁ ସୋମବାର ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି ଯେ ପୂର୍ବରୁ ସବୁଠୁ ଉତ୍ତପ୍ତ ବର୍ଷ ୨୦୧୦ରେ ମାର୍ଚ୍ଚର ତାପମାତ୍ରା ୩୩.୦୯ ଏବଂ ଦ୍ୱିତୀୟ ଉତ୍ତପ୍ତ ୨୦୦୪ରେ ୩୨.୮୨ ଡିଗ୍ରୀ ସେଲସିୟସ୍ ରହିଥିଲା। ୨୦୨୧ ମାର୍ଚ୍ଚରେ ଦେଶର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିଲା। ଏହି ମାସର ସର୍ବାଧିକ, ସର୍ବନିମ୍ନ ଏବଂ ହାରାହାରି ତାପମାତ୍ରା ଯଥାକ୍ରମେ ୩୨.୬୫, ୧୯.୯୫ ଓ ୨୬.୩୦ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା।




୧୯୮୧ରୁ ୨୦୧୦ ମଧ୍ୟରେ ଏହି ୩ ବର୍ଗର ସ୍ୱାଭାବିକ ତାପମାତ୍ରା ଯଥାକ୍ରମେ ୩୧.୨୪, ୧୮.୮୭ ଓ ୨୫.୦୬ ଡିଗ୍ରୀ ସେଲ୍‌ସିୟସ୍ ଥିଲା। ଉତ୍ତର-ପଶ୍ଚିମ, କେନ୍ଦ୍ରୀୟ, ପୂର୍ବାଞ୍ଚଳ, ☞ପୃଷ୍ଠା-୪

### ମାର୍ଚ୍ଚ ୩୦ରେ ସବୁଠୁ ଉତ୍ତପ୍ତ ଥିଲା ବାରିପଦା

୨୦୨୧ ମାର୍ଚ୍ଚ ଓଡ଼ିଶା ଜଳବାୟୁ ଇତିହାସରେ ଚତୁର୍ଥ ଉତ୍ତପ୍ତ ମାସ ଥିଲା। ଏହି ମାସରେ ରାଜ୍ୟର ହାରାହାରି ସର୍ବାଧିକ ତାପମାତ୍ରା ୩୮ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା। ୩୦ ତାରିଖରେ ଦେଶର ସବୁଠୁ ଉତ୍ତପ୍ତ ସହର ଥିଲା ବାରିପଦା, ଯେଉଁଠି ସର୍ବାଧିକ ତାପମାତ୍ରା ୪୪.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲାରେ ହାରାହାରି ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ରହିଥିଲା, ଯାହାକି ପୂର୍ବବର୍ଷଗୁଡ଼ିକ ତୁଳନାରେ ୫ ଡିଗ୍ରୀ ସେଲ୍‌ସିୟସ୍ ଅଧିକ। ଅନ୍ୟପକ୍ଷରେ ଗଞ୍ଜାମ, ଜଗତସିଂହପୁର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଯାଜପୁର ସମେତ ଉପକୂଳ ଜିଲା ପୁରୀରେ ମଧ୍ୟ ତାପମାତ୍ରା ୩ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇଥିଲା। ଅନ୍ୟ ବର୍ଷଗୁଡ଼ିକରେ ଏହି ସମୟରେ ପୁରୀ ଜିଲାର ହାରାହାରି ସର୍ବାଧିକ ତାପମାତ୍ରା ୩୩ ଡିଗ୍ରୀ ରହୁଥିବାବେଳେ ଗତ ମାର୍ଚ୍ଚରେ ଏହା ୩୬-୩୭ ଡିଗ୍ରୀକୁ ଛୁଇଁଥିଲା। ଦ୍ୱୈତ ନଗରୀ କଟକ ଓ ଭୁବନେଶ୍ୱରରେ ମାର୍ଚ୍ଚ ☞ପୃଷ୍ଠା-୪

**ଦିନକରେ ରେକର୍ଡ ଟିକାକରଣ**

ଏପ୍ରିଲ ୫ରେ ଦେଶରେ ସର୍ବାଧିକ ୪୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ କୋଭିଡ୍ ଟିକା ଦିଆଯାଇଛି। ଏହାକୁ ମିଶାଇ ଭାକ୍ସିନ ନେଇଥିବା ଲୋକଙ୍କ ସଂଖ୍ୟା ୮,୩୧,୧୦,୯୨୬ରେ ପହଞ୍ଚିଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ସୋମବାର ଟିକାକରଣକୁ ୮୦ ଦିନ ପୂରିଥିବାବେଳେ ଗୋଟିଏ ଦିନରେ ମୋଟ ୪୩,୦୦,୯୬୬ ଜଣ ଭାକ୍ସିନ ନେଇଛନ୍ତି। ସେମାନଙ୍କ ମଧ୍ୟରୁ ୩୯,୦୦,୫୦୫ ଜଣଙ୍କୁ ପ୍ରଥମ ଡୋଜ୍ ଏବଂ ୪,୦୦,୪୬୧ ଜଣଙ୍କୁ ଦ୍ୱିତୀୟ ଡୋଜ୍ ଦିଆଯାଇଛି।



## ସାଇକେଲରେ ଯାଇ ଭୋଟ ଦେଲେ ବିଜୟ

ତାମିଲ ଅଭିନେତା ବିଜୟ ମଙ୍ଗଳବାର ସାଇକେଲରେ ଚେନ୍ନାଇସ୍ଥିତ ମତଦାନ କେନ୍ଦ୍ରକୁ ଯାଇ ଭୋଟ ଦେଇଛନ୍ତି । ବିଜୟ ଭୋଟ କେନ୍ଦ୍ରକୁ ଯାଉଥିବାବେଳେ ବହୁ ସଂଖ୍ୟାରେ ଲୋକ ତାଙ୍କ ପିଛା କରୁଥିବାରୁ କିଛି ସମୟ ପାଇଁ ଟ୍ରାଫିକ୍ ଜାମ୍ ସମସ୍ୟା ଦେଖାଦେଇଥିଲା। ଭିଡ଼ ହଟାଇବାକୁ ପୋଲିସକୁ ଆସିବାକୁ ପଡ଼ିଥିଲା। ଗହଳିରୁ ଶୀଘ୍ର ବାହାରିଯିବାକୁ ସେ ଜୋର୍‌ରେ ସାଇକେଲ ଚଲାଇବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଥିଲା। ତେଲ ଦର ବୃଦ୍ଧିକୁ ବିରୋଧ କରି ବିଜୟ ଏପରି କରିଥିବା ପ୍ରଥମେ ଚର୍ଚ୍ଚା ହୋଇଥିଲା। ହେଲେ ତାଙ୍କ ଘର ନିକଟରେ ପୋଲିଂ ବୁଥ୍ ଥିବାରୁ ଏବଂ ଗାଡ଼ି ପାର୍କିଂ ସମସ୍ୟାରୁ ମୁକୁଳିବାକୁ ସେ ସାଇକେଲରେ ଭୋଟ ଗ୍ରହଣ କେନ୍ଦ୍ରକୁ ଯାଇଥିଲେ ବୋଲି ତାଙ୍କ ପବ୍ଲିସିଷ୍ଟ ରିଆଜ କେ ଅହମ୍ମଦ କହିଛନ୍ତି।

## ଭୋଟର ତାଲିକାରୁ ଶଶିକଳାଙ୍କ ନାଁ କଟିଲା



ତାମିଲନାଡୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜେ ଜୟଲଳିଥାଙ୍କ ବିଶ୍ୱସ୍ତ ଭି. କେ. ଶଶିକଳାଙ୍କ ନାଁକୁ ତାଙ୍କ ଅଜାଣତରେ ଭୋଟର ଲିଷ୍ଟରୁ କାଟିଦିଆଯାଇଛି। ଏନେଇ ତାଙ୍କ ଓକିଲ ଏନ୍. ରାଜା ସେନ୍ଥୁର ପାଣ୍ଡିଆନ ସୂଚନା ଦେଇଛନ୍ତି। ମତଦାନରୁ ବଞ୍ଚିତ ରଖାଯାଇ ତାଙ୍କ ସହ ଅନ୍ୟାୟ କରାଯାଇଛି ଏବଂ ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଶଶିକଳାଙ୍କ ଓକିଲ କହିଛନ୍ତି। ଚେନ୍ନାଇର ଥାଉଜାଣ୍ଡ ଲାଇଟ୍‌ସ ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାରେ ଶଶିକଳାଙ୍କ ନାଁ ରହିଥିଲା।

**ସଂକ୍ଷେପରେ**

## ଦେଶମୁଖ ମାମଲା: ସୁପ୍ରିମକୋର୍ଟ ଗଲେ ଉଦ୍ଧବ ସରକାର

ନୂଆଦିଲ୍ଲୀ,୬।୪: ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ ପାଇଁ ବମ୍ବେ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି ଉଦ୍ଧବ ଠାକ୍‌ରେ ସରକାର। ମଙ୍ଗଳବାର ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଏହା ବିରୋଧରେ ପିଟିଶନ ଦାଏର କରିଥିବା ମହାରାଷ୍ଟ୍ରର ସରକାରୀ ଓକିଲ ସଚିନ ପାଟିଲ ସୂଚନା ଦେଇଛନ୍ତି। ଆଣ୍ଟିଲିଆ ମାମଲା ଓ ପୁଣେ ବ୍ୟବସାୟୀ ମନ୍‌ସୁଖ ହିରେନଙ୍କ ହତ୍ୟା ଘଟଣା ସାମ୍ନାକୁ ଆସିବା ପରେ ମୁମ୍ବାଇ ପୋଲିସର ପୂର୍ବତନ ଏପିଆଇ ସଚିନ ୱାଜେଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ହାଜତରେ ରଖି ଜେରା କରୁଛି। କିଛି ଦିନ ତଳେ ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂଙ୍କୁ ହୋମଗାର୍ଡକୁ ବଦଳି କରାଯିବା ପରେ ସେ ଗୃହମନ୍ତ୍ରୀ ଦେଶମୁଖଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଥିଲେ। ଦେଶମୁଖ ବାର୍ ଓ ରେଷ୍ଟୁରାଣ୍ଟଗୁଡ଼ିକରୁ ମାସକୁ ୧୦୦ କୋଟି ଟଙ୍କା ଅସୁଲ କରି ଆଣିଦେବାକୁ ସଚିନଙ୍କୁ ସେ ନିର୍ଦ୍ଦେଶ ଦେଇଥିବା ପରମବୀର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ନିକଟକୁ ଚିଠି ଲେଖିଥିଲେ। ଏହି ମାମଲାରେ ସୋମବାର ବମ୍ବେ ହାଇକୋର୍ଟ ୧୫ ଦିନ ମଧ୍ୟରେ ତଦନ୍ତ ଶେଷ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଦେଶମୁଖ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇ ଉକ୍ତ ଅଭିଯୋଗକୁ ଖଣ୍ଡନ କରିଥିଲେ।

## ଭାଜପାକୁ ଭୋଟ ଦେବା ପାଇଁ ଚାପ ପକାଇଛି କେନ୍ଦ୍ରୀୟ ବଳ: ମମତା



କୋଲକାତା,୬।୪: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ନିର୍ବାଚନ ସୁରକ୍ଷା ଦାୟିତ୍ୱରେ ମୁତୟନ କେନ୍ଦ୍ରୀୟ ବଳ ଏବଂ ଭାଜପା ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଅନେକ ନିର୍ବାଚନମଣ୍ଡଳୀରେ ମତଦାନ ଚାଲିଥିବାବେଳେ କେନ୍ଦ୍ରୀୟ ବଳର ଯବାନମାନେ ଭାଜପାକୁ ଭୋଟ ଦେବା ପାଇଁ ଲୋକଙ୍କୁ ମତାଉଥିଲେ ବୋଲି ଟିଏମ୍‌ସି ସୁପ୍ରିମୋ ମମତା କହିଛନ୍ତି। ସେହିପରି ଭାଜପା ପକ୍ଷରୁ କେତେକ ସ୍ଥାନରେ ଟିଏମ୍‌ସି ପ୍ରାର୍ଥୀଙ୍କୁ ଆକ୍ରମଣ କରି ପୋଲିଂ ବୁଥ୍ ଦଖଲ କରାଯାଇଥିବା ସେ ଅଭିଯୋଗ ଆଣିଛନ୍ତି। ଆଲିପୁରଦୁଆର ଜିଲାରେ ଏକ ସଭାକୁ ସମ୍ବୋଧିତ କରି ମମତା କହିଛନ୍ତି, ସିଆରପିଏଫ୍, ସିଆଇଏସ୍‌ଏଫ୍, ବିଏସ୍‌ଏଫ୍ ଏବଂ ଆଇଟିବିପି ଯବାନମାନେ ସୀମା ଲଂଘିଛନ୍ତି। ସେମାନେ ଲୋକଙ୍କୁ ମାଡ଼ମାରି ନିର୍ଯାତନା ଦେଉଛନ୍ତି। ଭାଜପାକୁ ଭୋଟ ଦେବା ପାଇଁ ସେମାନେ ମତଦାତାଙ୍କ ଉପରେ ଚାପ ପକାଉଛନ୍ତି। କିନ୍ତୁ ଅଭିଯୋଗ ସତ୍ତ୍ୱେ ନିର୍ବାଚନ କମିଶନ ଆଖିବୁଜି ଦେଇଛନ୍ତି।

# ପଶ୍ଚିମବଙ୍ଗର ୨୦୩ ଆସନ ବାକି

## ତାମିଲନାଡୁ, କେରଳ, ପୁଡୁଚେରୀ ଓ ଆସାମରେ ମତଦାନ ଶେଷ

ନୂଆଦିଲ୍ଲୀ,୬।୪

ତାମିଲନାଡୁର ୨୩୪, କେରଳ ୧୪୦ ଓ ପୁଡୁଚେରୀର ୩୦ ଆସନରେ ମଙ୍ଗଳବାର ନିର୍ବାଚନ ଶେଷ ହୋଇଛି। ଆସାମରେ ପୂର୍ବରୁ ୨ଟି ପର୍ଯ୍ୟାୟରେ ୮୬ ଆସନରେ ମତଦାନ ଶେଷ ହୋଇଥିବାବେଳେ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ଅବଶିଷ୍ଟ ୪୦ ନିର୍ବାଚନମଣ୍ଡଳୀ ଲାଗି ଭୋଟ ଗ୍ରହଣ ସରିଛି। ପଶ୍ଚିମବଙ୍ଗରେ ତୃତୀୟ ପର୍ଯ୍ୟାୟରେ ୩୧ ସିଟ୍‌ରେ ନିର୍ବାଚନ ଶେଷ ହୋଇଛି ଏବଂ ଏପ୍ରିଲ ୨୯ ମଧ୍ୟରେ ଆଉ ୫ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ। ତୃଣମୂଳ କଂଗ୍ରେସ ଶାସିତ ଏହି ରାଜ୍ୟରେ ୨୯୪ ଆସନ ମଧ୍ୟରୁ ଆଉ ୨୦୩ ସିଟ୍ ପାଇଁ ମତଦାନ ବାକି ରହିଛି। ତୃତୀୟ ପର୍ଯ୍ୟାୟରେ ତାମିଲନାଡୁରେ ୭୧.୭୯%, କେରଳ ୭୩.୫୮%, ପୁଡୁଚେରୀରେ ୭୮.୯୦% ମତଦାନ ହୋଇଛି। ସେହିପରି ଆସାମରେ ୮୨.୩୩% ଏବଂ ପଶ୍ଚିମବଙ୍ଗରେ ୭୭.୬୮% ମତଦାନ ହୋଇଥିବା ନିର୍ବାଚନ କମିଶନଙ୍କ ସୂତ୍ରରୁ ପ୍ରକାଶ।

ଦ୍ୱିତୀୟ ପର୍ଯ୍ୟାୟ ଭଳି ତୃତୀୟ ପର୍ଯ୍ୟାୟ ମତଦାନ ବେଳେ ମଧ୍ୟ ସର୍ବାଧିକ ଚର୍ଚ୍ଚାରେ ରହିଥିଲା ପଶ୍ଚିମବଙ୍ଗ। କାରଣ ଭୋଟ ଗ୍ରହଣ ହୋଇଥିବା ସମସ୍ତ ୩୧ ଆସନକୁ ନିର୍ବାଚନ କମିଶନ (ଇସି) ସମ୍ବେଦନଶୀଳ ଘୋଷଣା ସହ ୧୪୪ ଧାରା ଲାଗୁ କରିଥିଲେ। ଦକ୍ଷିଣ ୨୪ ପ୍ରଗଣାର ୧୬, ହୁଗ୍‌ଲିର ୮ ଓ ହାଓଡା ଜିଲାର ୭ ଆସନରେ ୨୦୫ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୭୮.୫ ଲକ୍ଷ ଭୋଟରଙ୍କ ମଧ୍ୟରୁ ୭୭.୬୮% ମତଦାତା ୧୦,୮୭୧ ବୁଥ୍‌ରେ ଏହି ପ୍ରାର୍ଥୀମାନଙ୍କ ଭାଗ୍ୟ ସ୍ଥିର କରିଛନ୍ତି। ୨୦୧୬ ନିର୍ବାଚନରେ ଉକ୍ତ ୩୧ ଆସନରୁ ୩୦ଟି ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଦଖଲରେ ଥିଲା। ଅନ୍ୟ ଗୋଟିଏ ଆସନ କଂଗ୍ରେସ ହାତକୁ ଯାଇଥିଲା। ଭାଜପାଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ସୁଦ୍ଧା ହ୍ୟାଟ୍ରିକ୍ ଆଶାରେ ଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଇଁ ଏହି ପର୍ଯ୍ୟାୟ 'କର ବା ମର' ସ୍ଥିତି ସୃଷ୍ଟି କରିଥିଲା। କାରଣ ପୂର୍ବରୁ ଭୋଟ ଶେଷ ହୋଇଥିବା ୬୦ ଆସନରୁ ୫୦ ଦଖଲ କରିସାରିଥିବା ଭାଜପା ଦାବି କରୁଛି।



| ରାଜ୍ୟ | ଆସନ | ମତଦାନ |
|---|---|---|
| ତାମିଲନାଡୁ | ୨୩୪ | ୭୧.୭୯% |
| କେରଳ | ୧୪୦ | ୭୩.୫୮% |
| ପୁଡୁଚେରୀ | ୩୦ | ୭୮.୯୦% |
| ଆସାମ | ୪୦ | ୮୨.୩୩% |
| ପଶ୍ଚିମବଙ୍ଗ | ୩୧ | ୭୭.୬୮% |

ଦକ୍ଷିଣ-ପୂର୍ବ ରାଜ୍ୟ ଆସାମରେ ଶେଷ ପର୍ଯ୍ୟାୟରେ ୪୦ ଆସନ ଲାଗି ଭୋଟ ଗ୍ରହଣ କରାଯାଇଛି। ୨୫ ମହିଳାଙ୍କ ସମେତ ୩୩୭ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ ହୋଇଛି। ଭାଜପାର ଚର୍ଚ୍ଚିତ ପ୍ରାର୍ଥୀ ହିମନ୍ତ ବିଶ୍ୱଶର୍ମା ଓ ଦଳର ରାଜ୍ୟ ଶାଖା ସଭାପତି ରଞ୍ଜିତ ଦାସଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)କୁ ଯାଇଛି। ୪ ଥର ବିଧାୟକ ହୋଇଥିବା ବିଶ୍ୱଶର୍ମାଙ୍କ ବିରୋଧରେ ଜାଲୁକବାରି ଆସନରେ କଂଗ୍ରେସର ରୋମେନ୍ ବାରଠାକୁର ଲଢୁଥିଲେ। ଏହି ପର୍ଯ୍ୟାୟରେ ଶାସକ ଭାଜପା ଏବଂ ବିରୋଧୀ କଂଗ୍ରେସ ସମେତ ଆସାମ ଜାତୀୟ ପରିଷଦ (ଏଜିପି) ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ୭୯,୧୯,୬୪୧ ଭୋଟରଙ୍କ ମଧ୍ୟରୁ ୮୨.୩୩% ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇଛନ୍ତି।

ତାମିଲନାଡୁରେ ୨୦୧୧ରୁ ୧୦ ବର୍ଷ ଧରି ଲଗାତର କ୍ଷମତାରେ ଥିବା ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ ମୁନେତ୍ରା କାଜାଗାମ୍ (ଏଆଇଏଡିଏମ୍‌କେ)କୁ ହଟାଇବା ପାଇଁ ପ୍ରାଣପଣେ ଉଦ୍ୟମ କରିଛନ୍ତି ଆନ୍ନା ଦ୍ରାବିଡ ମୁନେତ୍ରା କାଜାଗାମ୍ (ଡିଏମ୍‌କେ) ମୁଖ୍ୟ ଏମ୍.କେ. ଷ୍ଟାଲିନ। ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀଙ୍କ ହାତରୁ କ୍ଷମତାର ଡୋରି ଛଡ଼ାଇନେବା ପାଇଁ ସେ ସବୁ ରଣନୀତି ପ୍ରୟୋଗ କରିଥିଲେ। ଷ୍ଟାଲିନ୍ କ୍ରମାଗତ ତୃତୀୟ ଥର ପାଇଁ କୋଲାଥୁର ଆସନରୁ ଜିତି ମୁଖ୍ୟମନ୍ତ୍ରୀ ହେବା ଆଶାରେ ଅଛନ୍ତି। ୨୩୪ ଆସନରେ ଏଥର ୩,୯୯୮ ପ୍ରାର୍ଥୀ ଥିଲେ। ୬.୨୮ କୋଟି ଭୋଟରଙ୍କ ମଧ୍ୟରୁ ୭୧.୭୯% ମତଦାନ କରିଛନ୍ତି। ପାଲାନିସ୍ୱାମୀ ଓ ଷ୍ଟାଲିନ୍‌ଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ଓ. ପନ୍ନିରସେଲଭମ୍, ଏଏମ୍‌କେ ମୁଖ୍ୟ ଟିଟିଭି ଦିନାକରନ, ମକ୍କଲ ନିଧି ମୈୟମ୍ ପ୍ରତିଷ୍ଠାତା କମଲ ହାସନ ଏବଂ ଭାଜପା ରାଜ୍ୟ ସଭାପତି ଏଲ୍. ମୁରୁଗାନ୍‌ଙ୍କ ଭାଗ୍ୟ ଏବେ ଭୋଟିଂ ମେଶିନ ଭିତରେ ରହିଛି।

କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ୪ ଦଶନ୍ଧିର ରେକର୍ଡ ଭାଙ୍ଗି ଇତିହାସ ରଚିବା ପାଇଁ ଅଣ୍ଟା ଭିଡ଼ିଥିବାବେଳେ ପାଳି କରି କ୍ଷମତା ହାତେଇବା ଧାରାକୁ ବଜାୟ ରଖିବା ଲାଗି ପ୍ରୟାସ କରିଛି କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ୍)। ଏଥର କେରଳ ନିର୍ବାଚନ ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀଙ୍କ ଯୋଗ୍ୟତାର ପ୍ରମାଣ ଦେବ ବୋଲି କୁହାଯାଉଛି। ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଏମ୍) ନେତୃତ୍ୱାଧୀନ ଏଲ୍‌ଡିଏଫ୍ ଏବଂ ୟୁଡିଏଫ୍ ମଧ୍ୟରେ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ ମେଟ୍ରୋମ୍ୟାନ୍ ଇ. ଶ୍ରୀଧରନଙ୍କୁ ମଇଦାନକୁ ଓହ୍ଲାଇ ସୁଯୋଗ ଖୋଜିଥିଲା ଭାଜପା। ମଇଦାନରେ ଥିବା ୯୫୭ ପ୍ରାର୍ଥୀଙ୍କ ମଧ୍ୟରେ ଥିଲେ ବିଜୟନ, ତାଙ୍କ ୭ କ୍ୟାବିନେଟ ସହଯୋଗୀ, ବିରୋଧୀ ଦଳ ନେତା ରମେଶ ଚେନ୍ନିଥାଲା ଏବଂ ବରିଷ୍ଠ କଂଗ୍ରେସ ନେତା ଓମେନ ଚାଣ୍ଡି। ୨.୭୪ କୋଟି ଭୋଟରଙ୍କ ମଧ୍ୟରୁ ୭୩.୫୮% ମତଦାନ କରିଛନ୍ତି।

ପୁଡୁଚେରୀରେ ପଞ୍ଚଦଶ ବିଧାନସଭା ଗଠନ ପାଇଁ ନିଷ୍ପତ୍ତି ନେଇ ସାରିଛନ୍ତି ମତଦାତା। ଫେବୃୟାରୀରେ ନାରାୟଣସ୍ୱାମୀ ସରକାର ସଂଖ୍ୟାଗରିଷ୍ଠତା ହରାଇ ଖସିପଡ଼ିବା ପରେ ଏହି କେନ୍ଦ୍ରଶାସିତ ଅଞ୍ଚଳକୁ ଅକ୍ତିଆର କରିବା ଲାଗି ଯଥାସାଧ୍ୟ ଉଦ୍ୟମ କରିଛି ଭାଜପା। ଏଠାରେ ୩୦ ଆସନରେ କଂଗ୍ରେସ ବନାମ ଅଲ୍ ଇଣ୍ଡିଆ ଏନ୍‌ଆର୍ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ ମଧ୍ୟରେ କଡ଼ା ମୁକାବିଲା ହୋଇଛି। ୧୦.୦୪ ଲକ୍ଷ ଯୋଗ୍ୟ ଭୋଟରଙ୍କ ମଧ୍ୟରୁ ୭୮.୯୦% ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଛନ୍ତି।

କୋଭିଡ୍-୧୯ କଟକଣା ଓ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଶେଷ ହୋଇଛି ତୃତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ। ମଙ୍ଗଳବାର ସକାଳ ୭ଟାରେ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ତାମିଲନାଡୁର କେତେକ ସ୍ଥାନରେ ରାତି ୭ଟା ଯାଏ ଭୋଟ ଗ୍ରହଣ କରାଯାଇଥିଲା। ସୁପରଷ୍ଟାର ରଜନୀକାନ୍ତ ଚେନ୍ନାଇର ଏକ ବୁଥ୍‌ରେ ଭୋଟ ଦେଇଥିବାବେଳେ ପଲକ୍କଡର ଭାଜପା ପ୍ରାର୍ଥୀ ତଥା ମେଟ୍ରୋମ୍ୟାନ୍ ଇ. ଶ୍ରୀଧରନ୍ ପୋନ୍ନାନି ପୋଲିଂ ବୁଥ୍‌ରେ ମତଦାନ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ତାମିଲନାଡୁର ଶିବଗଙ୍ଗା ଜିଲା କନ୍ଦନୁରସ୍ଥିତ ଚିଉଲ ଆଚି ମୋମୋରିଆଲ ହାଇସ୍କୁଲରେରେ ଭୋଟ ଦେଇଛନ୍ତି। ଧର୍ମନିରପେକ୍ଷ ପ୍ରଗତିଶୀଳ ମେଣ୍ଟକୁ ତାମିଲନାଡୁବାସୀ ବିପୁଳ ଭୋଟରେ ବିଜୟୀ କରାଇବେ ବୋଲି ଚିଦାମ୍ବରମ୍ କହିଛନ୍ତି।



ତେଲଙ୍ଗାନା ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ ଚେନ୍ନାଇସ୍ଥିତ ଏକ ମତଦାନ କେନ୍ଦ୍ରରେ ଭୋଟ ଦେବା ପରେ ଅଙ୍ଗୁଳର କାଳିଚିହ୍ନ ଦେଖାଉଛନ୍ତି।



ଏମ୍‌କେଏମ୍ ଅଧ୍ୟକ୍ଷ କମଲ ହାସନ ଚେନ୍ନାଇର ଏକ ପୋଲିଂ ବୁଥ୍‌ରେ ମତଦାନ କରିଛନ୍ତି।



କୋଏମ୍ବାଟୁରସ୍ଥିତ ଏକ ପୋଲିଂ ବୁଥ୍‌ରେ ମହିଳା ଭୋଟର ମତଦାନ ପାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି।

## ନିର୍ବାଚନୀ ହିଂସା

- ହୁଗ୍‌ଲିରେ ୨ କର୍ମୀ ମୃତ
- ଟିଏମ୍‌ସି-ଭାଜପା ପ୍ରାର୍ଥୀଙ୍କୁ ଆକ୍ରମଣ: ୫ ଗିରଫ

କୋଲକାତା,୬।୪

ପଶ୍ଚିମବଙ୍ଗରେ ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ମତଦାନ ବେଳେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ଏଥିରେ ହୁଗ୍‌ଲିର ଟିଏମ୍‌ସିର ଜଣେ ବୁଥ୍‌ସ୍ତରୀୟ କର୍ମୀଙ୍କ ମୃତ୍ୟୁ ଘଟିଛି। ଗୋଗ୍‌ହାଟ ଗ୍ରାମର ଏକ ମତଦାନ କେନ୍ଦ୍ରରେ ଟିଏମ୍‌ସି କର୍ମୀ ସୁନୀଲ ରାୟ ଏବଂ ଭାଜପା କର୍ମୀମାନଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଭାଜପା କର୍ମୀଙ୍କ ଆକ୍ରମଣରେ ସେ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ଏହା ପୂର୍ବରୁ ଉକ୍ତ ଗ୍ରାମର ଜଣେ ଭାଜପା କର୍ମୀଙ୍କ ମା'ଙ୍କୁ କେତେଜଣ ବ୍ୟକ୍ତି ଆକ୍ରମଣ କରିବାରୁ ତାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଟିଏମ୍‌ସିର ଆକ୍ରମଣକାରୀମାନେ ଭାଜପା କର୍ମୀଙ୍କୁ ଖୋଜୁଥିଲେ। ତାଙ୍କୁ ନ ପାଇବାରୁ ମା'ଙ୍କୁ ମାରିଦେଲେ ବୋଲି ଗୈରିକ ଦଳ ଅଭିଯୋଗ ଆଣିଛି। ସେହିପରି ଆରାମବାଗ୍‌ରେ ଟିଏମ୍‌ସି ପ୍ରାର୍ଥୀ ସୁଜାତା ମଣ୍ଡଳ ଏବଂ ଉଲୁବେରିଆ ଦକ୍ଷିଣ ଆସନର ଭାଜପା ପ୍ରାର୍ଥୀ ପପିୟା ଅଧିକାରୀଙ୍କ ଉପରେ ଆକ୍ରମଣ ହୋଇଛି। ପୋଲିସ ଏହି ୨ ମାମଲାରେ ଟିଏମ୍‌ସିର ୩ ଓ ଭାଜପାର ୨ କର୍ମୀଙ୍କୁ ଗିରଫ କରିଛି। ତାରକେଶ୍ୱର ଆସନର ଭାଜପା ପ୍ରାର୍ଥୀ ସ୍ୱପନ ଦାସଗୁପ୍ତାଙ୍କୁ ଟିଏମ୍‌ସି ସମର୍ଥକମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ଆରିଜ୍ ଅଫ୍‌ତାବ ଏହି ନିର୍ବାଚନୀ ହିଂସାଗୁଡ଼ିକୁ ନେଇ ରିପୋର୍ଟ ମାଗିଛନ୍ତି।

## ଟିଏମ୍‌ସି ନେତାଙ୍କ ଘରୁ ଇଭିଏମ୍ ଜବତ

କୋଲକାତା, ୬।୪

ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସର ଜଣେ ନେତାଙ୍କ ଘରୁ ଇଭିଏମ୍ ଓ ଭିଭିପାଟ୍ ମେଶିନ ମିଳିଛି। ଘଟଣା ସାମ୍ନାକୁ ଆସିବା ପରେ ଜଣେ ନିର୍ବାଚନ ଅଧିକାରୀଙ୍କୁ ନିର୍ବାଚନ କମିଶନ(ଇସି) ନିଲମ୍ବନ କରିଛନ୍ତି। ନିଲମ୍ବିତ ଅଧିକାରୀ ଜଣକ ଏକ ସଂରକ୍ଷିତ ଇଭିଏମ୍ ନେଇ ତାଙ୍କ ସମ୍ପର୍କୀୟ ତଥା ଟିଏମ୍‌ସି ନେତାଙ୍କ ଘରକୁ ଶୋଇବାକୁ ଯାଇଥିଲେ ବୋଲି ଅଭିଯୋଗ ହୋଇଛି। ଉଲୁବେରିଆ ଉତ୍ତର ନିର୍ବାଚନମଣ୍ଡଳୀର ତୁଲସୀବେରା ଗ୍ରାମରେ ଏହି ଘଟଣା ଘଟିଛି। ଜବତ ମେଶିନକୁ ନିର୍ବାଚନରେ ବ୍ୟବହାର କରାଯିବ ନାହିଁ ବୋଲି ଇସି କହିଛନ୍ତି।

## ଦ୍ୱିତୀୟ ଲହର ମାରାତ୍ମକ



ଭାରତରେ ଗତ ବର୍ଷ କରୋନାର ପ୍ରଥମ ଲହର ତୁଳନାରେ ଚଳିତ ବର୍ଷ ଦ୍ୱିତୀୟ ଲହର ସଂକ୍ରମଣ ଦ୍ରୁତଗତିରେ ବ୍ୟାପୁଛି ବୋଲି ମଙ୍ଗଳବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ବିଶେଷକରି ମହାରାଷ୍ଟ୍ର, ପଞ୍ଜାବ, ଛତିଶଗଡ଼ରେ ସଂକ୍ରମଣ ହାର ଚିନ୍ତାଜନକ ହୋଇଛି। ସୋମବାର ଦୈନିକ ସଂକ୍ରମଣ ଲକ୍ଷେ ଟପିବା ପରେ ହଟ୍‌ସ୍ପଟ୍ ଥିବା ୧୦ ଜିଲାକୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରେ ଛତିଶଗଡ଼ର ଦୁର୍ଗ ଜିଲା ରହିଥିବାବେଳେ ମୁମ୍ବାଇ, ପୁଣେ, ଠାଣେ, ନାଗପୁର, ନାସିକ୍, ବେଙ୍ଗାଲୁରୁ, ଔରଙ୍ଗାବାଦ୍, ଅହମଦାବାଦ ଏବଂ ଦିଲ୍ଲୀ ରହିଛି। ପ୍ରାୟ ୫୦ ଟିମ୍ ଗଠନ କରାଯାଇ ମହାରାଷ୍ଟ୍ରର ୩୦ ଜିଲା, ଛତିଶଗଡ଼ର ୧୧ ଏବଂ ପଞ୍ଜାବର ୯ଟି ଜିଲାକୁ ପଠାଯାଇଛି। ଦ୍ୱିତୀୟ ଲହରକୁ ନିୟନ୍ତ୍ରଣରେ ରଖିବା ପାଇଁ ଲୋକଙ୍କ ସହଯୋଗ ଜରୁରୀ ହୋଇପଡ଼ିଛି। ସଂକ୍ରମଣ ଦୃଷ୍ଟିରୁ ଆସନ୍ତା ୪ ସପ୍ତାହ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି।

## ସିଭିସିରେ ନାଁ ପଞ୍ଜୀକରଣ କରିପାରିବେ ସ୍ୱାସ୍ଥ୍ୟକର୍ମୀ

ଟିକା ନେଇ ନ ଥିବା ସ୍ୱାସ୍ଥ୍ୟକର୍ମୀମାନେ କେବଳ ସରକାରୀ କୋଭିଡ୍ ଟିକାକରଣ କେନ୍ଦ୍ର (ସିଭିସି)କୁ ଯାଇ ନାମ ପଞ୍ଜୀକରଣ କରିପାରିବେ। ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ୧୮ରୁ ୪୪ ବର୍ଷ ବୟସର ସମସ୍ତ ଆଗଧାଡ଼ିର କର୍ମୀ ନାଁ ପଞ୍ଜୀକରଣ ପରେ ଟିକା ନେଇପାରିବେ। ଏଥିପାଇଁ ସେମାନଙ୍କୁ ଫଟୋ ପରିଚୟପତ୍ର ଏବଂ କର୍ମଚାରୀ ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ। ଟିକାକରଣ ପାଇଁ ସ୍ୱାସ୍ଥ୍ୟକର୍ମୀଙ୍କୁ ଯଥେଷ୍ଟ ସମୟ ଦିଆଯାଇଥିବା ଏବଂ କେତେକ ବ୍ୟକ୍ତି ବେଆଇନ ଭାବେ ସେମାନଙ୍କ ନାଁରେ ଟିକା ନେଇଥିବା ଦର୍ଶାଇ ସରକାର ସ୍ୱାସ୍ଥ୍ୟକର୍ମୀଙ୍କ ନୂଆ ପଞ୍ଜୀକରଣ ବନ୍ଦ ପାଇଁ ଶନିବାର ନିର୍ଦ୍ଦେଶ ଦେଇଥିଲେ।

# ୨୪ ଘଣ୍ଟାରେ ୯୭ ହଜାର ସଂକ୍ରମିତ

- ୯୦ ହଜାର ଉପରେ ଦୈନିକ ସଂକ୍ରମଣ ଜାରି
- ଦିନକରେ ୪୪୬ ମୃତ, ମହାରାଷ୍ଟ୍ରରେ ସର୍ବାଧିକ
- ୩୦ ପର୍ଯ୍ୟନ୍ତ ଦିଲ୍ଲୀରେ ରାତ୍ରିକାଳୀନ କର୍ଫ୍ୟୁ

ନୂଆଦିଲ୍ଲୀ, ୬।୪



କ୍ରମାଗତ ୩ ଦିନ ହେଲା ଦେଶରେ ଦୈନିକ କରୋନା ସଂକ୍ରମଣ ୯୦ ହଜାର ଉପରେ ରହିଛି। ଗତ ୩୪ ଘଣ୍ଟାରେ ନୂଆ ୯୬,୯୮୨ ଜଣ ସଂକ୍ରମିତ ହୋଇଛନ୍ତି। ଫଳରେ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ମଙ୍ଗଳବାର ୧,୨୬,୮୬,୦୪୯ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ଗତ ୨୪ ଘଣ୍ଟାରେ ୪୪୬ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ମହାରାଷ୍ଟ୍ରର ସର୍ବାଧିକ ୧୫୫ ଜଣଙ୍କୁ ମିଶାଇ ରାଜ୍ୟରେ ମୋଟ ୫୬,୦୩୩ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଲାଣି। କୋଭିଡ୍‌ଜନିତ ମୋଟ ମୃତ୍ୟୁ ସଂଖ୍ୟା ୧,୬୫,୫୪୭କୁ ବୃଦ୍ଧି ପାଇଛି। ସୋମବାର ସର୍ବାଧିକ ୧,୦୩,୫୫୮ ଜଣ କରୋନାରେ ସଂକ୍ରମିତ ହୋଇଥିଲେ। ଗତ ୨୭ ଦିନ ହେଲା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଥିବାବେଳେ ମୋଟ ସକ୍ରିୟ ରୋଗୀଙ୍କ ସଂଖ୍ୟା ୭,୮୮,୨୨୩କୁ ବୃଦ୍ଧି ପାଇଛି ଯାହାକି, ମୋଟ ମାମଲାର ୬.୨୧ ପ୍ରତିଶତ। ସେହିପରି ମୋଟ ଆରୋଗ୍ୟଙ୍କ ସଂଖ୍ୟା ୯୨.୪୮ ପ୍ରତିଶତକୁ କମିଥିବା ସୂଚନା ରହିଛି।

ଦ୍ରୁତ ଗତିରେ ସଂକ୍ରମଣକୁ ଦୃଷ୍ଟିରେ ରଖି ଦିଲ୍ଲୀର ଅରବିନ୍ଦ କେଜରିୱାଲଙ୍କ ସରକାର ମଙ୍ଗଳବାରଠାରୁ ନାଇଟ୍ କର୍ଫ୍ୟୁ ଘୋଷଣା କରିଛନ୍ତି। ଏପ୍ରିଲ ୩୦ ପର୍ଯ୍ୟନ୍ତ ରାତି ୧୦ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ। କର୍ଫ୍ୟୁ ସମୟରେ ଜରୁରିକାଳୀନ ସେବା ଜାରି ରହିବ ଏବଂ ଯାତାୟାତ କରୁଥିବା ଲୋକଙ୍କୁ ଇ-ପାସ୍ ଦେଖାଇବାକୁ ପଡ଼ିବ। ପୂର୍ବରୁ ମହାରାଷ୍ଟ୍ର ସପ୍ତାହାନ୍ତ ଲକ୍‌ଡାଉନ ସହ ରାତି ୮ ଟାରୁ ସକାଳ ୭ ଟା ପର୍ଯ୍ୟନ୍ତ କର୍ଫ୍ୟୁ ଘୋଷଣା କରିଛି। ସେହିପରି ରାଜସ୍ଥାନରେ ମଧ୍ୟ ରାତ୍ରିକାଳୀନ କର୍ଫ୍ୟୁ ଜାରି ହୋଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୩,୨୨,୨୪,୩୫୩ | ୨୮,୭୮,୨୪୬ | ୧୦,୬୯,୮୪,୪୬୨ |
| ଭାରତ | ୧,୨୭,୩୨,୯୭୮ | ୧,୬୫,୮୫୧ | ୧,୧୭,୫୩,୧୬୯ |
| ଓଡ଼ିଶା | ୩,୪୩,୮୫୬ | ୧୯୨୨(+୫୩) | ୩,୩୮,୪୧୬ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ୫ ପର୍ଯ୍ୟଟନସ୍ଥଳରେ ସ୍ଥାପନ ହେବ ରୋପ୍‌ୱେ

ଭୁବନେଶ୍ୱର, ୬।୪(ବ୍ୟୁରୋ): ଓଡ଼ିଶାରେ ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାର ୫ଟି ପର୍ଯ୍ୟଟନସ୍ଥଳରେ ରୋପ୍‌ୱେ ସ୍ଥାପନ କରିବେ। ଏ ନେଇ ମଙ୍ଗଳବାର ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେହି ୫ଟି ସ୍ଥାନ ହେଲା ଢେଙ୍କାନାଳର କପିଳାସ, ବରଗଡ଼-ବଲାଙ୍ଗୀର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଥିବା ନୃସିଂହନାଥ-ହରିଶଙ୍କର, ଖୋର୍ଦ୍ଧାର ଧଉଳିଗିରି, କେନ୍ଦୁଝରର ଭୀମକୁଣ୍ଡ ଓ ବାଲେଶ୍ୱରର ପଞ୍ଚଲିଙ୍ଗେଶ୍ୱର। ପ୍ରସ୍ତାବିତ ଏହି ପ୍ରକଳ୍ପଗୁଡ଼ିକ ପାଇଁ ରାଜ୍ୟ ସରକାର ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଛନ୍ତି। ଏହି ରୋପ୍‌ୱେ ନିର୍ମାଣ କାର୍ଯ୍ୟ ୧୪ରୁ ୧୬ ମାସ ମଧ୍ୟରେ ଶେଷ ହେବ ବୋଲି ମନ୍ତ୍ରୀ ପାଣିଗ୍ରାହୀ କହିଛନ୍ତି। ସେହିପରି ପୁରୀ ଏବଂ କୋଣାର୍କ ମଧ୍ୟରେ ଏକ ରୋପୱେ ନିର୍ମାଣ କାର୍ଯ୍ୟ ନେଇ ବିଚାର ଚାଲିଥିବା ପର୍ଯ୍ୟଟନ ମନ୍ତ୍ରୀ ସୂଚନା ଦେଇଛନ୍ତି।

### ଓଲଟିଲା ମିନିଟ୍ରକ୍, ୧୫ ଗୁରୁତର

ସୋରଡ଼ା,୬।୪(ଡି.ଏନ୍.ଏ.): ଗଞ୍ଜାମ ଜିଲା ସୋରଡ଼ା ବ୍ଲକ ବଡଗଡ଼ ଥାନା ବୋରଦା ନିକଟ କଲଭର୍ଟରେ ମଙ୍ଗଳବାର ବୋହୂ ଡାକରାରେ ଯାଇ ଫେରୁଥିବା ଏକ ମିନିଟ୍ରକ୍ ଓଲଟି ପଡ଼ିବାରୁ ୧୫ ଜଣ ଗୁରୁତର ହୋଇଛନ୍ତି। ଗୌଡ଼ଗୋଠ ପଞ୍ଚାୟତ ବି. ନୂଆଗାଁର ୪୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଏବଂ ଛୋଟ ପିଲାମାନେ ପୋଡ଼ାମାରି ନିକଟ ଝରଣା ଗ୍ରାମକୁ ବୋହୂ ଡାକରା ପାଇଁ କନ୍ୟା ଘରକୁ ଯାଇଥିଲେ। ସେଠାରୁ ଭୋଜି ଖାଇ ଫେରୁଥିବା ବେଳେ ବୋରଦା ନିକଟ କଲଭର୍ଟରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ ସରପଞ୍ଚ ରାମ ଶବର, ଏବିଡିଓ ସଞ୍ଜୀବରାଜ ସେନାପତି, ତହସିଲଦାର ରବୀନ୍ଦ୍ର କୁମାର ମିଶ୍ର, ଆଇଆଇସି ପ୍ରତାପ ଚନ୍ଦ୍ର ତ୍ରିପାଠୀ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାର କରି ବଡଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଛି।

### ରାଉରକେଲା ଏନ୍‌ଆଇଟିକୁ ଦେଶର ପ୍ରଥମ ବୈଷୟିକ ପ୍ରତିଷ୍ଠାନ ମାନ୍ୟତା

ରାଉରକେଲା ଅଫିସ୍, ୬।୪: ଦେଶର ଏକ ନମ୍ବର ବୈଷୟିକ ପ୍ରତିଷ୍ଠାନର ମାନ୍ୟତା ରାଉରକେଲା ଏନଆଇଟିକୁ ମିଳିଛି । ଏହି ଖବର ଦି ଟାଇମ୍‌ସ ହାୟର ଏଜୁକେଶନର ଏକ ସର୍ଭେ ଫଳାଫଳରେ ପ୍ରକାଶିତ ହୋଇଛି । ବିଶ୍ୱର ଉତ୍‌ଥାନଶୀଳ ଅର୍ଥନୈତିକ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗ-୨୦୨୧ର ଫଳାଫଳରୁ ଏହା ଜଣାପଡ଼ିଛି । ଏଥିରେ ବିଶ୍ୱସ୍ତରରେ ରାଉରକେଲା ଏନଆଇଟି ୨୦୧-୨୫୦ ମଧ୍ୟରେ ସ୍ଥାନ ପାଇଥିବା ବେଳେ ସମଗ୍ର ଦେଶରେ ଥିବା ଜାତୀୟ ପ୍ରତିଷ୍ଠାନଗୁଡିକ ମଧ୍ୟରେ ଏହା ୧ମ ସ୍ଥାନ ହାସଲ କରିଛି । ଏହି ସର୍ଭେ ଚଳିତବର୍ଷ ସମଗ୍ର ବିଶ୍ୱର ୪୮ଟି ଦେଶରେ



ଥିବା ୬୦୬ଟି ବିଶ୍ୱବିଦ୍ୟାଳୟକୁ ନେଇ ହୋଇଥିଲା। ଏହି ର୍ୟାଙ୍କ ୫ଟି ଗ୍ରୁପ୍‌ରେ ବିଭକ୍ତ ୧୩ଟି ସୂଚକାଙ୍କୁ ନେଇ ବିଚାର କରାଯାଇଥିଲା । ସେଗୁଡିକ ମଧ୍ୟରେ ବିଶେଷ କରି ପରିବେଶ ସମ୍ବନ୍ଧୀୟ ଶିକ୍ଷାଦାନ, ଗବେଷଣା (ଗ୍ରନ୍ଥ ଖଣ୍ଡ, ଆୟ ଓ ଖ୍ୟାତି), ଗବେଷଣାର ପ୍ରଭାବ ସମ୍ପର୍କିତ ବର୍ଣ୍ଣନା, ଅନ୍ତର୍ଜାତିକ ଚିନ୍ତାଧାରା ଆଦି ସ୍ଥାନୀତ ହୋଇଥିଲା । ରାଉରକେଲା ଏନଆଇଟି ଏହି ଗୌରବ ହାସଲ କରିଥିବା ଜାଣିବା ପରେ ଏହାର ନିର୍ଦ୍ଦେଶକ ପ୍ରଫେସର ଅନିମେଶ ବିଶ୍ୱାସ ସମସ୍ତ ଶିକ୍ଷାବିତ୍, କର୍ମଚାରୀ ଓ ବିଦ୍ୟାର୍ଥୀଙ୍କୁ ପ୍ରଶଂସା କରିଛନ୍ତି। ସମସ୍ତଙ୍କ ସମ୍ମିଳିତ ଉଦ୍ୟମ ଯୋଗୁ ଏହି ଗୌରବ ଏନ୍‌ଆଇଟିକୁ ମିଳିଲା ବୋଲି ପ୍ରଫେସର ବିଶ୍ୱାସ ମଙ୍ଗଳବାର ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି । ଏପରି କି ଆମର ଏହି ପ୍ରତିଷ୍ଠାନ ୨୦୨୧ ମସିହା ପାଇଁ କ୍ୟୁଏସ୍ ଏସିଆନ୍ ବିଶ୍ୱବିଦ୍ୟାଳୟ ତାଲିକାର ୨୫୦ ତମ ର୍ୟାଙ୍କ ହାସଲ କରିବାର ଯୋଗ୍ୟତା ହାସଲ କରିପାରିଛି ବୋଲି ପ୍ରଫେସର ବିଶ୍ୱାସ ଏହି ଅବସରରେ ସୂଚନା ଦେଇଛନ୍ତି।

# ଦାୟିତ୍ୱରୁ ହଟିବେ ପୋଲିସ ଡିଜି

ଭୁବନେଶ୍ୱର,୬।୪(ବ୍ୟୁରୋ)

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଦାୟିତ୍ୱରୁ ୧୯୮୬ ବ୍ୟାଚ୍ ଆଇପିଏସ୍ ଅଫିସର ଅଭୟ ଖୁବ୍‌ଶୀଘ୍ର ହଟିପାରନ୍ତି ବୋଲି ଚର୍ଚ୍ଚା ଜୋରଧରିଛି। ଆସନ୍ତା ଡିସେମ୍ବରରେ



ଡିଜିପି ଅଭୟ

ଅଭୟଙ୍କ ଚାକିରି କାର୍ଯ୍ୟକାଳ ସମାପ୍ତ ହେଉଛି। କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ସେ ଚାକିରିରୁ ସ୍ୱେଚ୍ଛାକୃତ ଅବସର(ଭିଆର୍‌ଏସ୍) ନେବା ନେଇ ପାୱାର କରିଡରରେ ଆଲୋଚନା ହେଉଛି। ବିଶେଷସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ତାଙ୍କ ସ୍ଥାନରେ ନୂଆ ଜଣଙ୍କୁ ଅବସ୍ଥାପିତ କରିବାକୁ ଯୋଜନା ଚାଲିଛି। ଏପରି କି ଅଭୟ ଭିଆର୍‌ଏସ୍ ନେଲେ ତାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ କରିବାକୁ ଯୋଜନା ହୋଇଥିବା ଶୁଣିବାକୁ ମିଳୁଛି। ଅପରପକ୍ଷରେ

**ରେସ୍‌ରେ ୪ ଆଇପିଏସ୍ ଅଫିସର**

ଡିଜିପି ପଦବୀ ଲାଗି ୪ଜଣ ଆଇପିଏସ୍ ଅଫିସର ଏବେଠାରୁ ଲବି ଆରମ୍ଭ କରିଥିବା ଚର୍ଚ୍ଚା ହେଉଛି। ସେମାନେ ହେଲେ ୧୯୮୭ ବ୍ୟାଚ୍ ଆଇପିଏସ୍ ଅଫିସର ସୁନୀଲ ବଂଶଲ, ୧୯୮୮ ବ୍ୟାଚ୍ ଆଇପିଏସ୍ ଅଫିସର ସନ୍ତୋଷ କୁମାର ଉପାଧ୍ୟାୟ, ୧୯୮୮ ବ୍ୟାଚ ଆଇପିଏସ୍ ମନୋଜ କୁମାର ଛାବ୍ରା ଓ ୧୯୮୮ ବ୍ୟାଚ୍ ଆଇପିଏସ୍ ବିନୟା ନନ୍ଦ ଝା।

ପ୍ରକାଶ ଥାଉକି, ଡେପୁଟେଶନରେ ହାଇଦ୍ରାବାଦ ନ୍ୟାଶନାଲ ପୋଲିସ ଏକାଡେମୀ ଡାଇରେକ୍ଟର ଭାବେ କାର୍ଯ୍ୟରତ ଆଇପିଏସ୍ ଅଫିସର ଅଭୟଙ୍କୁ ୨୦୧୯ ଡିସେମ୍ବର ୯ରେ ରାଜ୍ୟ ପୋଲିସର ସର୍ବୋଚ୍ଚ ପଦରେ ଅବସ୍ଥାପିତ କରାଯାଇଥିଲା। ତାଙ୍କର କାର୍ଯ୍ୟକାଳ ୨୦୨୧ ଜୁନରେ ଶେଷ ହେବାର ଥିଲା। ମାତ୍ର ୨୦୨୦ ମାର୍ଚ୍ଚ ୧୮ରେ ରାଜ୍ୟ ସରକାର ଏହାକୁ ଅଧିକ ୬ ମାସ ଅର୍ଥାତ ୨୦୨୧ ଡିସେମ୍ବର ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। କୋଭିଡ୍ ମହାମାରୀ ନିୟନ୍ତ୍ରଣ ଓ ବିନା ଭକ୍ତରେ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରି ଡିଜି ଅଭୟ ବେଶ୍ ପ୍ରଶଂସା ସାଉଣ୍ଟିଥିଲେ।



ଝାରସୁଗୁଡ଼ା ସହରର ମୁଖ୍ୟରାସ୍ତା ଅବରୋଧ କରିଛନ୍ତି ବ୍ୟବସାୟୀ।

# ପରିବା ଢାଳି ରାସ୍ତା ଅବରୋଧ

ଝାରସୁଗୁଡ଼ା ଅଫିସ,୬।୪

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ୩ ସପ୍ତାହ ପାଇଁ ଜିଲାର ୭୭ ସାପ୍ତାହିକ ବଜାର ବନ୍ଦ ଘୋଷଣା କରିଛନ୍ତି। ଏହାକୁ ନେଇ ବ୍ୟବସାୟୀ ଓ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଝାରସୁଗୁଡା ବଜାରରେ ଏହାର ପ୍ରତିଫଳନ ମଙ୍ଗଳବାର ଦେଖିବାକୁ ମିଳିଛି। ଏହି ବଜାର ଝାରସୁଗୁଡ଼ାର ଏକମାତ୍ର ପରିବା ମଣ୍ଡି। ଏଠାରେ ଚାଷୀମାନେ ଦୈନିକ ପରିବା ବିକ୍ରି କରନ୍ତି। ଏହାକୁ ଝାରସୁଗୁଡ଼ା ପୌର ପରିଷଦ ତରଫରୁ ଗତ ଶନିବାରଠାରୁ ବନ୍ଦ କରିଦିଆଯାଇଛି । ଏହି ମଣ୍ଡି ବ୍ୟବସାୟୀ ଓ ଚାଷୀମାନଙ୍କୁ ଝାରସୁଗୁଡ଼ା ସହରର କାଳୀମନ୍ଦିର ରୋଡ୍, ସରବାହାଲ ଓ ବସ୍‌ଷ୍ଟାଣ୍ଡ ସମ୍ମୁଖ ରାସ୍ତା ପାର୍ଶ୍ୱରେ ବସି ପରିବା ବିକ୍ରିପାଇଁ ନିର୍ଦ୍ଦେଶ ରହିଛି। ତଦନୁଯାୟୀ ବ୍ୟବସାୟୀ ଓ ଚାଷୀମାନେ ସହରର ବିଭିନ୍ନ ସ୍ଥାନରେ ୨ଦିନ ଧରି ପରିବା ବିକ୍ରି କରିଥିଲେ। ହେଲେ ଏଥିରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏଭଳି ସ୍ଥିତିରେ ଭୋର ୫ଟାରେ ସେମାନେ ପୂର୍ବଭଳି ବଜାରରେ ବ୍ୟବସାୟ କରିବା ପାଇଁ ବାହାରିଥିଲେ। ଖବରପାଇ ପୋଲିସ ପହଞ୍ଚି ଏହାକୁ ବାରଣ କରିଥିଲା। ଫଳରେ ମଣ୍ଡି ବ୍ୟବସାୟୀ, ଚାଷୀ ଓ ପୋଲିସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାର ପ୍ରତିବାଦରେ ସହରର ମୁଖ୍ୟରାସ୍ତାରେ ବ୍ୟବସାୟୀ ଓ ଚାଷୀମାନେ ପରିବା

**ସାପ୍ତାହିକ ବଜାର ବନ୍ଦର ପ୍ରତିବାଦ**

ଢାଳି ଧାରଣାରେ ବସିଥିଲେ। ଫଳରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଏହି ସମୟରେ ପୋଲିସ ସେମାନଙ୍କୁ ମାଡ଼ ମାରିଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ଖବରପାଇ ପୌର ପରିଷଦ ନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର ମାଝି, ଏସ୍‌ଡିପିଓ କୈଳାସ ଆଚାର୍ଯ୍ୟ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ହେଲେ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ଗୋଟିଏ ଦିନ ପାଇଁ ଏହି ସାପ୍ତାହିକ ବଜାରରେ ପୂର୍ବଭଳି ବ୍ୟବସାୟ କରିବା ପାଇଁ ପୌର ପରିଷଦ ନିର୍ବାହୀ ଅଧିକାରୀ ମାଝି ଅନୁମତି ଦେଇଥିଲେ। ଏ ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଏଥିରେ ଉପଜିଲାପାଳ ଶିବ ଟପ୍ପୋ, ପୌର ପରିଷଦ ନିର୍ବାହୀ ଅଧିକାରୀ ମାଝି ଓ ବ୍ୟବସାୟୀ ଉପସ୍ଥିତ ଥିଲେ। ଆଲୋଚନା ଅନୁଯାୟୀ ସକାଳୁ ମଣ୍ଡି ବ୍ୟବସାୟୀମାନେ ଆସି ଖୁଚୁରା ବ୍ୟବସାୟୀଙ୍କୁ ପରିବା ଦେବେ। ଖୁଚୁରା ବ୍ୟବସାୟୀ ଏହାକୁ ନେଇ ସହରର ବିଭିନ୍ନ ସ୍ଥାନରେ ବସି ପୂର୍ବଭଳି ବିକ୍ରି କରିବେ ବୋଲି ସ୍ଥିର ହୋଇଥିଲା।

# ଓଇଆର୍‌ସି ଅଫିସ ଘେରିଲା କଂଗ୍ରେସ



ଭୁବନେଶ୍ୱର, ୬।୪(ବ୍ୟୁରୋ)

ଓଡିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ କଂଗ୍ରେସ କର୍ମୀମାନେ ଓଇଆର୍‌ସି କାର୍ଯ୍ୟାଳୟର ଗେଟ୍ ଖୋଲି ଜୋର ଜବରଦସ୍ତ ଭିତରକୁ ପଶିବାକୁ ଚେଷ୍ଟା କରିଥିଲେ। ବିକ୍ଷୋଭ ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶରେ ଓଆଇଆର୍‌ସି ଅଧକ୍ଷଙ୍କ

**ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦ**

ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ବିକ୍ଷୋଭରେ ଯୋଗଦେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ୨୦୧୬ର ବିମୁଦ୍ରୀକରଣ ଓ ବର୍ତ୍ତମାନର କରୋନା ମହାମାରୀର ସମ୍ମୁଖୀନ ହୋଇ ରାଜ୍ୟବାସୀ ହନ୍ତସନ୍ତ ହୋଇପଡ଼ିଛନ୍ତି। ଏଭଳି ସମୟରେ କ୍ରମାଗତ ଭାବେ ୬ ମାସ ତଳେ ୟୁନିଟ୍ ପିଛା ୨୦ ପଇସା ଓ ଏବେ ୩୦ ପଇସା ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ କଂଗ୍ରେସ ବିରୋଧ କରିଛି। ବିଶେଷଭାବେ ଏହାଦ୍ୱାରା ମଧ୍ୟବିତ୍ତ, ନିମ୍ନମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଲୋକ ଗୁରୁତର ପ୍ରଭାବିତ ହୋଇଛନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିନିଅନ୍ତୁ। ପୂର୍ବରୁ ବ୍ଲକ୍ ଓ ନଗର କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଛି। ଯଦି ସରକାର ନିଜ ନିଷ୍ପତ୍ତି ନ ବଦଳାନ୍ତି ତେବେ କଂଗ୍ରେସ ରାସ୍ତାକୁ ଓହ୍ଲାଇବା ଲାଗି ପଛଘୁଞ୍ଚା ଦେବ ନାହିଁ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଦଳର ବହୁ ବରିଷ୍ଠ ନେତା ଓ କର୍ମୀମାନେ ଯୋଗଦେଇଛନ୍ତି।

### ୧ରୁ ଝାରସୁଗୁଡ଼ାରୁ ଗୁଆହାଟିକୁ ଉଡ଼ିବ ବିମାନ

ଝାରସୁଗୁଡ଼ା ଅଫିସ,୬।୪

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନ ବନ୍ଦରରୁ ପର୍ଯ୍ୟାୟକ୍ରମେ ଦେଶର ପ୍ରମୁଖ ସହର ଦିଲ୍ଲୀ, ବେଙ୍ଗାଲୁରୁ, ଚେନ୍ନାଇ, କଲିକତା, ହାଇଦ୍ରାବାଦ୍, ରାୟପୁର ଆଦିକୁ ଆକାଶମାର୍ଗରେ ସଂଯୋଗୀକରଣ ହୋଇସାରିଛି। ଏଥିରେ ଆଉ ଏକ ସହର ଯୋଡି ହୋଇଛି । ବିମାନ ବନ୍ଦର ନିର୍ଦ୍ଦେଶକ କିଶୋର କୁମାର ସେନାପତି ଜଣାଇଛନ୍ତି, ଆସନ୍ତା ମେ ୧ତାରିଖରୁ ଭିଏସ୍‌ଏସ୍ ବିମାନ ବନ୍ଦରରୁ ଭାୟା ପାଟନା ଦେଇ ଗୁଆହାଟିକୁ ବିମାନ ଉଡିବ। ଏହି ବିମାନ ପ୍ରତିଦିନ ଚାଲିବ। ଏହା ୭୮ସିଟେଡ୍ ବିଶିଷ୍ଟ। ଏହି ବିମାନ ଅପରାହ୍ନ ୪ଟା୨୦ରେ ଅବତରଣ ଓ ୪ଟା୫୦ରେ ଉଡାଣ କରିବ ବୋଲି ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

# କମ୍ପାନୀ ଏମ୍‌ଡି, ମ୍ୟାନେଜରଙ୍କୁ ୭ ବର୍ଷ ଜେଲଦଣ୍ଡ

ବ୍ରହ୍ମପୁର ଅଫିସ,୬।୪

ବ୍ରହ୍ମପୁର ସ୍ୱତନ୍ତ୍ର ଚିଟଫଣ୍ଡ୍ କୋର୍ଟ ଜଜ୍ ଏକ ଟଙ୍କା ଠକେଇ ମାମଲାର ଶୁଣାଣି କରି ରାମକ୍ରିଷ୍ଣା ଇଲେକ୍ଟ୍ରୋ କଣ୍ଟ୍ରୋଲ୍ ଲିମିଟେଡ୍ ନାମକ ଅର୍ଥଲଗାଣକାରୀ ସଂସ୍ଥା ପରିଚାଳନା ନିର୍ଦ୍ଦେଶକ ଓ ମ୍ୟାନେଜରଙ୍କୁ ୭ବର୍ଷ ଲେଖାଏ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି।

**ଚିଟ୍‌ଫଣ୍ଡ ଠକେଇ ମାମଲା**

ସେ ହେଲେ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଚନ୍ଦ୍ରକାନ୍ତ ଭାର୍ଗବ ଗୋଲେ ଓ ମ୍ୟାନେଜର ସୁରେଶ ପାଢ଼ୀ। ଏହା ସହିତ ୫୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ସ୍ୱତନ୍ତ୍ର ଚିଟଫଣ୍ଡ କୋର୍ଟ ଜଜ୍ ଦେବାଶିଷ ପଣ୍ଡା ମଙ୍ଗଳବାର ରାୟ ଶୁଣାଇଛନ୍ତି।

ପ୍ରକାଶ ଯେ, ବ୍ରହ୍ମପୁର ସହର ଜନାନା ହସ୍ପିଟାଲ୍ ରୋଡ଼ରେ ୨୦୧୨ରେ କୋଲକାତାର ଚନ୍ଦ୍ରକାନ୍ତ ଭାର୍ଗବ ଗୋଲେ ରାମକ୍ରିଷ୍ଣା ଇଲେକ୍ଟ୍ରୋ କଣ୍ଟ୍ରୋଲ୍ ଲିମିଟେଡ୍ ନାମରେ ଏକ ଅର୍ଥଲଗାଣକାରୀ ସଂସ୍ଥା ଖୋଲିଥିଲେ। ସେଥିରେ ଟଙ୍କା ରଖିଲେ ଜମାକାରୀଙ୍କୁ ୨ ବର୍ଷରେ ତିନିଗୁଣା ସୁଧ ମିଳିବ ବୋଲି ପରିଚାଳନା ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ପ୍ରତିଶ୍ରୁତି ଦେଇଥିଲେ। ବ୍ରହ୍ମପୁର ଶାଖା ମ୍ୟାନେଜର ଭାବେ ସୁରେଶ କାମ କରୁଥିଲେ। ବହୁ ଜମାକାରୀ ଏଥିରେ ଟଙ୍କା ରଖିଥିଲେ। କିନ୍ତୁ ମାଚ୍ୟୁରିଟି ପରେ ତାଙ୍କୁ ଟଙ୍କା କିମ୍ବା ମୂଳ ଟଙ୍କା ମଧ ମିଳି ନ ଥିଲା। ଫଳରେ ବହୁ ଜମାକାରୀ ୨୦୧୪ରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ଗୋଇଲୁଣ୍ଡିର ଲକ୍ଷ୍ମୀପ୍ରିୟା ମହାନ୍ତି ଓ ଝିଅ ନିବେଦିତା ମହାନ୍ତି ମଧ ଏହି ସଂସ୍ଥାରେ ୩ ଲକ୍ଷ ୨୫ହଜାର ଟଙ୍କା ଜମା କରିଥିଲେ। ସେମାନେ ମଧ ଟଙ୍କା ଫେରି ନ ପାଇବାରୁ ସଂସ୍ଥା ବିରୋଧରେ ଥାନାରେ ମାମଲା ରୁଜୁ କରିଥିଲେ। ପୋଲିସ ଚନ୍ଦ୍ରକାନ୍ତ ଓ ସୁରେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାର ବେଳେ ମୋଟ ୧୩ଜଣ ସାକ୍ଷୀଙ୍କ ବୟାନ୍ ରେକର୍ଡ କରାଯାଇଥିଲା। ଆବଶ୍ୟକ ସାକ୍ଷ୍ୟ ପ୍ରମାଣ ଥିବାରୁ ସ୍ୱତନ୍ତ୍ର ଚିଟଫଣ୍ଡ କୋର୍ଟ ଜଜ୍ ଏମ୍‌ଡି ଓ ମ୍ୟାନେଜରଙ୍କୁ ୭ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ବିଜୟ ପ୍ରଧାନ ମକଦ୍ଦମା ପରିଚାଳନା କରିଥିଲେ।

# ଅଧିକ ଟିକା ପାଇଁ କେନ୍ଦ୍ରକୁ ଚିଠି

ଭୁବନେଶ୍ୱର, ୬।୪(ବ୍ୟୁରୋ)

କୋଭିଡ୍ ଟିକା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କୁ ରାଜ୍ୟ ସରକାର ଚିଠି ଲେଖିଛନ୍ତି। ଅତି କମ୍‌ରେ ୧୫ରୁ ୨୦ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା ଯୋଗାଇଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ମଙ୍ଗଳବାର କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟରେ ଏ ପର୍ଯ୍ୟନ୍ତ ୩୫ଲକ୍ଷରୁ ଊର୍ଦ୍ଧ୍ୱ ଟିକାକରଣ ହୋଇସାରିଲାଣି। ଦୈନିକ ପ୍ରାୟ ୨.୩୧ଲକ୍ଷ ଟିକାଦାନ କରାଯାଉଛି। ମଙ୍ଗଳବାର ସକାଳ ୧୦ଟା ପର୍ଯ୍ୟନ୍ତ ରାଜ୍ୟର କୋଲ୍ଡ ଚେନ୍ ପଏଣ୍ଟରେ ୩,୪୭,୧୮୦ ଡୋଜ୍ କୋଭିଶିଲ୍ଡ ଓ ୧,୩୬,୮୨୦ ଡୋଜ୍ କୋଭାକ୍ସିନ ଟିକା ରହିଛି। ଆଞ୍ଚଳିକ ଓ ଜିଲା ଭ୍ୟାକ୍ସିନ ଷ୍ଟୋରରେ ଆଦୌ ଟିକା ଗଚ୍ଛିତ ନାହିଁ। ତେବେ ମଙ୍ଗଳବାର ଅପରାହ୍ନରେ ରାଜ୍ୟକୁ ୩,୪୯,୧୩୦ ଡୋଜ୍ କୋଭିଶିଲ୍ଡ ଟିକା ଆସି ପହଞ୍ଚିଛି। ଗଚ୍ଛିତ ଥିବା ଟିକା ଆଗାମୀ ତିନିଦିନ ପର୍ଯ୍ୟନ୍ତ ଯିବ। ଫଳରେ ଦ୍ୱିତୀୟ ଡୋଜ୍ ଟିକାକରଣ ପାଇଁ ସମସ୍ୟା ସୃଷ୍ଟି ହେବ। ତେଣୁ ୧୫ରୁ ୨୦ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା ଦେବା ପାଇଁ ମହାପାତ୍ର ଚିଠିରେ ଲେଖିଛନ୍ତି। ସୂଚନାଯୋଗ୍ୟ ମଙ୍ଗଳବାର ରାଜ୍ୟରେ ୧,୭୩,୩୦୭ଜଣ ଟିକା ନେଇଛନ୍ତି। ଏପର୍ଯ୍ୟନ୍ତ ମୋଟ ୩୭,୪୧,୧୧୭ଜଣ ଟିକା ନେଇସାରିଲେଣି।

# ଥାନା ଭିତରେ ପୋଲିସର ନାଗିନ ଡ୍ୟାନ୍ସ



ଭାଇରାଲ ଭିଡିଓରେ ଥାନା ଭିତରେ ପୋଲିସ ଅଧିକାରୀମାନେ ନୃତ୍ୟ କରୁଛନ୍ତି ।

- ଭାଇରାଲ ଭିଡିଓକୁ ନେଇ ଚର୍ଚ୍ଚା
- ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍
- ଏଏସ୍‌ଆଇ ନିଲମ୍ବିତ

ଯାଜପୁର ଅଫିସ,୬।୪

ଯାଜପୁର ଜିଲା ପାଣିକୋଇଲି ଥାନା ଭିତରେ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ନାଗିନ ଡ୍ୟାନ୍ସ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ନିଜ ୟୁନିଫର୍ମ(ଖାକି)କୁ ନେଇ ଗର୍ବ ଅନୁଭବ କରୁଥିବା ପୋଲିସ ଅଧିକାରୀମାନେ ସେଥିରେ ଅବିର ଢାଳିହୋଇ ନୃତ୍ୟ କରିବା ଘଟଣାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି ।

ଏହି ଭାଇରାଲ ଭିଡିଓରେ ଥାନା ଆଇଆଇସିଙ୍କଠାରୁ ଆରମ୍ଭ କରି ହୋମଗାର୍ଡ ପର୍ଯ୍ୟନ୍ତ ଖାକି ପୋଷାକରେ ଅବିର ଲଗାଇ ସଙ୍ଗୀତର ତାଳେ ତାଳେ ଠୁମକା ଲଗାଇ ନୃତ୍ୟ କରୁଛନ୍ତି । ଉଭୟ ମହିଳା ଓ ପୁରୁଷ ପୋଲିସ ଅଧିକାରୀ ଏହି ନୃତ୍ୟରେ ସାମିଲ ହୋଇଛନ୍ତି। ଏପରି କି ମହିଳା ପୋଲିସ କର୍ମଚାରୀଙ୍କ ଅଣ୍ଟା ଧରି ପୁରୁଷ ପୋଲିସ ଅଧିକାରୀ ନୃତ୍ୟ କରୁଥିବା ଦେଖିବାକୁ ମିଳିଛି, ଯାହାକି ଖାକିରେ ଅବିର ନୁହେଁ କଳାଦାଗ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ନେଇ ମାନବାଧିକାର ସୁରକ୍ଷାକର୍ମୀ ଭଜମନ ବିଶ୍ୱାଳ ଏହି ଭାଇରାଲ ଭିଡିଓକୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଟୁଇଟ୍ କରି ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଏହି ଘଟଣାରେ ଥାନା ଏଏସ୍‌ଆଇ ସଞ୍ଜୟ ଦାସଙ୍କୁ ନିଲମ୍ବନ କରାଯାଇଛି ବୋଲି ଏସ୍‌ପି ରାହୁଲ ପିଆର ସୂଚନା ଦେଇଛନ୍ତି ।

# ୩ ଦିନ ଝଡ଼ବର୍ଷା ସମ୍ଭାବନା

ଭୁବନେଶ୍ୱର,୬।୪(ବ୍ୟୁରୋ)

ରାଜ୍ୟର ଉପକୂଳ ଓଡ଼ିଶାରେ ତାତିର ପ୍ରକୋପ ହ୍ରାସପାଇଛି। ସମୁଦ୍ର ଆଡୁ ପବନ ବହୁଥିବାରୁ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ପାରଦ ୪୦ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଆସନ୍ତା ୮ ତାରିଖରୁ ୧୧ ତାରିଖ ମଧ୍ୟରେ ରାଜ୍ୟର ଅନେକ ଭାଗରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୮ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ,ଯାଜପୁର, ଗଞ୍ଜାମ, କନ୍ଧମାଳ, ମାଲକାନଗିରି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୯ ତାରିଖରେ କେନ୍ଦୁଝର,ମୟୂରଭଞ୍ଜ, ଢେଙ୍କାନାଳ, ଯାଜପୁର, କଟକ, ବାଲେଶ୍ୱର, ଭଦ୍ରକ, ଗଜପତି, ଗଞ୍ଜାମ, ଅନୁଗୋଳ, ଖୋର୍ଦ୍ଧା ଏବଂ ୧୦ ତାରିଖରେ ଗଜପତି, ଗଞ୍ଜାମ, କନ୍ଧମାଳ, ମାଲକାନଗିରି, କୋରାପୁଟ ଏବଂ ମୟୂରଭଞ୍ଜ ଜିଲାରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ଘଣ୍ଟାକୁ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋୱାର୍ଣ୍ଣିଂ ଜାରି କରାଯାଇଛି। ଉପକୂଳରେ ସାମାନ୍ୟ ଆଶ୍ୱସ୍ତି ଥିବା ବେଳେ ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡିଶାରେ ପାରଦ ଉପର ମୁହାଁ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଟିଟିଲାଗଡରେ ସର୍ବାଧିକ ୪୨.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ୪୧, ବଲାଙ୍ଗୀର ୪୧.୫, ଭବାନୀପାଟଣା ୪୦.୮, ସୋନପୁର ୪୧, ବୌଦ୍ଧ ୪୧ ଏବଂ ରାୟଗଡାରେ ସର୍ବାଧିକ ତାପମାତ୍ରା ୪୦.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

**ଆଜିର ମନ୍ତବ୍ୟ**

"ଦେଶରେ ରାଜନୈତିକ ଅସ୍ଥିରତା ସୃଷ୍ଟି ଉଦ୍ଦେଶ୍ୟରେ କୃଷି ଆଇନ ଏବଂ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ମିଥ୍ୟା ପ୍ରଚାର କରାଯାଉଛି।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ସିଦ୍ଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## 'ଗୁରୁତ୍ୱ ନ ଦେଲେ...

ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା କୋଭିଡ୍ ନିୟମକୁ କଡ଼ାକଡ଼ି ପାଳନ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ସମଗ୍ର ରାଜ୍ୟରେ ୧୦ଦିନିଆ ସ୍ପେଶାଲ ଡ୍ରାଇଭ ଲାଗି ପୋଲିସ ମହାନିର୍ଦ୍ଦେଶକ(ଡିଜିପି)ଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମାସ୍କ ପିନ୍ଧିବା, ହାତ ଧୋଇବା ଏବଂ ସାମାଜିକ ଦୂରତା ରକ୍ଷାକରିବା ଭଳି କୋଭିଡ୍ ନିୟମକୁ ପାଳନ କରିବାକୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଜନସାଧାରଣଙ୍କୁ ସଚେତନ କରିବ। ଜିଲାପାଳମାନେ ଜନସଚେତନତା ପାଇଁ ସମାଜର ସବୁ ବର୍ଗଙ୍କ ସହ ପଞ୍ଚାୟତିରାଜ ଅନୁଷ୍ଠାନ, ମିଶନ ଶକ୍ତିଙ୍କୁ ସାମିଲ କରିବାକୁ କୁହାଯାଇଛି। କରୋନାର ଦ୍ୱିତୀୟ ଲହର ଭୂତାଣୁ ଅଧିକ ମାରାତ୍ମକ ହେଉଛି। ଏହାକୁ ଯଦି ଆମେ ଗୁରୁତ୍ୱର ସହ ନେବା ନାହିଁ ତେବେ ଏହା ଆମ ପାଇଁ ଘାତକ ହେବ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି। ଗୋଷ୍ଠୀଗତ ଏବଂ ବ୍ୟକ୍ତିଗତ ଭାବେ କୋଭିଡ୍ ନିୟମକୁ କଡ଼ାକଡ଼ି ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କରୋନା କଟକଣାକୁ ମାନିବା ସହ ଏ ଦିଗରେ କାର୍ଯ୍ୟ କରୁଥିବା ପ୍ରଶାସନିକ କଳକୁ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଲୋକମାନଙ୍କ ଜୀବନ ସହ କୌଣସି ପ୍ରକାରରେ ସାଲିସ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ବେଳକୁବେଳ ବଢ଼ିଚାଲିଛି। ସମଗ୍ର ବିଶ୍ୱ କୋଭିଡ୍ ଭୂତାଣୁ ସହ ଲଢ଼େଇ ଜାରି ରଖିଛି। ଆମ ଦେଶର କେତେକ ରାଜ୍ୟରେ କରୋନା ସଂକ୍ରମଣ ବଢ଼ିଚାଲିଛି। ଗତ କିଛି ସପ୍ତାହ ହେବ ଓଡ଼ିଶାରେ ମଧ୍ୟ ଏହି ମହାମାରୀ ପୁଣି କାୟାବିସ୍ତାର କରିବା ଆରମ୍ଭ କରିଛି। କୋଭିଡ୍‌ର ପ୍ରଥମ ପର୍ଯ୍ୟାୟ ସଂକ୍ରମଣକୁ ଆମେ ସଫଳତାର ସହ ନିୟନ୍ତ୍ରଣ କରିପାରିଛୁ। କୋଭିଡ୍ ବିରୋଧରେ ଆମେ ଆମର ଯୁଦ୍ଧକୁ ଆହୁରି ଜୋରଦାର କରିବା। ଏହାଦ୍ୱାରା ଭୂତାଣୁର ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣକୁ ସଫଳତାର ସହ ମୁକାବିଲା କରିପାରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କୋଭିଡର ପ୍ରଥମ ଲହର ଆମେ ସମସ୍ତେ ଅନୁଭବ କରିଛୁ। ଯେହେତୁ ଏହା ଲୋକଙ୍କ ଜୀବନ ମରଣ ସହ ଜଡ଼ିତ, ପରିସ୍ଥିତିର ଗମ୍ଭୀରତାକୁ ଦେଖି ଜନସାଧାରଣ ସତର୍କ ରହି ସଂକ୍ରମଣ ନିୟନ୍ତ୍ରଣରେ ସରକାରଙ୍କୁ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ନବରଙ୍ଗପୁର ଖ୍ରୀଷ୍ଟିଆନ ହସ୍ପିଟାଲରେ ଖୋଲାଯାଇଥିବା କୋଭିଡ୍ ହସ୍ପିଟାଲର ପ୍ରାପ୍ୟ ୪୫ ଲକ୍ଷ ୬୦ ହଜାର ଟଙ୍କା ନାଲ୍‌କୋ ପକ୍ଷରୁ ଏ ପର୍ଯ୍ୟନ୍ତ ପଇଠ କରାଯାଇ ନ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ମଞ୍ଜୁର କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆଲୋଚନାରେ ଅଂଶଗ୍ରହଣ କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ରାଜ୍ୟର ସମସ୍ତ ସୀମାନ୍ତବର୍ତ୍ତୀ ଜିଲାର ଜିଲାପାଳମାନଙ୍କୁ ସତର୍କ କରାଯିବା ସହ ଅନ୍ୟ ରାଜ୍ୟରୁ ଆସୁଥିବା ଲୋକମାନଙ୍କ ଟେଷ୍ଟିଂ ପାଇଁ ପରାମର୍ଶ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ରାଜ୍ୟରେ ବର୍ତ୍ତମାନ କୋଭିଡ୍ ସ୍ଥିତି ଏବଂ ସ୍ୱାସ୍ଥ୍ୟ ବିଭାଗର ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି. କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜିଲାର ଜିଲାପାଳ ଏବଂ ଭୁବନେଶ୍ୱର-କଟକ ମ୍ୟୁନିସିପାଲ କମିଶନରମାନଙ୍କ ସହିତ ସେମାନଙ୍କର ସ୍ୱାସ୍ଥ୍ୟ ଭିତ୍ତିଭୂମି, ମାନବ ସମ୍ବଳ ତଥା କୋଭିଡ୍ ନିୟମର ଅନୁପାଳନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ପୋଲିସ ମହାନିର୍ଦ୍ଦେଶକ ଅଭୟ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

## ୫ ରାଜ୍ୟର ପର୍ଯ୍ୟଟକଙ୍କ...

କିମ୍ବା କୋଭିଡ୍ ଟିକାର ୨ୟ ଡୋଜ୍ ନେଇସାରିଥିଲେ ସମ୍ପୃକ୍ତ ଯାତ୍ରୀଙ୍କ ପାଇଁ ଆଇସୋଲେଶନ ବାଧ୍ୟତାମୂଳକ ନୁହେଁ ବୋଲି ମଙ୍ଗଳବାର ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ତେବେ କୋଭିଡ୍ ସଂକ୍ରମଣ ଲକ୍ଷଣ ଦେଖାଯାଉଥିବା ଯାତ୍ରୀଙ୍କୁ ପୁରୀରେ ଥିବା କୋଭିଡ୍ କେୟାର ହୋମ କିମ୍ବା କୋଭିଡ୍ କେୟାର ସେଣ୍ଟରରେ ରଖାଯିବାର ବ୍ୟବସ୍ଥା କରାଯିବ।

ଅନ୍ୟପକ୍ଷରେ ଜିଲାପାଳ ବର୍ମା ମଙ୍ଗଳବାର ପୁରୀ ସହର ହୋଟେଲ ମାଲିକମାନଙ୍କ ସହ ମଧ୍ୟ ଏନେଇ ଆଲୋଚନା କରିଛନ୍ତି। ବାହାର ରାଜ୍ୟରୁ ଆସୁଥିବା ଯାତ୍ରୀଙ୍କ ପାଖରେ କୋଭିଡ୍ ନେଗେଟିଭ୍ ରିପୋର୍ଟ ନ ଥିଲେ ବା ୭ଦିନିଆ ହୋମ୍ ଆଇସୋଲେଶନରେ ନ ଥିଲେ କିମ୍ବା କୋଭିଡ୍ ୨ୟ ପର୍ଯ୍ୟାୟ ଟିକା ନେଇ ନ ଥିଲେ ଯାତ୍ରୀଙ୍କୁ ହୋଟେଲରେ ରହିବା ପାଇଁ ଅନୁମତି ନ ଦେବାକୁ କୁହାଯାଇଛି। ଏଭଳି ଯାତ୍ରୀଙ୍କୁ କୌଣସି ହୋଟେଲରେ ରହିବା ପାଇଁ ସୁବିଧା ଯୋଗାଇଲେ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ଆଇନ ଅନୁଯାୟୀ ସମ୍ପୃକ୍ତ ହୋଟେଲ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହୋଟେଲ ମାଲିକଙ୍କ ଉପରେ କଡ଼ା ନଜର ରଖିବା ପାଇଁ ଏକ ମିଳିତ ଏନ୍‌ଫୋର୍ସମେଣ୍ଟ ଟିମ୍ ମଧ୍ୟ ଗଠନ କରାଯାଇଛି। ଏହି ଟିମ୍‌ରେ ପୋଲିସ ପ୍ରଶାସନ ଓ ପୌରସଂସ୍ଥାର ଅଧିକାରୀମାନେ ରହିବେ। ଏମାନେ ପ୍ରତିଦିନ ହୋଟେଲଗୁଡ଼ିକୁ ପରିଦର୍ଶନ କରି ଯାତ୍ରୀଙ୍କ କୋଭିଡ୍ ସଂକ୍ରମଣ ସମ୍ପର୍କିତ ସୂଚନା ନେବେ। ଆସନ୍ତା ଦିନରେ ଲଜ୍ ଓ ଧର୍ମଶାଳା ମାଲିକମାନଙ୍କ ସହ ମଧ୍ୟ ଆଲୋଚନା ହେବ ବୋଲି ଜିଲାପାଳ କହିଛନ୍ତି। ସେହିଭଳି ହୋଟେଲରେ କାର୍ଯ୍ୟରତ କର୍ମଚାରୀ ପ୍ରତିଦିନ ବହୁସଂଖ୍ୟକ ଯାତ୍ରୀଙ୍କ ସଂସ୍ପର୍ଶରେ ଆସୁଥିବାରୁ ସେମାନେ ମଧ୍ୟ ନିୟମିତ ବ୍ୟବଧାନରେ କୋଭିଡ୍ ଟେଷ୍ଟିଂ କରିବା ସହ ସଙ୍ଗରୋଧରେ ରହିବେ।

ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଜ୍ୱର ସମ୍ବନ୍ଧିତ ଚିକିତ୍ସା ପାଇଁ ଏକ ଫିବର୍ କ୍ଲିନିକ୍ ଖୋଲାଯାଇଛି। ଓପିଡିକୁ ଯାଉଥିବା ବ୍ୟକ୍ତିଙ୍କ ଥର୍ମାଲ ସ୍କ୍ରିନିଂ ହେଉଛି। କୋଭିଡ୍ ଲକ୍ଷଣ ଦେଖାଦେଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରଥମେ ଫିବର କ୍ଲିନିକ୍‌କୁ ରେଫର କରାଯାଉଛି। ଏହାପରେ ଆବଶ୍ୟକସ୍ଥଳରେ ସମ୍ପୃକ୍ତ ରୋଗୀଙ୍କ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ କରାଯିବାର ସୁବିଧା ରହିଛି। ଜିଲାରେ କୋଭିଡ୍ ସଂକ୍ରମଣ ପୁଣି ଥରେ ବଢୁଥିବା ହେତୁ ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଛି। ଏବେ ଜିଲାର ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୧୧୬ରେ ପହଞ୍ଚିଲାଣି। ପୁରୀ ସହରକୁ ହଜାର ହଜାର ସଂଖ୍ୟାରେ ଯାତ୍ରୀ ପ୍ରତିଦିନ ଆସୁଥିବା ହେତୁ ସଂକ୍ରମଣ ବଢ଼ିବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ଜିଲା ପ୍ରଶାସନର ପୂରା ଟିମ୍ କୋଭିଡ୍ ସ୍ଥିତି ଉପରେ ନଜର ରଖିଛି ଓ ରାଜ୍ୟ ସରକାରଙ୍କ ସବୁ ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି ବୋଲି ଜିଲାପାଳ ବର୍ମା କହିଛନ୍ତି।

## ଭୁବନେଶ୍ୱରରେ ବଢୁଛି...

ହୋଇଥିବା ବେଳେ ଏମାନଙ୍କ ମଧ୍ୟରୁ ଭୁବନେଶ୍ୱରରୁ କେବଳ ୧୦୧ଜଣ ରହିଛନ୍ତି। ଅର୍ଥାତ ଭୁବନେଶ୍ୱର ପାଇଁ ଖୋର୍ଦ୍ଧା ଜିଲା ଏବେ ହଟ୍‌ସ୍ପଟ୍ ଆଡ଼କୁ ମୁହାଁଉଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୮୦ଜଣ ସ୍ଥାନୀୟ ଆକ୍ରାନ୍ତ। ଏଥିମଧ୍ୟରୁ ଖଣ୍ଡଗିରିରୁ ସର୍ବାଧିକ ୧୨, ରସୁଲଗଡ଼ରୁ ୮, ପୁରୁଣା ଭୁବନେଶ୍ୱରରୁ ୭, ନୟାପଲ୍ଲୀରୁ ୬, ଶହୀଦନଗରରୁ ୫ଜଣ ରହିଛନ୍ତି। ବର୍ତ୍ତମାନ ଭୁବନେଶ୍ୱରରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୨,୮୩୨ରେ ପହଞ୍ଚିଥିବା ବେଳେ ୫୫୫ଜଣ ସକ୍ରିୟ ରୋଗୀ ରହିଛନ୍ତି। ଅନ୍ୟପକ୍ଷରେ ଟଙ୍କପାଣିରୋଡ୍‌ସ୍ଥିତ ତରୁ ଆପାର୍ଟମେଣ୍ଟରୁ କେତେଜଣ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହେବା ପରେ ମଙ୍ଗଳବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏହି ଆପାର୍ଟମେଣ୍ଟକୁ ୧୦ଦିନ ପାଇଁ ସିଲ୍ କରିଦିଆଯାଇଛି। ସଂକ୍ରମିତମାନଙ୍କୁ ହୋମ୍ ଆଇସୋଲେଶନରେ ରହିବାକୁ କୁହାଯାଇଛି। ଆପାର୍ଟମେଣ୍ଟକୁ ସାନିଟାଇଜ୍ କରିବା ଲାଗି ନିର୍ଦ୍ଦେଶ ଦିଆଯିବା ସହ ଏଠାକାର ବାସିନ୍ଦାଙ୍କୁ ରାଜ୍ୟ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଏହି ଆପାର୍ଟମେଣ୍ଟର ଲୋକଙ୍କୁ ୧୦ ଦିନ ପାଇଁ ବାହାରକୁ ଯିବା ଓ ଏଠାକୁ ବାହାର ଲୋକଙ୍କୁ ଆସିବା ମନା ହୋଇଛି। କେବଳ ଅନୁମତିପ୍ରାପ୍ତ ବିଏମ୍‌ସି ଅଧିକାରୀ ଯାଇପାରିବେ। ଆକ୍ରାନ୍ତଙ୍କ ଅଧିକ ଚିକିତ୍ସା ଦରକାର ପଡ଼ିଲେ ବିଏମ୍‌ସି ଅଧିକାରୀଙ୍କୁ ଜଣାଇବେ। ଜରୁରୀ ହେଲେ ଆପାର୍ଟମେଣ୍ଟ ସୋସାଇଟି ବିଏମ୍‌ସିକୁ ଫୋନ୍ କରି ଜଣାଇବେ। ସେହିପରି ପଟିଆସ୍ଥିତ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ ସିଲ୍ କରାଯାଇଛି। କୋଭିଡ୍ କଟକଣା ଉଲ୍ଲଂଘନ ନେଇ ସିଲିକନ୍‌କୁ ବିଏମ୍‌ସି ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା। ତେବେ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଶିକ୍ଷାନୁଷ୍ଠାନକୁ ସିଲ୍ କରାଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହି ଶିକ୍ଷାନୁଷ୍ଠାନ ବନ୍ଦ ରହିବ ବୋଲି ବିଏମ୍‌ସିର ନିର୍ଦ୍ଦେଶ ରହିଛି।

## ଜଷ୍ଟିସ୍ ରମନା...

ରାମନାଥ କୋବିନ୍ଦ ଜଷ୍ଟିସ୍ ରମନାଙ୍କୁ ମଙ୍ଗଳବାର ଏହି ପଦରେ ନିଯୁକ୍ତ କରିଛନ୍ତି। ଜଷ୍ଟିସ୍ ବୋବଡେ ଏପ୍ରିଲ ୨୩ରେ ଅବସର ନେବେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଜଷ୍ଟିସ୍ ରମନା ଏପ୍ରିଲ ୨୪ରେ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କରିବେ। ତାଙ୍କ କାର୍ଯ୍ୟକାଳ ୨୬ ଅଗଷ୍ଟ ୨୦୨୨ ପର୍ଯ୍ୟନ୍ତ ରହିବ। ୨୭ ଅଗଷ୍ଟ ୧୯୫୭ରେ ଜଷ୍ଟିସ୍ ରମନା ଆନ୍ଧ୍ରପ୍ରଦେଶର କ୍ରିଷ୍ଣା ଜିଲା ପୋନାଭରମ୍ ଗ୍ରାମରେ ଏକ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ। ୧୯୮୩ରୁ ସେ ଓକିଲାତି ଆରମ୍ଭ କରିଥିଲେ। ୨୭ ଜୁନ୍ ୨୦୦୦ରେ ଆନ୍ଧ୍ରପ୍ରଦେଶ ହାଇକୋର୍ଟର ସ୍ଥାୟୀ ବିଚାରପତି ନିଯୁକ୍ତ ହୋଇଥିଲେ। ୨୦୧୩ ମାର୍ଚ୍ଚ ୧୦ରୁ ୨୦ ମେ' ପର୍ଯ୍ୟନ୍ତ ଜଷ୍ଟିସ୍ ରମନା ଆନ୍ଧ୍ରପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଦାୟିତ୍ୱ ତୁଲାଇଥିଲେ। ୨ ସେପ୍ଟେମ୍ବର ୨୦୧୩ରେ ସେ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ୨୭ ଫେବୃୟାରୀ ୨୦୧୪ରେ ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ସର୍ବୋଚ୍ଚ ଅଦାଲତରେ ସେ ବହୁ ହାଇ-ପ୍ରୋଫାଇଲ ମାମଲାର ବିଚାର କରିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପାଇଁ କେନ୍ଦ୍ର ନେଇଥିବା ନିଷ୍ପତ୍ତିର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାୟର ହୋଇଥିଲା। ଜଷ୍ଟିସ୍ ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଉକ୍ତ ଆବେଦନଗୁଡ଼ିକର ଶୁଣାଣି ୭ ଜଣିଆ ବୃହତ୍ ପୀଠରେ କରାଇବାକୁ ମନା କରିଥିଲେ। ପ୍ରଧାନ ବିଚାରପତିଙ୍କ କାର୍ଯ୍ୟାଳୟ ମଧ୍ୟ ସୂଚନା ଅଧିକାର ଆଇନ ଅଧୀନରେ ଆସୁଥିବା ନେଇ ନଭେମ୍ବର ୨୦୧୯ରେ ଏକ ମାମଲାର ଶୁଣାଣି କରିଥିବା ୫ ଜଣିଆ ଖଣ୍ଡପୀଠରେ ମଧ୍ୟ ସଦସ୍ୟ ରହିଥିଲେ। 'ଜନସ୍ୱାର୍ଥ' ପାଇଁ ତଥ୍ୟ ପ୍ରଘଟ ସମୟରେ ନ୍ୟାୟିକ ସ୍ୱାଧୀନତାକୁ ମଧ୍ୟ ଧ୍ୟାନରେ ରଖିବାକୁ ହେବ ବୋଲି ନଭେମ୍ବର ୨୦୧୯ରେ ଉକ୍ତ ମାମଲାର ରାୟ ପ୍ରକାଶ ପାଇଥିଲା। ଇଣ୍ଟରନେଟରେ ଅଭିବ୍ୟକ୍ତି ସ୍ୱାଧୀନତା ଏବଂ ବ୍ୟବସାୟ ପରିଚାଳନା ସମ୍ବିଧାନ ଅନ୍ତର୍ଗତ କହି ଜଷ୍ଟିସ୍ ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଜମ୍ମୁ-କଶ୍ମୀର ପ୍ରଶାସନକୁ ଇଣ୍ଟରନେଟ୍ ବ୍ୟାନ ନିଷ୍ପତ୍ତିର ପୁନଃସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଉତ୍କଟ ଦାରିଦ୍ର୍ୟ...

ଏସିଆର ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧିକୁ ଏହା ପ୍ରଭାବିତ କରୁଛି। ଏଭଳି ସ୍ଥିତିରେ ଅଭିବୃଦ୍ଧି ଉର୍ଦ୍ଧ୍ୱଗାମୀ ରହିବ ବୋଲି ଏହି ଅନ୍ତର୍ଜାତୀୟ ଏଜେନ୍ସି ଏହାର ରିପୋର୍ଟରେ ପ୍ରକାଶ କରିଛି। ଲକ୍‌ଡାଉନ କଟକଣା କୋହଳ ହେବା ପରେ ଅର୍ଥ ବ୍ୟବସ୍ଥା ଟ୍ରାକ୍‌କୁ ଫେରୁଛି। ଭାରତୀୟ ବଜାର ଯେଉଁ ହାରରେ ସୁଧାର ହେବ ବୋଲି ଆଶା କରାଯାଉଥିଲା ତା'ଠାରୁ ସ୍ଥିତି ଉନ୍ନତ ରହିଛି ବୋଲି ଆଇଏମ୍‌ଏଫ୍ ପକ୍ଷରୁ ପ୍ରକାଶିତ ଦ୍ୱିମାସିକ ୱାର୍ଲ୍ଡ ଇକୋନୋମିକ ଆଉଟଲୁକ ରିପୋର୍ଟରେ କୁହାଯାଇଛି। ଅଭିବୃଦ୍ଧି ଅନୁମାନରେ ଏବେ ମଧ୍ୟ ଅନିଶ୍ଚିତତା ରହିଥିବା ଆଇଏମ୍‌ଏଫ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ କହିଛନ୍ତି। ଟିକାକରଣ ଧାରାରେ ଉନ୍ନତି ହେଲେ ଏହା ଅଭିବୃଦ୍ଧି ଅନୁମାନକୁ ଆହୁରି ଉନ୍ନତ କରିବ। ଗୋପୀନାଥ ପୁଣି କହିଛନ୍ତି, ମହାମାରୀ ପୂର୍ବ ତୁଳନାରେ ବର୍ତ୍ତମାନ ଲୋକଙ୍କ ଜୀବନ ଧାରଣ ମାନରେ ବଡ ତାରତମ୍ୟ ଦେଖାଯାଇଛି। ରିପୋର୍ଟ ଅନୁଯାୟୀ, ଅଭିବୃଦ୍ଧିଶୀଳ ବଜାରଗୁଡିକରେ ୨୦୨୧ରେ ଅଧିକାଂଶ ଲୋକଙ୍କୁ ଟିକା ଉପଲବ୍ଧ ହେବନାହିଁ। ସେହିଭଳି ଉନ୍ନତ ଅର୍ଥ ବ୍ୟବସ୍ଥା ଲାଗି କରୋନା କଟକଣା ଏବଂ ଲକ୍‌ଡାଉନ ଆବଶ୍ୟକ ହୋଇପାରେ।

## ୧୨୧ ବର୍ଷରେ ତୃତୀୟ...

ଉତ୍ତର-ପୂର୍ବାଞ୍ଚଳ ଭାରତର ସବ୍‌ଡିଭିଜନ୍‌ଗୁଡ଼ିକରେ ତାପମାତ୍ରା ସ୍ୱାଭାବିକଠାରୁ ଉପରେ ଥିଲା। ତେବେ ଉପଦ୍ୱୀପ ଅଞ୍ଚଳଗୁଡ଼ିକରେ ତାପମାତ୍ରା ସ୍ୱାଭାବିକଠାରୁ କମ୍ ଥିଲା। ମାର୍ଚ୍ଚ ୨୯ରୁ ୩୧ ମଧ୍ୟରେ ପଶ୍ଚିମ ରାଜସ୍ଥାନ ଏବଂ ୩୦ରୁ ୩୧ ତାରିଖ ମଧ୍ୟରେ ରାଜସ୍ଥାନର ପୂର୍ବ ଭାଗରେ ଅତି ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥିଲା। ସେହିପରି ଓଡ଼ିଶା ଓ ପଡ଼ୋଶୀ ପଶ୍ଚିମବଙ୍ଗର ଗାଙ୍ଗେଟିକ୍, ଉପକୂଳ ଆନ୍ଧ୍ର ପ୍ରଦେଶ, ତାମିଲନାଡୁରେ ୩୧ରେ ତାରିଖରେ ପ୍ରବଳ ଗ୍ରୀଷ୍ମ ଅନୁଭୂତ ହୋଇଥିଲା। ୩୦ରେ ବାରିପଦାରେ ସର୍ବାଧିକ ୪୪.୬ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିଲା। ଅନୁରୂପ ଭାବେ ଗତ ଜାନୁୟାରୀ ଓ ଫେବୃୟାରୀ ମଧ୍ୟ ୧୯୦୧ ପରେ ତୃତୀୟ ଉତ୍ତପ୍ତ ମାସ ରହିଥିଲା। ଜାନୁୟାରୀ, ଫେବୃୟାରୀ ଓ ମାର୍ଚ୍ଚରେ ଲା ନିନା ପ୍ରବାହ କେତେକ ଅଞ୍ଚଳରେ ତାପମାତ୍ରା ବୃଦ୍ଧିର କାରଣ ହୋଇଥିଲା। ଚଳିତ ଏପ୍ରିଲରେ ଉତ୍ତର-ପଶ୍ଚିମ ଏବଂ ହିମାଳୟ ପାଦଦେଶର ଉତ୍ତର ସମେତ ପୂର୍ବ, ପଶ୍ଚିମ ଓ କେନ୍ଦ୍ରୀୟ ଭାରତର ଅଧିକାଂଶ ସବ୍‌ଡିଭିଜନରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ। ଦକ୍ଷିଣ ଉପଦ୍ୱୀପ ଅଞ୍ଚଳ ଓ ଉତ୍ତର-ପୂର୍ବରେ ଏହା ସ୍ୱାଭାବିକଠାରୁ କମ୍ ରହିବ। ମାର୍ଚ୍ଚରେ ୱେଷ୍ଟର୍ନ ଡିଷ୍ଟର୍ବାନ୍ସ (ଡବ୍ଲ୍ୟୁଡି) ଗତିବିଧି ସ୍ୱାଭାବିକଠାରୁ ଉଚ୍ଚରେ ରହିଥିଲା। କାରଣ ପଶ୍ଚିମ ହିମାଳୟ ଅଞ୍ଚଳରେ ମୋଟ ୭ଟି ଡବ୍ଲ୍ୟୁଡି ଦେଖିବାକୁ ମିଳିଥିଲା। ମାର୍ଚ୍ଚ ମାସର ସାପ୍ତାହିକ ବର୍ଷାପାତ ଡାଟାକୁ ଦେଖିଲେ ଗତ ୪ ସପ୍ତାହରେ ଦେଶରେ ସ୍ୱଳ୍ପବର୍ଷା ହୋଇଥିବା ଜଣାଯାଏ।

## ମାର୍ଚ୍ଚ ୩୦ରେ ସବୁଠୁ...

ତାପମାତ୍ରା ୩୮ ଡିଗ୍ରୀ ଥିଲା, ଯାହାକି ପୂର୍ବେ ୩୫ ଡିଗ୍ରୀ ସେଲ୍‌ସିୟସ୍ ରହୁଥିଲା। ବଙ୍ଗୋପସାଗରରେ ବାୟୁ ପ୍ରବାହରେ ପରିବର୍ତ୍ତନ ଯୋଗୁ ଗରମ ପବନ ବହିବା କାରଣରୁ ତାପମାତ୍ରା ବୃଦ୍ଧି ପାଇଥିବା ଆଇଏମ୍‌ଡି ଭୁବନେଶ୍ୱର ନିର୍ଦ୍ଦେଶକ ଏଚ୍.ଆର୍. ବିଶ୍ୱାସ ସୂଚନା ଦେଇଛନ୍ତି।

## ସମ୍ବଲପୁର ବିଶ୍ୱବିଦ୍ୟାଳୟ...

ବିଶ୍ୱବିଦ୍ୟାଳୟ ଅଧୀନ ସମସ୍ତ କଲେଜର ଯୁକ୍ତ ୩ ବର୍ଷର ଥାର୍ଡ ସେମିଷ୍ଟର ପରୀକ୍ଷା ହେବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ନୋଟିସ୍ ହୋଇଛି। ପୂର୍ବରୁ ଅନ୍‌ଲାଇନରେ ପାଠପଢ଼ା ହୋଇଥିଲା। ଏବେ କରୋନା ସଂକ୍ରମଣ ବୃଦ୍ଧି ପାଇଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଜୀବନ ପ୍ରତି ବିପଦ ରହିଛି। ତେଣୁ ଅନ୍‌ଲାଇନ ପରୀକ୍ଷା କରାଯାଉ ବୋଲି ସେମାନେ ଦାବି କରିଥିଲେ। ଏ ନେଇ ସେମାନେ କୁଳପତିଙ୍କୁ ଦାବିପତ୍ର ଦେବାକୁ ଆସିଥିବା ସମୟରେ ପୋଲିସ ଲାଠିଚାର୍ଜ କରିଥିଲା। କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ କହିଛନ୍ତି ଯେ ଅଫିସ ସମୟରେ ଅଚାନକ କେତେଜଣ ଯୁବକ ମୁଖ୍ୟ ଗେଟ୍ ସାମ୍ନାକୁ ଆସି ହୋହଲ୍ଲା କରିଥିଲେ। ତାଙ୍କୁ ସୁରକ୍ଷା କର୍ମୀ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ଭିତରକୁ ପଶିଆସିଥିଲେ। ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କୁ ଧକ୍କା ମାରିବା ସହ ଭଙ୍ଗାରୁଜା ଆରମ୍ଭ କରିଥିଲେ। ଝରକା, ଏସି, ଟେବୁଲ, ଚେୟାର ଓ ଅନ୍ୟାନ୍ୟ ସାମଗ୍ରୀ ଭଙ୍ଗାରୁଜା ହୋଇଛି। ଏ ନେଇ ପୋଲିସ ପାଖରେ ଅଭିଯୋଗ କରାଯାଇଛି। ସେମାନେ ବିଶ୍ୱବିଦ୍ୟାଳୟ ଛାତ୍ର କିମ୍ବା ଅଣଛାତ୍ର ତାହା ଜଣାପଡିନାହିଁ। ତଦନ୍ତ ପରେ ଏହା ସ୍ପଷ୍ଟ ହେବ। ସେହିପରି ଅତିରିକ୍ତ ଏସ୍‌ପି ଅମରେଶ ପଣ୍ଡା କହିଛନ୍ତି ଯେ ଘଟଣା ସମ୍ବେଦନଶୀଳ ହୋଇଥିବାରୁ ୪ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି। ବୁର୍ଲା ଥାନାରେ ଏକ ମାମଲା ରୁଜୁ କରାଯାଇ ୪ ଛାତ୍ରଙ୍କୁ ଅଟକ ରଖାଯାଇଛି। ବିଶ୍ୱବିଦ୍ୟାଳୟ ସିସିଟିଭି ଫୁଟେଜ ଜବତ ସହ କୁଳପତି, ଅନ୍ୟ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ବୟାନ ରେକର୍ଡ କରାଯାଇଛି। ଏହାସହ ବରଗଡ ଜିଲାରୁ ଛାତ୍ରୀଛାତ୍ର ଭଡ଼ାରେ ନେଇ ଆସିଥିବା ବସ୍ (ଓଡି୧୫ଏମ୍-୨୬୪୨)କୁ ଜବତ କରାଯାଇଛି। ଅନ୍ୟପଟେ ଏହି ଘଟଣାକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ (ସୁଟା) ନିନ୍ଦା କରିଛି। 'ସୁଟା'ର ସଭାପତି ପ୍ରଫେସର ଏସ୍.ଏନ୍. ନାୟକ ପ୍ରେସ ବିବୃତିରେ ଜଣାଇଛନ୍ତି, ପରୀକ୍ଷା କରାଯାଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଫଳାଫଳ ପ୍ରକାଶ କରିବା ପାଇଁ ଯୋଜନା କରାଯାଉଛି। ଛାତ୍ରୀଛାତ୍ର ବିରୋଧ କରି ଏଭଳି କାଣ୍ଡ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦ୍ୱିଜା ନକ୍ଷତ୍ରର ମନଟା ବିଭିନ୍ନ କଥାକୁ ନେଇ ଭଲ ନ ଲାଗିବାରୁ କୌଣସି କାମ ପ୍ରତି ଉତ୍ସାହ ରହିବ ନାହିଁ। ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ। କର୍ମକ୍ଷେତ୍ରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ଈର୍ଷାପରାୟଣ ବ୍ୟକ୍ତିମାନେ କଟୁ ମନ୍ତବ୍ୟ ଦେବେ ସତ, କିନ୍ତୁ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ବୃଷ**
ଆଜି ଘରର କେତେକ ଅକୁହା କଥା ବିଷୟରେ ଚିନ୍ତା କରି ମାନସିକ ସ୍ଥିତି ଭଲ ରହି ନ ପାରେ। କୃତ୍ତିକା ନକ୍ଷତ୍ରର ବହୁ ବିଳମ୍ବରେ ହେଲେ ମଧ୍ୟ କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବ। ଶିଳ୍ପ, ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସଭାସମିତି, ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିପ୍ରୁ ପ୍ରଶଂସିତ ହେବେ।

**ମିଥୁନ**
ଆର୍ଥିକ ଅନଟନ ଆଜିର ମୁଖ୍ୟ ସମସ୍ୟା ହେବା କାରଣରୁ ବିଶେଷ ଚିନ୍ତିତ ହୋଇପାରନ୍ତି। କିନ୍ତୁ ପୁନର୍ବସୁ ନକ୍ଷତ୍ର କେତେକ କ୍ଷେତ୍ରରେ ଅନ୍ୟମାନଙ୍କର ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ଏକପ୍ରକା ଭଲ ରହିବ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

**କର୍କଟ**
କାର୍ଯ୍ୟବ୍ୟସ୍ତତାରେ ରହି ଖାଇବା ପିଇବାରେ ଅବହେଳା କରି ସ୍ୱାସ୍ଥ୍ୟ ପାଇଁ ନିଜେ ହିଁ ବାଧକ ସାଜିବେ। ପୁଷ୍ୟା ନକ୍ଷତ୍ର ପରକଥାକୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। କଚେରି ମାମଲା, ଘରୋଇ କଳହ କ୍ଷେତ୍ରରେ ଟେନସନ୍ ଦୂର ହେବ। ଆଜିର ଯାତ୍ରା, ଆଲୋଚନା କ୍ଷେତ୍ରରେ ମହିଳାମାନେ ସୁଫଳ ପାଇବେ।

**ସିଂହ**
ଆଜି ଆକସ୍ମିକ ଭାବରେ କୌଣସି ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡିପାରେ। ପୂର୍ବାଫାଲଗୁନୀ ନକ୍ଷତ୍ର ଆବଶ୍ୟକତା ପୂରଣ ଦିଗରେ ବହୁତ ଖର୍ଚ୍ଚାନ୍ତ ହେବେ। ସମସ୍ୟା ଭିତରେ ଚଳିଲେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ମାନସିକ ସୁସ୍ଥତା ବ୍ୟାହତ ହେବ।

**କନ୍ୟା**
ବିଶେଷ ସୂତ୍ରରୁ ଅର୍ଥଲାଭ କାରଣରୁ ଅଟକି ରହିଥିବା ଆପଣଙ୍କ କାମ ସୁବିଧାରେ ହୋଇଯିବ। ଚିତ୍ରା ନକ୍ଷତ୍ର ସକାଶେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନରେ ମନରେ ବିରକ୍ତିଭାବ ସୃଷ୍ଟି ହେବ।

**ତୁଳା**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଲେ ମଧ୍ୟ କର୍ମକ୍ଷେତ୍ରରେ ଟେନ୍ସନ ଲାଗିରହିବ। ସ୍ୱାତୀ ନକ୍ଷତ୍ର ପାଇଁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡିବେ। ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହୋଇପାରେ। କଳା, ସାହିତ୍ୟ, ରାଜନୀତି, ସାମ୍ବାଦିକତା ଆଇନ ଓ ଅଦାଲତ ତଥା ଲେଖାପଢାରୁ ଶୁଭଫଳ ପାଇବେ।

**ବିଛା**
ଅନୁରାଧା ନକ୍ଷତ୍ର ସାଧାରଣ କଥାରେ ବିରକ୍ତ ହୋଇ ନିଜ ପାଇଁ ଅନିଷ୍ଟକୁ ବରଣ କରିବେ। କୌଣସି ଆନୁଷ୍ଠାନିକ କାମରେ ବନ୍ଧୁଙ୍କୁ ସାହାଯ୍ୟ କରି ପରକ୍ଷଣରେ ନିନ୍ଦିତ ହୋଇପାରନ୍ତି। ସଂଗଠନ, ରାଜନୀତି, ଅଧ୍ୟୟନ ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ।

**ଧନୁ**
ପାରିବାରିକ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମକୁ ଅବହେଳା କରି ପାରିବେ ନାହିଁ। ଉତ୍ତରାଷାଢା ନକ୍ଷତ୍ରର ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ତାହାଙ୍କ ସଙ୍ଗରେ ଯିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ଗଠନମୂଳକ ପ୍ରସ୍ତାବ ନେଇ ପ୍ରଶଂସିତ ହେବେ। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**ମକର**
ଶ୍ରବଣା ନକ୍ଷତ୍ରର ମାନସିକ ସ୍ଥିରତା କେତେକାଂଶରେ ଅକ୍ଷୁଣ୍ଣ ରହିବ। କୌଣସି ବ୍ୟକ୍ତି ନିକଟରେ ବହୁତ ଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ଅପରାହ୍ନରେ ପାଇବେ। ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**କୁମ୍ଭ**
ପାରସ୍ପରିକ ସହମତି ମଧ୍ୟରେ ପରିବାରରେ ସୁଖ ଶାନ୍ତି ଫେରି ଆସିବ। ଭଲ ସମ୍ପର୍କ ରଖୁ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଦୂରେଇ ରହିବା ଭଲ । ଅଯଥା ବିରକ୍ତି ପ୍ରକାଶ ନ କରି ପିଲାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରନ୍ତୁ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ ; ଯାହା କି ମୁଣ୍ଡବ୍ୟଥାର କାରଣ ହୋଇପାରେ।

**ମୀନ**
ଈର୍ଷାପରାୟଣ ପୂର୍ବକ ପଡୋଶୀଙ୍କ କଟୁକ୍ତି ମନରେ ଗଭୀର ରେଖାପାତ କରିପାରେ। ନିକଟ ଅତୀତରେ ବହୁତ ଟଙ୍କା ଖର୍ଚ୍ଚ କରିଥିବା କାରଣରୁ ଆଜି ହଠାତ୍ ଆବଶ୍ୟକତା ପୂରଣ କରିବାକୁ ଧାର କରିବାକୁ ପଡିବ। କର୍ମକ୍ଷେତ୍ରର କୌଣସି ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତ ହେବେ। ଜମିଜମା ବିବାଦ ଜଟିଳ ହେବ ଓ ସଫଳତା ହାସଲ କରିବେ।

ଆଜି ଚୈତ୍ର କୃଷ୍ଣପକ୍ଷର ପାପମୋଚନୀ ଏକାଦଶୀ ବୁଧବାର, ଏପ୍ରିଲ ୭ ତାରିଖ, ବିଶ୍ୱ ସ୍ୱାସ୍ଥ୍ୟ ଦିବସ। ରାଶି ନକ୍ଷତ୍ର–ଧନିଷ୍ଠା/ମକର, ସିଂହ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ଏକାଦଶୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୮ମି. ଗତେ ଘ.୦୭.୧୭ମି. ମଧ୍ୟେ, ଘ.୧୦.୧୬ମି. ଗତେ ଘ.୧୧.୨୪ମି. ମଧ୍ୟେ, ଘ.୦୩.୩୦ମି. ଗତେ ଘ.୦୫.୦୯ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୧.୫୨ମି. ଗତେ ଘ.୦୩.୩୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧.୨୮ମି. ଗତେ ଘ.୦୧.୨୧ମି. ମଧ୍ୟେ ରାହୁକାଳ।

**classifieds Everyday 0674-2580101, 2549302**




**BRIDE WANTED**

Suitable brahmin bride required. Contact: 7978409094. D-63999

**GROOM WANTED**

+2 qualified Government College Clerk କରଣ unmarried 50ବୟସ୍କା ଝିଅଙ୍କୁ any caste ଘରଜ୍ୱାଇଁ ଦରକାର। 7749076723. D-67978

Groom wanted: Divorcee Khandayat bride 41, clerk 45 (Caste-no-bar)-7873374269. D-70915

Beautiful Khandayat girl 1990, 5'4", B.Tech serving Bhubaneswar "SUNASANSAR". 9937512659, 8249969649 (Govt. service preferable). D-20416

Government job/ Business କରୁଥିବା ବ୍ରାହ୍ମଣ ବରପାତ୍ର ଆବଶ୍ୟକ। Contact: 7653915602. D-70829




**SALE**

Scorpio, Ertiga Vdi, Waganr Vxi, Polo Diesel, Maruti Eco, Hyundai i10, Dzire Vdi, Hondacity Diesel, 9937557575, 9337116330. D-20425




**SALE**

ଭୁବନେଶ୍ୱର **Hot location** ପାହାଳ **NH** ଜଗନ୍ନାଥମନ୍ଦିର ପାଖରେ **yellow zone plot sqft. 1850/-**, ବାଲିଅନ୍ତାରେ ଘରବାରି **boundary sqft. 1200/-, 7978230118, 8249477254.** D-70826

1900sqft. residential yellowzone plot for sale at Sreevihar, Damana Bhubaneswar. Price: 57.5lakhs, Contact: 8260595320. D-70578

ଭୁବନେଶ୍ୱର ଗଙ୍ଗପଡ଼ା **NH-16**ରୁ **400mtr** ଦୂରତାରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି। **7978676652.** D-70819

Demarcated residential Plot at Sundargram (Dadhi College Front), Balianta, Rangabazar, Madanpur (GEC Front), Ranasinghpur (AIIMS), Malipada, Janala. Contact: 7978209813, 9777955594. D-70822

**Ready to move house/plot on Bhubaneswar Patia, Raghunathpur, Kalarahanga, Dhauli, Phulnakhara, Mancheswar, Hanspal, Puri canal road, Ranga Bazar, Patrapada. Contact: 8249363553.** D-70821

2000sqft. residential plot for sale at Gajapati Nagar, Bhubaneswar. Price: 79lakhs. Contact: 7504392698. D-70579

ସୁନ୍ଦରପଦା **Hi-tech Apartment Opposite** ରେ **Boundary** ଥାଇ **Gharabari Plot** କିଣନ୍ତୁ। **7008492511.** D-69390

Ready to move flats sales 2BHK / 3BHK. Patia Big Bazar Near Kalarahanga. Bhubaneswar. Price 30 - 53 lakh. Approved- BDA/ RERA. 7008346486. D-70580

**GENERAL**

**SALE**

A.C SALE: Three 1.5ton carrier window A.C. personally used excellent running. Sale @13000/- each no bargening. 9777238267. D-20431




Refreshing your mind, your body with the best therapy at Lotus Spa. 9801811949. D-70445

Get good massage for your health the best therapy. 7749997224. D-70444

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

New opening Saikrupa Panchakarma and Spa jointpain, fullbody massage, 8984068077. D-65914

Swarna SPA newly open positively health benefits with expert therapist. 9556978408. D-70576

Zen SPA positively health benefits with experts therapeutic genuinely massage. 7205084157. D-70577

Monalisa massage club : All types body massage with hiprofile smart lady rooms service available 9708545108. D-20437

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ସଂକ୍ଷେପରେ

### ଦମ୍ପତିଙ୍କୁ ପଥରରେ ଛେଚି ହତ୍ୟା: ସମ୍ପର୍କୀୟ ପୁତୁରା ଅଟକ

ଫୁଲବାଣୀ ଅଫିସ, ୬।୪: କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ସାଡିଙ୍ଗିଆ ପଞ୍ଚାୟତ କିଆମୁଣ୍ଡା ଡାଙ୍ଗାଣିପଦର ଗାଁରେ ସୋମବାର ବିଳମ୍ବିତ ରାତିରେ ଏକ ଦମ୍ପତିଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ମୃତକ ହେଲେ ଚକ୍ରଧର କହଁର ଏବଂ ତାଙ୍କ ସ୍ତ୍ରୀ ସନକି। ସାମାନ୍ୟ ବଚସାକୁ କେନ୍ଦ୍ରକରି ଗ୍ରାମର ସମ୍ପର୍କୀୟ ପୁତୁରା ନକୁଳ କହଁର ଏଭଳି କାଣ୍ଡ ଭିଆଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ସୋମବାର ବିଳମ୍ବିତ ରାତିରେ କୌଣସି କାରଣକୁ ନେଇ ଦାଦା ଚକ୍ରଧର, ଖୁଡ଼ି ସନକିଙ୍କ ସହ ନକୁଳଙ୍କ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ନକୁଳ ଏକ ପଥରରେ ଉଭୟଙ୍କୁ ଛେଚି ହତ୍ୟା କରି ଫେରାର ହୋଇଯାଇଥିଲେ। ସୂଚନା ପାଇ ଫିରିଙ୍ଗିଆ ଥାନାଧିକାରୀ ପି. ଶ୍ୟାମସୁନ୍ଦର ରାଓ ସଦଳବଳ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଫୁଲବାଣୀ ପଠାଇଥିଲେ। ଏ ନେଇ ନଂ.୪୩/୨୧ରେ ମାମଲା ରୁଜୁ ହୋଇଛି। ନକୁଳଙ୍କୁ ପୋଲିସ କାବୁ କରିଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ପଚରାଉଚୁରା ପରେ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡିବ ବୋଲି ଥାନାଧିକାରୀ ରାଓ ସୂଚନା ଦେଇଛନ୍ତି।

### ଟ୍ରେନ୍‌ରୁ ଖସି ରେଳ କର୍ମଚାରୀଙ୍କ ମୃତ୍ୟୁ

ରାୟଗଡ଼ା ଅଫିସ, ୬।୪: ଚଳନ୍ତା ଟ୍ରେନ୍‌ରୁ ଖସିପଡ଼ି ଜଣେ ରେଳ କର୍ମଚାରୀଙ୍କ ମୃତ୍ୟୁ ହୋଇଯାଇଛି।ରାୟଗଡ଼ା ଷ୍ଟେଶନର ୧ନଂ. ପ୍ଲାଟ୍‌ଫର୍ମରେ ଏହି ଦୁର୍ଘଟଣା ଘଟିଛି। ମୃତକ ହେଲେ ବି.ସୁବାରାଓ। ସେ ପୂର୍ବତଟ ରେଲୱେ ବିଶାଖାପାଟଣା ଡିଭିଜନର ବିଦ୍ୟୁତୀକରଣ ବିଭାଗରେ ଲାଇନମ୍ୟାନ୍ ଭାବେ କାର୍ଯ୍ୟରତ ଥିଲେ। ସୂଚନା ଅନୁଯାୟୀ, ସେ ମଙ୍ଗଳବାର ସକାଳେ ଡ୍ୟୁଟିରେ ରାୟଗଡ଼ା ଆସିଥିଲେ। ନିଜାମୁଦ୍ଦିନରୁ ବିଶାଖାପାଟଣା ଯାଉଥିବା ସମତା ଟ୍ରେନ୍‌ରେ ସେ ଫେରୁଥିଲେ। ଟ୍ରେନ୍ ଷ୍ଟେଶନ ଛାଡ଼ିବା ସମୟରେ ଅସାବଧାନତା ଯୋଗୁ ସେ ଖସି ପଡିଥିଲେ। ଏଥିରେ ତାଙ୍କ ଗୋଡ଼ ହାତ କଟିଯାଇଥିଲା। ରାୟଗଡ଼ା ରେଲୱେ ପୋଲିସ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।



କଟକ ୪୨ ମୌଜା ଶ୍ରୀରାମ ଗ୍ରାମର ଏକ କାରଖାନାରୁ ଜବତ ହୋଇଥିବା ଅପମିଶ୍ରିତ ଘିଅ ଓ ଜଡାତେଲକୁ ମଙ୍ଗଳବାର ଜେସିବି ସହାୟତାରେ ପୋତା ଯାଉଛି।

# ପୋତାଗଲା ଅପମିଶ୍ରିତ ସାମଗ୍ରୀ

- ନଷ୍ଟ କରାଗଲା ସସ୍, ଘିଅ, ହଳଦୀ ଓ ଲଙ୍କାଗୁଣ୍ଡ
- ନମୁନା ପରୀକ୍ଷାରୁ ଖାଦ୍ୟ ଅନୁପଯୋଗୀ ଜଣାପଡ଼ିଥିଲା

କଟକ ସଦର,୬।୪(ଡି.ଏନ.ଏ.)

କଟକ ଜିଲା ୪୨ ମୌଜା ଫାଣ୍ଡି ଅଧୀନ ଶ୍ରୀରାମ ଗ୍ରାମର ଏକ କାରଖାନାରୁ ଜବତ ହୋଇଥିବା ଅପମିଶ୍ରିତ ଘିଅ ଓ ଜଡାତେଲକୁ ମଙ୍ଗଳବାର ପୋଲିସ ପୋତିଦେଇଛି। ଏସିପି ସତ୍ୟରଞ୍ଜନ ମଲ୍ଲିକ, କଟକ ସଦର ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନା, ଫାଣ୍ଡି ଅଧିକାରୀ କୃପାସିନ୍ଧୁ ବରାଡ଼ ଓ ଫୁଡ୍ ଇନ୍ସପେକ୍ଟର ରାକେଶ ସାହୁଙ୍କ ଉପସ୍ଥିତିରେ ଜବତ ସାମଗ୍ରୀକୁ ନଷ୍ଟ କରାଯାଇଥିଲା। ନଷ୍ଟ ସାମଗ୍ରୀର ମୂଲ୍ୟ ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଫାଣ୍ଡି ଅଧିକାରୀ ବରାଡ଼ କହିଛନ୍ତି। ଗତ ନଭେମ୍ବର ୨୯ରେ ଉକ୍ତ କାରଖାନା ଉପରେ ପୋଲିସ ଚଢାଉ କରି ବିପୁଳ ପରିମାଣର ଘିଅ ଓ ଜଡାତେଲ ଜବତ କରିଥିଲା। ଏହି ଘଟଣାରେ ଜଣେ କର୍ମଚାରୀଙ୍କୁ ଗିରଫ କରିଥିଲା। ଜବତ ସାମଗ୍ରୀର ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ପରେ ଏହା ଖାଦ୍ୟ ଅନୁପଯୋଗୀ ଜଣାପଡିଥିଲା। କଟକ ଏସ୍‌ଡିଜେଏମ୍ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ସାମଗ୍ରୀକୁ ପୋତି ଦିଆଯାଇଛି।

# ରାତି ଅଧରେ ଘରେ ପଶିଗଲା ହାତୀ

- ଭୟ ଆତଙ୍କର ୩୦ ମିନିଟ୍
- ଭାଙ୍ଗିଲା ଆସବାବପତ୍ର
- ଚାଉଳ ବସ୍ତା ଧରି ପଳାଇଲା
- ବୁଦ୍ଧି ଖଟାଇ ବର୍ତ୍ତିଲେ ୫ ସଦସ୍ୟ

ପରଜଙ୍ଗ, ୬।୪(ଡି.ଏନ.ଏ.)

ଗୋଟିଏ କୋଠରିରେ ହାତୀ। ଆଉ ଗୋଟିଏ ପ୍ରକୋଷ୍ଠରେ ୫ ପ୍ରାଣୀ। ଘର ଭିତରେ ୩୦ ମିନିଟ୍ ଧରି ହିଂସ୍ରହାତୀର ତାଣ୍ଡବ। ଭୟ ଆତଙ୍କର ପରିବେଶ। ତେବେ ଉପସ୍ଥିତ ବୁଦ୍ଧି ଖଟାଇ ହାତୀ କବଳରୁ ବର୍ତ୍ତିଯାଇଛନ୍ତି ପରିବାର ସଦସ୍ୟ। ସୋମବାର ବିଳମ୍ବିତ ରାତିରେ ଏଭଳି ଏକ ଛାତିଥରା ଘଟଣା ଘଟିଛି ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ବଡ଼କମର ଗ୍ରାମରେ, ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ହାତୀ ମୁହଁରୁ ବର୍ତ୍ତିଯାଇଥିବା ବଡ଼କମର ଗ୍ରାମର ପ୍ରଦୀପ କୁମାର ଆଇଚ୍‌ଙ୍କ କହିବା କଥା, ସବୁଦିନ ପରି ସୋମବାର ରାତିରେ ପରିବାର ସଦସ୍ୟ ଭିନ୍ନ ଭିନ୍ନ ପ୍ରକୋଷ୍ଠରେ ଶୋଇଥିଲେ। ବିଳମ୍ବିତ ରାତିରେ ଏକ ମାଈ ହାତୀ ମୁଖ୍ୟ କବାଟ ଭାଙ୍ଗି ଭିତରକୁ ପଶିଥିଲା। ଏ ସମ୍ପର୍କରେ ଜାଣି ପାରି ଅନ୍ୟ ପ୍ରକୋଷ୍ଠରେ ଶୋଇଥିବା ପରିବାର ସଦସ୍ୟ ପ୍ରାଣ ବିକଳରେ ଗୋଟିଏ କୋଠରିକୁ ଆସି ଭିତରପଟୁ କବାଟ କିଳି ଦେଇଥିଲେ। ପ୍ରାୟ ଅଧଘଣ୍ଟା ଧରି ହିଂସ୍ର ହାତୀଟି ଘରର ଆସବାବପତ୍ର ଭଙ୍ଗାରୁଜା କରିଥିଲା। ଏଥିରେ ଡାଇନିଂ ହଲ୍‌ରେ ଥିବା ମୂଲ୍ୟବାନ ଆସବାବପତ୍ର ସମେତ ଅନେକ ଜରୁରୀ ସାମଗ୍ରୀ ନଷ୍ଟ ହୋଇଯାଇଛି। ହାତୀ ଏକ ଚାଉଳ ବସ୍ତା ଶୁଣ୍ଢରେ ବୋହିନେଇ ଜଙ୍ଗଲ ଆଡ଼କୁ ପଳାଇଥିଲା। ହାତୀ ଯିବା ପରେ ଭୟଭୀତ ପରିବାର ଲୋକେ ପଦାକୁ ଆସି ବନ ବିଭାଗକୁ ସୂଚନା ଦେଇଥିଲେ। ତେବେ ମଙ୍ଗଳବାର ରାତି ୭ଟା ସୁଦ୍ଧା କୌଣସି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ପ୍ରଦୀପ କହିଛନ୍ତି। ଅଭିଯୋଗ ସମ୍ପର୍କରେ ଡିହଡୋଳ ଫରେଷ୍ଟର ସୁରେନ୍ଦ୍ର କୁମାର ନାୟକ କୁହନ୍ତି, ସେ ଏକ ଜରୁରୀ କାର୍ଯ୍ୟରେ ଯୋଗଦେବାକୁ ବାହାରକୁ ଆସିଛନ୍ତି। ତୁରନ୍ତ ଘଟଣାର ତଦନ୍ତ କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ହାତୀ ଆସବାବପତ୍ର ନଷ୍ଟ କରିଦେଇଛି।

# କ୍ଷୁଦ୍ର ଚଳଚ୍ଚିତ୍ର 'ଅଭିନନ୍ଦନ'କୁ ପ୍ରଥମ ସ୍ଥାନ

**ମନୋଜ ପଟ୍ଟନାୟକ ଶ୍ରେଷ୍ଠ ନିର୍ଦ୍ଦେଶକ**

ନବରଙ୍ଗପୁର,୬।୪(ବି.ପ୍ର.)

ଜୟପୁରଠାରେ ଅନୁଷ୍ଠିତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୨୬ଟି କ୍ଷୁଦ୍ର ଚଳଚ୍ଚିତ୍ର ମଧ୍ୟରୁ ନବରଙ୍ଗପୁର ତ୍ରିଶକ୍ତି ସିନେ କମ୍ବାଇନ୍ସ ଦ୍ୱାରା ନିର୍ମିତ ଏବଂ ମନୋଜ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ଅଭିନନ୍ଦନ'କୁ ମିଳିଛି ପ୍ରଥମ ସ୍ଥାନ। ଏଥିରେ ରାଜ୍ୟ ସଭା ସଦସ୍ୟ ତଥା ଅଭିନେତା ମୁନା ଖାନ୍‌ଙ୍କ ସହ ସଞ୍ଜୀବ ସିଂ, କାଳିକିଙ୍କର ପଟ୍ଟନାୟକ, ବିଷ୍ଣୁ ବିଷୋୟୀ, ଟିଙ୍କୁ ଜୈନ,ଲକ୍ଷ୍ମୀ ସିଂ, ଟଙ୍କ ଜାନି, ନିର୍ମଳ ସାହୁ ପ୍ରମୁଖ ଅଭିନୟ କରିଛନ୍ତି। ପୁରସ୍କାର ବାବଦରେ ୨୫ହଜାର ଟଙ୍କା ସିଲ୍ଡ ଓ ମାନପତ୍ର ମିଳିଛି। ତ୍ରିଶକ୍ତିର ସଂଯୋଜିକା ଡ. ସଂଯୁକ୍ତା ପଣ୍ଡା ଏବଂ ପ୍ରଯୋଜନା ସଞ୍ଚାଳକ ରୂପେ ତୁଷାରକାନ୍ତି ଖୋସ୍‌ଲା ସହଯୋଗ କରିଛନ୍ତି। କୁମାର ସମର ଗୀତ ଗାଇଛନ୍ତି। ଏହି ଚଳଚ୍ଚିତ୍ରକୁ ବିଭିନ୍ନ ବିଭାଗରେ ୮ଟି ପୁରସ୍କାର ମିଳିଛି। ସେଥିମଧ୍ୟରେ ଶ୍ରେଷ୍ଠ ନିର୍ଦ୍ଦେଶକ ଏବଂ ଶ୍ରେଷ୍ଠ କାହାଣୀକାର ରୂପେ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ ପୁରସ୍କୃତ ହୋଇଛନ୍ତି। ଏହି ଅବସରରେ ପଟ୍ଟନାୟକ ଜୟପୁର କଳା ଓ କଳାକାର ଗ୍ରୁପ୍ ଏବଂ ବିଚାରକ ଦାୟିତ୍ୱ ତୁଲାଇଥିବା ବରିଷ୍ଠ ନିର୍ଦ୍ଦେଶକ ଗୋପାଳ ସାମନ୍ତରାୟ, ବାମଦେବ ମହାପାତ୍ର ଏବଂ ସନ୍ତୋଷ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଖବର ଜଣାପଡିବା ପରେ ନବରଙ୍ଗପୁର ଜିଲାରେ କଳାକାରଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।



ନବରଙ୍ଗପୁର ତ୍ରିଶକ୍ତି ସିନେ କମ୍ବାଇନ୍ସ ଟିମ୍‌କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

DUBAI
'MOTOROL' Lubricants
require Rural based Employees in 314 Blocks of Odisha, Salary 8000/- plus Incentive, Send your CV in Whatsapp No.-
9938962413

JOBS IN AIRPORT
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper Supervisors, Checkers, Loaders, Drivers, Guards & Helpers
Quali : ୨।୦ ପଢ଼ିନଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
9910516680, 9984845594

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ୍ ଏବଂ ପଞ୍ଚାୟତ ରେ ରହି କାମକରିବା ପାଇଁ 10th/+2, ITI Diploma Candidate ଆବଶ୍ୟକ।
ଦରମା - 7,000/- ରୁ 42,000/-
7894509327

WANTED
ସିଙ୍ଗାପୁରରେ ରକ୍ଷଣା ବେକ୍ଷଣା, ନିର୍ମାଣ କାର୍ଯ୍ୟ, ୧ବର୍ଷର ପ୍ରକଳ୍ପ, ୪୫ ଦିନମଧ୍ୟରେ ତୁରନ୍ତ ଯିବା, ପାସପୋର୍ଟ ଧାରକ, ସମସ୍ତ ପ୍ରକାରର କର୍ମଚାରୀ, (ଫ୍ରେଶର ମଧ୍ୟ) ତୁରନ୍ତ ଆବେଦନ କରିପାରିବେ।
କମଲ ପ୍ଲେସ୍‌ମେଣ୍ଟ, ସୁରତ, ଗୁଜୁରାଟ
CONTACT : 9157312448

# କୂଅରେ ପୋତି ହୋଇଗଲେ ଶ୍ରମିକ

- ମାଟି ଖୋଳିବା ବେଳେ ଧସିଲା ଅତଡ଼ା
- ୩ ଘଣ୍ଟା ପରେ ବାହାରିଲା ମୃତଦେହ

କାମାକ୍ଷାନଗର, ୬।୪(ଡି.ଏନ.ଏ.)

ଖୋଳାଯାଉଥିଲା କୂଅ। ମାଟି ବାହାର କରିବାକୁ ଭିତରକୁ ପଶିଥିବାବେଳେ ହଠାତ୍ ଖସିପଡ଼ିଲା ଅତଡ଼ା। ଏଥିରେ ପୋତି ହୋଇ ରହିଗଲେ ଶ୍ରମିକ। ଜେସିବି ସହାୟତାରେ ମାଟି ଖୋଳି ଦୀର୍ଘ ୩ଘଣ୍ଟା ପରେ ତାଙ୍କୁ ଉଦ୍ଧାର କରାଗଲା। ହେଲେ ସେତେବେଳକୁ ଶ୍ରମିକ ଜଣକ ଆଉ ଜୀବିତ ଅବସ୍ଥାରେ ନ ଥିଲେ। ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସିରେ ମଙ୍ଗଳବାର ଘଟିଥିବା ଏଭଳି ଏକ ହୃଦୟ ବିଦାରକ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, କାମାକ୍ଷାନଗର ଏନ୍‌ଏସି ବସ୍‌ଷ୍ଟାଣ୍ଡ ପଛପାଖରେ ମଙ୍ଗଳବାର ସକାଳେ ଏକ ଘରୋଇ କୂଅ ଖୋଳା କାର୍ଯ୍ୟ ଚାଲିଥିଲା। ଏହି କାର୍ଯ୍ୟରେ କାମାକ୍ଷାନଗର କଲେଜ ନିକଟ ଦିଗୋଡିଆ ସାହିର ଧୂଳିଆ ମଲ୍ଲିକଙ୍କ ସମେତ ୫ ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ସୁରେଶ ସୁବୁଦ୍ଧିଙ୍କ ନେତୃତ୍ୱରେ କାମ ଆଗେଇ ଚାଲିଥିଲା। ଦେବରାଜ ମଲ୍ଲିକ, ଅଜୟ ମଲ୍ଲିକ, ରୋହିତ ମଲ୍ଲିକ କୂଅ ଉପରେ ଥିବାବେଳେ ଧୂଳିଆ କୂଅ ଭିତରକୁ ଯାଇ ମାଟି ଉଠାଉଥିଲେ। ଏହି ସମୟରେ ହଠାତ୍ ଏକ ବଡ଼ ଅତଡ଼ା ଖସିଥିଲା ଏବଂ ଧୂଳିଆ କୂଅରେ ପୋତିହୋଇ ରହିଯାଇଥିଲେ। ସୂଚନା ପାଇ କାମାକ୍ଷାନଗର ଅଗ୍ନିଶମ ବିଭାଗ ଅଧିକାରୀ ସରୋଜ କୁମାର ମହାପାତ୍ର ସଦଳବଳ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ୩ ବଡ଼ ମେଶିନ ଦୀର୍ଘ ୩ ଘଣ୍ଟା ଧରି ମାଟି ଖୋଳିବା ପରେ ଧୂଳିଆଙ୍କ ମୃତଦେହ ବାହାରକୁ ଆସିଥିଲା। କାମାକ୍ଷାନଗର ଉପଜିଲାପାଳ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ତହସିଲଦାର ସଞ୍ଜୟ ରାଉତ, ଥାନାଧିକାରୀ ଅଭିନବ ଡାଲୁଆ ପ୍ରମୁଖ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ରେଡ୍‌କ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୩୦୦୦ ଟଙ୍କା ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୧) ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ମୃତ ଧୂଳିଆଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଯାଇଥିଲା। ଏକମାତ୍ର ଝିଅଙ୍କ ବିବାହ ହୋଇସାରିଛି। ଧୂଳିଆ ଝିଅଙ୍କ ପାଖରେ ରହୁଥିଲେ।



ଜେସିବି ସହାୟତାରେ ଉଦ୍ଧାର କାର୍ଯ୍ୟ ଚାଲିଛି।

# ୨୨ ଓଏଏସ୍ ଅଧିକାରୀଙ୍କ ବଦଳି

ଯାଜପୁର ଅଫିସ,୬।୪

ଓଡ଼ିଶା ପ୍ରଶାସନିକ ସେବା(ଓଏଏସ-ଏ)(ଜେବି) ପାହ୍ୟାର ୨୨ ଅଧିକାରୀଙ୍କ ବଦଳି ନିର୍ଦ୍ଦେଶ ହୋଇଛି। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ସଚିବ ମନୋଜ କୁମାର ମହାନ୍ତି ତାଙ୍କ ଅଧିସୂଚନା ସଂଖ୍ୟା ୧୧୫୦୫/୫।୪।୨୦୨୧ରେ ଉପରୋକ୍ତ ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିରେ ନୂଆଗାଁ ପୂର୍ବତନ ବିଡିଓ ପ୍ରମୋଦ କୁମାର ଦଳବେହେରାଙ୍କୁ ଢେଙ୍କାନାଳ ଡେପୁଟି କଲେକ୍ଟର, ଖୋର୍ଦ୍ଧା ସହକାରୀ ଜିଲାପାଳ ଅଶ୍ୱିନୀ କୁମାର ନାୟକଙ୍କୁ କମ୍ପିଟେଣ୍ଟ ଅଥରିଟି ଗେଲ୍ ଇଣ୍ଡିଆ ଭୁବନେଶ୍ୱର, ଡେଲାଙ୍ଗର ପୂର୍ବତନ ତହସିଲଦାର ରାଜେନ୍ଦ୍ର କୁମାର ଆଚାର୍ଯ୍ୟଙ୍କୁ କେନ୍ଦ୍ରାପଡ଼ା ଡେପୁଟି କଲେକ୍ଟର, ବାଲେଶ୍ୱର ଡେପୁଟି କଲେକ୍ଟର ଅରୁଣା ତ୍ରିପାଠୀଙ୍କୁ ଖୋର୍ଦ୍ଧା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର(ରେଭିନ୍ୟୁ), ପୂର୍ବରୁ ପିପିଲି ତହସିଲଦାର ଭାବେ ବଦଳି ହୋଇଥିବା ବୋଲଗଡ଼ ବିଡିଓ ଧୋବେଇ ନାୟକଙ୍କୁ ବୋଲଗଡ ବିଡିଓ ଭାବେ ଅବସ୍ଥାପିତ କରାଯାଇଛି। ପୂର୍ବରୁ କୃଷ୍ଣପ୍ରସାଦ ବିଡିଓ ଭାବେ ବଦଳି ହୋଇଥିବା ସପନ କୁମାର ନନ୍ଦଙ୍କୁ ପୁଣି ପିପିଲି ତହସିଲଦାର ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଟାଙ୍ଗୀ ବିଡିଓ ଅକ୍ଷୟ କୁମାର ରାଉତ ଓ ଦର୍ପଣ ତହସିଲଦାର ବରଣେନ୍ଦୁ ମହାନ୍ତିଙ୍କୁ ଜିଏ ଆଣ୍ଡ ପିଜି ଡିପାର୍ଟମେଣ୍ଟକୁ ଫେରାଇ ଅଣାଯାଇଛି। କରଞ୍ଜିଆ ତହସିଲଦାର ତାପସ ରଞ୍ଜନ ଦେହୁରୀଙ୍କୁ ବାଲେଶ୍ୱର ଡେପୁଟି କଲେକ୍ଟର, ଯଶିପୁର ଅତିରିକ୍ତ ତହସିଲଦାର ସ୍ମୃତିରଞ୍ଜନ ସାହୁଙ୍କୁ କରଞ୍ଜିଆ ତହସିଲଦାର, ଯାଜପୁର ରେଜିଷ୍ଟ୍ରାର ପ୍ରଦୀପ କୁମାର ସେଠୀଙ୍କୁ ଦର୍ପଣ ତହସିଲଦାର, ବିଞ୍ଝାରପୁର ତହସିଲଦାର ଅସ୍ମିତା ଦାଶଙ୍କୁ ନୟାଗଡ଼ ଡେପୁଟି କଲେକ୍ଟର, ଲହୁଣୀପଡା ତହସିଲଦାର ସଂଯୁକ୍ତା ସାଙ୍କୁ ସୁନ୍ଦରଗଡ଼ ଡେପୁଟି କଲେକ୍ଟର(ରାଜସ୍ୱ), ଝାରସୁଗୁଡ଼ା ସହକାରୀ ଜିଲାପାଳ ମୁରଲୀଧର ଓର୍ମାଙ୍କୁ ଲହୁଣୀପଡା ତହସିଲଦାର, ପାନପୋଷ ତହସିଲଦାର ମିସ୍ ଚାନ୍ଦନିଙ୍କୁ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର(ରାଜସ୍ୱ), ଖୋର୍ଦ୍ଧା ଡେପୁଟି କଲେକ୍ଟର ଅମ୍ରିତା ପ୍ରିୟମ୍ବଦାଙ୍କୁ ଭୁବନେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର(ରାଜସ୍ୱ), ଭୁବନେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲାପାଳ ସଂଘମିତ୍ରା ବେହେରାଙ୍କୁ ଖୋର୍ଦ୍ଧା ଡେପୁଟି କଲେକ୍ଟର, ପୁରୀ ଉପଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର(ରେଭିନ୍ୟୁ) ପ୍ରଳୟାନନ୍ଦ ଶତପଥୀଙ୍କୁ ନୂଆଗାଁ ତହସିଲଦାର, ନୂଆଗାଁ ତହସିଲଦାର ଶରତ କୁମାର ମଲ୍ଲିକଙ୍କୁ କୋକସରା ତହସିଲଦାର, ଝାରସୁଗୁଡ଼ା ଡେପୁଟି କଲେକ୍ଟର ଅଶ୍ୱିନୀ କୁମାର ପଣ୍ଡାଙ୍କୁ ବିଡିଓ ବାମରା, ବାମରା ବିଡିଓ ଗୋବିନ୍ଦ ଦଣ୍ଡସେନାଙ୍କୁ ଝାରସୁଗୁଡା ଡେପୁଟି କଲେକ୍ଟର, ଧର୍ମଶାଳା ତହସିଲଦାର ପ୍ରଶାନ୍ତ କୁମାର ସାମନ୍ତରାୟଙ୍କୁ ଜଳ ସମ୍ପଦ ବିଭାଗର ଲ୍ୟାଣ୍ଡ ଆକ୍ୱିଜିଶନ ଅଫିସର(ଏଲଏଓ) ଭାବେ ବଦଳି କରାଯାଇଛି।

ODISHA PUBLIC SERVICE COMMISSION
CUTTACK
NOTICE
No. 2330/P.S.C., Dt. 6.4.21
IE-02-2020/21 (DR-III)

**No. D-03:-** The Commission have conducted of Written Examination for recruitment to the post of **Assistant Conservator of Forest, OFS Group-A(JB) and Forest Ranger, OFS, Group-B**, pursuant to Advt. No. 22 of 2018-19 held on **20.12.2019 to 31.12.2019**. On the basis of the said Examination, 202 candidates have been provisionally qualified to appear at the Physical Test (to be conducted by Principal CCF, Odisha, Bhubaneswar).
2. Roll Numbers of these candidates are available in the website of the Commission at **http://opsc.gov.in**. These are also available in the Commission's Notice Board.
3. Details about date, time & venue of the Physical Test will be notified later. The candidates are required to visit the Website of the Commission at **http://opsc.gov.in** regarding important notices and also to keep track of publication of various notices to this effect in the leading local daily newspapers.
OIPR-12002/11/0003/2122 Sd./- Secretary

ODISHA PUBLIC SERVICE COMMISSION
ADVERTISEMENT No.13 OF 2020-21
**Recruitment to the posts of Assistant Soil Conservation Officer in Class - II (Group-B) of Odisha Soil Conservation Service under Agriculture & Farmers' Empowerment Department.**
WEBSITE - http://opsc.gov.in

**No. D-04:-** Online applications are invited from the prospective candidates through the proforma application to be made available on the Website of the Commission (http://opsc.gov.in). The link for registration/ re-registration and payment of examination fee shall be available from **23.04.2021 to 24.05.2021 (Note: 31.05.2021 is the last date for submission of Registered Online Application)** for recruitment to 92 (Ninety two) posts of Assistant Soil Conservation Officer in Class- II (Group-B ) of Odisha Soil Conservation Service under Agriculture & Farmers' Empowerment Department in the pay under PB-Rs.9,300-34,800/- with Grade Pay of Rs.4,600/- in Level- 10 of Pay Matrix under ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time. The posts are temporarily but likely to be made permanent
2. **VACANCY POSITION:** As per requisition filed by the Agriculture & Farmers' Empowerment Department, Government of Odisha, out of total 92 (30-w) posts, 46 (15-w) posts are for UR category, 15 (05-w) are for SC category, 21 (07-w) posts for ST category & 10 (03-w) posts are for SEBC category. Also, 03 posts are reserved for Ex-servicemen, 04 posts for Persons with Disability and 01 post for Sports persons.
3. **AGE**: A candidate must have attained the age of 21 (twenty one) years and must not be above the age of 32 (thirty two) years on the 1st day of January 2021 i.e. he/she must have been born not earlier than 2nd January, 1989 and not later than 1st January, 2000.
4. **EDUCATIONAL QUALIFICATION:** A candidate must hold a Bachelor of Science Degree in Agriculture or a Bachelor of Science Degree in Horticulture or Bachelor of Science Degree in Forestry or a Bachelor Degree in Agriculture Engineering from any of the recognized Universities.
5. **EXAMINATION FEE**:
A candidate is required to pay a non-refundable and non-adjustable fee of **Rs.500/-(Rupees five hundred) only. Candidates belonging to Scheduled Caste and Scheduled Tribe of Odisha and Persons with Disability (whose permanent disability is 40% and more) are exempted from payment of this fee.**
The link for registration/ re-registration and payment of examination fee shall be available from 23.04.2021 to 24.05.2021 (Note: 31.05.2021 is the last date for submission of Registered Online Application.)
The candidates are advised to visit the Website of the Commission at **http://opsc.gov.in** for detailed information for applying to the above post.

CUTTACK
DATE- 06.04.2021
Sd./- SECRETARY
ODISHA PUBLIC SERVICE COMMISSION
CUTTACK
OIPR-12002/11/0004/2122

“ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି। -ଶ୍ରୀଅରବିନ୍ଦ



# ପରମବୀରଙ୍କ ଦିଗ

ଶାସକ ଦଳ ନେତା ଓ ପୋଲିସ ମଧ୍ୟରେ ସମ୍ପର୍କ ସର୍ବଦା ଭଲ ଥାଏ। ଦେଖାଯାଏ ସରକାର ବଦଳିଲେ ଗାଦିନସୀନ ଦଳକୁ ପୂର୍ବରୁ ଯେଉଁ ପୋଲିସ ଅଧିକାରୀ ବା କର୍ମଚାରୀ ସହଯୋଗ କରିଥାଆନ୍ତି ସେମାନଙ୍କୁ ଲୋଭନୀୟ ପଦବୀ ଦିଆଯାଇଥାଏ। ପୋଲିସ ଯେହେତୁ ଗୃହ ବିଭାଗ ଅଧୀନରେ ଆସେ, ଅନେକ ବରିଷ୍ଠ ଅଧିକାରୀ ଗୃହମନ୍ତ୍ରୀଙ୍କୁ ସର୍ବମାନ୍ୟ କରିଥାଆନ୍ତି। ସଦ୍ୟ ଘଟଣା ଦେଖିଲେ ମହାରାଷ୍ଟ୍ର ଗୃହମନ୍ତ୍ରୀ ପଦରୁ ୫ ଏପ୍ରିଲରେ ଇସ୍ତଫା ଦେଇଥିବା ଅନିଲ ଦେଶମୁଖ ଓ ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂଙ୍କ ମଧ୍ୟରେ ସମ୍ପର୍କ ବିଗିଡ଼ିଯିବାଠାରୁ ନାଟକ ଭିନ୍ନ ମୋଡ଼ ନେଇ ଚାଲିଛି। ଉଲ୍ଲେଖଯୋଗ୍ୟ, ମୁମ୍ବାଇର ହୋଟେଲ ଓ ରେଷ୍ଟୁରାଣ୍ଟରୁ ମାସକୁ ୧୦୦ କୋଟି ଟଙ୍କା ବଟିଆଦାୟ ଲାଗି ଦେଶମୁଖ ପୋଲିସ ଅଧିକାରୀ ସଚିନ ଭାଜେ ଓ ଅନ୍ୟ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ ବୋଲି ପରମବୀର ଅଭିଯୋଗ ଆଣିଥିଲେ। ସେହି ଅଭିଯୋଗ ଆଧାରରେ ବମ୍ବେ ହାଇକୋର୍ଟ ଦେଶମୁଖଙ୍କ ବିରୋଧରେ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତେବେ ୬ ଏପ୍ରିଲରେ ମହାରାଷ୍ଟ୍ର ସରକାର ବମ୍ବେ ହାଇକୋର୍ଟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଆଶ୍ଚର୍ଯ୍ୟର ବିଷୟ, ୨୯ ଫେବୃୟାରୀ ୨୦୨୦ରୁ ୧୮ ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ମୁମ୍ବାଇ ପୋଲିସ କମିଶନର ଦାୟିତ୍ୱ ତୁଲାଉଥିବା ପରମବୀର କ୍ଷମତାରେ ଥିବାବେଳେ କେବେହେଲେ ଏଭଳି ବିରାଟକାୟ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିଥିବାର ପ୍ରମାଣ ଦେଖିବାକୁ ମିଳୁନାହିଁ। ଡକାୟତ ଗୋଷ୍ଠୀରେ ଭାଗବଣ୍ଟା ନ ଛିଣ୍ଡିଲେ ଯେମିତି ଅପଡ଼ ହୋଇ ପରସ୍ପରକୁ ପୋଲିସରେ ଧରାଇ ଦିଅନ୍ତି, ପରମବୀରଙ୍କ କ୍ଷେତ୍ରରେ ସେହିଭଳି ଘଟଣା ଘଟିଥିବା ଭଳି ମନେହେଉଛି। ପୂର୍ବତନ ପୋଲିସ କମିଶନରଙ୍କ ବୟାନ ପରେ ପୂର୍ବତନ ଗୃହମନ୍ତ୍ରୀଙ୍କ ବିରୋଧରେ ଅନେକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ସାମାଜିକ ଚାପ ଓ ବିଶେଷକରି ସୁପ୍ରିମକୋର୍ଟଙ୍କ ଆଭିମୁଖ୍ୟକୁ ବୁଝିପାରୁଥିବା ବମ୍ବେ ହାଇକୋର୍ଟ ବିଚାରପତିମାନେ ନିଜ ସ୍ୱାର୍ଥରେ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥାଇପାରନ୍ତି। ରାଜ୍ୟ ସରକାର ସର୍ବୋଚ୍ଚ ନ୍ୟାୟାଳୟକୁ ଗଲେ ମଧ୍ୟ ସଫଳତା ହାସଲ କରିବାର ପ୍ରତିଶତ ଅତ୍ୟନ୍ତ ନଗଣ୍ୟ। କାରଣ ସୁପ୍ରିମକୋର୍ଟ ଏବେ କେନ୍ଦ୍ର ସରକାରଙ୍କୁ ସନ୍ତୁଷ୍ଟ କରିବାକୁ ମହାରାଷ୍ଟ୍ରର ଶିବସେନା ସରକାର ବିରୋଧରେ ରାୟ ଦେବାର ଅଧିକ ସମ୍ଭାବନା ରହିଛି। ପରମବୀର ଯେତିକି ଦିନ କମିଶନର ରହିପାରିଲେ, ସେହି ସମୟରେ ମୁମ୍ବାଇ ପୋଲିସର ଦୁର୍ନୀତିକୁ ରୋକିବାର କୌଣସି ଆଖିଦୃଶିଆ ପ୍ରସ୍ତାବ କାର୍ଯ୍ୟକାରୀ କରିଥିବା ଦୃଷ୍ଟାନ୍ତ ଦେଖିବାକୁ ମିଳୁନାହିଁ। ଏହାବ୍ୟତୀତ ଯଦି ବଟି ଆଦାୟ ଲାଗି ବିପୁଳ ଅର୍ଥ ସଂଗ୍ରହ ଦାୟିତ୍ୱ ପୋଲିସ ବିଭାଗକୁ ଦିଆଯାଇଥିଲା, ତେବେ ପରମବୀର ନୀରବ ରହିବା ପଛରେ ତାଙ୍କର ଏହି କାର୍ଯ୍ୟରେ ସମ୍ପୃକ୍ତି ନିଶ୍ଚିତ ଭାବେ ଥିବ। ସମସ୍ତେ ଜାଣନ୍ତି, ମନ୍ତ୍ରୀଙ୍କୁ ଯଦି ୧୦୦ କୋଟି ଟଙ୍କା ଯାଇଥିବ ତେବେ ସରକାରୀ କର୍ମଚାରୀ ତା'ର ଦୁଇ ତିନିଗୁଣ ନିଜ ପାଖରେ ରଖିଥିବେ।

ଆଜିର ସ୍ଥିତି ଦେଖିଲେ ନ୍ୟାୟାଳୟ ମଧ୍ୟ ଏକତରଫା ନ୍ୟାୟ ଦେବା ପାଇଁ ପସନ୍ଦ କରୁଛନ୍ତି। ନଚେତ୍ ବମ୍ବେ ହାଇକୋର୍ଟ ପ୍ରଥମେ ପରମବୀରଙ୍କ ସାଧୁତା ପରୀକ୍ଷା କରିବାର ପ୍ରୟାସ କରିଥାଆନ୍ତେ। ତାହା କରାଯାଇଥିଲେ ଅଦାଲତର ମାନ ବୃଦ୍ଧି ପାଇଥାନ୍ତା। ଅନ୍ୟପଟେ କୁହାଯାଉଛି, ବମ୍ବେ ହାଇକୋର୍ଟରେ କାର୍ଯ୍ୟରତ ବିଚାରପତିମାନେ ପଦୋନ୍ନତିକୁ ଅନିଶା କରି ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥାଇ ପାରନ୍ତି। ଏହା ସୁନିଶ୍ଚିତ ଯେ ରାଜନେତାମାନେ ଦୁର୍ନୀତିଗ୍ରସ୍ତ। ଅପରପକ୍ଷରେ ଏହା ମଧ୍ୟ ପ୍ରମାଣିତ ହେଉଛି ସଚିନ ଭାଜେଙ୍କ ଭଳି ଭାରତର ଅଧିକାଂଶ ସରକାରୀ କର୍ମଚାରୀ ଦୁର୍ନୀତିଗ୍ରସ୍ତ। ଏମାନଙ୍କ ସହଯୋଗ ବିନା କୌଣସି ରାଜନେତା ଦୁର୍ନୀତିଗ୍ରସ୍ତ ହୋଇପାରିବେ ନାହିଁ। ତୃଣମୂଳ ସ୍ତରରୁ ସବୁ କାର୍ଯ୍ୟ ସେମାନଙ୍କ ଦ୍ୱାରା କରାଯାଏ। ରାଜନେତା କେବଳ ମୁଣ୍ଡି ଭାବେ ବସିରହନ୍ତି। ଆଜି ଲାଲୁଙ୍କ ଭଳି ଦୁର୍ନୀତିଗ୍ରସ୍ତ ରାଜନେତା କାରାଗାରରେ ଶଢ଼ୁଥିବା ବେଳେ ତାଙ୍କଠାରୁ ଅଧିକ ଗୋଖାଦ୍ୟ ଦୁର୍ନୀତିରୁ ଲାଭ ଉଠାଇଥିବା ଅଫିସର ପଦୋନ୍ନତି ପାଇ ଜେଲ ବାହାରେ ରହିଛନ୍ତି। ଭାରତୀୟ ଆଇନ ବ୍ୟବସ୍ଥାର ଏଭଳି ମୌଳିକ ଅନ୍ୟାୟ ସୁଧୁରିବା କଷ୍ଟକର, କାରଣ 'ମାର୍ ମାର୍ ଭଣ୍ଡାରିଆକୁ ମାର୍' ନୀତିରେ ଆମେ ସମସ୍ତେ ଲୋକପ୍ରତିନିଧିଙ୍କୁ କେବଳ ମାତ୍ର ଚୋର ଭାବୁଥିବା ବେଳେ ଦୀର୍ଘସ୍ଥାୟୀ ସାଂଘାତିକ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କୁ ମୁଣ୍ଡରେ ବସାଇଥାଉ।

## ଆପେ ବଞ୍ଚିଲେ

କରୋନାର ଦ୍ୱିତୀୟ ଲହର ମନେ ପକାଉଛି ପୂର୍ବଦିନଗୁଡ଼ିକର କରୁଣ ଚିତ୍ର। ମହାରାଷ୍ଟ୍ର, ଛତିଶଗଡ଼, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଦିଲ୍ଲୀ ଏବଂ ଗୁଜରାଟରେ ସଂକ୍ରମିତ ତଥା ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ଅନ୍ୟ ରାଜ୍ୟକୁ ବ୍ୟାପିବା ଯୋଗୁ ଆଉ ଏକ ଲକ୍‌ଡାଉନ ଭୟ ଦେଖାଦେଇଛି। ଏବେ ମୋଟ ସଂକ୍ରମିତ ସଂଖ୍ୟାର ୫୭.୨୭% ରହିଛନ୍ତି ମହାରାଷ୍ଟ୍ରରେ। ଗୁଜରାଟରେ ମଧ୍ୟ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ଏହି ଦୁଇ ରାଜ୍ୟରେ ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ସର୍ବାଧିକ। ଏମାନେ ପୁଣି ଘରମୁହାଁ ହେଲେଣି। ଅପରପକ୍ଷେ କୋଭିଡ୍ ୧୯ ଟିକାକରଣ ଚାଲିଛି। ମୋଟ ୮ କୋଟି ଲୋକଙ୍କୁ ଅଦ୍ୟାବଧି ଟିକା ଦିଆଯାଇଥିବା କୁହାଯାଉଥିବାବେଳେ ସେଥିମଧ୍ୟରୁ ଅଧିକାଂଶ କେବଳ ପ୍ରଥମ ଡୋଜ୍ ପାଇଛନ୍ତି। ତେବେ ଯେଉଁ ମନ୍ଥର ଗତିରେ ଟିକାକରଣ ଚାଲିଛି ୧୩୫ କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଦେଶରେ ସମସ୍ତଙ୍କୁ ସର୍ବନିମ୍ନ ଦୁଇଥର ଟିକା ଦିଆଗଲେ ୧୫ ବର୍ଷ ଲାଗିଯିବ ବୋଲି ଆକଳନ କରାଯାଉଛି। ମନେରଖିବାକୁ ହେବ, ଭାରତରେ ମିଳୁଥିବା କୋଭାକ୍ସିନ ଓ କୋଭିଶିଲ୍ଡ ଟିକାର ମଣିଷ ଦେହରେ ପ୍ରଭାବ ସର୍ବାଧିକ ୩ରୁ ୪ ମାସ ଯାଏ ରହିବ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ଏଥିରୁ ଅନୁମାନ କରିହେବ ଭାରତରେ ଟିକାକରଣ ଅଭିଯାନ କେତେଦୂର ସଫଳ ହୋଇପାରିବ। ୨୦୧୧ ଜନଗଣନା ଅନୁଯାୟୀ ୧୮ ବର୍ଷ ବୟସରୁ କମ୍ ପିଲା ଓ କିଶୋରମାନଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୪୧ ପ୍ରତିଶତ। ଏବେ ଏହା ୫୦% ହେବ ବୋଲି ବିଶ୍ୱାସ କରାଯାଇପାରେ। ବିଶେଷ କରି ଏହି ଦ୍ୱିତୀୟ ଲହରରେ ପରିଲକ୍ଷିତ ହେଉଛି ଯେ, କିଶୋର ଓ ପିଲା ମଧ୍ୟ ଏହାଦ୍ୱାରା ଆକ୍ରାନ୍ତ ହେଉଛନ୍ତି। ଏମାନଙ୍କୁ ଟିକା ଦିଆଯିବା ପାଳି କେତେବେଳେ ପଡ଼ିବ ତାହା କେହି କହିପାରିବେ ନାହିଁ। ଏଥିସହିତ ଯୋଡ଼ି ହୋଇଯାଇଛି ଟିକା ଅଭାବର ସମସ୍ୟା।

ଏକ ପୁରୁଣା ଓଡ଼ିଆ ଢଗ ଅଛି –'ଆପେ ବଞ୍ଚିଲେ ବାପର ନାଁ'। ଏହାକୁ ସ୍ୱାର୍ଥପର ଆଭିମୁଖ୍ୟ ବୋଲି କୁହାଯାଇପାରେ, କିନ୍ତୁ ଆଜିର କରୋନା ଭୂତାଣୁ ଯୁଗରେ ସମ୍ଭବତଃ ଏହା ହେଉଛି ଏକ ପନ୍ଥା। ଅର୍ଥାତ୍ ହାତ ଧୋଇବା, ଅନ୍ୟମାନଙ୍କଠାରୁ ଦୂରତା ରକ୍ଷା କରିବା, ନାକ ଓ ପାଟିକୁ ସବୁବେଳେ ଘୋଡ଼ାଇ ରଖିବା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାମ ହେଲା ଭିଡ଼ ସୃଷ୍ଟି କରିବା ନାହିଁ କିମ୍ବା ଭିଡ଼ରେ ପ୍ରବେଶ କରିବା ନାହିଁ। ପ୍ରତ୍ୟେକ ନାଗରିକ ଏହି ସହଜ କେତୋଟି ପଦକ୍ଷେପ ପ୍ରତି ସଜାଗ ରହିପାରିଲେ ପରିବାରର ସମସ୍ତେ ସୁରକ୍ଷିତ ରହିବେ। ଯେଉଁମାନେ ଏହା ମାନୁନାହାନ୍ତି ସେମାନଙ୍କୁ ସମାଜବିରୋଧୀ ବୋଲି କୁହାଯାଇପାରେ।

# ସଇତାନର ଶାନ୍ତିପାଠ



ଉପେନ୍ଦ୍ର ବିଶ୍ୱାଳ

'ଘୁଷୁରି ମୁହଁରେ ପାଚିଲା କଦଳୀ' ପରି ଶାନ୍ତି ଯାହା ପାଇଁ ବିଷ ସଦୃଶ, ସେପରି ସଇତାନ ମୁହଁରେ ଆଜି ଶାନ୍ତିପାଠ। ଅବିଶ୍ୱସନୀୟ ହେଲେ ବି ନିରାଟ ସତ। ଆମେ କହୁଛୁ ଏଠି ଆତଙ୍କବାଦୀଙ୍କ ଆଖଡ଼ାଶାଳ, ଆତଙ୍କବାଦୀ ଉତ୍ପାଦନକାରୀ ଦେଶର କଥା। ମାର୍ଚ୍ଚ ୧୮ ତାରିଖ। ଚାଲିଥାଏ 'ଇସ୍‌ଲାମାବାଦ ସିକ୍ୟୁରିଟି ଡାଇଲଗ' ସମାବେଶ। 'ଭାରତ ସହିତ ମିତ୍ରତା ସ୍ଥାପନ ଅତି ଜରୁରୀ' ବୋଲି ଘୋଷଣାକଲେ ସେନାଧ୍ୟକ୍ଷ ଜେନେରାଲ ଜାଭେଦ ବାଜୱା ସେଦିନ। ଅବଶ୍ୟ ତା' ଆଗଦିନ ପ୍ରଧାନମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀ ଦୁହେଁ ଗାଇଥିଲେ ସେଇ ଶାନ୍ତିର ସ୍ତବକୁ। ସେଦିନ ଦୁନିଆ ଏତେଟା ବିଶ୍ୱାସକୁ ନେଇ ନ ଥିଲା ପ୍ରଧାନମନ୍ତ୍ରୀଙ୍କ କଥାକୁ। କାରଣ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କର ଅସଲ ମୁରବି, ଭାଗ୍ୟଧର ହେଉଛନ୍ତି ସେନାଧ୍ୟକ୍ଷ ଜେନେରାଲ ବାଜୱା। ତା'ପରଦିନ ବାଜୱାଙ୍କର ଘୋଷଣାରେ ଆଚମ୍ବିତ ହେବା ସହିତ ଆଶ୍ୱସ୍ତ ହୋଇଥିଲା ବିଶ୍ୱ। ଭାରତ ସହିତ ପୁନଃ ସମ୍ବନ୍ଧ ସ୍ଥାପନ ପାଇଁ ପାକିସ୍ତାନ ଯେ କେତେ ବ୍ୟାକୁଳ ଥିଲା ତାହା ତ ଜଣାପଡ଼େ ତଡ଼ିତବେଗୀ ଆଚରଣରୁ। ଏଇ ସ୍ୱଳ୍ପସମୟ ଭିତରେ ଅନୁଷ୍ଠିତ ହୋଇଯାଇଛି ସେନାସ୍ତରୀୟ ଏକାଧିକ ଶାନ୍ତିବୈଠକ। ନିୟନ୍ତ୍ରଣରେଖାକୁ ନେଇ ୨୦୦୩ ମସିହାରେ ଉଭୟଦେଶ ମଧ୍ୟରେ ହୋଇଥିବା ଯୁଦ୍ଧବିରତି ରାଜିନାମାକୁ ୧୮ବର୍ଷ ପରେ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଶାନ୍ତି ବୈଠକରେ ସମ୍ମତି ପ୍ରକାଶ ପାଇଛି। ଗତ ୨୩ ତାରିଖରେ ସିନ୍ଧୁ ଓ ଚେନା ନଦୀର ଜଳ ବଣ୍ଟନ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଦୁଇଦେଶ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କକୁ ଆଗେଇନେବା ପାଇଁ ଚଳିତମାସ ୫ ତାରିଖରେ ପ୍ରସିଦ୍ଧ ବୈଶାଖୀ ପର୍ବ ଅବସରରେ ଶିଖ୍‌ମାନଙ୍କୁ ଭିଜା ଦେବା ଆରମ୍ଭ କରିଛି ପାକିସ୍ତାନ। କିନ୍ତୁ ବାଣିଜ୍ୟ କାରବାରକୁ ନେଇ ସେଠାକାର ସରକାର ଖୁବ୍ ଦ୍ୱନ୍ଦ୍ୱରେ। ଗୋଟେ ପଟେ ସମୟର ଜରୁରୀ ଆବଶ୍ୟକତା ତ ଅନ୍ୟପଟେ ବିରୋଧୀଙ୍କ ବିରୋଧ। ଭାରତ ନିକଟରେ ଅତି ଅପମାନଜନକ ଭାବେ ପାକିସ୍ତାନ ଆତ୍ମସମର୍ପଣ କରୁଥିବାର ଗଣମାଧ୍ୟମଗୁଡ଼ିକ ସେଠାରେ ପ୍ରଚାର କରୁଥିବାରୁ ସରକାର ଅପଦସ୍ଥ ହେଲାଭଳି ମନେ କରୁଛନ୍ତି। ଚିନି, କପା ଆଦି କେତେକ ସାମଗ୍ରୀକୁ ଜରୁରିକାଳୀନ ଭିତ୍ତିରେ ଆମଦାନୀ କରିବାକୁ ଥିଲାବେଳେ ସାମୟିକ ଭାବେ ଏହା ଏବେ ସ୍ଥଗିତ ରହିଛି। ଏହି ଦୁଇଟି ସାମଗ୍ରୀର ଘୋର ଅଭାବ ସେଠାରେ। ଚିନି ଆଜି କିଲୋଗ୍ରାମ୍ ପ୍ରତି ୧୨୦ଟଙ୍କାରୁ ଊର୍ଦ୍ଧ୍ୱ। ପୁଣି ମେ' ୧୪ରେ ରମଜାନ ସମୟରେ ତାହା ଆହୁରି ଆକାଶଛୁଆଁ ହେବ। ଏଣୁ ସେ ଦେଶର ସରକାର ଭାରତଠାରୁ ଦେଶର ସ୍ୱାର୍ଥ ପାଇଁ ନିହାତି କିଣିବାକୁ ଚାହୁଁଛନ୍ତି। ହୁଏତ ଆଉ କିଛିଦିନ ପରେ ତାହା ସାକାର ରୂପ ଧାରଣ କରିପାରେ।

ଏବେ ଆସିବା ସଭିଙ୍କ ମନରେ ଉଠୁଥିବା ସେହି ପ୍ରଶ୍ନଟି ପାଖକୁ। ସଇତାନର ଅକସ୍ମାତ୍ ଏ ଶାନ୍ତିପାଠ କାହିଁକି? ଏହାର ବିଶେଷ କାରଣ ହେଉଛି ଭାରତର ସଫଳ ରଣନୀତି। ବିନା କୌଣସି ଯୁଦ୍ଧରେ ଅବା ବୋମାପାତରେ ପାକିସ୍ତାନକୁ ଅତ୍ୟନ୍ତ ଦୟନୀୟ ଅବସ୍ଥାକୁ ଠେଲିଦେଇଛି ଆଜିର ଭାରତ। ଭାରତର ଦୃଢ଼ କାର୍ଯ୍ୟାନୁଷ୍ଠାନ, କଠୋର କଟକଣା, ସଫଳ ଗୋଟି ଚାଳନାରେ ପାକିସ୍ତାନ ଆଜି ଖୁବ୍ କ୍ଷତାକ୍ତ। ଆର୍ଥିକ ସ୍ଥିତି ଭୟଙ୍କର ଭାବେ ବିପର୍ଯ୍ୟସ୍ତ। ଋଣ ଆଣିଲେ ହିଁ ଦେଶ ଚାଲୁଛି। କିନ୍ତୁ ପରିଶୋଧ କରି ପାରୁ ନ ଥିବାରୁ ଆଉ ଅଧିକ ଋଣ ଦେବାକୁ କେହି ରାଜି ହେଉନାହାନ୍ତି। ପ୍ରତିଟି ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି। ଆଜାଦ୍ କଶ୍ମୀର, ଗିଲ୍‌ଗିଟ, ବେଲୁଚିସ୍ତାନ ପରି କେତେକ ରାଜ୍ୟ ଭାରତ ସହିତ ମିଶିବାକୁ ଅତୀବ ବ୍ୟଗ୍ର। ଭାରତର ବନ୍ଧୁରାଷ୍ଟ୍ରଙ୍କ ସଂଖ୍ୟା ଦୁନିଆରେ ସର୍ବାଧିକ ଆଜି। ଏପରିକି ବହୁ ମୁସ୍‌ଲିମ ଦେଶ ପାକିସ୍ତାନ ଅପେକ୍ଷା ଭାରତ ପ୍ରତି ଅଧିକ ଆକର୍ଷିତ। ଅନ୍ୟପକ୍ଷେ ପାକିସ୍ତାନର ବନ୍ଧୁ ବୋଇଲେ ତୁର୍କୀ ଓ ମାଲେସିଆ। ପାକିସ୍ତାନକୁ ଭାରତର ବିରୋଧ ଅର୍ଥ ଅନ୍ୟାନ୍ୟ ଦେଶଗୁଡ଼ିକରୁ ଅନୁକମ୍ପା ହାସଲ କରିବା ପାକିସ୍ତାନ ପାଇଁ ଖୁବ କଷ୍ଟସାଧ୍ୟ। ପୁନଶ୍ଚ ପାକିସ୍ତାନକୁ ଋଣ ଦେଲେ ଫେରସ୍ତ ପାଇବାର ସମ୍ଭାବନା ବି କ୍ଷୀଣ। ତାକୁ ବେଳେବେଳେ ଅତି ଅପମାନଜନକ ଅବସ୍ଥା ଭୋଗିବାକୁ ପଡୁଛି। ଏଇତ ଗଲା ଜାନୁୟାରୀ ମାସର ଘଟଣା। ମାଲେସିଆ କର୍ତ୍ତୃପକ୍ଷ 'ପାକିସ୍ତାନ ଇଣ୍ଟରନ୍ୟାଶନାଲ ଏୟାରଲାଇନ୍ସ ବୋଇଂ-୭୭୭' ବିମାନକୁ ଜବତ କରିବା ସହିତ ସେଥିରେ ଥିବା ସମସ୍ତ ଯାତ୍ରୀଙ୍କୁ ମଧ୍ୟ ବନ୍ଧକ ରଖିଥିଲେ ଦୀର୍ଘ ସମୟ ଧରି। କାରଣ ୧୫ ମିଲିୟନ ଡଲାର (ଦେଢ଼ କୋଟି ଡଲାର ଅର୍ଥାତ୍ ପ୍ରାୟ ୧୧୦ କୋଟି ଟଙ୍କା)ରୁ ଅଧିକ ଅର୍ଥ ପାକିସ୍ତାନ ପୈଠ କରିନି ବାରମ୍ବାର ଅନୁରୋଧ ସତ୍ତ୍ୱେ। ଗତ ଫେବୃୟାରୀରେ ସଂସଦରେ ପାକିସ୍ତାନ ଅର୍ଥମନ୍ତ୍ରୀଙ୍କ ପ୍ରଦତ୍ତ ତଥ୍ୟାନୁଯାୟୀ, ପାକିସ୍ତାନର ମୋଟ ଋଣର ପରିମାଣ ଆଜି ୩୭ ଟ୍ରିଲିଅନ ଡଲାର ଅର୍ଥାତ୍ ୩୭ ଲକ୍ଷ କୋଟି ଡଲାର ପାଖାପାଖି। ୨୦୧୭-୧୮ ମସିହାରେ ଜିଡିପିର ୭୨ ଭାଗ ଋଣ ପରିଶୋଧରେ ଯାଉଥିଲାବେଳେ ୨୦୧୯-୨୦ରେ ଜିଡିପିର ୮୭ ଭାଗ ଯାଉଥିଲା କେବଳ ଋଣ ଶୁଝିବାରେ। ଆଉ ଆଜିର ଦିନରେ ତାହା ଆସି ପହଞ୍ଚିଲାଣି ପ୍ରାୟ ୯୮ ଭାଗରେ। ଅର୍ଥାତ୍ ଦେଶକୁ ବିକିଲେ ଯାଇ ତା'ର ସମୁଦାୟ ଋଣ ପରିଶୋଧ ସମ୍ଭବ ହେବ। ଏଭଳି ସ୍ଥିତିରେ ଚାଇନା ମଧ୍ୟ ତା'ଠାରୁ ଦୂରେଇଗଲାଣି। କାରଣ ଧାର୍ଯ୍ୟ ପରିମାଣର ଅର୍ଥ ସାହାଯ୍ୟ ସତ୍ତ୍ୱେ ନାନାଦି ଦୁର୍ନୀତି, ପ୍ରଶାସନିକ ଅପାରଗତା ଯୋଗୁ ଚାଇନା ସହାୟତାରେ ଚାଲିଥିବା ପ୍ରକଳ୍ପଗୁଡ଼ିକ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡିରହିଛି। ସେଥିପାଇଁ ପାକିସ୍ତାନ ଚାହୁଁଛି ବିନା ସୁଧରେ/ଉଧାର ସୂତ୍ରରେ ବା ଅତିବେଶିରେ ନାମମାତ୍ର ୧ଭାଗ ସୁଧରେ ସାହାଯ୍ୟ। କିନ୍ତୁ ଚାଇନା ଅତିକମ୍‌ରେ ୩ ଭାଗ ସୁଧରେ ଋଣ ଦେବାକୁ ଚାହୁଁଛି, ତା'ପୁଣି ବିଭିନ୍ନ ସର୍ତ୍ତରେ; ଯାହାକି ପାକିସ୍ତାନକୁ ଅଡୁଆରେ ପକାଇଛି। କାରଣ ନିଜର ସାର୍ବଭୌମତ୍ୱକୁ ବିପନ୍ନ କରି ଚାଇନାଠାରୁ ଏପରି ସାହାଯ୍ୟ ନେବା ଏକପ୍ରକାର ଆତ୍ମଘାତୀ ସଦୃଶ। ୨୦୧୮ରେ ସାଉଦି ଆରବରୁ ୩ ବିଲିଅନ ଡଲାର (ସାଢ଼େ ୪ ହଜାର କୋଟି ଡଲାର) ଋଣ ସହିତ ୩.୨ ବିଲିଅନ ଡଲାର ମୂଲ୍ୟର ତୈଳ ସମ୍ପଦ ଆଣି ପରିଶୋଧ କରି ପାରୁ ନ ଥିବାରୁ ସେଦେଶରୁ ବି ତୈଳ ଆମଦାନୀ କରିବାରୁ ବଞ୍ଚିତ। ବୈଶ୍ୱିକ ସଂଗଠନଗୁଡ଼ିକର ସର୍ତ୍ତାବଳୀକୁ ପୂରଣ କରିବାରେ ଅସମର୍ଥ ଥିବାରୁ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଓ ବିଶ୍ୱବ୍ୟାଙ୍କ ଆଦିରୁ ଆଉ ଅଧିକ ଋଣ ପାଇବା ତା'ପକ୍ଷେ ସମ୍ଭବ ହେଉନି।

ଏହିପରି ଦାରୁଣ ଦୁର୍ଯୋଗରୁ ବର୍ତ୍ତିବାକୁ ନିଃସର୍ତ୍ତ ଭାବେ ଭାରତ ନିକଟରେ ସେ ଆଜି ଶରଣାପନ୍ନ। ଏଥିପାଇଁ ଆମେରିକା ସମେତ ସଂଯୁକ୍ତ ଆରବ ଏମିରେଟ୍‌ସ, ସାଉଦି ଆରବ ଦେଶଗୁଡ଼ିକୁ ନେହୁରା ହୋଇ ସେମାନଙ୍କ ମଧ୍ୟସ୍ଥିରେ ହିନ୍ଦୁସ୍ତାନ ସହିତ ସମ୍ବନ୍ଧ ସ୍ଥାପନ ପାଇଁ ଆଜି ଖୁବ୍ ବ୍ୟାକୁଳ। କଶ୍ମୀର ପ୍ରସଙ୍ଗ ହେଉ ଅବା ୩୭୦ ଧାରାକୁ ନେଇ ହେଉ, ଯିଏ ଦିନେ କଥା କଥାକେ ଭାରତ ବିରୋଧରେ ଜାତିସଂଘରେ ଅଭିଯୋଗ ବାଢୁଥିଲା ଏବଂ କଶ୍ମୀର ପାଇଁ ଜିହାଦୀ ଡାକରା ଦେଉଥିଲା, ସେହି ପାକିସ୍ତାନ ଆଜି ସେ ସବୁକୁ ଏଡ଼ାଇ ଦେଇ ଭାରତ ନିକଟରେ ନିବେଦନ କରୁଛି 'ତ୍ରାହି ମାଂ ତ୍ରାହି ମାଂ'' କହି। ଏସବୁ ସତ୍ତ୍ୱେ ନିଜ ସ୍ୱାର୍ଥପାଇଁ ଏଣ୍ଡୁଅ ସମ ବାରମ୍ବାର ରଙ୍ଗ ବଦଳାଉଥିବା ପାକିସ୍ତାନର ଅସଲ ଚେହେରା ଓ ଚରିତ୍ର ସମ୍ବନ୍ଧେ ଟିକେ ଆଖି ପକେଇବା ସମୀଚୀନ ମନେହୁଏ।

ଭାରତ ପଡ଼ୋଶୀମାନଙ୍କ ସହିତ ସୁସମ୍ପର୍କ ବାନ୍ଧିବାକୁ ସଦା ପ୍ରୟାସରତ। ଏହି ଉପଲକ୍ଷେ ଭାରତ-ପାକିସ୍ତାନର ସମ୍ପର୍କକୁ ଅଧିକ ନିବିଡ଼ କରିବାକୁ ଫେବୃୟାରୀ ୧୯୯୯ରେ ଦିଲ୍ଲୀ-ଲାହୋର ବସ ସେବା ଥିଲା ବାଜପେୟୀଙ୍କ ଏକ ଫଳପ୍ରଦ ପ୍ରୟାସ। କିନ୍ତୁ ୨୦୦୧ରେ ଆମ ସଂସଦ ଉପରେ ପାକିସ୍ତାନ ପ୍ରରୋଚିତ ଆତଙ୍କବାଦୀ ଆକ୍ରମଣ ଥିଲା ବାଜପେୟୀଙ୍କ ପ୍ରତି ବନ୍ଧୁତାର ପ୍ରତିଦାନ। ଏଲ୍.ଓ.ସି.ରେ ଅସ୍ତ୍ର ବିରତି ପାଇଁ ଉଭୟ ଦେଶ ମଧ୍ୟରେ ୨୦୦୩ରେ ରାଜିନାମା ସ୍ୱାକ୍ଷର ହୋଇଥିଲେ ବି ବନ୍ଧୁତ୍ୱକୁ ବେଖାତିର କରି ୨୦୨୦ ଶେଷ ସୁଦ୍ଧା ପାକିସ୍ତାନ ୫ ହଜାରରୁ ଅଧିକ ଥର ବଡ଼ ଧରଣର ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ସାରା ଦୁନିଆ ମନେରଖିଛି ୨୦୧୮ ମସିହା ଡିସେମ୍ବର ୨୫ ତାରିଖକୁ। ଯେଉଁଦିନ ସାରାଜଗତକୁ ଚକିତ କରି ସମସ୍ତ ପ୍ରୋଟୋକଲକୁ ଏଡ଼ାଇ ଦେଇ ବିନା ପ୍ରାକ ସୂଚନାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହଠାତ୍ ଯାଇ ପହଞ୍ଚିଥିଲେ ପାକିସ୍ତାନରେ; ନୱାଜ ସରିଫଙ୍କ ନାତୁଣୀର ବାହାଘରରେ। ଏଥିରେ ଉଭୟ ଦେଶର କୋଟି କୋଟି ସାଧାରଣ ଜନତା ଅତ୍ୟନ୍ତ ଭାବବିହ୍ୱଳ ହୋଇ ପଡ଼ିଥିଲେ ଏପରି ନିଷ୍କପଟ ବନ୍ଧୁତାରେ। ଆମର ତତ୍କାଳୀନ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ତ ଟୁଇଟ୍ କରି ଦୁନିଆକୁ ଆହ୍ୱାନ ଦେଲେ- ପଡ଼ୋଶୀଙ୍କ ସହିତ କିପରି ବନ୍ଧୁତାର ସମ୍ବନ୍ଧ ରଖିବାକୁ ହୁଏ, ଭାରତଠାରୁ ଶିଖିବା ଉଚିତ। କିନ୍ତୁ ହାଏ, କେଇ ସପ୍ତାହ ପରେ ପଠାନ୍‌କୋଟସ୍ଥ ବାୟୁସେନା ଘାଟି ଉପରେ ଜାନୁୟାରୀ ୨୦୧୬ରେ ଆତଙ୍କୀ ଆକ୍ରମଣ ଜରିଆରେ ପାକିସ୍ତାନ ଆମକୁ ଦେଲା ବନ୍ଧୁତାର ପ୍ରତିଜବାବ। ତା'ପରେ ପରେ ଅଗଷ୍ଟ ୨୦୧୬ରେ 'ଉରୀ' ଆକ୍ରମଣ, ଫେବୃୟାରୀ ୨୦୧୯ରେ ପୁଲ୍‌ୱାମା ଆକ୍ରମଣ। ଏହିପରି ତା'ର ବିଶ୍ୱାସଘାତ ତାଲିକା ଖୁବ୍ ଲମ୍ବା। ହିନ୍ଦୁସ୍ଥାନ ପାଇଁ ବଙ୍କର ଖୋଳୁଥିବା ସନ୍ତ୍ରାସବାଦୀର ମାଟି ପାକିସ୍ତାନ ନିଜେ ଆଜି ସେଇ ବଙ୍କର (କବର) ଭିତରେ। ପରିସ୍ଥିତିର ବାଧ୍ୟବାଧକତାରେ ନିଜର ଅସ୍ତିତ୍ୱ ଟିକକ ପାଇଁ ଇସ୍‌ଲାମାବାଦର ଏପରି ଶାନ୍ତିପାଠ ଆଜି। ଏଭଳି ଏକ ଭୟଙ୍କର ପଡ଼ୋଶୀର ଦୁର୍ଦ୍ଦଶାରେ ଦ୍ରବୀଭୂତ ନ ହୋଇ, ଭେଳିକିରେ ଭଳି ନ ଯାଇ ଭାରତ ଖୁବ୍ ସତର୍କତାର ସହିତ ସୁଚିନ୍ତିତ ଉପାୟରେ ପଦକ୍ଷେପ ନେବା ଉଚିତ। ମୃତପ୍ରାୟ ପାକିସ୍ତାନକୁ ବିଶ୍ୱାସକୁ ନେବା ଯେମିତି ଶେଷରେ ବୋକାମିରେ ପରିଣତ ନ ହୁଏ।

ଗୋଡ଼ିଶୂଳ, ସଜନାଗଡ଼, ବାଲେଶ୍ୱର
ମୋ-୯୪୩୭୪୩୬୦୭୩

# ଦି ସାଇଲେଣ୍ଟ ଟ୍ରେନ୍



ଶୁଭନାରାୟଣ ଶତପଥୀ

ଟ୍ରେନକୁ ନେଇ ଅନେକ ପ୍ରବନ୍ଧ, କାହାଣୀ ରଚନା କରାଯାଇଛି। ସିନେମା ତିଆରି ହୋଇଛି। ନାଁ ରଖାଯାଇଛି ବର୍ନିଂ ଟ୍ରେନ, ଦି ଘୋଷ୍ଟ ଟ୍ରେନ, ଚେନ୍ନାଇ ଏକ୍ସପ୍ରେସ ଇତ୍ୟାଦି। କେଉଁଠି ଏହା କାଳ୍ପନିକ ତ କେଉଁଠି କିଛି ସତ୍ୟତା ଏଥିରେ ରହିଛି। ତେବେ ଟ୍ରେନ ସହ ମଣିଷର ନିତିଦିନିଆ କାରବାର ବେଶ୍ ଜଡ଼ିତ। ସେ କାମଧନ୍ଦା ଉଦ୍ଦେଶ୍ୟରେ ଯାତ୍ରା ହେଉ ବା ଭ୍ରମଣ ନିମନ୍ତେ। ସତେ ଯେମିତି ପ୍ରତିଟି ଟ୍ରେନ ଯାତ୍ରାର ଏକ ନିଆରା ଅନୁଭୂତି ମନରେ ରେଖାଟିଏ ଟାଣିଦିଏ; ଯାହା ଚିରକାଳ ପାଇଁ ମନ ଭିତରେ ଅକୁହା କାହାଣୀ ହୋଇ ରହିଥାଏ। ସେମିତି ଏକ ଭ୍ରମଣ ସମୟର ସଦ୍ୟ ଘଟଣାବଳୀ।

ଏଇ ନିକଟ ଅତୀତରେ ମୁଁ ଏକ ଜରୁରୀ କାମରେ ସମ୍ବଲପୁର ଯାଇଥାଏ। ଦୀର୍ଘ ଦେଢ଼ବର୍ଷ ପରେ ଟ୍ରେନରେ ଯାତ୍ରା କରିବାର ସୁଯୋଗ ପାଇଥାଏ। ଯେତିକି ଉତ୍ସାହିତ ହେଉଥିଲି, ସେତିକି ଉତ୍କଣ୍ଠିତ ବି ଥିଲି। କାମ କଥା ଛାଡ଼ନ୍ତୁ, ଯିବାଆସିବା ଭିତରେ ଟ୍ରେନ ଯାତ୍ରାର ମଜା ନେବା, ଯାତ୍ରୀଙ୍କ ସହ ଭାବର ଆଦାନପ୍ରଦାନ, ଚଳନ୍ତା ଟ୍ରେନ ଭିତରୁ ପ୍ରକୃତିର ମନୋରମ ଦୃଶ୍ୟ ଉପଭୋଗ କରିବା ଇତ୍ୟାଦି ମନକୁ ଉଦ୍‌ବେଳିତ କରୁଥାଏ। ଇତିମଧ୍ୟରେ କୋଭିଡ୍ କଟକଣା କିଛିମାତ୍ରାରେ କୋହଳ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ କୋଭିଡ୍ ସଂକ୍ରମଣର ଭୟ ଧୀରେ ଧୀରେ ମୁଣ୍ଡ ଟେକୁଥାଏ। ତଥାପି ସାନିଟାଇଜର, ମାସ୍କ, ସାମାଜିକ ଦୂରତା ବଜାୟ ରଖି ଏହି ଯାତ୍ରାକୁ ଉପଭୋଗ କରିବାର କଳ୍ପନା ମନକୁ ଆଚ୍ଛାଦିତ କରି ରଖିଥାଏ।

ସମ୍ବଲପୁରରେ ସେହି ଗୋଟିଏ ରାତି ରହଣି ସମୟରେ ଟିଭି ନ୍ୟୁଜ୍‌ରୁ ଜାଣିବାକୁ ପାଇଲି ଯେ, ଆଜି ଆମ ଓଡ଼ିଶାର କୋଭିଡ୍ ରୋଗୀଙ୍କ ସଂଖ୍ୟା ଶହେ ଟପିଲା। ଗଲାବେଳେ ଭୁବନେଶ୍ୱର-ବଲାଙ୍ଗୀର ଓ ଫେରିବା ଦିନ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟିରେ ଆସିଲି। ସେଦିନ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟିର ସବୁ ସିଟ୍ ଫିଲ୍‌ଅପ୍ ଥାଏ। ଯାହାହେଉ ମୋତେ ଖୁସି ଲାଗୁଥାଏ। ଅତିକମ୍‌ରେ ପରିବେଶ ତା'ର ପୂର୍ବାବସ୍ଥାକୁ ବୋଧହୁଏ ଫେରୁଛି। ଢେଙ୍କାନାଳରେ ଟ୍ରେନ ପହଞ୍ଚିଲା। ଆଶ୍ଚର୍ଯ୍ୟର କଥା ଟ୍ରେନରେ ନା ଶୁଭୁଥିଲା ବାରମଜା, ସମୋସା, ବରାବାଲାର ଡାକ ନା ଥିଲା କିନ୍ନରଙ୍କ ଉପସ୍ଥିତି। ଆଉ ନ ଥିଲେ ଯାଯାବର ଶିଶୁ ଶ୍ରମିକ; ଯେଉଁମାନେ ଟ୍ରେନ ଡବା ଭିତର ଓଳାଇ ସାରି ଯାତ୍ରୀଙ୍କୁ ପଇସା ମାଗନ୍ତି। ଟ୍ରେନଟି ଯାତ୍ରୀରେ ପୂର୍ଣ୍ଣ ହୋଇଥିଲା ସତ, କିନ୍ତୁ ସେଠି ନ ଥିଲା ଯାତ୍ରୀଙ୍କ କୋଳାହଳ ଓ ନିଜ ଭିତରେ ଭାବ ଆଦାନ ପ୍ରଦାନର ସମ୍ପର୍କ। ସତେ ଯେମିତି ଯାତ୍ରୀଙ୍କ ମୁହଁରୁ କେହି ହସ ଚୋରାଇ ନେଇଛି। ଏମିତି ଭାବନା ବି ମନକୁ ଆସୁଥିଲା ଯେ କ'ଣ ଆମେ ସମସ୍ତେ ଶୋକସଭା ସାରି ଫେରୁଛୁ କି? ମୁହଁଟି ମାସ୍କରେ ଢାଙ୍କିହୋଇ ରହିଥାଏ ସମସ୍ତଙ୍କର। ଏପଟେ ଚଷମା ଆଢୁଆଳରେ ଜୁଳୁଜୁଳୁ ହୋଇ ଚାହୁଁଥିବା ଆଖିରୁ ବାରି ହୋଇପଡୁଥିଲା ଅପେକ୍ଷିତ ପାରସ୍ପରିକ ବାର୍ତ୍ତାଳାପର ପ୍ରତ୍ୟାଶାକୁ। ମାସ୍କ ଭିତରର ମୁହଁର ଭାଷାକୁ ଆଖିରୁ ପଢ଼ି ହେଉଥିଲା। ସ୍ମିତହାସ୍ୟ ସମୟରେ ଯେପରି ନୟନର ଭ୍ରୂକୁଞ୍ଚନ ହୁଏ, ତାହା ଜମାରୁ ଦେଖାଯାଉ ନ ଥିଲା। ଏଣୁ ଏହା ସ୍ପଷ୍ଟ କରେ ଯେ ବଦନ ବିରସ ଓ ବିଷଣ୍ଣ। କେହି ଯାତ୍ରୀ ସେମାନଙ୍କର ପରିବାରର ସଦସ୍ୟମାନଙ୍କ ମଧ୍ୟରେ ହସମଜାର ଆସର କିମ୍ବା ଖୋଲାପଣର କଥାବାର୍ତ୍ତା ହେଉଥିବା ଦେଖାଯାଉ ନ ଥିଲା। ଏମିତି କି ମୋବାଇଲରେ କଥାବାର୍ତ୍ତା ହେଉଥିବାର ଦୃଶ୍ୟ ଥିଲା ଖୁବ୍ କ୍ୱଚିତ ଓ କମ୍ ଅବଧିର। ଟ୍ରେନର ନିର୍ଦ୍ଦିଷ୍ଟ ରହଣି କାଳରେ ଟ୍ରେନ ଭିତରୁ ବାହାରକୁ ଓହ୍ଲାଇ ପଡୁଥିବା ଯାତ୍ରୀମାନେ ଏବେ ତାଙ୍କ ସିଟ୍‌ରେ ସ୍ଥିରସ୍ଥିତ। ଯୋଉମାନଙ୍କର ଓହ୍ଲାଇବାର ଅଛି, ସେମାନଙ୍କ ବ୍ୟତୀତ ଅନ୍ୟ ଯାତ୍ରୀମାନେ ରହଣି ସ୍ଥାନରେ ସିଟ୍‌ରୁ ଉଠୁନାହାନ୍ତି। ପୂର୍ବଭଳି ଟ୍ରେନଯାତ୍ରାରେ ଅନେକ କିଛି ପରିବର୍ତ୍ତନ ପରିଲକ୍ଷିତ ହେଉଥିଲା। ବାସ୍ତବରେ ଟ୍ରେନର ଗତି ଅପେକ୍ଷାକୃତ ଅଧିକ ଥିଲା। ରହଣି ବି ସୀମିତ। ଟ୍ରେନ୍‌ଗୁଡ଼ିକ ପ୍ରାୟ ସମୟାନୁବର୍ତ୍ତୀ ଲାଗୁଥିଲେ। ମୁଁ ନୀରବ ନିରୀକ୍ଷଣ କରୁଥିଲି। କାନକୁ ସ୍ପଷ୍ଟ ଭାବେ ଶୁଭୁଥିଲା କେବଳ ଟ୍ରେନର ଛୁକ୍‌ଛୁକ୍ ଶବ୍ଦ। ଆହୁରି ଆଶ୍ଚର୍ଯ୍ୟ କରୁଥିଲା, ବିଭିନ୍ନତାର ସମାଗମ ଘଟୁଥିବା ଟ୍ରେନ ଭିତରେ ଦେଖିବାକୁ ମିଳୁଥିଲା ସମଭାବାପନ୍ନ ଯାତ୍ରୀଙ୍କ ସମାହାର। ସମସ୍ତେ ସତର୍କ, ସଚେତନ, ସମଦୃଷ୍ଟିସମ୍ପନ୍ନ। ନିଜ ଭିତରେ କେବଳ କୋଭିଡ୍‌କୁ ହରାଇବାର ପଣ ଛଡ଼ା ଅନ୍ୟ କିଛି ନଜରକୁ ଆସୁ ନ ଥିଲା। ଇତିମଧ୍ୟରେ ଜଣେ ଯାତ୍ରୀ ଛିଙ୍କିଦେବାରୁ ସମସ୍ତେ ତାଙ୍କୁ ବିକଳ ଭାବେ ଚାହିଁଆନ୍ତି। ଯିବା ଆସିବାର ସ୍ଥଳଗୁଡ଼ିକ ବିଷୟରେ ରେଲୱେ ତରଫରୁ ଚେକିଂ କଡ଼ାକଡ଼ି ହେଉଥାଏ। ମୁଁ ନିଶ୍ଚିତ ଥିଲି ଯେ ଆମେ ସମସ୍ତ ଯାତ୍ରୀ କେବଳ ଅତିଆବଶ୍ୟକତା ଦୃଷ୍ଟିରୁ ଯାତ୍ରା କରୁଛନ୍ତି। ଲକ୍ଷ୍ୟ ହେଉଛି କେବଳ ଲକ୍ଷ୍ୟସ୍ଥଳ। କାମସାରି ଘରକୁ ଫେରିଆସିବା ହିଁ ସମସ୍ତଙ୍କର ଲକ୍ଷ୍ୟ। ଟ୍ରେନ ଭିତରେ କେଉଁଠି ହାତ ମାରିବାକୁ ଇଚ୍ଛା ନ ଥିଲେ ବି ଆବଶ୍ୟକତା ଦୃଷ୍ଟିରୁ ଯେଉଁଠିକୁ ଧରି ଚାଲୁଥାଏ, ସେ ସ୍ଥାନରୁ ହାତରେ ଲାଗୁଥାଏ ବହଳେ ଧୂଳି। କାରଣ ସଭିଙ୍କର ଏ ଅଭ୍ୟାସ ଯୋଗୁ ଅନେକ ସ୍ଥାନ ବାରମ୍ବାର ବ୍ୟବହାର ହେଉ ନ ଥିବା କାରଣରୁ ଏମିତି ହେଉଛି ବୋଲି ମନେହୁଏ। ବାସ୍ତବିକ ଏ ଦୃଶ୍ୟ ନୀରବ ଯାତ୍ରାର। ମନରେ ପ୍ରଶ୍ନ ଉଠୁଥାଏ, ସତରେ କ'ଣ ଏହା ଏକ ଆନନ୍ଦଦାୟକ ଯାତ୍ରା!

ଆହୁରି ଅନେକ ପ୍ରଶ୍ନରେ ଛନ୍ଦି ହେଉଥାଏ ମନ। ଏ ପରିବର୍ତ୍ତନ ଅସ୍ଥାୟୀ ନା ଚିରସ୍ଥାୟୀ। କେତେ ପର୍ଯ୍ୟାୟରେ କୋଭିଡ୍ ଆସିବ ତାହା କାହାରିକୁ ଜଣାନାହିଁ। କିନ୍ତୁ ଏପରି ଅଭ୍ୟାସର ଆଶା ଭବିଷ୍ୟତ ରେଳଯାତ୍ରାରେ ନୀରବତାକୁ ଦୃଢ଼ୀଭୂତ କରୁଥାଏ। ଏକଥା ସ୍ପଷ୍ଟ ଯେ, କୋଭିଡ୍ କାରଣରୁ ଏ ଅଭ୍ୟାସରେ ପରିବର୍ତ୍ତନ କେବଳ ଯାତ୍ରୀଙ୍କର ନୁହେଁ ବରଂ ବୁଲାବିକାଳିଙ୍କ ବେଉସାରେ ପରିବର୍ତ୍ତନ। ଟ୍ରେନ ଅନେକ ବ୍ୟକ୍ତିଙ୍କ ଜୀବନ ଜୀବିକା ସହ ଯୋଡ଼ା। ପ୍ରତିଦିନର ରୋଜଗାର ଉପରେ ନିର୍ଭର କରୁଥିବା ପରିବାରଗୁଡ଼ିକ କେମିତି ଚଳୁଥିବେ କେଜାଣି। ଏହା ନୀରବ ଟ୍ରେନର ଯାତ୍ରା ହେଇପାରେ, କିନ୍ତୁ ଏ ନୀରବତା ଅନେକ କିଛି ପ୍ରକାଶ କରୁଛି। ଶୁଣିବାକୁ କାନ ନୁହେଁ, ହୃଦୟର ଆବଶ୍ୟକତା ରହିଛି। ଆଉ କେବେ ମୁଁ ଏ ଟ୍ରେନ ଯାତ୍ରାରେ ଯିବି ମୁଁ ଜାଣେନା। ତେବେ ଆଗକୁ କୋଭିଡ୍ ସଂକ୍ରମଣ କମାଇବାକୁ ହେଲେ ଏ ଅଭ୍ୟାସର ଆବଶ୍ୟକତା ଢେର ବେଶି। କିନ୍ତୁ ଏପରି ସ୍ଥିତି ବେଶିଦିନ ରହିଲେ ସାରା ବିଶ୍ୱରେ ଅନେକ ସାମାଜିକ, ସାଂସ୍କୃତିକ, ଭାବଗତ ପରିବର୍ତ୍ତନ ଆଣିଦେବ; ଏଥିରେ ସନ୍ଦେହ ନାହିଁ। ତେବେ କୋଭିଡ୍‌ଜନିତ ବିପର୍ଯ୍ୟୟ ଯେ କେତେ ଭୟାନକ ଓ ଏହା ଆଗକୁ ଏହା କେତେ ଭୟଙ୍କର ହୋଇପାରେ ତାହା କହୁଛି ଦି ସାଇଲେଣ୍ଟ ଟ୍ରେନ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ-୯୪୩୮୪୩୨୦୨୩

## ଏଇ ଭାରତରେ

ସାରା ଦେଶରେ ଶୀତଳଭଣ୍ଡାର ଅଭାବ ଯୋଗୁ କୃଷି ଉତ୍ପାଦ ଅଳ୍ପଦିନରେ ନଷ୍ଟ ହୋଇଯାଉଛି। ଏହାଦ୍ୱାରା ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଏଣୁ ଏଭଳି ସମସ୍ୟା ଦୂର କରିବା ଲାଗି ଆଗେଇ ଆସିଛନ୍ତି ଦିଲ୍ଲୀସ୍ଥିତ ଇଣ୍ଡିଆନ ଏଗ୍ରିକଲ୍‌ଚରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ବୈଜ୍ଞାନିକ ସଙ୍ଗୀତା ଚୋପ୍ରା। ସେ ମିଚିଗାନ ଷ୍ଟେଟ୍ ୟୁନିଭର୍ସିଟିର ବୈଜ୍ଞାନିକମାନଙ୍କ ସହ ମିଶି ସୌରଚାଳିତ ଶୀତଳଭଣ୍ଡାର ନିର୍ମାଣ କରିଛନ୍ତି। ଏଥିରେ ୨୦୦୦ କେ.ଜି. ଯାଏ କୃଷି ଉତ୍ପାଦ ରଖାଯାଇପାରୁଛି। ୧୦ଫୁଟ ଲମ୍ବ ଓ ପ୍ରସ୍ଥର ଏଭଳି ଏକ ଶୀତଳଭଣ୍ଡାର ନିର୍ମାଣ କରିବା ପାଇଁ ପାଖାପାଖି ୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି ବୋଲି କହନ୍ତି ସଙ୍ଗୀତା। ଅନ୍ୟ ଶୀତଳଭଣ୍ଡାରରେ ଚାଷୀମାନେ ସେମାନଙ୍କ ଉତ୍ପାଦ ରଖିବାରେ ଯାହା ଖର୍ଚ୍ଚ କରନ୍ତି ତା'ର ୧୦ ଭାଗରୁ ଭାଗେ ଖର୍ଚ୍ଚରେ ସେମାନେ ଏଥିରେ ଉତ୍ପାଦ ରଖିପାରୁଛନ୍ତି। ହରିୟାଣା ଓ ରାଜସ୍ଥାନରେ ଚାଷୀମାନେ ଏହାଦ୍ୱାରା ଉପକୃତ ହେଉଛନ୍ତି। ୨୦୧୬ରୁ ଏହି ଶୀତଳଭଣ୍ଡାର ନିର୍ମାଣ କରିବା ଲାଗି ସଙ୍ଗୀତା ପ୍ରୟାସ ଜାରି ରଖିଥିଲେ। ଏଥିରେ କୌଣସି କଂକ୍ରିଟ ଷ୍ଟ୍ରକ୍‌ଚର ନ ଥିବାରୁ ଏହାକୁ ସହଜରେ ଯେକୌଣସି ସ୍ଥାନରେ ରଖାଯାଇପାରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୭ ଏପ୍ରିଲ ୧୯୯୬

- ବାଂଲାଦେଶର ମୁଖ୍ୟ ନିର୍ବାଚନ କମିଶନର ଏ.କେ.ଏମ୍. ସାଦ୍ଦେକି ନିଜ ପଦରୁ ଇସ୍ତଫା ଦେଇଛନ୍ତି।
- ଶ୍ରୀଲଙ୍କାର ଉତ୍ତର ଓ ପୂର୍ବ ଅଞ୍ଚଳରେ ଏଲ୍‌ଟିଟିଇ ଗେରିଲା ଓ ସରକାରୀ ସୈନ୍ୟମାନଙ୍କ ମଧ୍ୟରେ ବ୍ୟାପକ ସଂଘର୍ଷ ଘଟି ୧୩ ଗେରିଲା ନିହତ।
- ୱେଷ୍ଟଇଣ୍ଡିଜର ପୂର୍ବତନ ଓପନିଂ ବ୍ୟାଟ୍ସମ୍ୟାନ୍ ଦେଶମଣ୍ଡ ହେନ୍‌ସ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଗ୍ରହଣ କରିଛନ୍ତି।

## ଚିରନ୍ତନୀ

ଆପଦର ବହ୍ନି ଜାଳି ଜରା ମରଣକୁ
ଉପହସି
ହେଉ ସେ ବିଜୟୀ ବୀର ଦିଅ ତବ
ଆଶିଷ ବରଷି।

-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | 3 | | | | |
| 2 | 4 | 1 | | | | 5 | | |
| | 8 | 6 | 9 | | | | | |
| 8 | 2 | | | | 1 | | | 5 |
| | | | | | 6 | | | |
| | 7 | | 5 | | | | | |
| | | | | 9 | | | | 7 |
| | 6 | 2 | | 1 | 7 | | 3 | |
| | | | | | 2 | | 1 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 1 | 4 | 8 | 9 | 3 | 5 | 6 |
| 4 | 5 | 9 | 6 | 3 | 2 | 1 | 7 | 8 |
| 6 | 8 | 3 | 1 | 5 | 7 | 2 | 9 | 4 |
| 9 | 4 | 2 | 5 | 1 | 8 | 6 | 3 | 7 |
| 1 | 3 | 6 | 9 | 7 | 4 | 5 | 8 | 2 |
| 8 | 7 | 5 | 2 | 6 | 3 | 9 | 4 | 1 |
| 5 | 6 | 7 | 3 | 4 | 1 | 8 | 2 | 9 |
| 2 | 1 | 8 | 7 | 9 | 5 | 4 | 6 | 3 |
| 3 | 9 | 4 | 8 | 2 | 6 | 7 | 1 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ହମ୍ପ୍‌ସ ନିର୍ମାଣ କରାଯାଉ

ମହାଶୟ,

ପୁରୀଠାରୁ ନୂଆ ଜଗନ୍ନାଥ ସଡ଼କରେ ରାମେଶ୍ୱର ଆଡ଼କୁ ୨୯ କି.ମି. ଗଲେ ବାମବରଡ଼ା ଛକ ପଡ଼େ। ଏହିଠାରେ ଦୁଇଟି ରାସ୍ତା ପରସ୍ପରକୁ ଛେଦ କରିଛନ୍ତି। ଏଠାରେ ଗୋଟିଏ ଛୋଟ ଗ୍ରାମ୍ୟ ବଜାର ଅଛି। ବହୁ ଦାବି ପରେ ଏହି ରାସ୍ତାରେ ଜଗନ୍ନାଥ ସଡ଼କରେ ଛକର ଦୁଇ ଦିଗରେ ଦୁଇଟି ହମ୍ପ୍‌ସ ନିର୍ମାଣ କରାଯାଇଥିଲା; ଯାହାଫଳରେ ଦୁର୍ଘଟଣା ବହୁତ କମି ଯାଇଥିଲା। ଏବେ ରାସ୍ତାରୁ ଏହି ହମ୍ପ୍‌ସ ଉଠାଇ ଦିଆଯିବାରୁ ଗାଡ଼ି ସବୁ ଏତେ ଜୋରରେ ଗତି କରୁଛନ୍ତି ଯେ, ଛକ ଅତିକ୍ରମ କରିବା ସମୟରେ ଦୁର୍ଘଟଣାର ଆଶଙ୍କାରେ ହୃଦୟ ଥରି ଉଠୁଛି। ଏଠାରେ ପୁନର୍ବାର ହମ୍ପ୍‌ସ ବସାଇବାକୁ ଦାବି ଉପସ୍ଥାପନା କରୁଅଛୁ।

-ଅମୃତସେନ ସାମନ୍ତରାୟ, ବାମବରଡ଼ା, ଦକ୍ଷିଣୀକେରା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)







# ସତର୍କତା ଜରୁରୀ

ପୃଥିବୀରେ ପ୍ରାୟତଃ ୧୯୦ରୁ ଉର୍ଦ୍ଧ୍ୱ ଦେଶର ସାମୂହିକ ଏକତାକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲୁଏଚ୍‌ଓ) ଗଠିତ ହୋଇଛି। ୧୯୪୮ ଏପ୍ରିଲ ୭ ତାରିଖ ଦିନ ସୁଇଜରଲାଣ୍ଡର ଜେନେଭାଠାରେ ଡବ୍ଲୁଏଚ୍‌ଓ ଅବସ୍ଥାପିତ ହୋଇଥିଲା। ତେବେ ୧୯୫୦ ଠାରୁ ପ୍ରତି ବର୍ଷ ଏପ୍ରିଲ ୭ କୁ 'ବିଶ୍ୱ ସ୍ୱାସ୍ଥ୍ୟ ଦିବସ' ଭାବେ ପାଳନ କରାଯାଉଛି। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି), ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି), ଜିଲା ସ୍ୱାସ୍ଥ୍ୟ କେନ୍ଦ୍ର(ଡିଏଚ୍‌ଏଚ୍)ଠାରୁ ଆରମ୍ଭକରି ରାଜ୍ୟ, ଦେଶ ତଥା ବିଶ୍ୱସ୍ତରରେ ଏହି ଦିବସକୁ ପାଳନ କରାଯାଉଅଛି। ପ୍ରତିବର୍ଷ ଏହି ଦିବସ ଉପଲକ୍ଷେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ସର୍ବସାଧାରଣଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସମ୍ବନ୍ଧିତ ବାର୍ତ୍ତା ପ୍ରେରଣ କରାଯାଇଥାଏ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ଗତବର୍ଷ ୨୦୨୦ ନିମନ୍ତେ ବିଶ୍ୱସ୍ତରୀୟ କୋଭିଡ୍-୧୯କୁ ପ୍ରତିରୋଧ ନିମନ୍ତେ ବାର୍ତ୍ତା ରହିଥିଲା। ସେହିପରି ଚଳିତବର୍ଷ ନିମନ୍ତେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ଘୋଷିତ ଥିମ୍ ହେଲା- ଏକ ସୁସ୍ଥ ବିଶ୍ୱ ପାଇଁ ଆମେ ଏକ ମିଳିତ ଅଭିଯାନରେ ସାମିଲ ହେବା)। ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଦେଖାଦେଇଥିବା କୋଭିଡ୍-୧୯ର ଭୟାବହତାକୁ ପ୍ରତିରୋଧ ନିମନ୍ତେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଭୂମିକା ବି ଗୁରୁତ୍ୱପୂର୍ଣ୍ଣ।

ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱର କେତେକ ରାଷ୍ଟ୍ରରେ ତଥା ଭାରତ ବର୍ଷରେ କୋଭିଡ୍-୧୯ର ପ୍ରକୋପ ସମ୍ପୂର୍ଣ୍ଣ ଭାବେ ପ୍ରତିହତ ହୋଇପାରି ନ ଥିବା ସ୍ଥଳେ ଏହାକୁ ପ୍ରତିରୋଧ ନିମନ୍ତେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ଭାରତର ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ବିଭିନ୍ନ ନିର୍ଦ୍ଦେଶନାମା ଜାରି କରାଯାଇଛି। ହାତକୁ ସାବୁନରେ ୨୦ସେକେଣ୍ଡ ପର୍ଯ୍ୟନ୍ତ ସଫାକରିବା, ମୁହଁରେ ମାସ୍କ ପିନ୍ଧିବା, ଗହଳି ସ୍ଥାନକୁ ନ ଯିବା, ଏକାଧିକ ବ୍ୟକ୍ତି ଗୋଟିଏ ସ୍ଥାନରେ ରୁଣ୍ଡ ନ ହେବା, ମେଳା, ବିବାହ, ବ୍ରତର ଆୟୋଜନରେ ଜନଗହଳି ନ କରିବା, ଉଷୁମ ଜଳ ପିଇବା, ଥଣ୍ଡା, ଫ୍ରିଜ ପାଣି ବ୍ୟବହାର ନ କରିବା, ଥଣ୍ଡାଠାରୁ ଦୂରେଇ ରହିବା ଆଦି ବିଭିନ୍ନ ସ୍ୱାସ୍ଥ୍ୟ ସଚେତନତା ବାର୍ତ୍ତା ଦେବାସହ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ 'କୋଭିଡ୍-୧୯'ର ପ୍ରକୋପକୁ ପ୍ରତିରୋଧ ନିମନ୍ତେ ବିଭିନ୍ନ ସମୟରେ ବିଭିନ୍ନ ସ୍ୱାସ୍ଥ୍ୟଭିତ୍ତିକ ବାର୍ତ୍ତା ଦେଇଛନ୍ତି; ଯଦ୍ୱାରା କୋଭିଡ୍-୧୯ର ପ୍ରଭାବ ନିୟନ୍ତ୍ରଣକୁ ଆସିଥିଲା। ଏବେ ପୁଣି କରୋନାର ନୂଆ ଷ୍ଟ୍ରେନ୍ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ତେଣୁ ଏ ନେଇ ଆମକୁ ସତର୍କ ରହିବାକୁ ପଡ଼ିବ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ପ୍ରତିବର୍ଷ ପ୍ରେରଣ କରାଯାଉଥିବା ସ୍ୱାସ୍ଥ୍ୟ ସମ୍ବନ୍ଧିତ ବାର୍ତ୍ତାକୁ ସୁଚାରୁରୂପେ ପାଳନ କରିବା ଦ୍ୱାରା ମନୁଷ୍ୟ ସମାଜ ସ୍ୱାସ୍ଥ୍ୟବାନ ହୋଇପାରିବ ଏଥିରେ ସନ୍ଦେହର ଅବକାଶ ନାହିଁ।

- ଡା. ବସନ୍ତ କୁମାର ଷଡ଼ଙ୍ଗୀ
ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ନବରଙ୍ଗପୁର,
ମୋ : ୭୮୯୪୧୧୨୪୮୭





### ଏ ବର୍ଷର ବାର୍ତ୍ତା

"ଚଳିତବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ଦିବସ (୭ ଏପ୍ରିଲ)ଲାଗି ବାର୍ତ୍ତା ରହିଛି- ସୁସ୍ଥ ବିଶ୍ୱ ପାଇଁ ଆମେ ଏକ ମିଳିତ ଅଭିଯାନରେ ସାମିଲ ହେବା।"

WORLD HEALTH DAY

# କରୋନା କିପରି ରହିବେ ସଜାଗ



ଏବେ ପୁଣି କରୋନା ତାହାର କାୟା ବିସ୍ତାର କଲାଣି। ଯଦିଓ ଆମ ଦେଶରେ ଏଥିରୁ ରକ୍ଷା ପାଇବା ପାଇଁ ଟିକାଦାନ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ତଥାପି ଏବେ କରୋନାର ଦ୍ୱିତୀୟ ଲହର ପୁଣି ଥରେ ସତର୍କ ହେବାକୁ ବାଧ୍ୟ କରିଛି। ତେଣୁ ବାହାରକୁ ଯାଉଥିଲେ ମାସ୍କ ପିନ୍ଧନ୍ତୁ। ଅନ୍ୟମାନଙ୍କଠାରୁ ସାମାଜିକ ଦୂରତା ଅବଲମ୍ବନ କରନ୍ତୁ। ବାହାର ଖାଦ୍ୟ ଖାଆନ୍ତୁ ନାହିଁ। ଅପରିଷ୍କାର ହାତରେ ପାଟି, ଆଖି କିମ୍ବା ନାକକୁ ଛୁଅନ୍ତୁ ନାହିଁ। ହାତକୁ ସବୁବେଳେ ପରିଷ୍କାର ରଖନ୍ତୁ। ଖାଇବା ପୂର୍ବରୁ ଭଲ ଭାବରେ ହାତ ଧୁଅନ୍ତୁ। ଯଦି ଆପଣ ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ। କରୋନାର ନୂଆ ଷ୍ଟ୍ରେନ୍ ବିଷୟରେ ଭଲ ଭାବରେ ଅବଗତ ହୁଅନ୍ତୁ। ଏ ନେଇ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଗାଇଡ୍ ଲାଇନ ଅନୁସରଣ କରନ୍ତୁ। କରୋନାଜନିତ କୌଣସି ଲକ୍ଷଣ ଦେଖାଦେଲେ ବିଳମ୍ବ ନ କରି କରୋନା ଟେଷ୍ଟ କରାଇବା ସହ ଚିକିତ୍ସିତ ହୁଅନ୍ତୁ।

# ଅସନ୍ତୁଳିତ ଜୀବନଶୈଳୀ ନିୟନ୍ତ୍ରଣ



ଆଜିକାଲିର ବ୍ୟସ୍ତ ଜୀବନ ମଧ୍ୟରେ ଆମେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ନିହାତି ଜରୁରୀ। ଅସନ୍ତୁଳିତ ଜୀବନଶୈଳୀ ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ। ତେଣୁ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟର ରୁଟିନ୍ ଚେକ୍ ଅପ୍ କରାନ୍ତୁ। ବିଶେଷ ଭାବରେ ରକ୍ତରେ ସୁଗାର ପରିମାଣ କେତେ ରହୁଛି ତାହା ପରୀକ୍ଷା କରାନ୍ତୁ। ପୁଣି ବ୍ଲଡପ୍ରେସର କେତେ ରହୁଛି ତାହା ମଧ୍ୟ ମାପି ନିଅନ୍ତୁ। ସବୁବେଳେ ସନ୍ତୁଳିତ ତଥା ଭିଟାମିନଯୁକ୍ତ ଖାଦ୍ୟ ଖାଆନ୍ତୁ। ଆବଶ୍ୟକତାଠାରୁ ଅଧିକ ଚିନି କିମ୍ବା ମିଠାଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ। ସୁଷମ ଏବଂ ଭିଟାମିନଯୁକ୍ତ ଖାଦ୍ୟ ଖାଇବା ସହ ନିୟମିତ ବ୍ୟାୟାମ କରନ୍ତୁ। ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ସକାଳ ଜଳଖିଆ ଖାଇବାକୁ ଭୁଲନ୍ତୁ ନାହିଁ। ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରଖିବା ପାଇଁ ପ୍ରଚୁର ପାଣି ପିଅନ୍ତୁ।

# ନୀରୋଗ ରହିବାର ସୂତ୍ର

- ନିଜର ଓଜନକୁ ସନ୍ତୁଳିତ ରଖିବାକୁ ଚେଷ୍ଟା କରନ୍ତୁ।
- ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ ସାମିଲ କରନ୍ତୁ।
- ସବୁବେଳେ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ ଚାପର ବଶବର୍ତ୍ତୀ ହେବାର ଆଶଙ୍କା କମ୍ ଥାଏ।
- କୌଣସି ରୋଗର କାରଣକୁ ହାଲକା ଭାବରେ ନିଅନ୍ତୁ ନାହିଁ। କାରଣ ଏହା ହୁଏତ ପରବର୍ତ୍ତୀ ସମୟରେ ଜଟିଳ ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି କରିପାରେ।
- ଦୃଷ୍ଟିଶକ୍ତିଜନିତ କିଛି ସମସ୍ୟା ସମ୍ପର୍କରେ ଜାଣିପାରିଲେ ବିଳମ୍ବ ନ କରି ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ନିକଟରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।
- ଏକାଥରେ ଅଧିକ ଖାଦ୍ୟ ଖାଇବା ଅପେକ୍ଷା ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।
- ଗୋଟିଏସ୍ଥାନରେଅଧିକସମୟବସିରହିକାମକରିବାକୁପଡୁଥିଲେତା'ଭିତରେକିଛିସମୟଉଠିଚଲାବୁଲାକରନ୍ତୁ।
- ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିୟମିତ ସମୟ ଅନ୍ତରାଳରେ ହେଲ୍‌ଥ ଚେକ୍ ଅପ୍ କରାଇବାକୁ ଭୁଲନ୍ତୁ ନାହିଁ।

# ରୋଗ ପ୍ରତିରୋଧକ ଶକ୍ତି ଓ ଆୟୁର୍ବେଦ

ବର୍ତ୍ତମାନର ପ୍ରଦୂଷିତ ଜଳବାୟୁ, ଅପମିଶ୍ରିତ ଖାଦ୍ୟପଦାର୍ଥ ମଣିଷକୁ ରୋଗଗ୍ରସ୍ତ କରି ପକାଉଛି। ତେଣୁ ଏହି ପରିସ୍ଥିତିରେ ସୁସ୍ଥ ଜୀବନଯାପନ ପାଇଁ ପ୍ରଥମେ ଶୁଦ୍ଧ ତଥା ଶୀତଳ ବାୟୁ ପାଇବା ଲାଗି ପର୍ଯ୍ୟାପ୍ତ ପରିମାଣର ଝଙ୍କାଳିଆ ବୃକ୍ଷରୋପଣ କରିବାକୁ ପଡ଼ିବ। ବର୍ତ୍ତମାନ ମହାମାରୀ କରୋନା ପୁଣି ଥରେ ତାହାର କାୟା ବିସ୍ତାର କରିଛି। ତେଣୁ ବାହାରକୁ ବାହାରିଲେ ମାସ୍କ ପିନ୍ଧିବା ସହ ନିଜକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଜରୁରୀ। ଖାଇବା ପୂର୍ବରୁ ହାତକୁ ସାବୁନରେ ଭଲ ଭାବରେ ଧୁଅନ୍ତୁ। ତେବେ ସୁସ୍ଥ ଜୀବନ ପାଇଁ ପ୍ରତ୍ୟେକ ଦିନ ସକାଳେ ଖାଲି ପେଟରେ ଦାନ୍ତ ଘଷି ୭ଟି ତୁଳସୀ ପତ୍ର ଓ ଭୃନିମ୍ବ ପତ୍ର ୩ଟି ସେବନ କଲେ ଜ୍ୱର, ଶ୍ୱାସ, କାଶ, ଚର୍ମ, ପେଟ ଓ ଯକୃତ (ଲିଭର) ସମ୍ବନ୍ଧୀୟ ରୋଗ ହୋଇ ନ ଥାଏ। ରାତିରେ ଅଧାଗ୍ଲାସ ପାଣିରେ ତ୍ରିଫଳା ଗୁଣ୍ଡ ଏକ ଚାମଚ ପକାଇ ସକାଳେ ଛାଣି ପିଇଲେ ଚକ୍ଷୁ ଏବଂ ପେଟ ସମ୍ବନ୍ଧୀୟ ରୋଗ ଦୂର ହୋଇଥାଏ। ଗାଧୋଇବା ପୂର୍ବରୁ ନାକରେ ଅଣୁ/ସଖର୍ପ ତେଲ ନସ୍ୟ ନେବା ସହ ଗୋଡର ବୃଦ୍ଧାଙ୍ଗୁଠି ନଖରେ ଲଗାଇ ଦେହରେ ତୈଳାଭ୍ୟଙ୍ଗ କରି ସ୍ନାନ କଲେ ଦୃଷ୍ଟି ଶକ୍ତି ଠିକ୍ ରହିଥାଏ। ନାସା, ଗଳା, କର୍ଣ୍ଣ ଓ କେଶ ସମ୍ବନ୍ଧୀୟ ଉର୍ଦ୍ଧ୍ୱଜତ୍ରୁଗତ ରୋଗ ଦୂରୀଭୂତ ହୋଇଥାଏ। ଦୈନିକ ଅଁଳାରସ ୧ ଚାମଚ ଓ ଘିକୁଆଁରୀ ରସ ୧ଚାମଚ ପାନ କଲେ ଥଣ୍ଡା ଓ ଯକୃତଜନିତ ରୋଗ ଦୂର ହୁଏ।

ଜୈବିକ ସାରରେ ଉତ୍ପନ୍ନ ପନିପରିବା ଖାଇବା ଦ୍ୱାରା ଶରୀରକୁ ପୋଷକ ତତ୍ତ୍ୱ ଉତ୍ତମ ରୂପେ ମିଳେ। ପ୍ରାତଃ ସୂର୍ଯ୍ୟାଲୋକରେ ଭ୍ରମଣ କଲେ ଶରୀରକୁ ଭିଟାମିନ୍ 'ଡି' ମିଳିଥାଏ। ଅନୁଲୋମ ବିଲମ, କପାଳଭାତି, ସୂର୍ଯ୍ୟନମସ୍କାର ଆଦି ପ୍ରାଣାୟାମ ଓ ଆସନ କରନ୍ତୁ। ଏଥିସହ ସକାଳେ ଖାଲିପେଟରେ ଗୋଲମରିଚ, ଯଷ୍ଟିମଧୁ, ତେଜପତ୍ର, ଡାଲଚିନି, ତୁଳସୀପତ୍ର/ଜଟା, ଲବଙ୍ଗ, ସିଳଦୀ ଗୁଜୁରାତି ସ୍ୱଳ୍ପ ପରିମାଣରେ ନେଇ କ୍ୱାଥ୍ ପ୍ରସ୍ତୁତ କରି ଉଷୁମ ଅଧା କପ ଖାଇବା ପୂର୍ବରୁ ଓ ସନ୍ଧ୍ୟାରେ ସେବନ କରନ୍ତୁ। ଏଥିସହ ଅଶ୍ୱଗନ୍ଧା ଚୂର୍ଣ୍ଣ ମିଶାଇ ଉଷୁମ କ୍ଷୀର ୧କପ ସହ ସେବନ କଲେ ଥଣ୍ଡା, ସର୍ଦ୍ଦି, ଜ୍ୱର, କାଶ ଓ ସ୍ନାୟୁଜନିତ ରୋଗ ନ ହୋଇ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଏ।

-ଡା. ଆଶିଷ ବାଜାର୍ନୀ
ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ,
ମୋ : ୯୮୬୧୩୭୪୩୮୫

# ଗ୍ରୀଷ୍ମ ଋତୁରେ ସ୍ୱାସ୍ଥ୍ୟର ଯତ୍ନ

ସାଧାରଣତଃ ଅନ୍ୟ ଋତୁ ଅପେକ୍ଷା ଗ୍ରୀଷ୍ମ ଋତୁରେ ସ୍ୱାସ୍ଥ୍ୟ ପ୍ରତି ଅଧିକ ନଜର ଦେବାକୁ ପଡିଥାଏ। ଏହି ଦିନରେ ପ୍ରବଳ ଖରା ଯୋଗୁ ଶରୀରରେ ଜଳୀୟ ଶୁଷ୍କତା ଦେଖାଦେଇଥାଏ। ତେଣୁ ପ୍ରଚୁର ପାଣି ପିଅନ୍ତୁ। ବାରମ୍ବାର ପତଳା ଝାଡ଼ା ହେଲେ, ଘନଘନ ବାନ୍ତି ହେଲେ, ଅତ୍ୟଧିକ ଝାଳ ବୋହିଲେ, ନିଆଁ ଲାଗି ଚର୍ମର ବହୁ ଅଂଶ ପୋଡ଼ିଗଲେ କି ଫୋଟକା ବାହାରି ପଡ଼ିଲେ ଶରୀରରୁ ବେଶି ପରିମାଣର ଜଳକ୍ଷୟ ଘଟି ଜଳୀୟ ଶୁଷ୍କତା ବା ଡିହାଇଡ୍ରେଶନ ଅବସ୍ଥା ସୃଷ୍ଟି ହୋଇଥାଏ। ଏହା ଅତି ମାରାତ୍ମକ ଅବସ୍ଥା। ଆକ୍ରାନ୍ତ ବ୍ୟକ୍ତିକୁ ଚିନିଲୁଣ ପାଣିରେ ସରବତ ପିଇବାକୁ ଦେଇ କିମ୍ବା ସାଲାଇନ ଇଞ୍ଜେକସନ ଦେଇ ସୁସ୍ଥ କରାଯାଇଥାଏ। ଶରୀରରେ ଜଳର ପରିମାଣ କମିଯିବା ଭଳି ଶରୀରରେ ମଧ୍ୟ ଜଳ ଜମିଯାଇ ସମସ୍ୟା ସୃଷ୍ଟି କରିପାରେ। ଖାସ୍ କଥା ହେଲା ସବୁବେଳେ ପରିଷ୍କାର ଜଳ ପିଅନ୍ତୁ। ଦୂଷିତ ଜଳ ପିଇଲେ ତାହା ଅନେକ ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି କରିଥାଏ। ଜୀବାଣୁ, ଭୂତାଣୁ ଓ ପରଜୀବୀର ସଂସ୍ପର୍ଶରେ ଆସିଲେ ଜଳ ସଂକ୍ରମିତ ହୋଇପଡ଼େ। ସଂକ୍ରମିତ ଜଳ ପିଇଲେ ହଇଜା ବା କଲେରା, ଟାଇଫଏଡ, ଆମାଶୟ, ପୋଲିଓ, କାମଳ ଏବଂ ନାନାପ୍ରକାର କୃମିରୋଗ ଜାତ ହେବାର ଆଶଙ୍କା ଅଧିକ। ବିଶୁଦ୍ଧ ଜଳକୁ ଫୁଟେଇ ଥଣ୍ଡାକରି ପିଇଲେ ମଧ୍ୟ ଉପରୋକ୍ତ ରୋଗଗୁଡ଼ିକରୁ ମୁକ୍ତି ମିଳେ।



# ସ୍ୱାସ୍ଥ୍ୟଗତ ସଙ୍କଟ ଓ ଭାରତୀୟଙ୍କ ସୁସ୍ଥତା

ବିଶ୍ୱ ଆଜି କରୋନା ଭୂତାଣୁଜନିତ ସଂକ୍ରାମକ ରୋଗକୁ ନେଇ ଶଙ୍କାଗ୍ରସ୍ତ। କେବଳ ଟିକିଏ ସତର୍କତା, ସଚେତନତା ତଥା ସାବଧାନତା ହିଁ ଏହି ମହାମାରୀଠାରୁ ଆମକୁ ଦୂରେଇ ରଖିବ। ସରକାରୀ ନିର୍ଦ୍ଦେଶକୁ ମାନି ଆମକୁ ଆଗକୁ ବଢ଼ିବାକୁ ହେବ। ଏପରି ଏକ ସମୟର ସମ୍ମୁଖୀନ ହେବା ଆମ କଳ୍ପନା ବାହାରେ ଥିଲା। ମଣିଷ ଭାବି ନେଇଥିଲା ସେ ଅପରାଜେୟ। ମାତ୍ର ପ୍ରକୃତି ଜଣେଇ ଦେଇଛି କିଏ ଅଧିକ ଶକ୍ତିଶାଳୀ। ଏ ସମୟ ଚାଲିଯିବ ଭଲ ସମୟ ପୁଣି ଫେରିଆସିବ ଏଥିରେ ସନ୍ଦେହ ନାହିଁ। ତେବେ ଏହି ପରିସ୍ଥିତିରୁ ଗୋଟିଏ କଥା ପ୍ରମାଣିତ ହୋଇଛି ଯେ, ସୁସ୍ଥ ଶରୀର ବା ସ୍ୱାସ୍ଥ୍ୟ ହେଉଛି ସବୁରି ମୂଳ। କୌଣସି ରୋଗରେ ଆକ୍ରାନ୍ତ ନ ହେବାକୁ ଆମେ ସୁସ୍ଥତା ବୋଲି ବିଚାର କରିଥାଉ। ହେଲେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିବା ଅନୁସାରେ କେବଳ ରୋଗ ନ ହେବା ସୁସ୍ଥତାକୁ ବୁଝାଇ ନ ଥାଏ; ବରଂ ଶାରୀରିକ, ମାନସିକ ଓ ସାମାଜିକ ରୂପେ ସମ୍ପୂର୍ଣ୍ଣ ଭାବେ ଦକ୍ଷ ରହିବା ହିଁ ସୁସ୍ଥତାର ପଦବାଚ୍ୟ। ସମ୍ପ୍ରତି ଭାରତୀୟଙ୍କ ମାନସିକ ସ୍ୱାସ୍ଥ୍ୟ ଦ୍ରୁତ ଗତିରେ ବିଗିଡ଼ି ଚାଲିଛି। ଏଥିପାଇଁ କ୍ରୋଧିତ ଓ ଉଦାସ ଦେଶର ମାନ୍ୟତା ପାଇଛି ଆମ ଦେଶ । ଖୁସି ରହିବା କ୍ଷେତ୍ରରେ ଭାରତ ସାରା ଦୁନିଆରେ ୧୧୮ତମ ସ୍ଥାନରେ ରହିଛି। ପୁଣି ଶାରୀରିକ ସୁସ୍ଥତା କ୍ଷେତ୍ରରେ ଭାରତୀୟଙ୍କ ସ୍ଥିତି ବେଶ୍ ଉଦ୍‌ବେଗଜନକ।

ବୟସ ଦୃଷ୍ଟିରୁ ଭାରତ ହେଉଛି ଏକ ଯୁବକ ବହୁଳ ଦେଶ। ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟର ତଥ୍ୟ ଅନୁସାରେ ଭାରତର ମୋଟ ଜନସଂଖ୍ୟାର ୪୭କୋଟିରୁ ଉର୍ଦ୍ଧ୍ୱ ଲୋକ ଶ୍ରମିକ ଶ୍ରେଣୀରେ ଅନ୍ତର୍ଭୁକ୍ତ। କିନ୍ତୁ ଭାରତ ଧୀରେ ଧୀରେ କ୍ଳାନ୍ତ ଓ ରୋଗୀଣା ଲୋକଙ୍କ ଦେଶ ହେବାକୁ ଯାଉଛି। ଡିସେମ୍ବର ୨୦୧୫ର ଲେନସିଟ୍ ତଥ୍ୟ ଅନୁଯାୟୀ ସୁସ୍ଥତା ତାଲିକାରେ ୫ଟି ବ୍ରିକ୍ସ ଦେଶ ମଧ୍ୟରୁ ଭାରତ; ବ୍ରାଜିଲ୍, ରୁଷିଆ, ଚାଇନା ଓ ଦକ୍ଷିଣ ଆଫ୍ରିକା ଠାରୁ ନିମ୍ନରେ ରହିଛି। ୨୦୧୩ରେ ହୋଇଥିବା ଏକ ସର୍ବେକ୍ଷଣର ତଥ୍ୟ ଅନୁସାରେ ସାରା ଦୁନିଆର ମୋଟ ରୋଗଗ୍ରସ୍ତଙ୍କ ମଧ୍ୟରୁ ୨୦% ହେଉଛନ୍ତି ଭାରତୀୟ। ବର୍ତ୍ତମାନ ଭାରତରେ ପ୍ରାୟ ୭କୋଟିରୁ ଉର୍ଦ୍ଧ୍ୱ ଲୋକ ମଧୁମେହ (ଡାଏବେଟିସ୍) ରୋଗରେ ପୀଡ଼ିତ। ୱାର୍ଲ୍ଡ କଂଗ୍ରେସ ଅଫ୍ କାର୍ଡିଓଲୋଜିର ତଥ୍ୟ ଅନୁସାରେ ୨୦୨୦ ପରେ ପରେ ୪୦ପ୍ରତିଶତ ଭାରତୀୟଙ୍କ ମୃତ୍ୟୁ ହୃଦ୍ ସମ୍ପର୍କିତ ରୋଗ ଦ୍ୱାରା ହେବ। ସମ୍ପ୍ରତି ଭାରତରେ ପ୍ରତି ୧୦ଜଣରେ ଜଣେ ବୃକକ୍(କିଡ୍‌ନୀ) ରୋଗରେ ଆକ୍ରାନ୍ତ। ମୋଟାପଣ, ମେଦବହୁଳତା ଓ ଓଜନଯୁକ୍ତ ଲୋକଙ୍କ ସଂଖ୍ୟା ଦୃଷ୍ଟିରୁ ସମଗ୍ର ବିଶ୍ୱରେ ଭାରତ ୩ୟ ସ୍ଥାନରେ ରହିଛି। ପୁଣି କମ୍ ଓଜନଯୁକ୍ତ ଲୋକଙ୍କ ସଂଖ୍ୟା ମଧ୍ୟ ଭାରତରେ ଅଧିକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ପ୍ରତି ୫ଜଣରେ ଜଣେ ଭାରତୀୟ ସ୍ଫୁର୍ତ୍ତିହୀନତାର ଶିକାର ହୋଇଥାନ୍ତି। ତା'ମାନେ ୨୦% ଭାରତୀୟ ଆଜି ନିରାଶରେ ବଞ୍ଚୁଛନ୍ତି। ଅନ୍ୟ ଏକ ତଥ୍ୟ ଅନୁସାରେ, ପ୍ରତି ବର୍ଷ କର୍କଟ (କ୍ୟାନ୍‌ସର) ରୋଗରେ ପ୍ରାୟ ୬ଲକ୍ଷ ଭାରତୀୟ ଜୀବନ ହାରୁଥିବା ବେଳେ ମଧୁମେହରେ ପ୍ରାୟ ୧୧ଲକ୍ଷ ଲୋକଙ୍କ ପ୍ରାଣ ଯାଉଛି। ରୋଗୀଣା ଲୋକଙ୍କ ଦ୍ୱାରା ଏକ ସୁସ୍ଥ ଓ ସଫଳ ରାଷ୍ଟ୍ର ନିର୍ମାଣ ହେବା ଅସମ୍ଭବ। ତେଣୁ ଆମକୁ ଏସବୁ ରୋଗର କାରଣ ଖୋଜି ତା'ର ଉପଯୁକ୍ତ ବ୍ୟବସ୍ଥା କରିବାକୁ ହେବ।

-ଇପ୍ସିତା ମହାନ୍ତି
ବୈପାରୀଗୁଡ଼ା, କୋରାପୁଟ,
ମୋ: ୬୩୭୦୬୭୯୪୦୫

DSPL - 02

ATTENTION

Online Payment for Registration of Ultrasound Centre

As per RBI circular dated 15th january 2020 :

"Existing cards which have never been used for online (Card not present) /International /Contactless transactions shall be mandatorily disabled for this purpose".

Therefore, the following payment modalities may be used to make online payment for seeking registration under PC&PNDT-

1. Challan in favour of the District Appropriate Authority
2. Net Banking
3. UPI-BHIM etc.
4. Debit Card / Credit Card approved by Bank for Online Payment.

This is for information of all concerned.

Sd/-
Director of Family Welfare,Odisha

OIPR-10003/13/0001/2122

Health & Family Welfare Department,Odisha

## ମେ'ରେ ଗ୍ରୀଷ୍ମକାଳୀନ କବାଡ଼ି ପ୍ରଶିକ୍ଷଣ

ସମ୍ବଲପୁର, ୬।୪ (ବ୍ୟୁରୋ)- ଆସନ୍ତା ମେ' ପ୍ରଥମ ସପ୍ତାହରେ ଗ୍ରୀଷ୍ମକାଳୀନ କବାଡି ପ୍ରଶିକ୍ଷଣ ଶିବିର ମନ୍ଦଲିଆଠାରେ ହେବ। ଏଥିରେ ୧୪ରୁ ୧୬ ବର୍ଷ ବୟସର ବାଳକମାନେ ଭାଗ ନେବେ। ପରବର୍ତ୍ତୀ ସମୟରେ ମହିଳା ଖେଳାଳିଙ୍କ ଲାଗି ମଧ୍ୟ ଶିବିର ହେବ। ସମ୍ବଲପୁର ମେହେର ଆସୋସିଏଶନ ସଭାକକ୍ଷରେ ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସାଧାରଣ ସମ୍ପାଦକ ବିରଜା ଶଙ୍କର ହୋତା ସୂଚନା ଦେଇଛନ୍ତି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ବିଶ୍ୱ ସ୍ୱାସ୍ଥ୍ୟ ଦିବସ, ଓଡିଶା ସାଂସ୍କୃତିକ ସମାଜ ଭବନ, ଅପରାହ୍ନ ୪ଟା ।

## ସଂକ୍ଷେପରେ

### ବିଦ୍ୟୁତ୍ ଦର ପ୍ରତ୍ୟାହାର ଦାବିରେ କଂଗ୍ରେସର ବିକ୍ଷୋଭ

**କୁଚିଣ୍ଡା, ୬।୪(ଡି.ଏନ.ଏ.):** ବିଦ୍ୟୁତ୍ ଦର ପ୍ରତ୍ୟାହାର ଦାବିରେ ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନକ୍ରମେ କୁଚିଣ୍ଡା ଟାଉନ କଂଗ୍ରେସ ଓ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ ଧାରଣା ଦିଆଯାଇଥିଲା। ପରେ କମିଟି କର୍ମକର୍ତ୍ତା ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଦ୍ୟୁତ୍ ବିଭାଗ ଉପଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଏନ୍ଏସି ସଭାପତି ଅଖିଳ ପ୍ରତାପ ସିଂ, ଗଣେଶ ରାଏ, ଟୁନା ମହାନନ୍ଦ, ଯତୀନ ସାହୁ, ଏମ୍ଡି ସଫିକ୍ ଖାଁନ୍, ପୁଲସ୍ତି ପାତ୍ର, ସଞ୍ଜିତ ମହାନ୍ତି, ବ୍ଲକ ସଭାପତି ଲବଣୀ ନାଏକ, ସୂର୍ଯ୍ୟ ମିଶ୍ରଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ ନେତା ସାମିଲ ହୋଇଥିଲେ।

### ମହିଳା କଲେଜରେ ଅମୃତ ମହୋତ୍ସବ

**ସମ୍ବଲପୁର, ୬।୪ (ବ୍ୟୁରୋ):** ଅମୃତ ମହୋତ୍ସବ ସମ୍ବଲପୁର ସରକାରୀ ମହିଳା କଲେଜ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। କବି ତଥା ଶିକ୍ଷାବିତ୍ ପ୍ରଫେସର ଗିରିଜା ଶଙ୍କର ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଗିରିଜାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ଜୟନ୍ତ କର ଶର୍ମା ଅତିଥି ପରିଚୟ ଓ ପ୍ରଫେସର ଉମାଶଙ୍କର ଦାଶ ଧନ୍ୟବାଦ ଦେଇଥିଲେ।

### ଅମୃତ ବିହାରରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୬।୪ (ବ୍ୟୁରୋ):** ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅମୃତ ବିହାର ପରିସରସ୍ଥ ସ୍ନାତକୋତ୍ତର ଅନ୍ତେବାସୀମାନେ ଶହୀଦ ଯବାନଙ୍କୁ ମଙ୍ଗଳବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେମାନେ ନୀରବ ପ୍ରାର୍ଥନା ସହ କ୍ୟାଣ୍ଡେଲ ପ୍ରଜ୍ୱଳନ କରିଥିଲେ। ଛାତ୍ରାବାସ ଅଧ୍ୟକ୍ଷ ଡ. ଅଲେଖ କୁମାର ସୁତାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଅଜୟ କୁମାର ତ୍ରିପାଠୀ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଛତିଶଗଡ ରାଜ୍ୟର ବିଜାପୁର ଓ ସୁକୁମା ସୀମାନ୍ତବର୍ତ୍ତୀ ତେରାମ୍ ଜଙ୍ଗଲରେ ମାଓବାଦୀଙ୍କ ଗୁଳିରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

# ୧୦୦ ଫୁଟ ବ୍ୟାନରରେ ଦସ୍ତଖତ ଅଭିଯାନ

## ସମ୍ବଲପୁର ରୋଡ୍‌କୁ ଐତିହ୍ୟ ଷ୍ଟେଶନ ଦାବି

**ସମ୍ବଲପୁର, ୬।୪ (ବ୍ୟୁରୋ)**

ସମ୍ବଲପୁର ରୋଡ୍‌କୁ ଐତିହ୍ୟ ଷ୍ଟେଶନ ଓ ଉନ୍ନତି କରିବା ଦାବିରେ ମଙ୍ଗଳବାର ଦସ୍ତଖତ ଅଭିଯାନ କରାଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଫାଟକରୁ ୧୦୦ଫୁଟ୍ ଲମ୍ବର ସ୍ମାରକ ବ୍ୟାନରରେ ଶତାଧିକ ଛାତ୍ରୀଛାତ୍ର ଓ ଜନସାଧାରଣ ସ୍ୱାକ୍ଷର କରିଥିଲେ। ଏହି ଅଭିଯାନକୁ ରେଙ୍ଗାଲି ବିଧାୟକ ନାଉରୀ ନାଏକ ଶୁଭାରମ୍ଭ କରିଥିଲେ। ଏହି ଷ୍ଟେଶନକୁ ଉନ୍ନତି କରିବା ସହ ବସ୍ତି ବାସିନ୍ଦାଙ୍କୁ ଥଇଥାନ କରି ନୂତନ ଲାଇନ ବିଛାଇବାକୁ ସେ ଦାବି କରିଥିଲେ। ଫାଟକ ଷ୍ଟେଶନ ସଂଘର୍ଷ ଓ ଉନ୍ନତି କମିଟି ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା। ୧୦୦ ଫୁଟ୍ ଲମ୍ବର ଏହି ବ୍ୟାନରକୁ କେନ୍ଦ୍ର ରେଳମନ୍ତ୍ରୀ ପିୟୁଷ ଗୋଏଲଙ୍କ ସମେତ ରେଲ୍‌ୱେ ବୋର୍ଡ ଓ ଭୁବନେଶ୍ୱରସ୍ଥିତ ଇଷ୍ଟକୋଷ୍ଟ ମହାପ୍ରବନ୍ଧକଙ୍କ ନିକଟକୁ ପ୍ରେରଣ କରାଯିବ ବୋଲି ନାଗରିକ କମିଟି କର୍ମକର୍ତ୍ତା କହିଛନ୍ତି।



ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛାତ୍ରୀମାନେ ଦସ୍ତଖତ କରୁଛନ୍ତି ।

# ମହାବିଷୁବ ସଂକ୍ରାନ୍ତି ଉତ୍ସବ ପ୍ରସ୍ତୁତି

**ଦେବଗଡ଼,୬।୪(ଡି.ଏନ.ଏ)**

ବାରକୋଟ ବ୍ଲକ ଅଧୀନ କଣ୍ଡେଇ ଗ୍ରାମର ଡାଇମଣ୍ଡ ଛକରେ ମହାବିଷୁବ ସଂକ୍ରାନ୍ତି ଉତ୍ସବ ପାଳନ ପାଇଁ ମଙ୍ଗଳବାର ଜୟ ବୀର ହନୁମାନ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ହୀରାଲାଲ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆଗାମୀ ମହାବିଷୁବ ତଥା ପଣା ସଂକ୍ରାନ୍ତି ଉପରେ ଆଲୋଚନା ହୋଇଥିଲା। ଏହାସହ ଉତ୍ସବ ଆୟୋଜନ ପାଇଁ ଜୟବୀର ହନୁମାନ କମିଟିର ନୂତନ କାର୍ଯ୍ୟକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ତ୍ରିବିକ୍ରମ ବେହେରା ସଭାପତି, ସୁକାନ୍ତ ବେହେରା ସମ୍ପାଦକ ଓ ଲିପୁନ କୁମାର ସାହୁଙ୍କୁ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ହୀରାଲାଲ ସାହୁ, ଝସକେତନ ବେହେରା, ସୋନୁ ଚନ୍ଦ୍ର ରାଣା, ଜଗମୋହନ ସେଠ, ଲକ୍ଷ୍ମଣ ଧଳ, ଦୀପକ ବେହେରା ଓ ରଞ୍ଜିତ ସାହୁ ମନୋନୀତ ହୋଇଥିଲେ।

# ବଳାତ୍କାର ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ

**ଦେବଗଡ଼,୬।୪(ଡି.ଏନ.ଏ)**

୨୦୧୪ ମସିହାରେ ଦେବଗଡ ଥାନା ଅଧୀନ ଜରେଇକେଲା ଗ୍ରାମର ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଦେବଗଡର ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ଅତିରିକ୍ତ ଜିଲାଜଜ୍ ସସ୍ମିତା ପର୍ହୀ ଏହି ମାମଲାର ବିଚାର କରି ଅଭିଯୁକ୍ତ ଶତ୍ରୁଘ୍ନ ସିଂଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୪ ହଜାର ଅର୍ଥ ଦଣ୍ଡାଦେଶ ଦେଇଛନ୍ତି ।

ସୂଚନା ଅନୁସାରେ, ୨୦୧୪ରେ ଶତ୍ରୁଘ୍ନ ଜରେଇକେଲା ଗ୍ରାମର ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଦେବଗଡ ଥାନାରେ ଅଭିଯୋଗ ହୋଇଥିଲା। ଦେବଗଡ ଥାନା ପୋଲିସ ଏ ନେଇ ଏକ ମାମଲା (ନଂ.୭୯/୧୪) ରୁଜୁ କରିବା ସହ ଅଭିଯୁକ୍ତ ଶତ୍ରୁଘ୍ନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ବିଚାର କରି ଅତିରିକ୍ତ ଜିଲାଜଜ୍ ପର୍ହୀ ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଓକିଲ ଭୂପେନ୍ଦ୍ରନାଥ ଦେବ ମାମଲା ପରିଚାଳନା କରିଥିଲେ ।

# ହତ୍ୟା ମାମଲା ରୁଜୁ, ୪ ଅଟକ

## ପରିତ୍ୟକ୍ତ ଘରୁ ମୃତଦେହ ମିଳିବା ଘଟଣା

**ସମ୍ବଲପୁର, ୬।୪ (ବ୍ୟୁରୋ)**

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ବରେଇପାଲି ଅଞ୍ଚଳର ଏକ ପରିତ୍ୟକ୍ତ ଘରୁ ସୋମବାର ରୋହନ ପ୍ରଧାନ (୩୦)ଙ୍କ ମୃତଦେହ ଜବତ ହୋଇଥିଲା। ଏହି ଘଟଣାରେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରୋହନଙ୍କ ଛାତିରେ ଗଭୀର ଆଘାତ ଲାଗିବା ଓ ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ କହିଛି। ଏହି ଘଟଣାରେ ୪ ଜଣଙ୍କୁ ଅଟକ ରଖି ପଚରାଉଚୁରା ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ସ୍ପଷ୍ଟ ହେବ। ଅନ୍ୟପଟେ ପୂର୍ବଶତ୍ରୁତାରୁ ରୋହନଙ୍କୁ ହତ୍ୟା କରାଯାଇଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟଯେ, ବରେଇପାଲିରି ଏକ କିରାନା ଦୋକାନ ପଛପଟ ପରିତ୍ୟକ୍ତ ଘରୁ ରୋହନଙ୍କ ମୃତଦେହ ପଡିଥିବା ଖବର ପାଇ ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ।

# ରକ୍ତଦାନ ଶିବିର, ୬୫ ୟୁନିଟ ସଂଗ୍ରହ

**ରାଜଗାଙ୍ଗପୁର,୬।୪ (ଡି.ଏନ.ଏ)**

ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ କୁକୁମୁରୁ ପଞ୍ଚାୟତରେ ମୋ ପରିବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ବ୍ଲକ ବିଜୁ ଛାତ୍ର ଜନତା ଦଳ ସଭାପତି ଅଜିତ ମିଞ୍ଜଙ୍କ ନେତୃତ୍ୱରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୬୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଶିବିରରେ ବିଜେଡି ରାଜ୍ୟ ଉପସଭାପତି ମଙ୍ଗଳା କିସାନ, ରାଜଗାଙ୍ଗପୁର ବ୍ଲକ ଅଧ୍ୟକ୍ଷ ବସନ୍ତ ଟପ୍ପୋ, ବ୍ଲକ ବିଜେଡି ସଭାପତି ରାମଚନ୍ଦ୍ର କୁଜୁର, କାର୍ତ୍ତିକ ଶର୍ମା, ଚନ୍ଦନକାନ୍ତା, ଅମରେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲା ଭାଜପା ପକ୍ଷରୁ ପ୍ରତିଷ୍ଠା ଦିବସ




ବୈଠକରେ ଉପସ୍ଥିତ ଭାଜପାର ନେତୃବୃନ୍ଦ।

**ସୁନ୍ଦରଗଡ,୬।୪ (ଡି.ଏନ୍.ଏ.)**

ସୁନ୍ଦରଗଡ ସାଂଗଠନିକ ଜିଲା ଭାଜପା ପକ୍ଷରୁ ଦଳର ପ୍ରତିଷ୍ଠା ଦିବସ ଓ କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଭୋଜପୁରସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟରେ ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ କର୍ମକର୍ତ୍ତା ମାନେ ଭାରତମାତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାଛଡା ଜନସଂଘର ପ୍ରତିଷ୍ଠାତା ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ଓ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ସେମାନଙ୍କ ଅବଦାନ ସଂପର୍କରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଜିଲାର ନୂତନ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ପ୍ରଭାରୀ ମୁରଲୀ କିଶନ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ବରିଷ୍ଠ ନେତା ସହଦେବ ଖାଖା, ଦୁର୍ଗାଚରଣ ପଟେଲ, ବିମଳ କିଶୋର ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟ କିଶୋର ମିଶ୍ର, ସୁରେନ୍ଦ୍ର ସ୍ୱର୍ଣ୍ଣକାର, ଡା. ହିମାଂଶୁ ଶେଖର ଷଡଙ୍ଗୀ, ବିଶ୍ୱଜିତ ତନ୍ତୀ, ପ୍ରେମସାଗର ଓରାମ, ଯଶୋବନ୍ତ ନାଏକ, ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଦଳର ସଂଗଠନକୁ ସୁଦୃଢ କରିବା ସହ ଦଳର ଗଠନମୂଳକ ନୀତି ଓ ଆଦର୍ଶକୁ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।

# ଟ୍ରେଲର ଧକ୍କାରେ ଯୁବକ ମୃତ

**ସୁନ୍ଦରଗଡ, ୬।୪ (ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲା ହେମଗିର ଥାନା ଅନ୍ତର୍ଗତ ବାଙ୍କୀବାହାଲ-ଟପରିଆ ରାସ୍ତାର ଗୋପାଲପୁରଠାରେ ସୋମବାର ରାତିରେ ଏକ କୋଇଲା ବୋଝେଇ ଟ୍ରେଲର ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁରେଶ ବେହେରା (୪୫)। ସୁରେଶ ରାତିରେ ଚାଲି ଚାଲି ନିଜ ଘରକୁ ଯାଉଥିବା ବେଳେ କୋଇଲା ବୋଝେଇ ଟ୍ରେଲରଟି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବରପାଇ ମଙ୍ଗଳବାର ସକାଳେ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରିଛି ।

# କ୍ଷତିପୂରଣ ଦାବିରେ ଆମରଣ ଅନଶନ



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆମରଣ ଅନଶନରେ ବିଦ୍ୟାଧର ରାଉତ ।

**ସମ୍ବଲପୁର, ୬।୪ (ବ୍ୟୁରୋ)**

ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ରେଙ୍ଗାଲି ତହସିଲ ଲପଙ୍ଗା ଗ୍ରାମର ବିଦ୍ୟାଧର ରାଉତ କ୍ଷତିପୂରଣ ଦାବିରେ ଚଳାଇଥିବା ଆମରଣ ଅନଶନ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହା ମଧ୍ୟରେ କୌଣସି ପ୍ରଶାସନିକ ଅଧିକାରୀ ଆଲୋଚନା ପାଇଁ ଆସି ନ ଥିବା ବିଦ୍ୟାଧର ଅଭିଯୋଗ କରିଛନ୍ତି। ବିଦ୍ୟାଧରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବାରେ ଲାଗିଛି। ଅଭିଯୋଗକ୍ରମେ ୮ବର୍ଷ ପୂର୍ବରୁ ଭୂଷଣ ପାୱାର ଆଣ୍ଡ ଷ୍ଟିଲ ପକ୍ଷରୁ ଜମି ଅଧିଗ୍ରହଣ ହୋଇଥିଲା । ଏହି ସମୟରେ ତାଙ୍କର ୭୦ ଡେସିମିଲ ଜମି କମ୍ପାନୀ ଅଧିକୃତ କରିଛି। ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ କ୍ଷତିପୂରଣ ପ୍ରଦାନ କରାଯାଇ ନାହିଁ। ଚଞ୍ଚକତା କରି ୧୪ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଅନ୍ୟ କେହି ଜଣେ ଉଠାଇ ନେଇଥିବା ଜଣାପଡିଛି । ବାରମ୍ବାର ଏ ନେଇ ଜିଲା ପ୍ରଶାସନ, ତହସିଲ କାର୍ଯ୍ୟାଳୟ ଓ କମ୍ପାନୀରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିପାରିଲା ନାହିଁ। ତେଣୁ ସେ ପୂର୍ବ ସୂଚନା ମୁତାବକ ୫ ତାରିଖଠାରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି।

# ସମ୍ବଲପୁରରେ ଭୋଲ୍‌ଟାସ୍ ବ୍ରାଣ୍ଡ୍ ଷ୍ଟୋର



ଷ୍ଟୋର ଉଦ୍‌ଘାଟନ କରାଯାଉଛି ।

**ସମ୍ବଲପୁର,୬।୪**

ଦେଶର ପ୍ରମୁଖ ଏସି ବ୍ରାଣ୍ଡ ଭୋଲ୍‌ଟାସ ପକ୍ଷରୁ ସମ୍ବଲପୁରର ଅଇଁଣ୍ଠାପାଲି ରୋଡ୍‌ଠାରେ ନୂଆ ବ୍ରାଣ୍ଡ ଷ୍ଟୋର ଶୁଭାରମ୍ଭ ହୋଇଛି। ଏହା ଓଡ଼ିଶାରେ କମ୍ପାନୀର ୬ଷ୍ଠ ବ୍ରାଣ୍ଡ ଷ୍ଟୋର। ସାରା ଦେଶରେ କମ୍ପାନୀ ୧୪୦ ବ୍ରାଣ୍ଡ ଷ୍ଟୋର ଦ୍ୱାରା ସେବା ଯୋଗାଉଛି। ୨୦୨୧ରେ ଅଧିକ ଷ୍ଟୋର ଯୋଡିବା ଲାଗି କମ୍ପାନୀ ଯୋଜନା ରଖିଛି। ନୂଆ ଷ୍ଟୋରରେ ଗ୍ରାହକଙ୍କ ଲାଗି ଭୋଲ୍‌ଟାସ ଏବଂ ଭୋଲ୍‌ଟାସ ବେକୋର ପ୍ରଡକ୍ଟ ଉପଲବ୍ଧ ହେବ। ଏହା ମଧ୍ୟରେ ଏୟାର କଣ୍ଡିସନର ଏୟାର ପ୍ୟୁରିଫାୟର, ଏୟାର କୁଲର, କମର୍ସିଆଲ ରେଫ୍ରିଜରେଟର, ୱାଟର ଡିସ୍‌ପେନଶନ, ୱାଟରକୁଲର, ରେଫ୍ରିଜରେଟର, ୱାଶିଂ ମେଶିନ, ମାଇକ୍ରୋୱେଭ ଏବଂ ଡିସ୍‌ୱାଶର ସାମିଲ ରହିଛି। ସମ୍ବଲପୁରରେ ନୂଆ ଷ୍ଟୋର ଖୋଲି ଅତ୍ୟନ୍ତ ଖୁସି ବୋଲି ଭୋଲ୍‌ଟାସ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ପ୍ରଦୀପ ବକ୍ସି କହିଛନ୍ତି। ଗ୍ରାହକଙ୍କ ଆବଶ୍ୟକତା ଆଧାରରେ ଟେକ୍ନୋଲୋଜି ଏବଂ ସୁଲଭ ପ୍ରଡକ୍ଟ ଯୋଗାଣ କରାଯାଉଛି। ଗୋଟିଏ ଛାତ ତଳେ ଭୋଲ୍‌ଟାସ ଏବଂ ଭୋଲ୍‌ଟାସ ବେକୋ ପ୍ରଡକ୍ଟ ଗ୍ରାହକ ପାଇପାରିବେ।

# ବାପୁଜୀ ହାଇସ୍କୁଲରେ ମଡ଼େଲ ସ୍କୁଲ ସ୍ଥାପନ ପ୍ରସ୍ତୁତି ବୈଠକ

**ନାକଟିଦେଉଳ,୬।୪(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଡ଼ଙ୍ଗାଁଟା ବାପୁଜୀ ଉଚ୍ଚବିଦ୍ୟାଳୟଠାରେ ଅନୁଷ୍ଠାନକୁ ମଡ଼େଲ ସ୍କୁଲ ଭାବେ ସ୍ଥାପନ କରାଯିବା ସମ୍ପର୍କରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅରୁଣ କୁମାର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିଷ୍ପତ୍ତିକ୍ରମେ ସମ୍ବଲପୁର ଜିଲାର ସମୁଦାୟ ୧୫ ହାଇସ୍କୁଲକୁ ମଡ଼େଲ ସ୍କୁଲ ଭାବେ ଚୟନ କରାଯାଇଛି। ବାପୁଜୀ ହାଇସ୍କୁଲକୁ ମନୋନୀତ କରାଯାଇଥିବାରୁ ଏହାର ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ସକାଶେ ବିଭିନ୍ନ ପ୍ରସ୍ତାବ ଆଗତ କରାଯାଇଥିଲା। ସରକାରଙ୍କ ମଡ଼େଲ ସ୍କୁଲ ସ୍ଥାପନର ବିଶେଷତ୍ୱ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ଆଲୋକପାତ କରିଥିଲେ। ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ଡ଼ଙ୍ଗାଁଟା ସରପଞ୍ଚ ପ୍ରବୀଣ କୁମାର ପ୍ରଧାନ, ଜିଲାପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କନ୍ଦର୍ପ ବେହେରା, ପୂର୍ବତନ ଛାତ୍ରସଂସଦ ସଦସ୍ୟ ମୁରଲୀଧର ପ୍ରଧାନ ପ୍ରମୁଖ ବୈଠକରେ ଉପସ୍ଥିତ ରହି ମତାମତ ରଖିଥିଲେ।

# ସୁନ୍ଦରଗଡ଼ ଜିଲାରେ କାୟା ମେଲାଉଛି କରୋନା

**ସୁନ୍ଦରଗଡ, ୬।୪ (ଡି.ଏନ୍.ଏ.)**

ଛତିଶଗଡ ଓ ଝାଡଖଣ୍ଡ ସୀମାନ୍ତ ସୁନ୍ଦରଗଡ ଜିଲାରେ ଏବେ କାୟା ମେଲାଉଛି କରୋନା । ପଡୋଶୀ ଛତିଶଗଡ ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ସୁନ୍ଦରଗଡ ସମେତ ରାଜ୍ୟର ୧୦ଟି ଜିଲାରେ ସୋମବାର ରାତିରୁ ନାଇଟ କର୍ଫ୍ୟୁ କଡାକଡି ହୋଇଛି। ରାତି ୧୦ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ବଳବତ୍ତର ରହିବ । ପୋଲିସ ପ୍ରଶାସନ ପକ୍ଷରୁ ଛତିଶଗଡ ସୀମାନ୍ତବର୍ତ୍ତୀ ବାଲିଶଙ୍କରା, ଲେଫ୍ରିପଡା, ହେମଗିର ବ୍ଲକ ସମେତ ସୁନ୍ଦରଗଡ ଜିଲା ସଦର ମହକୁମା ଓ ରାଉରକେଲା ସହରରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି ହୋଇଛି। ଏଥିଯୋଗୁ ରାସ୍ତାଘାଟ ଶୁନଶାନ ହୋଇପଡୁଛି । ଜିଲାର ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ବନଡେଗା ଗ୍ରାମ ପଞ୍ଚାୟତର ବନଡେଗା, ମୁରକିଆ, କଣ୍ଟାବାହାଲ ,ଫଲସିଆ ଗ୍ରାମରେ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି ।

ବନଡେଗାରେ ୩୨ଜଣ ଓ ମୁରକିଆରେ ୨୪ଜଣଙ୍କ ଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି।



ସୁନ୍ଦରଗଡ ଜିଲା ଛତିଶଗଡ ସୀମାନ୍ତ ବନଡେଗା ଗ୍ରାମରେ କଣ୍ଟେନମେଣ୍ଟ ଜୋନ ଘୋଷଣା ପରେ ପୋଲିସ ମୁତୟନ ।

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ମହାରାଷ୍ଟ୍ର ନାଗପୁରର ଏକ ବାଜା ପାର୍ଟି ବନଡେଗାରେ ଅନେକ ବିବାହ ଉତ୍ସବରେ ସାମିଲ ହୋଇଥିବାରୁ ସେମାନଙ୍କ ଦ୍ୱାରା ଲୋକେ ସଂକ୍ରମିତ ହୋଇଥିବା କୁହାଯାଉଛି । ଗ୍ରାମବାସୀଙ୍କ ଠାରୁ ଖବର ପାଇ ସୁନ୍ଦରଗଡରୁ ଏକ ଡାକ୍ତରୀ ଦଳ ଯାଇ ସ୍ୱାବ୍ ପରୀକ୍ଷା କରିବା ପରେ କରୋନା ସଂକ୍ରମଣ ଚିହ୍ନଟ ହୋଇଥିଲା । ସଂପୃକ୍ତ ଅଞ୍ଚଳରେ କରୋନା ସଂକ୍ରମଣ ବ୍ୟାପିବା ଆଶଙ୍କା ଦେଖି ପ୍ରଶାସନ ପକ୍ଷରୁ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ସେହି ପଞ୍ଚାୟତର ରଏବ ବସ୍ତି , ବନଡେଗା ଫିଙ୍ଗିପଡା ,ବସ୍ତିପଡା ଓ ଲୁଲୁକିଡିହି ହାଇସ୍କୁଲ ପାଖ ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରିଛନ୍ତି । ଆସନ୍ତା ଏପ୍ରିଲ ୧୨ ତାରିଖ ପର୍ଯ୍ୟନ୍ତ ଏହି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି । ଏହି ୨ଟି ଗାଆଁରେ ସଂକ୍ରମିତଙ୍କ ସଂଖ୍ୟା ୫୬ରେ ପହଞ୍ଚିଥିବାରୁ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୭ ଏପ୍ରିଲ, ୨୦୨୧



## ସଂକ୍ଷେପରେ

### ଗଛରେ ପିଟି ହୋଇ ବାଇକ୍ ଆରୋହୀ ମୃତ

ଜୁନାଗଡ଼, ୬।୪ (ଡି.ଏନ.ଏ.)-କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ସନ୍ୟାସୀକୁଣ୍ଡାମାଲ-ଘୋଲିଯିବା ଛକ ମଧରେ ସୋମବାର ରାତିରେ ଗଛରେ ପିଟିହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜୁନାଗଡ଼ ବ୍ଲକ ବରଗାଁର ସଞ୍ଜୀବ ବିଶ୍ୱାଳ (୨୬)। ମିଳିଥିବା ସୂଚନା ଅନୁଯାୟୀ, ସଞ୍ଜୀବ ସୋମବାର ରାତିରେ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ପଲାସ ଗ୍ରାମକୁ ଯାଇ ବାଇକ୍ ଯୋଗେ ଫେରୁଥିଲେ। ସନ୍ୟାସୀକୁଣ୍ଡାମାଲ-ଘୋଲିଯିବା ଛକ ମଧରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ମୃତକଙ୍କ ବାପା ତରଙ୍ଗ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପରେ ବ୍ୟବଚ୍ଛେଦ କରି ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲେ।

### ଲୁହାପଥର ପରିବହନ ଭଡ଼ା ବୃଦ୍ଧି ଦାବିରେ ବିକ୍ଷୋଭ

ଟେନସା, ୬।୪(ଡି.ଏନ.ଏ.): ସୁନ୍ଦରଗଡ ଜିଲା ବଣାଇ ଟ୍ରକ ଏବଂ ଟିପ୍ପର ଆସୋସିଏଶନ ପରିହନ ଭଡା ବୃଦ୍ଧି ଦାବି କରି ମଙ୍ଗଳବାର କୋଇଡା ମାଇନିଂ ସେକ୍ଟରର ସମସ୍ତ ଖଣିରୁ ଲୁହାପଥର ପରିବହନ ବନ୍ଦ କରିଛନ୍ତି। ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ବଣାଇ ଟ୍ରକ ଏବଂ ଟିପ୍ପର ଆସୋସିଏଶନ କର୍ମକର୍ତ୍ତାମାନେ ସମସ୍ତ ଖଣି ଗେଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେମାନଙ୍କ କହିବା ଅନୁଯାୟୀ ଗତ କିଛି ଦିନ ହେଲା ଡିଜେଲ ଦର ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପକ୍ଷେ ରାସ୍ତା ଦୂରାବସ୍ଥା ଗାଡି ମାଲିକମାନଙ୍କୁ କାଳ ସାଜିଛି। ମହାମାରୀ କରୋନା ସମୟରେ ଗାଡି ମାଲିକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଇଛନ୍ତି। ସବୁ ସହିବା ପରେ ମଧ ଖଣି ମାଲିକ ପରିବହନ ବୃଦ୍ଧି ନକରି ଟ୍ରକ, ଟିପ୍ପର ମାଲିକମାନଙ୍କୁ ଶୋଷଣ କରୁଛନ୍ତି। ଏକ ବୈଠକ କରି ସମସ୍ତ ଖଣି ମାଲିକ ଓ ପ୍ରଶାସନକୁ ଲିଖିତଭାବେ ଜଣାଇ ଦିଆଯାଇଥିଲା। ହେଲେ ଏଥିପ୍ରତି ଗୁରୁତ୍ୱ ଦିଆଗଲା ନାହିଁ। ଏଣୁ ବାଧ ହୋଇ ଆସୋସିଏସନ ପକ୍ଷରୁ ବିଧାୟକ ମୁଣ୍ଡାଙ୍କ ନେତୃତ୍ୱରେ ପ୍ରଭାତ ପଣ୍ଡା, ଅଶୋକ ସାମଲ, ପ୍ରମୋଦ ସାମଲ, ଶ୍ରୀନିବାସ ନାୟକ, ଧନୀ ମହାପାତ୍ର, ନେପୋଲିୟନ ସେଠୀ, ବାଦଲ ବାରିକ, ବାବୁଲି ମୁଣ୍ଡା ପ୍ରମୁଖ ଗାଡି ମାଲିକମାନେ ବିକ୍ଷୋଭ କରିଥିଲେ। ଅପରାହ୍ନରେ ଗୁଙ୍ଗୁଟା ଖଣି, ଜେ.ଏସ.ଡ଼ବ୍ଲୁ ଖଣି ସମେତ ଟ୍ରାନ୍ସପୋର୍ଟ ମାଲିକ ବଜରଙ୍ଗ ଅଗ୍ରୱାଲ, ଦିଲ୍ଲୀପ ଶର୍ମା ବିକ୍ଷୋଭସ୍ଥଳରେ ପହଞ୍ଚି ବଣାଇ ଟ୍ରକ ଏବଂ ଟିପର ଆସୋସିଏଶନ ସହିତ ପରିହନ ଭଡା ବୃଦ୍ଧି ନେଇ ଆଲୋଚନା କରିଥିଲେ। ପ୍ରତ୍ୟେକ ଖଣିରୁ ବିଭିନ୍ନ ରେଲବାଇ ପ୍ଲାଟକୁ ଯାଉଥିବା ପରିବହନ ମୂଲ୍ୟ ଟନ ପିଛା ୨୦ଟଙ୍କା ଲେଖାଏ ଅଧିକ ଦିଆଯିବାକୁ ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା।

### ଲଟେରି ମାଧ୍ୟମରେ ଠିପିବନ୍ଦ ମଦ ଦୋକାନ ଆବଣ୍ଟନ

**ନୂଆପଡା ଅଫିସ,୬।୪ :** ନୂଆପଡା ଜିଲାର ବିଭିନ୍ନ ଅଞ୍ଚଳ ପାଇଁ ଠିପିବନ୍ଦ ବିଦେଶୀ ମଦ ଦୋକାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ଟେଣ୍ଡର ପ୍ରସେସରେ ଜିଲାର ୯ଟି ଦୋକାନ ପାଇଁ ୧୬୫ ଜଣ ଆବେଦନ କରିଥିଲେ। ଟେଣ୍ଡର ପ୍ରକ୍ରିୟାକୁ ଅନୁସରଣ କରି ମଙ୍ଗଳବାର ଜିଲାପାଳ ସ୍ୱଧାଦେବ ସିଂହଙ୍କ ଉପସ୍ଥିତିରେ ଲଟେରି ମାଧ୍ୟମରେ ଠିପିଖୋଲା ମଦ ଦୋକାନକୁ ଆବଣ୍ଟିତ କରିଛନ୍ତି।

# ନିର୍ମାଣ କାର୍ଯ୍ୟ ଶେଷ ନ ହେଉଣୁ ଭାଙ୍ଗିଲାଣି ପାଇଖାନା

## ସ୍ୱଚ୍ଛ ଭାରତ ମିଶନ ଫେଲ୍

ନୂଆପଡା ଅଫିସ,୬।୪

ନୂଆପଡା ଜିଲା ସୁନାବେଡା ଅଭୟାରଣ୍ୟରେ ସ୍ୱଚ୍ଛ ଭାରତ ମିଶନ ଫେଲ ମାରିଛି। ଜିଲା ଜଳ ଓ ପରିମଳ ମିଶନ ଯୋଜନାରେ ପାଇଖାନା ନିର୍ମାଣ ପାଇଁ ହିତାଧିକାରୀଙ୍କୁ ୧୨ ହଜାର ଟଙ୍କା ଦିଆଯାଉଛି। କିନ୍ତୁ ଏହି ଟଙ୍କା ହିତାଧିକାରୀଙ୍କୁ ନ ଦେଇ ଠିକାଦାରମାନଙ୍କୁ ଦିଆଯାଉଥିବାରୁ ନିମ୍ନମାନର କାର୍ଯ୍ୟ କରାଯାଉଥିବା ଅଭିଯୋଗ ହେଉଛି। କମ ସିମେଣ୍ଟ ବାଲିରେ କାର୍ଯ୍ୟ କରୁଥିବାରୁ ବର୍ଷାରେ ପାଇଖାନା ଧୋଇ ହୋଇଯାଉଛି। ଫଳରେ ବ୍ୟାବହାର ନ ହେବା ପୂର୍ବରୁ ପାଇଖାନା ସବୁ ଭାଙ୍ଗି ଗଲାଣି। କେଉଁଥିରେ କବାଟ ଲାଗିଛି ତ ଆଉ କେଉଁଠି ଖୋଲା ହୋଇ ପଡିଛି। ଜିଲାରେ ସ୍ୱଚ୍ଛ ଭାରତ ମିଶନ କେତେ ଦୂର ସଫଳ ହୋଇଛି ତାହା ସହଜେ ଅନୁମେୟ। ଗୋଟେ କି ଦୁଇଟା ନୁହେଁ ଶହ ଶହ ପାଇଖାନା ଘର ଏଭଳି ପରିସ୍ଥିତିରେ ଅଛି। ଆଦିବାସୀମାନଙ୍କ ସରଳତାର ସୁଯୋଗ ନେଇ ପ୍ରଶାସନଠାରୁ ଆରମ୍ଭ କରି ସାଧାରଣ ଲୋକେ ମଧ୍ୟ ସୁନାବେଡାବାସୀଙ୍କୁ ଭୂଆଁ ବୁଲାଇ ଠକିବାରେ ଲାଗିଛନ୍ତି। ଏଥି ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଅସାଧୁ ଉପାୟ ଅବଲମ୍ବନ କରିଥିବା ଠିକାଦାର ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁନାବେଡା ସରପଞ୍ଚ ତିଲ ସିଂ ଝାଙ୍କର, ସୋସେଙ୍ଗ ପୂର୍ବତନ ସରପଞ୍ଚ ଜଗମୋହନ ମାଝି, ଯୁବରାଜ ଛତ୍ରିଆ, ଭୁଜବଳ ମାଝି, ବିଶ୍ରାମ ଛତ୍ରିଆ, ବିଜୟ ଝଙ୍କର, ମାନସିଂ ମାଝି, ଗୌସିଂଗ ମାଝି, ପୁରନ ବିଶ୍ୱାଳ, ପର୍ଶୁରାମ ମାଝି, ମଦନ ମାଝି, ମନିରାମ ମାଝି, କମଳ ମାଝି, ଜଗଦେଓ ମାଝି, ଧନୀରାମ ସୁଆର, କଳିରାମ ସୁଆର ପ୍ରମୁଖ ଦାବି କରିଛନ୍ତି।


ପାଇଖାନା ଭାଙ୍ଗି ପଡ଼ିଛି।

# କେନାଲ ସଙ୍କୁଚିତ, ତଳମୁଣ୍ଡକୁ ଯାଉନି ପାଣି

ବରଗଡ଼ ଅଫିସ୍,୬।୪

ବରଗଡ଼ ଜିଲା ପ୍ରଧାନପାଲି ସବମାଇନର କେନାଲରୁ ବରାହଗୋଡ଼ା ପଟକୁ ଯାଇଥିବା କେନାଲ ଦିନକୁ ଦିନ ସଙ୍କୁଚିତ ହୋଇ ପଡୁଛି । କେନାଲର ଉଭୟ ପାର୍ଶ୍ୱକୁ ଜବରଦଖଲ କରି ଘର କରାଯାଉଥିବାରୁ ଏଭଳି ସ୍ଥିତି ଉପୁଜିଛି । ଏଥିପାଇଁ ତଳମୁଣ୍ଡକୁ ପାଣି ପହଞ୍ଚି ପାରୁ ନ ଥିବା ଯୋଗୁ ଫସଲ ନଷ୍ଟ ହେଉଛି। ଏଭଳି ଅଭିଯୋଗ ନେଇ ମଙ୍ଗଳବାର ବରାହଗୋଡ଼ା ପାଣି ପଞ୍ଚାୟତର ଏକ ପ୍ରତିନିଧି ଦଳ ମଙ୍ଗଳବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ବରାହଗୋଡ଼ା ଶାଖା କେନାଲ ଉପରେ ଅନେକ ଚାଷୀ ନିର୍ଭର କରିଥାନ୍ତି । ମାତ୍ର କେନାଲ ଜମିକୁ ଜବରଦଖଲ କରି ସେଠାରେ ଘରଦ୍ୱାର ନିର୍ମାଣ କରିଥିବା ଲୋକେ ନାନା ବର୍ଜ୍ୟବସ୍ତୁ କେନାଲ ଭିତରକୁ ପକାଉଛନ୍ତି। ଗୋଟିଏପଟେ ଜବରଦଖଲ ଏବଂ ଅନ୍ୟପଟେ ବର୍ଜ୍ୟବସ୍ତୁ ଯୋଗୁ କେନାଲ ସଙ୍କୁଚିତ ହୋଇ ପଡୁଛି ଏବଂ ଜମିକୁ ପାଣି ମାଡ଼ି ପାରୁନାହିଁ । ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଜିଲାପାଳଙ୍କୁ ନିବେଦନ କରାଯାଇଛି । ବରାହଗୋଡ଼ା ପାଣି ପଞ୍ଚାୟତର ସଭାପତି ଏକାଦଶିଆ ସାହୁ, ସୁରେଶ୍ ନେକାଣ୍ଟି ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା


ଓକିଲ ସଂଘର କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ସୁନ୍ଦରଗଡ,୬।୪ (ଡି.ଏନ୍.ଏ.)

ଛତିଶଗଡର ସୁକମା ଓ ବିଜାପୁର ସୀମାସ୍ଥିତ ଟେକଲଗୁଡା ଗ୍ରାମ ନିକଟରେ ଗତ ୪ତାରିଖରେ ମାଓବାଦୀଙ୍କ ସହ ଗୁଳି ବିନିମୟ ବେଳେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଓ ଆହତ ଯବାନଙ୍କ ଆରୋଗ୍ୟ କାମନା କରି ମଙ୍ଗଳବାର ସନ୍ଧ୍ୟାରେ ଜିଲା ଓକିଲ ସଂଘ ପକ୍ଷରୁ କ୍ୟାଣ୍ଡଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ଜିଲା ଓକିଲ ସଂଘର କାର୍ଯ୍ୟାଳୟରୁ ବାହାରି ଡିଆରଡିଏ ଛକ ଠାରେ ପହଞ୍ଚିଥିଲା । ସେଠାରେ ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଜିଲା ଓକିଲ ସଂଘର ସଭାପତି ସୁକାନ୍ତ ମହାପାତ୍ର ଓ ସଂପାଦକ ଅଶୋକ ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିଲେ।

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଭବାନୀପାଟଣା, ୬।୪ (ଡି.ଏନ.ଏ.)

ଭବାନୀପାଟଣା ଜିଲା ଦୌରାଜଜ୍ କୋର୍ଟରେ ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜିଲା ଦୌରା ଜଜ୍ ପ୍ରଦୀପ ପଟ୍ଟନାୟକ ମାମଲାର ଶୁଣାଣି କରି ଆବଶ୍ୟକ ତଥ୍ୟ ପ୍ରମାଣ ନ ଥିବା ଯୋଗୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ୨୦୧୮ ଫେବୃୟାରୀ ୨୮ରେ ଭବାନୀପାଟଣା ସହର କୁମାରପଡା ବାପଧାରୀ ପୂଝାରୀ ପରିବାର ସହ ଜୁନାଗଡ ନିକଟ ସାନ ଡୁମେରବାହାଲକୁ ୧୬ ପ୍ରହରୀରେ ଯୋଗଦେବା ପାଇଁ ଯାଇଥିଲେ। ତାଙ୍କ ଭଡାଘରେ ସମ୍ପର୍କୀୟ ଶଳଅ କାଳିଆ ବିଶି ଓ ତାର ସ୍ତ୍ରୀ ଜଗିଥିଲେ। ଏହି ସମୟରେ କାଳିଆ ସ୍ତ୍ରୀଙ୍କୁ ହତ୍ୟା କରି ଭବାନୀପାଟଣା ସହର ନିକଟ ଏକ ହୋଟେଲ ନିକଟରେ ଥିବା ନାଳ ପାଖରେ ପୋତି ଦେଇଥିଲେ। ଏ ନେଇ ଭବାନୀପାଟଣା ଟାଉନ ଥାନାରେ ୨୦୧୮ ମାର୍ଚ୍ଚ ୩ରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ପରେ କାଳିଆ ସ୍ତ୍ରୀଙ୍କୁ ହତ୍ୟା କରିଥିବା ସ୍ୱୀକାର କରିବା ପରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଭବାନୀପାଟଣା ଜିଲା ଦୌରାଜଜ୍ କୋର୍ଟରେ ମାମଲାର ଶୁଣାଣି ହୋଇଥିଲା। ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କ୍ଷୀରୋଦ ପ୍ରସାଦ ନେଗୀ ଓ ଆକାଶ ପଟ୍ଟଯୋଷୀ ମାମଲା ପରିଚାଳନା କରିଥିଲେ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCON-BBS-T-330E ତା.18.03.2021ରିଖ

କାର୍ଯ୍ୟର ନାମ : ବାମୁର - ସମ୍ବଲପୁର ମଧ୍ୟରେ ଦୋହରୀକରଣ ସମ୍ବନ୍ଧୀୟ କେବୁଲ ବିଛାଇବା LT ଏବଂ HT ଓଭରହେଡ୍ ଲାଇନ୍ ସହିତ ଷ୍ଟେସନ ଭବନ, ସେବା ଭବନ, ଲେଭେଲ୍ କ୍ରସିଂ ଫାଟକ, ଗୁମଟି, ଷ୍ଟାଫ୍ କ୍ୱାର୍ଟର ଗୁଡ଼ିକର ବିଦ୍ୟୁତୀକରଣ, ଷ୍ଟାଫ୍ କ୍ୱାର୍ଟର ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ, ସିଡ଼ୀରେ ଆଲୋକ, ସଡ଼କର ଆଲୋକ, ପ୍ଲାଟ୍‌ଫର୍ମ ଏବଂ ପରିକ୍ଷେତ୍ର ଆଲୋକିତକରଣ ଇତ୍ୟାଦି ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 150.54 ଲକ୍ଷ, କାର୍ଯ୍ୟ ଶେଷ ହେବା ଅବଧି : 06 ମାସ

ଟେଣ୍ଡର ଖୋଲିବା/ବନ୍ଦ ହେବା ତାରିଖ, ସମୟ: ତା. 09.04.2021 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ ଭୁବନେଶ୍ୱର

PR-01/CE/21-22

# ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ଦାବିରେ ଜନସଭା


ଦେମୁଲ ପୀଠରୁ କର୍ମକର୍ତ୍ତାମାନେ ମାଦ୍ରିକାଲୋଙ୍କ ଫଟୋଚିତ୍ର ଧରି ଶୋଭାଯାତ୍ରାରେ ଯାଉଛନ୍ତି ।

ବଡଗାଁ,୬।୪(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ କୁରେଇବଗା ଗ୍ରାମରେ ମଙ୍ଗଳବାର ବିପ୍ଲବୀ ମାଦ୍ରି କାଲୋଙ୍କୁ ମରଣୋତ୍ତର ସ୍ୱାଧୀନତା ସଂଗ୍ରାମୀ ଭାବେ ମାନ୍ୟତା ଦେବା ଦାବିରେ ଜନସଭା ହୋଇଥିଲା। ମାଦ୍ରିକାଲୋ ସ୍ମୃତି କମିଟି ଓ ଅଖଣ୍ଡ ଭୂୟାଁ ସମାଜ ପକ୍ଷରୁ ଆୟୋଜିତ ଏହି ସଭାରେ କର୍ମକର୍ତ୍ତା ଓ ଅଞ୍ଚଳର କେତେକ ବ୍ୟକ୍ତି ଯୋଗ ଦେଇଥିଲେ। ପୂର୍ବାହ୍ନରେ କର୍ମକର୍ତ୍ତାମାନେ ଦେମୁଲ ପୀଠରୁ ମାଦ୍ରି କାଲୋଙ୍କ ଫଟୋଚିତ୍ର ଧରି ଶୋଭାଯାତ୍ରାରେ ବାହାରି ସଭାସ୍ଥଳକୁ ଆସିଥିଲେ । ସଭାରେ ଗ୍ରାମର ଗୌଡିଆ ରୁଦ୍ରେଶ୍ୱର ପୃଷେଟ ସଭାପତିତ୍ୱ କରିଥିଲେ। ସେ ମାଦ୍ରିକାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ଦାବିକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ । ବଡଗାଁ ଥାନା ଅଧୀନ କୁରେଇବଗା ଗ୍ରାମରେ ଜନ୍ମିତ ବିପ୍ଳବୀ ମାଦ୍ରିକାଲୋ ଇଂରେଜ ଶାସନ ଅମଳରେ ପ୍ରଜା ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରି ରାଜଦ୍ରୋହ ଅପରାଧରେ ଜେଲ ଯାଇ ମୃତ୍ୟୁବରଣ କରିଥିଲେ । ସଭାରେ ତାଙ୍କ ଅଣନାତି ଉତ୍କଳ କାଲୋ, ଅଖଣ୍ଡ ଭୂୟାଁ ସମାଜ କେନ୍ଦ୍ରୀୟ ସଭାପତି ଡା. ପ୍ରଫୁଲ୍ଲ ମାଝୀ, ପୂର୍ବତନ ବିଧାୟକ ମୁଖରାମ ନାଏକ, ମେଘନାଦ ନାଏକ, ତହସିଲଦାର ବିନୟ କୁଲୁ, ରାଜସ୍ୱ ନିରୀକ୍ଷକ ବବିତା ପଟେଲ, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ସରପଞ୍ଚ ଅହଲ୍ୟା ଲାକ୍ରା, କବି ସୁଧାଂଶୁ ପଣ୍ଡା, ଲବଣୀଧର ପୃଷେଟ, ଗାଁ କମିଟି କର୍ମକର୍ତ୍ତା ତରଣୀସେନ ପୃଷେଟ ମଞ୍ଚାସୀନ ଥିଲେ। ଗ୍ରାମର ଧ୍ରୁବ ମାଝୀଙ୍କ ନେତୃତ୍ୱରେ ଯୁବକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ସମାଜ କର୍ମକର୍ତ୍ତାମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ସ୍ମାରକପତ୍ର ଦେଇଥିଲେ ।

# ସଂକ୍ରମଣ ଉପରମୁହାଁ: ଆଗେଇ ଚାଲିଛି ଟିକାକରଣ କାର୍ଯ୍ୟକ୍ରମ

କୁଆଁରମୁଣ୍ଡା,୬।୪(ଡି.ଏନ.ଏ.)

ସମ୍ପ୍ରତି ଦେଶରେ କରୋନାର ଦ୍ୱିତୀୟ ଲହର ଆରମ୍ଭ ହୋଇଯାଇଛି । ରାଜ୍ୟରେ ମଧ ସଂକ୍ରମଣ ଉପରମୁହାଁ ହେବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଓଡିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୪୫ ବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ବ୍ୟକ୍ତିଙ୍କୁ କରୋନା ଟିକାକରଣ କାର୍ଯ୍ୟକ୍ରମ ଜୋରଦାର ଆଗେଇ ଚାଲିଛି । କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଟିକାକରଣ କେନ୍ଦ୍ରକୁ ବହୁ ସଂଖ୍ୟକ ଲୋକ ଟିକା ନେବାକୁ ଆସୁଥିବା ଦେଖିବାକୁ ମିଳୁଛି । ଟିକାକରଣ କାର୍ଯ୍ୟକ୍ରମ ଗତ ଏପ୍ରିଲ ପହିଲାରୁ ଆରମ୍ଭ ହୋଇଛି । ପ୍ରତ୍ୟେକ ଦିନ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଟିକାକରଣ କାର୍ଯ୍ୟକ୍ରମ ଚାଲୁ ରହିଛି । କୁଆଁରମୁଣ୍ଡା ଅଞ୍ଚଳର ବିଭିନ୍ନ ବସ୍ତି ଓ ଟୋଲିଗୁଡିକ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପୃଥକ ପୃଥକ ତାରିଖ ନିର୍ଦ୍ଧାରଣ କରାଯାଇ ଟିକାକରଣ କାର୍ଯ୍ୟ ଚାଲିଛି ବୋଲି କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା.ଶ୍ରୀମନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଥିସହ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ରାଏବୋଗା, ଅଣ୍ଡାଳି-ଜାମବାହାଲ, କାଦୋବାହାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ମଧ ଅନୁରୂପ ଭାବେ ପ୍ରତ୍ୟହ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କରୋନା ଟିକା ପ୍ରଦାନ କରାଯାଉଛି ବୋଲି କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା.ପଟ୍ଟନାୟକ କହିଛନ୍ତି ।

**DISTRICT RURAL DEVELOPMENT AGENCY, JHARSUGUDA**

No.957 Date 05.04.2021

**TENDER NOTICE**

Sealed tenders are invited from reputed Manpower Agencies/ Service Providers to provide the services of 12 (Twelve) Nos. of MGNREGS Assistants @ 2 Nos. per Block and 2 Nos. for DRDA, 5 (Five) Nos. of Additional Computer Programmer (ACP) @ 01 No. per Block and 1 (One) No. of Data Entry Operator (DEO) for DRDA for handling of MGNREGS related works for a period of one year on contract basis for day to day official work. The engagement of Manpower Agencies/ Service Provider Firm shall be made through two bid systems i.e. technical and financial bid separately. The technically qualified Manpower Agencies/ Service Providers Firms can only participate in the Financial Bid. The undersigned reserves the right to accept or reject any or all applications without assigning any reason (s) thereof. For details please visit our website in www.jharsuguda.nic.in.

1. Last date of receipt of sealed bid is on Dt.20.04.2021 upto 5.30 P.M. through Registered/ Speed Post only.
2. Date and time for opening of
   (i) Technical bid : On dt.22.04.2021 at 10.00 A.M.
   (ii) Financial bid: On dt.22.04.2021 at 11.00 A.M.

Sd./-
Collector-cum-DPC,
MGNREGS, Jharsuguda

**OFFICE OF THE PANCHAYAT SAMITI, JHUMPURA**

No. 896 Date: 26.03.2021

**Detailed Tender Call Notice No. 03/BDO, Jhumpura 2020-21**

No. i-01: The Block Development Officer, Jhumpura invites sealed percentage rate tenders in a Single Cover System on behalf of Govt. of Odisha from registered and eligible class of civil contractor of the State PWD(R&B)/Water Resources/Rural Works/MI/ CPWD for the following works eventually to be drawn up in the PWD F-2 forms in conformity with the Detailed Tender Call Notice.

| Sl. No. | Name of the Work with Location | Scheme | Est. Cost in Rupees | Amount Put to Tender in Rs. | EMD to be Deposited in Rs. | Cost of Tender Document in Rs. | Class of Contractor | Time of Completion |
|---|---|---|---|---|---|---|---|---|
| 1 | Construction of Science Lab Room at O.A.V. Khendra under Khendra G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 2 | Construction of Science Lab Room at Naradapur High School under Naradapur G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 3 | Construction of Science Lab Room at Jhumpura High School under Jhumpura G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 4 | Construction of Science Lab Room at Balibandha High School under Balibandha G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 5 | Construction of Science Lab Room at Gummura High School under Gummura G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 6 | Construction of Science Lab Room at Ukhunda High School under Ukhunda G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 7 | Construction of Science Lab Room at Dhabaleswar High School Kalinga, under Chouthia G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 8 | Construction of Science Lab Room at C.B. High School Chouthia under Chouthia G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 9 | Construction of Addl. Class Room of Rasabantala High School under Tukudia G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 10 | Construction of Addl. Class Room of Gumura High School under Gumura G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 11 | Construction of Addl. Class Room of Ukhunda High School under Ukhunda G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 12 | Construction of Addl. Class Room at Balibandha High School Unit 1 under Balibandha G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 13 | Construction of Addl. Class Room at Balibandha High School Unit II under Balibandha G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 14 | Construction of Addl. Class Room at C.B. High School, Chouthia Unit I under Chouthia G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 15 | Construction of Addl. Class Room at C.B. High School, Chouthia Unit II under Chouthia G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 16 | Construction of Addl. Class Room at Naradpur High School Unit I under Naradpur G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 17 | Construction of Addl. Class Room at Naradpur High School Unit II under Naradpur G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |

**Terms and Conditions**
1. The last date of receipt of Tender paper is Dt.19.04.2021 upto 01.00 PM.
2. The term and conditions of the tenders is available in D.T.C.N. (Detailed Tender Call Notice) available in the office notice board No.- 891/date 26.03.2021
3. Cost of tender paper: The tender specification can be obtained from the office of the Block Development Officer, Jhumpura on payment towards the cost of Tender papers as mentioned above (Non refundable) in shape of bank draft or demand draft only (no other modes will be entertained) drawn in favour of Block Development Officer, Jhumpura in any nationalized bank having its branch at Jhumpura on any working day from 05.04.2021 to 19.04.2021 for the above work.
4. For more details please visit **www.keonjhar.nic.in.**

**OIPR-19108/11/0001/2122** **Sd./- Block Development Officer, Jhumpura**

# ବେଣାଚେର ଦେଇଛି ଜୀବିକା

ବରଗଡ଼ ଅଫିସ୍,୬।୪

ବରଗଡ଼ ବ୍ଲକ ଅଧୀନ ନିଲେଶ୍ୱର ଗ୍ରାମର କୃଷ୍ଣ ସାହୁ । ବୟସ ୫୩ ହେବ। ପୋଲିଓ ଯୋଗୁ ସେ ପିଲାବେଳୁ ଦିବ୍ୟାଙ୍ଗ ପାଲଟି ଯାଇଛନ୍ତି। ସେ ଚାଲି ପାରନ୍ତି ନାହିଁ। ତଥାପି କୃଷ୍ଣ ହାରି ନାହାନ୍ତି । ନିଜେ ରୋଜଗାର କରି ପରିବାର ପୋଷଣରେ ସେ ସକ୍ଷମ ହୋଇଛନ୍ତି । ଆଉ ବେଣାଚେର ହିଁ ତାଙ୍କୁ ଯୋଗାଇଛି ଜୀବିକା।

ସ୍ତ୍ରୀ କୁନ୍ତଳା, ପୁଅ ସୁଶାନ୍ତ ଓ ଝିଅ ଲାବାନଙ୍କୁ ନେଇ କୃଷ୍ଣଙ୍କ ପରିବାର। ଘରଡ଼ିହକୁ ଛାଡ଼ିଦେଲେ ଜମିବାଡ଼ି କିଛି ନାହିଁ। ସେ ବେଣାଚେରରୁ କୁଲର, ଝରକା ଚଦର ପ୍ରସ୍ତୁତ କରି ଯାହା ରୋଜଗାର କରନ୍ତି, ସେଥିରେ ତାଙ୍କ ପରିବାର ଚଳେ ବୋଲି କୃଷ୍ଣ କହିଛନ୍ତି। କୃଷ୍ଣ ବେପାରୀଙ୍କଠାରୁ ବେଣାଚେର ବିଡ଼ା ପ୍ରତି ୧୦ଟଙ୍କା ଦରରେ କିଣିଥାନ୍ତି। ସେଥିରୁ କୁଲର, ଝରକାର ପରଦା ତିଆରି କରନ୍ତି। ଏଥିରେ ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କୁ ସହଯୋଗ କରୁଥିବା ସେ କହିଛନ୍ତି। ପରଦା ତିଆରି ହେବା ପରେ ତାକୁ ନିଜ ଟ୍ରାଇ ସାଇକେଲରେ ଧରି ଗ୍ରାମଠାରୁ ପ୍ରାୟ ୧୫ କି.ମି ଦୂର ବରଗଡ଼ ସହରକୁ ବିକ୍ରି ପାଇଁ ଆସିଥାନ୍ତି। ତାତି ବୃଦ୍ଧି ପାଇବା ସହିତ ଝାଞ୍ଜି ପବନ ବହିବା ଆରମ୍ଭ ହୋଇଥିବାରୁ ଏବେ ବେଣାଚେର ପରଦାର ଚାହିଦା ବଢ଼ିଛି। ଫଳରେ କୃଷ୍ଣ ତାଙ୍କ ପ୍ରସ୍ତୁତ ବେଣାଚେରକୁ ଟ୍ରାଇ ସାଇକେଲରେ ଧରି ସକାଳୁ ବରଗଡ଼ ସହରକୁ ବିକ୍ରି ପାଇଁ ଆସୁଛନ୍ତି। ଗତ ୮ଦିନ ହେଲା ସେ ସହରକୁ ଆସି ସ୍ଥାନୀୟ କଚେରୀ ଆଗରେ ବିକ୍ରିବଟା କରୁଛନ୍ତି।

ତେବେ ବେଣାଚେର ପରଦା ବିକ୍ରିବଟା ସେତେ ଜୋର୍ ଧରିନାହିଁ। ଦିନକୁ ଶହେ ଦେଢ଼ଶହ ଟଙ୍କା ରୋଜଗାର ହେଉଛି ବୋଲି ସେ କହିଛନ୍ତି। ଗତବର୍ଷ ଲକ୍‌ଡାଉନ୍ ଯୋଗୁ ବିକ୍ରିବଟା ପୂରାପୂରି ଠପ୍ ପଡ଼ି ଯାଇଥିଲା। ଫଳରେ ପରିବାର ପୋଷଣ କଷ୍ଟସାଧ ହୋଇଥିଲା। ଏଥର କିଛି ରୋଜଗାର କରିବା ଆଶା ରହିଛି। କିନ୍ତୁ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଲକ୍ ଡାଉନ୍ ଆଶଙ୍କାରେ ରହିଥିବା କୃଷ୍ଣ କହିଛନ୍ତି।


ବରଗଡ଼ କଚେରୀ ସମ୍ମୁଖ ଏକ ଗଛମୂଳେ ଦିବ୍ୟାଙ୍ଗ କୃଷ୍ଣ ସାହୁ ଗରାଖ ଅପେକ୍ଷାରେ ଅଛନ୍ତି ।

**ରିଷିଡ଼ା-କର୍ଲାମୁଣ୍ଡା ରାସ୍ତା ମରାମତି ଦାବି**

ରିଷିଡା (ଡି.ଏନ.ଏ.): କଳାହାଣ୍ଡି ଜିଲା ରିଷିଡା-କର୍ଲାମୁଣ୍ଡା ରାସ୍ତା ପୁନରୁଦ୍ଧାର ପାଇଁ ଦାବି ହେଉଛି। ଏହି ରାସ୍ତାର କିଛି ଅଂଶରେ ଖାଲଖମା ମରାମତି କରାଯାଇଥିବା ବେଳେ ଗଜବାହାଲ ଛକଠାରୁ କର୍ଲାମୁଣ୍ଡା ବସ୍ତି ପର୍ଯ୍ୟନ୍ତ ରାସ୍ତା ମରାମତି ପାଇଁ ବିଭିନ୍ନ ସମୟରେ ଦାବି ହୋଇଆସୁଛି। ଏହି ରାସ୍ତା ସିଧାସଳଖ ଭବାନୀପାଟଣା, ବଲାଙ୍ଗୀର, ସୋନପୁର, ବାଲିଗୁଡା ରାସ୍ତାକୁ ସଂଯୋଗ କରୁଛି। ପ୍ରତିଦିନ ଏହି ରାସ୍ତାରେ ଶହଶହ ଯାନବାହନ ଯାତାୟାତ କରୁଛି। ସେହିପରି କଲେଜ ଛକ-କଅଁସିଲ ଛକ ରାସ୍ତା ଓସାରିଆ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ପୁନଶ୍ଚ ମ.ରାମପୁର- କର୍ଲାମୁଣ୍ଡା ଓଡିଆର ରାସ୍ତାକୁ ଆଗର ଥିବା ଏମଡିଆର ୧୧୫ ରାସ୍ତା କରିବା ପାଇଁ ଦାବି କରାଯାଉଛି।

## ସଂକ୍ଷେପରେ

### ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ବରଗଡ଼ ଅଫିସ୍,୬।୪:** ଛତିଶଗଡ଼ ରାଜ୍ୟ ସୁକମା-ବିଜାପୁରରେ ମାଓବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ବରଗଡ଼ ହସ୍ପିଟାଲ ବଞ୍ଚାଅ ଅଭିଯାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହରରେ ଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିରବ ପ୍ରାର୍ଥନା ସହିତ ମହମବତୀ ପ୍ରଜ୍ଜ୍ୱଳନ କରି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଆବାହକ ରମେଶ ମହାପାତ୍ର, ଭବାନୀ ସାହୁ, ପବିତ୍ର ଦେହେରୀ, ରାଜକୁମାର ବନଛେର, ଶିବାନନ୍ଦ ମଟାରୀ, ମେରିୟମ ଲାକ୍ରା, ଯଶୋବନ୍ତୀ ପୋଢ଼, ପୌଲସ୍ତ୍ୟ ସାହା, ସ୍ୱାମୀ ଧ୍ୟାନ ଦୀପକ, ଲୁଲୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### ଶ୍ରୀନିବାସ ଉଦ୍‌ଗାତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ଜିଲାପାଳ

**ବଲାଙ୍ଗୀର ଅଫିସ, ୬।୪:** ବର୍ଷିୟାନ୍ ସାରସ୍ୱତ ସାଧକ ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ. ଶ୍ରୀନିବାସ ଉଦ୍‌ଗାତା(୮୭) ଘରେ ପଡିଯିବାରୁ ଅସୁସ୍ଥ ହୋଇପଡିଥିଲେ। ତାଙ୍କ ଅସୁସ୍ଥତା ଖବର ପାଇ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ତାଙ୍କ ବଲାଙ୍ଗୀର ରାଧାରାଣୀସ୍ଥିତ ବାସଭବନକୁ ଯାଇ ଡ. ଉଦ୍‌ଗାତା ଓ ତାଙ୍କ ସ୍ତ୍ରୀ ସୌଦାମିନୀ ଉଦ୍‌ଗାତାଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଅବସରରେ ଜିଲାପାଳ ରାଣା ପଦ୍ମଶ୍ରୀ ଡ. ଉଦ୍‌ଗାତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ । ଗତ ୩୧ ତାରିଖ ଦିନ ଡ. ଉଦ୍‌ଗାତା ତାଙ୍କ ଘରେ ପଡିଯିବାରୁ ତାଙ୍କର ମୁଣ୍ଡ ଓ ନାକ ଫାଟି ଯାଇଥିଲା ।

### ନରସିଂହ ମିଶ୍ରଙ୍କୁ ଭେଟିଲେ ଆଞ୍ଚଳିକ ବିକାଶ ପରିଷଦ ପ୍ରତିନିଧି

**ଲୋଇସିଂହା, ୬।୪(ଡି.ଏନ.ଏ):** ବଲାଙ୍ଗୀର ବିଧାୟକ ତଥା ଓଡିଶା ବିଧାନ ସଭାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ବଲାଙ୍ଗୀର ବାସଭବନରେ ଭେଟିଛନ୍ତି ଲୋଇସିଂହା ଆଞ୍ଚଳିକ ବିକାଶ ପରିଷଦର ୨୦ଜଣିଆ ପ୍ରତିନିଧି ଦଳ। ଲୋଇସିଂହାକୁ ଏନଏସି ଘୋଷଣା ନେଇ ରାଜ୍ୟ ସରକାର କର୍ଣ୍ଣପାତ କରୁ ନ ଥିବା ସମ୍ପର୍କରେ ପ୍ରତିନିଧି ଦଳ ତାଙ୍କୁ ଅବଗତ କରିଥିଲେ। ଏ ନେଇ ରାଜ୍ୟ ସରକାରଙ୍କୁ ଜିଲା ପ୍ରଶାସନ ଅବଗତ କରିଛି। ତେବେ ଏନଏସି ଗଠନ ପ୍ରକ୍ରିୟା କେତେଦୂର ଅଗ୍ରଗତି ହୋଇଛି ସେ ନେଇ ପଞ୍ଚାୟତିରାଜ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଥିଲେ ବିଧାୟକ ମିଶ୍ର । ପ୍ରସ୍ତାବିତ ଲୋଇସିଂହା ଏନଏସିକୁ ମାନ୍ୟତା ଦାବିରେ ବିକାଶ ପରିଷଦ ପକ୍ଷରୁ ଗତ ଫେବୃଆରୀ ୨୪ରୁ ବ୍ଲକ ପରିସରରେ ଗଣଧାରଣା ଜାରି ରହିଛି। ମଙ୍ଗଳବାର ଗଣଧାରଣାର ୪୩ ତମ ଦିନରେ ସରୋଜ ବିଶ୍ୱାଳ, କୁନା ଭୋଇ, ମୂରଲୀ ସାହୁ, ଚିକୁ ଅଗ୍ରୱାଲ, ସରୋଜ ମହାକୁର ପ୍ରମୁଖ ସାମିଲ ହୋଇଥିଲେ ।

# ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦର ଦାବିପତ୍ର

**ନୂଆପଡା ଅଫିସ,୬।୪**

## କୋଭିଡ୍ ସଂକ୍ରମଣ, ହୋଲ୍ଡିଂ ଟିକସ ସ୍ଥଗିତ ନେଇ ଆଲୋଚନା


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ମଙ୍ଗଳବାର ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦର ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାର କୋଭିଡ୍ ସଂକ୍ରମଣ ଓ ନୂଆପଡା ସହରରେ ଚଢା ହୋଲଡିଂ ଟିକସ ସ୍ଥଗିତ ରଖିବା ସାଙ୍ଗକୁ ନଗରର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲାପାଳ ସ୍ୱାଧାଦେବ ସିଂହଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୋଭିଡ୍ ସଂକ୍ରମଣ ଚିହ୍ନଟ ହେବା ପରେ ଉଦବେଗଜନକ ପରିସ୍ଥିତି ପରିପ୍ରେକ୍ଷୀରେ ସଂଗ୍ରାମ ପରିଷଦ ଜିଲା ପ୍ରଶାସନକୁ ସୁଚିନ୍ତିତ ପ୍ରସ୍ତାବ ଦେଇଛି। ୯ଟି ପ୍ରସ୍ତାବ ସମ୍ବଳିତ ଏକ ଦାବିପତ୍ର ମାଧ୍ୟମରେ ଜିଲାରେ କୋଭିଡ୍ ଟେଷ୍ଟିଂ ଚାରି ଗୁଣା ବଢାଇବା, ସିଲଧା କୋଭିଡ୍ ଅସ୍ପିଟାଲକୁ ଶୀଘ୍ର ପୁନଃ ଆରମ୍ଭ କରିବା, ଜିଲାର ସମସ୍ତ ସାପ୍ତାହିକ ବଜାରକୁ ବନ୍ଦ କରିବା, କୋଭିଡ ଟିକା କରଣକୁ ତ୍ୱରାନିତ କରିବା, ଛତିଶଗଡ ସୀମାନ୍ତରେ କଡାକଡି ଯାଞ୍ଚ, ଥର୍ମାଲ ସ୍କ୍ରିନଂ, ଅନନ୍ତ ରାଜ୍ୟ ବାତିଲ କରିବା। ଏହା ସହିତ ଜିଲାପାଳଙ୍କ ସହ ନଗରର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚଢା ହୋଲ୍ଡିଂ ଟିକସକୁ ସ୍ଥଗିତ ରଖିବା, ନଗରର ପ୍ରତ୍ୟେକ ୱାର୍ଡ ଓ ପରିବାରଙ୍କୁ ବିଶୁଦ୍ଧ ପାନୀୟ ଜଳ, ଟାଉନରେ ଭେଣ୍ଡିଂଜୋନ ପ୍ରତିଷ୍ଠା, ସମ୍ପୂର୍ଣ୍ଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସର ଶୀଘ୍ର ଆବଣ୍ଟନ, ନୂଆପଡା ପାଇଁ ପ୍ରତ୍ୟେକ ୱାର୍ଡରେ ଡ୍ରେନେଜ ବ୍ୟବସ୍ଥା, ସହର ପାଇଁ ବାଇପାସ, ସାମାଜିକ, ରାଜନୈତିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅତିକମରେ ୪ଟି କଲ୍ୟାଣ ମଣ୍ଡପ ଏବଂ ଏକ ଖୋଲା ପଡିଆର ବ୍ୟାବସ୍ଥା, ପ୍ରତ୍ୟେକ ୱାର୍ଡରେ ରାସନ ସାମଗ୍ରୀ ବିତରଣ କେନ୍ଦ୍ର, ଦାହ ସଂସ୍କାର ଓ ଅନ୍ୟ କାର୍ଯ୍ୟ ପାଇଁ ଫରେଷ୍ଟ କର୍ପୋରେଶନର ଏକ କାଠଡିପୋ ଖୋଲିବା, ସହର ମଝିରେ ଥିବା ମଦଭାଟିକୁ ସ୍ଥାନାନ୍ତରଣ କରିବା, ନୂଆପଡାରେ ଟାଉନରେ ଏକ ପୋଲିସ ଆଉଟ ପୋଷ୍ଟ ସ୍ଥାପନ, ଗରିବ ଭୂମି ଓ ଡିହିହୀନ ଲୋକଙ୍କୁ ଡିହ ସହିତ ଗୃହ ପ୍ରଦାନ, ତେଲିପଡାରେ ଉଚ୍ଛେଦ ପ୍ରକ୍ରିୟାରେ କ୍ଷତିଗ୍ରସ୍ତ ଗରିବ ଲୋକଙ୍କୁ ଶୀଘ୍ର ଥଇଥାନ ଇତ୍ୟାଦି ଚଉଦ ଦଫା ସମ୍ବଳିତ ଦାବି ପ୍ରଦାନ କରି ଆଲୋଚନା କରାଯାଇଥିଲା। ଏହି ଦାବିପତ୍ରର ଉପଯୁକ୍ତ ବିଚାର କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ପରିଷଦର ସହଆବାହକ ବସନ୍ତ ସିଂ ଠାକୁର ଓ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ବିବାହିତା ମହିଳାଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ଲୋଇସିଂହା, ୬।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଉଡାର ଗାଁରେ ବିବାହିତା ମହିଳା ରକ୍ମଣୀ ସାହୁଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପଘର ଲୋକେ ସଦର ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ଏନେଇ ଏକ ମାମଲା(ନଂ.୧୦୬/୨୧) ରୁଜୁ ହୋଇଛି। ଏହି ଘଟଣାରେ ମୃତାଙ୍କ ସ୍ୱାମୀ ବଲ୍ଲଭ ପଧାନଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ମାଗୁରବେଡା ଫାଣ୍ଡି ଅଧିକାର ମଳୟ ପଣ୍ଡା କହିଛନ୍ତି। ପୋଲିସ ସୂଚନା ଅନୁସାରେ ତଲିଉଡାର ଗାଁର ବଲ୍ଲଭ ୨୦୧୪ ମସିହାରେ ବ୍ଲକ ଅଧୀନ ରେଙ୍ଗାଲି ଗ୍ରାମର ବ୍ରଜ ସାହୁଙ୍କ ଝିଅ ରକ୍ମଣୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ବିବାହର ୩ ବର୍ଷ ପର୍ଯ୍ୟନ୍ତ ସନ୍ତାନସନ୍ତତି ନହେବାରୁ ରକ୍ମଣୀଙ୍କୁ ଶାଶୁଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ନିର୍ଯାତନା ଅସହ୍ୟ ହେବାରୁ ରୁକ୍ମଣୀ ବାପ ଘରକୁ ଚାଲି ଯାଇଥିଲେ । ଭଦ୍ରବ୍ୟକ୍ତିଙ୍କ ମଧ୍ୟସ୍ଥତାରେ ପରେ ଶାଶୁଘରକୁ ଫେରିଥିଲେ। ହେଲେ ସୋମବାର ସକାଳେ ରୁକ୍ମଣୀଙ୍କ ମୃତ୍ୟୁ ଖବର ବାପଘର ଲୋକେ ପାଇଥିଲେ। ତଲିଉଡାର ଆସି ଘଟଣାର ପାରିପାର୍ଶ୍ୱିକ ସ୍ଥିତିରୁ ଝିଅକୁ ହତ୍ୟା କରାଯାଇଥିବା ତାଙ୍କ ବାପା ବ୍ରଜ ସାହୁ ମାଗୁରବେଡା ଫାଣ୍ଡିରେ ଅଭିଯୋଗ କରିଥିଲେ । ବଲାଙ୍ଗୀର ସଦର ଓ ମାଗୁରବେଡା ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଥିବା ଝିଅ ଘର ପକ୍ଷରୁ କୁହାଯାଉଥିବା ବେଳେ ବେକରେ ରଶି ଦେଇ ଆତ୍ମହତ୍ୟା କରିଥିବା ରୁକ୍ମଣୀଙ୍କ ଶାଶୁଘର ଲୋକେ କହିଛନ୍ତି।

## ଖଜଣା ଦେଉଛନ୍ତି, ଚିହ୍ନଟ ହେଉନି ଜମି

**ଅମରପାଲି, ୬।୪ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ମୁର୍ଷୁଣ୍ଡୀ ଗ୍ରାମର ଭୂମିହୀନମାନଙ୍କୁ ପଟ୍ଟା ମିଳିଥିଲେ ବି ଏ ଯାଏ ଚିହ୍ନଟ ହୋଇନାହିଁ। ମଙ୍ଗଳବାର ମୁର୍ଷୁଣ୍ଡୀ ସମିତି ସଭ୍ୟ ଚିତ୍ତରଞ୍ଜନ ସାହୁଙ୍କ ନେତୃତ୍ୱରେ ପଟ୍ଟା ପାଇଥିବା ଭୂମିହୀନ ହିତାଧିକାରୀ ତହସିଲଦାର ରଞ୍ଜନ ପରିଡାଙ୍କୁ ଜମି ଚିହ୍ନଟ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଏଥିରେ ଉଲ୍ଲେଖ କରିଛନ୍ତି ଯେ, ମୁର୍ଷୁଣ୍ଡୀ ଗ୍ରାମର ପ୍ରାୟ ୧୦ଜଣ ଭୂମିହୀନଙ୍କୁ ୨୦୧୬ ମସିହା ମେ ୧୨ରେ ସରକାରଙ୍କ ପକ୍ଷରୁ ଜମିପଟ୍ଟା ବଣ୍ଟନ କରାଯାଇଥିଲା। ସେହିଦିନଠାରୁ ସେମାନେ ସେହି ଜମି ପାଇଁ ଖଜଣା ପୈଠ କରୁଛନ୍ତି। ଉକ୍ତ ଜମି ଚିହ୍ନଟ ନହେବାରୁ ସେମାନେ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ମାତ୍ର ଏଥିପ୍ରତି କର୍ଣ୍ଣପାତ କରାଯାଇନାହିଁ। ପଟ୍ଟା ପାଇଥିଲେ ମଧ ନିଜ ଜମିକୁ ନ ଚିହ୍ନି ପ୍ରତିବର୍ଷ ଖଜଣା ଦେଉଛନ୍ତି। ଜମି ଚିହ୍ନଟ ହେଉ ନ ଥିବାରୁ ସେମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇପାରୁ ନାହାନ୍ତି।


ପଟ୍ଟା ପାଇଥିବା ହିତାଧିକାରୀ ଜମି ଚିହ୍ନଟ ପାଇଁ ତହସିଲ ଅଫିସକୁ ଆସିଛନ୍ତି।

# ଉଦେପୁର ଗାଁରେ ଫୋର୍ସ ମୁତୟନ

**ଅତାବିରା, ୬।୪ (ଡି.ଏନ.ଏ)**


ଉଦେପୁର ଗାଁରେ ଫୋର୍ସ ମୁତୟନ ହୋଇଛନ୍ତି ।

- ଜଗନ୍ନାଥ ମନ୍ଦିର ବିବାଦ ଘଟଣା
- ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ
- ୫ ମାସ ପରେ ଗାଁକୁ ଫେରିଲେ ଦୁଇ ପରିବାର

ବରଗଡ ଜିଲା ଭେଡେନ ଥାନା ରୁଷୁଡା ଫାଣ୍ଡି ଅଧୀନ ଉଦେପୁର ଜଗନ୍ନାଥ ମନ୍ଦିର ବିବାଦ ଦିନକୁ ଦିନ ବଢିବାରେ ଲାଗିଛି। ଏହି ବିବାଦର ସମାଧାନ ଲାଗି ମଙ୍ଗଳବାର ମଙ୍ଗଳବାର ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ଉଦେପୁର ଗ୍ରାମର ଭଦ୍ରବ୍ୟକ୍ତି ଏବଂ ୫ ମାସ ହେଲା ଗାଁକୁ ପଶି ପାରୁ ନ ଥିବା ଦୁଇ ପରିବାର ଲୋକଙ୍କୁ ନେଇ ଭେଡେନ ତହସିଲ ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ, ଭେଡେନ ତହସିଲଦାର ଅନୀଲ କୁମାର ହୋତା, ଏସ୍‌ଡିପିଓ ଦୀପକ କୁମାର ଗୋଚ୍ଛାୟତ, ଆଇଆଇସି ହେମନ୍ତ କୁମାର ରାଓ, ଫାଣ୍ଡି ଅଧିକାରୀ ଗଣେଶ କଲେତ, ଗ୍ରାମବାସୀ, ଜଗନ୍ନାଥ ମନ୍ଦିର ପୂର୍ବତନ ପୂଜକ ପରୀକ୍ଷିତ ପୁରୋହିତ ଓ ଅରୁଣ ପାତ୍ରଙ୍କ ପରିବାର ସଦସ୍ୟ ଉପସ୍ଥିତ ରହି ଆଲୋଚନା ଭାଗ ନେଇଥିଲେ । ଗତ ନଭେମ୍ବର ୧୭ରୁ ଘରକୁ ଆସି ପାରୁ ନ ଥିବା ଦୁଇ ପରିବାର ଲୋକେ ଗାଁକୁ ଫେରିଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା କରି ପ୍ରଶାସନ ପକ୍ଷରୁ ଉଦେପୁର ଗାଁରେ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ପ୍ରଶାସନିକ ଅଧିକାରୀମାନେ ଉକ୍ତ ଗାଁକୁ ପହଞ୍ଚି ଶାନ୍ତି ଫେରାଇବା ସହ ଯେପରି ଆଗକୁ ଆଉ ଗଣ୍ଡଗୋଳ ନ ହେବ ସେ ନେଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ଗଣେଶ କଲେତଙ୍କୁ ପଚରାଯିବାରୁ ଗାଁରେ ଶାନ୍ତି ଫେରିବା ପର୍ଯ୍ୟନ୍ତ ପୋଲିସ ଫୋର୍ସ ମୁତୟନ ରହିବେ ବୋଲି ସେ କହିଥିଲେ ।

## ଗୋଟିଏ ପରିବାରର ୫ କରୋନା ଆକ୍ରାନ୍ତ

**ଅମରପାଲି, ୬।୪ (ଡି.ଏନ.ଏ)**

ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତର କେଶଲଗା ଗ୍ରାମରେ ଗୋଟିଏ ପରିବାରର ୫ଜଣଙ୍କ ସମେତ ୬ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସମସ୍ତଙ୍କୁ ହୋମ ଆଇସୋଲେଶନ୍‌ରେ ରଖାଯାଇଛି। ସପ୍ତାହେ ପୂର୍ବରୁ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଜ୍ୱର ହେବାରୁ ବୀରମହାରାଜପୁର ଡାକ୍ତରଖାନାକୁ ଯାଇଥିଲେ। ସେଠାରେ ତାଙ୍କ ସ୍ୱାବ ସଂଗ୍ରହ କରି ଭୁବନେଶ୍ୱର ପଠାଯାଇଥିଲା । ଏପ୍ରିଲ ୧ ତାରିଖରେ ଉକ୍ତ ବ୍ୟକ୍ତି କରୋନା ଆକ୍ରାନ୍ତ ଥିବା ସୂଚନା ଆସିଥିଲା। ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ବ୍ୟକ୍ତିଙ୍କ ପରିବାରର ସମସ୍ତ ସଦସ୍ୟ ଓ ତାଙ୍କୁ ଡାକ୍ତରଖାନା ନେଇଥିବା ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିଙ୍କ ସ୍ୱାବ ସଂଗ୍ରହ କରାଯାଇ ଭୁବନେଶ୍ୱର ପଠାଯାଇଥିଲା।

## ଜିଲା ଭାଜପା ସଭାପତିଙ୍କ ପତ୍ନୀ ବିୟୋଗ

**ବୌଦ୍ଧ,୬।୪(ସ୍ୱ.ପ୍ର.)**

ବୌଦ୍ଧ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତିଙ୍କ ସ୍ତ୍ରୀ ରଞ୍ଜିତା ମହାନ୍ତି (୫୭)ଙ୍କ ମଙ୍ଗଳବାର ପରଲୋକ ଘଟିଛି। ଜାନୁୟାରୀ ମାସରେ ଉଚ୍ଚ ରକ୍ତଚାପ ଯୋଗୁ ବ୍ରେନଷ୍ଟୋକ ହେବାରୁ ତାଙ୍କୁ ଭୁବନେଶ୍ୱର ଏମସ୍ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥାରେ ସାମାନ୍ୟ ଉନ୍ନତି ଆସିବା ପରେ ତାଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ରଖାଯାଇ ଚିକିତ୍ସା କରାଯାଉଥିଲା। ତାଙ୍କ ମରଶରୀରକୁ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଅଣାଯିବା ପରେ ରାମେଶ୍ୱରବିହାର ବାସଭବନଠାରେ ବନ୍ଧୁ ପରିଜନ, ବହୁ ସଂଖ୍ୟକ ଦଳୀୟ କର୍ମକର୍ତ୍ତା ଓ ଶୁଭେଚ୍ଛୁ ଶେଷ ଦର୍ଶନ କରିଥିଲେ। ବୌଦ୍ଧ ରାଜଘାଟଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସ୍ୱର୍ଗତା ମହାନ୍ତି ଜଣେ ମେଳାପି, ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଥିଲେ।

## ଆଧ୍ୟାତ୍ମିକ କାବ୍ୟଗ୍ରନ୍ଥ ପ୍ରଜ୍ଞାନ ବିନ୍ଦୁ ବିମୋଚିତ

**ବଲାଙ୍ଗୀର ଅଫିସ, ୬।୪**

ବିଶ୍ୱାତ୍ମ ଚେତନା ପରିଷଦ ପ୍ରାଙ୍ଗଣରେ ପରିଷଦ ପ୍ରତିଷ୍ଠାତା ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ଅଧକ୍ଷତା ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୀତାରତ୍ନ ଯୁଗଳ କିଶୋର ପ୍ରଧାନଙ୍କ ପ୍ରଣିତ ଆଧ୍ୟାତ୍ମିକ କାବ୍ୟଗ୍ରନ୍ଥ ପ୍ରଜ୍ଞାନବିନ୍ଦୁ ବିମୋଚିତ ହୋଇଛି । ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ପରିଚାଳନାକ୍ରମେ ଆୟୋଜିତ ସାରସ୍ୱତ ସମାବେଶରେ ମୁଖ୍ୟବକ୍ତାଭାବେ ଲେଖିକା ଏଲୋରା ମିଶ୍ର ଯୋଗଦାନ କରିଥିଲେ। ଗ୍ରନ୍ଥ ପ୍ରଣେତା ଗୀତାରତ୍ନ ପ୍ରଧାନ ପ୍ରଜ୍ଞାନ ବିନ୍ଦୁକୁ ବାସ୍ତବ ରୂପ ଦେବାରେ ତାଙ୍କର ସାଧନା ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ମିଶ୍ର ପାରମ୍ପରିକ ଛନ୍ଦାଶ୍ରିତ ଗ୍ରନ୍ଥର ୨୦ଟି ସର୍ଗର ବିସ୍ତୃତ ସମୀକ୍ଷା କରିଥିଲେ । ସ୍ୱାମୀଶ୍ରୀ ସତ୍ୟପ୍ରଜ୍ଞାନନ୍ଦଜୀ ମହାରାଜ ତାଙ୍କ ଆର୍ଶିବଚନରେ କବିଧର୍ମ, ଭାରତୀୟ ସଂସ୍କୃତିର ସଂରକ୍ଷଣ ଓ ନିରାମୟ ସମାଜ ସଂରଚନା ପାଇଁ ଭଗବତ ଚିନ୍ତନ ଉପରେ ମାର୍ଗଦର୍ଶନ କରିଥିଲେ। ଏ ଅବସରରେ ପ୍ରଧାନଙ୍କ ଛାତ୍ର ଓ ଶ୍ରଦ୍ଧାଳୁଙ୍କ ମଧ୍ୟରୁ କ୍ଷିତିପତି ପ୍ରଧାନ, ସୁଧାକର ପ୍ରଧାନ, କାଳିଆ ମେଶ୍ରା, ପର୍ଶୁରାମ ସାହୁ, ଈଶ୍ୱର ରାଉତ ସ୍ୱରଚିତ ଗଦ୍ୟ, ପଦ୍ୟ ଛନ୍ଦ ବକ୍ତବ୍ୟ ମାଧ୍ୟମରେ ଗୁରୁଙ୍କ ପ୍ରତି ଭକ୍ତି ନିବେଦନ କରିଥିଲେ। ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନ ତଥା ବିଶ୍ୱାତ୍ମ ବିଦ୍ୟାମନ୍ଦିର ସଂଯୋଜକ ସମ୍ବିତ କୁମାର, ଡା. ଗତିକୃଷ୍ଣ ପ୍ରଧାନ ଓ କନ୍ୟା ଗୀତାଞ୍ଜଳିଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା ।


ଅତିଥିମାନେ ଆଧ୍ୟାତ୍ମିକ କାବ୍ୟଗ୍ରନ୍ଥ ପ୍ରଜ୍ଞାନ ବିନ୍ଦୁ ବିମୋଚନ କରୁଛନ୍ତି ।

## ଦୁଇ ମହିଳା କଏଦୀଙ୍କ ମଧ୍ୟରେ ମୁଥ ମରାମରି

**ବୌଦ୍ଧ,୬।୪(ସ୍ୱ.ପ୍ର.)**

**ବୌଦ୍ଧ ସ୍ୱତନ୍ତ୍ର ଉପକାରାଗାର**

ବୌଦ୍ଧ ସ୍ୱତନ୍ତ୍ର ଉପକାରାଗାରରେ ଦୁଇଜଣ ମହିଳା ବିଚାରାଧୀନ କଏଦୀଙ୍କ ମଧ୍ୟରେ ମାରପିଟ ହୋଇଛି । ଏପରିକି ଜଣଙ୍କ ମାଡରେ ଅନ୍ୟ ଜଣେ ମହିଳା କଏଦୀଙ୍କ ଦାନ୍ତ ଭାଙ୍ଗି ଯାଇଥିବା ବୌଦ୍ଧ ଆଦର୍ଶ ଥାନାରେ ଗତ ୪ ତାରିଖରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୯୭/୨୧)ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ତେତ୍ରି ଖାତୁନ ଗଞ୍ଜେଇ ଚାଲାଣ ମାମଲାରେ ଗିରଫ ହୋଇ ଉପକାରାଗାରରେ ବିଚାରାଧୀନ କଏଦୀ ଭାବରେ ଅଛନ୍ତି। ରବିବାର ତେତ୍ରିଙ୍କର ଅନ୍ୟ ଜଣେ ବିଚାରାଧୀନ କଏଦୀ ସକୁନ୍ତଳା ପଟେଲଙ୍କ ସହ କୌଣସି କାରଣକୁ ନେଇ କଥା କଟାକଟି ହୋଇଥିଲା। ଏହି ସମୟରେ ସକୁନ୍ତଳା ରାଗିଯାଇ ତେତ୍ରିଙ୍କୁ ମୁଥ ମାରିବାରୁ ତାଙ୍କର ଦାନ୍ତ ଭାଙ୍ଗି ଯାଇଥିବା ଥାନାରେ ଅଭିଯୋଗ ହୋଇଛି।

## ବୌଦ୍ଧ: ଦୁଇ ଦିନରେ ୩ ପଜିଟିଭ୍

**ବୌଦ୍ଧ/ବାଉଁଶୁଣୀ, ୬।୪ (ସ୍ୱପ୍ର/ଡି.ଏନ.ଏ.)**

ମଙ୍ଗଳବାର ବୌଦ୍ଧ ଜିଲାରୁ ପୁଣି ୨ ଜଣ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଥିବା ଜଣାଯାଇଛି। ଏହାକୁ ନେଇ ଜିଲାବାସୀଙ୍କ ଚିନ୍ତା ବଢିଯାଇଛି। ସୋମବାର ବୌଦ୍ଧ ମନୁପାଲି ଷ୍ଟେଟବ୍ୟାଙ୍କର ଜଣେ କର୍ମଚାରୀ ପଜିଟିଭ୍ ଚିହ୍ନଟ ହେବା ପରେ ମଙ୍ଗଳବାର ବ୍ୟାଙ୍କ ବିଶୋଧନ କରାଯାଇଛି। ଅନ୍ୟପକ୍ଷରେ ବ୍ୟାଙ୍କ କର୍ମଚାରୀ ଜଣକ କ୍ୱାରାଣ୍ଟାଇନ୍‌ରେ ରହି ଚିକିତ୍ସିତ ହେଉଥିବା ଜଣାଯାଇଛି। ଖବର ମୁତାବକ, ବ୍ୟାଙ୍କ କର୍ମଚାରୀ ଜଣକ ସମ୍ବଲପୁର ଯାଇଥିଲେ। ସେଠାରୁ ଫେରିବା ପରେ ନମୁନା ପରୀକ୍ଷଣରେ ପଜିଟିଭ୍ ଥିବା ଜଣାଯାଇଥିଲା। ଖବର ପାଇ ବୌଦ୍ଧ ବ୍ଲକ ପ୍ରଶାସନ ମନୁପାଲି ବ୍ୟାଙ୍କ ସିଲ୍ କରିଥିଲା। ବ୍ୟାଙ୍କ କର୍ମଚାରୀଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟ ବ୍ୟକ୍ତି ବିଶେଷଙ୍କ ଚିହ୍ନଟ ପ୍ରକ୍ରିୟା ଚାଲିଛି ବୋଲି ବିଡିଓ ଦେବୀପ୍ରସାଦ ଦାସ କହିଛନ୍ତି ।

## କାର୍ଯ୍ୟକ୍ଷମ ହେଉନି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ

**ବାଉଁଶୁଣୀ, ୬।୪ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ବାଉଁଶୁଣୀଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣର ତିନି ବର୍ଷ ବିତି ଯାଇଥିଲେ ମଧ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟ ଓ କର୍ମଚାରୀ ପାଣି ପାଇଁ ହଟହଟା ହେଉଛନ୍ତି । ବୌଦ୍ଧ ବ୍ଲକ ତରଫରୁ ପ୍ରକଳ୍ପ ଗୃହ ନିର୍ମାଣ କାର୍ଯ୍ୟ ସରିଯାଇଛି । କିନ୍ତୁ ପାଣି ଟାଙ୍କି କିମ୍ବା ଫ୍ରିଜର ଗତ ତିନି ବର୍ଷ ମଧ୍ୟରେ ଲାଗିପାରି ନାହିଁ। ନିର୍ମାଣ ହୋଇଥିବା ଘର ନିକଟରେ କୌଣସି ସୂଚନା ଫଳକ ନ ଥିବାରୁ ଏ ପ୍ରକଳ୍ପ କେତେ ଟଙ୍କାର ସେ ସମ୍ପର୍କରେ କିଛି ତଥ୍ୟ ଜଣା ପଡିନାହିଁ । ଫଳରେ କାର୍ଯ୍ୟର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିୟମ ଅନୁସାରେ କୌଣସି ଉନ୍ନୟନ କାମ ହେବା ପୂର୍ବରୁ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ ଥିବା ବେଳେ ଏଠାରେ ଲୋକଙ୍କୁ ଅନ୍ଧାରରେ ରଖାଯାଇଛି । ତୁରନ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି ।

## ବୌଦ୍ଧ ଜିଲା ଭାଜପାର ପ୍ରତିଷ୍ଠା ଦିବସ

**ବୌଦ୍ଧ,୬।୪(ସ୍ୱ.ପ୍ର.)**

ବୌଦ୍ଧ ଜିଲା ଭାଜପାର ପ୍ରତିଷ୍ଠା ଦିବସ ବୌଦ୍ଧ ସଦର ମୁଖ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲା ଉପସଭାପତି ଶ୍ୟାମସୁନ୍ଦର ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଭାଜପା ମୁଖ୍ୟ ପ୍ରବକ୍ତା ମନୋରଞ୍ଜନ ଦାଶ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ସଭାନେତ୍ରୀ ନମିତା ରାଣୀ ଦାଶ, ତ୍ରିପୁରାରୀ ବେହେରା, ରଶ୍ମିତା ହୋତା, ବବିତା ପ୍ରଧାନ, ମୀନାରାଣି ମିଶ୍ର, ବ୍ୟୋମକେଶ ମହାପାତ୍ର, ନିରଞ୍ଜନ ଦାନୀ, ତାପସ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। କଣ୍ଟାମାଳରେ ଆୟୋଜିତ ଉତ୍ସବରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନାଇ ଚରଣ ଡାଙ୍ଗ, ଜିଲା ସାଧାରଣ ସମ୍ପାଦକ ସୁଶାନ୍ତ ବାଘ, ଚଞ୍ଚଳ ରଣା, ଯଦୁବିହାରୀ ବାଘଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।

# ବର୍ଦ୍ଧିତ ବିଦ୍ୟୁତ୍ ଦେୟକୁ ବିରୋଧ କରି ବିକ୍ଷୋଭ

**ଜାମଟିକ୍ରା, ୬।୪ (ଡି.ଏନ.ଏ)**

ବର୍ଦ୍ଧିତ ବିଦ୍ୟୁତ୍ ଦେୟକୁ ବିରୋଧ କରି ଅତାବିରା ବିଦ୍ୟୁତ ବିଭାଗର କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସରକାର ଏଭଳି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି କଂଗ୍ରେସ ନେତୃବୃନ୍ଦ ଦାବି କରିଥିଲେ। ଅତାବିରା ବ୍ଲକ କଂଗ୍ରେସ କମିଟି ସଭାପତି ଦୟାସାଗର ମେଣ୍ଡଲିଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦେଇଥିଲେ। ଏସ୍‌ଡିଓ ବିଜୟ କୁମାର ବେହେରା ସ୍ମାରକପତ୍ର ଗ୍ରହଣ କରିଥିଲେ। ଦୀପକ ରାୟ, ବଳରାମ ସାହୁ, ବିନୋଦ ମହାକୁରଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ସାମିଲ ହୋଇଥିଲେ ।

**ବରପାଲି,(ଡି.ଏନ.ଏ.):** ବରପାଲି ଟାଉନ କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମହାମାରୀ କରୋନା ସମୟରେ ସରକାର ବିଦ୍ୟୁତ ବିଭାଗକୁ ଟାଟା ପାୱାର ହାତକୁ ଟେକି ଦେଇଛନ୍ତି। ବିତରଣ ଦାୟିତ୍ୱ ନେବା ପରଠୁଁ ଉକ୍ତ ସଂସ୍ଥା ମନମୁଖି ଦର ବୃଦ୍ଧି କରିଛି। ଏହାକୁ ପ୍ରତ୍ୟାହାର କରିବା ପାଇଁ କଂଗ୍ରେସ ନେତମାନେ ଦାବି କରିଥିଲେ। ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ, ସଭାପତି ହାରାଧନ ମେହେର, ଅଚ୍ୟୁତାନନ୍ଦ ଦାଶ, ଅଶ୍ୱିନୀ ରାଉତ, ସୁରେନ୍ଦ୍ର ମେହେର, ବିଷ୍ଣୁ ମେହେର ଓ ବରୁଣ ସାଗର ପ୍ରମୁଖ ବିଦ୍ୟୁତ ଅଧିକାରୀଙ୍କ ଜରିଆରେ ସ୍ମାରକପତ୍ର ଦେଇଥିଲେ ।



ନୂଆପଡା ଜିଲା ଖଡିଆଳ ଏସଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି।

**ପଦ୍ମପୁର (ଡି.ଏନ.ଏ):** ଓଡିଶା ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ପଦ୍ମପୁରରେ ବର୍ଦ୍ଧିତ ବିଦ୍ୟୁତ ଶୁଳ୍କକୁ ତୀବ୍ର ବିରୋଧ କରାଯାଇଛି । ଏହି ମର୍ମରେ ପଦ୍ମପୁର ବ୍ଲକ କଂଗ୍ରେସ କମିଟି ସଭାପତି ଚମ୍ପକେଶ୍ୱର ପୁରୋହିତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ଉପଖଣ୍ଡ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ନଗର କଂଗ୍ରେସ ସଭାପତି ଦିଲୀପ ଦାନୀ, ବରିଷ୍ଠ କଂଗ୍ରେସ ନେତା ଗୌନ୍ତିଆ ସାହୁ, ସୁନୀଲ ଅଗ୍ରୱାଲ, ପ୍ରଦୀପ ସାହୁ, ସନ୍ତୋଷ ଶତପଥି, ପ୍ରଦୀପ ବେହେରା, ସିଦ୍ଧାର୍ଥ ମିଶ୍ର ପ୍ରମୁଖ ବର୍ଦ୍ଧିତ ବିଦ୍ୟୁତ୍ ଦର ପ୍ରତ୍ୟାହାର କରିବା ପାଇଁ ଦାବି କରିଛନ୍ତି ।

**ଖଡିଆଳ, (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଜିଲା ଯୁବ କଂଗ୍ରେସ ପକ୍ଷରୁ ଏସଡିଓଙ୍କ କାର୍ଯ୍ୟାଳୟ ଘେରାଉ ଏବଂ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ଜିଲା ଯୁବ କଂଗ୍ରେସ ସଭାପତି କପିଳେନ୍ଦ୍ର ଭୋଇ ଯାଦବ, ନଗର କଂଗ୍ରେସ ସଭାପତି ସନ୍ତୋଷ ପଟ୍ଟନାୟକ, ହୀରାଧର ମେହେର, ମିହିର ନାୟକ, ଦମନା କଟା, ଗଣ୍ଡାରାମ ନିଆଲ, ଜୟନ୍ତ କଟା, ଚନ୍ଦ୍ରଧ୍ୱଜ ବେହେରା, ସାନ ଜଗତ, ବଡ ଜଗତ, ବରୁଣ ସୁନା, ଦଶରଥ ଦୁରିଆ, ଶିଶୁପାଳ ବାଗ ପ୍ରମୁଖ ସାମିଲ ହୋଇଥିଲେ ।

**ଭବାନୀପାଟଣା, (ଡି.ଏନ.ଏ.):** କଳାହାଣ୍ଡି ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲଙ୍କ ଅଧ୍ୟକ୍ଷତାରେ ଭବାନୀପାଟଣାସ୍ଥିତ ବିଦ୍ୟୁତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅଧିକ୍ଷଣଯନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା। ଧାରଣାରେ ଜିଲା ଉପସଭାପତି ଉଦ୍ଧବ ସାହୁ, ଆଦିବାସୀ ନେତା ପରମାନନ୍ଦ ମାଝି, ପୂର୍ବତନ ଜିଲା କଂଗ୍ରେସ ସଭାପତି ଜୟଦେବ ନାଏକ, ଟାଉନ କଂଗ୍ରେସ ସଭାପତି ସିଦ୍ଧାର୍ଥ ନାଏକ, ରାଜ୍ୟ ଯୁବକଂଗ୍ରେସ ସମ୍ପାଦକ ମହମ୍ମଦ ସାହେବ, ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ରାଜ୍ୟ ମହିଳା ସମ୍ପାଦିକା ମାଣିକ୍ୟ ସୁନା, ଜିଲା ମହିଳା କଂଗ୍ରେସ ସଭାପତି ସୁକାନ୍ତି ସରାଫ, ଉପସଭାପତି ମୋତି କୈବର୍ତ୍ତ, ଯୁବକଂଗ୍ରେସ ଉପସଭାପତି ପିଣ୍ଟୁ ଅଗ୍ରୱାଲ, ସମ୍ପାଦକ ଦୀନେଶ ବାଗ, ସାଧାରଣ ସମ୍ପାଦକ ସୁରେଶ ପଟ୍ଟନାୟକ, ଆଦିବାସୀ ସେଲ୍‌ର ଚିନ୍ତାମଣି ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଏ ମାସର କୃଷି ସୂଚନା

# ଖରାଟିଆ ମୁଗ ଚାଷ

### ଡାଲି ଜାତୀୟ ଫସଲ

-ଖରାଟିଆ ମୁଗରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟକାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ।

-ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉଙ୍କୁଣୀ, ଝାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବୀ ରୋଗ ଆଦି ଲାଗିବାର ଆଶଙ୍କା ରହିଛି। ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ଥାୟାମେଥୋକ୍‌ଜାମ୍ ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ।

-ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

-ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ୍ ବା ୧୨୫ ମି.ଲି. ଫାଣ୍ଟାକ୍‌କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଅଧିକ ସଂଖ୍ୟାରେ ଫୁଲ ହେବା ସଙ୍ଗେ ସଙ୍ଗେ ଛୁଇଁ ଗୁଡ଼ିକ ଲମ୍ବା ଓ ହୃଷ୍ଟପୁଷ୍ଟ ହୁଏ।

### ମାଛଚାଷ

ଏକ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ପ୍ରତ୍ୟେକ ଦିନ ସମପରିମାଣର କୃତ୍ରିମ ଖାଦ୍ୟ ମିଶ୍ରଣ (ଚିନାବାଦାମ ପିଡ଼ିଆ ଓ କାଣ୍ଡିଆ କୁଣ୍ଡା) ପ୍ରତ୍ୟେକରୁ ୮ କିଲୋ ୭୫୦ ଗ୍ରାମ୍ ଲେଖାଏଁ ସମୁଦାୟ ୧୭ କିଲୋ ୫୦୦ ଗ୍ରାମ୍ ପ୍ରୟୋଗ କରିବା ଆବଶ୍ୟକ।

### ମହୁଚାଷ

-ମହୁବାକ୍ସଗୁଡ଼ିକ ଗଛ ତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସଗୁଡ଼ିକ ଉପରେ ନଡ଼ା କିମ୍ବା ଅଖାଦେଇ ଛାଇର ବ୍ୟବସ୍ଥା କରନ୍ତୁ।

-ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି। ତେଣୁ ନିୟମିତ ପରିଦର୍ଶନ କରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ।

-ପ୍ରତି ୭-୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳ କରି ଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନ କରି ବିକ୍ରୟ କରନ୍ତୁ।

### ଛତୁଚାଷ

-ପାଳଛତୁ ଚାଷ କରୁଥିଲେ ଖରାଦିନେ ଛତୁ ବେଡ୍‌ର ଉପଯୁକ୍ତ ଯତ୍ନ ନିଅନ୍ତୁ।



### ତୈଳବୀଜ ଫସଲ

### ଚିନାବାଦାମ

-ଚିନାବାଦାମ ଫସଲ ଅମଳ କରି ୨-୩ ଦିନ ଖରାରେ ଶୁଖାଇ ବସ୍ତାରେ ସାଇତି ରଖନ୍ତୁ। ଆର୍ଦ୍ରତା କମାଇ ଏବଂ ପୋକ ନ ଲାଗିବା ଲାଗି ୩୦ କି.ଗ୍ରା. ବିହନରେ ୨୫୦ ଗ୍ରାମ୍ କ୍ୟାଲ୍‌ସିୟମ୍ କ୍ଲୋରାଇଡ୍ ବସ୍ତା ଭିତରେ ରଖନ୍ତୁ।

### ଡାଲୁଅ ଧାନ

-ସମୟୋପଯୋଗୀ ଜଳସେଚନ କରନ୍ତୁ।

-ସାର ପ୍ରୟୋଗର ଏକ ଦିନ ପୂର୍ବରୁ କ୍ଷେତରୁ ଜଳ ନିଷ୍କାସନ କରି ସାର ପ୍ରୟୋଗର ୪୮ ଘଣ୍ଟାପରେ ୫ ସେ.ମି. ଜଳ ବାନ୍ଧି ରଖନ୍ତୁ।

-ଧାନ ଫୁଲ ଉଡ଼ାଇବାର ୨୦ ଦିନ ଆଗରୁ ଓ ୧୦-୧୫ ଦିନ ପର୍ଯ୍ୟନ୍ତ କ୍ଷେତରେ ୩-୫ ସେ.ମି. ପାଣି ବାନ୍ଧି ରଖନ୍ତୁ।

-ଧାନ କେଣ୍ଡାର ୮୫% ପାଚିଗଲେ ଅମଳ କରନ୍ତୁ।

### ଗହମ

-ଗହମ ଗଛ ଶୁଖି ହଳଦିଆ ପଡ଼ିଗଲେ ଓ କେଣ୍ଡାକୁ ବଙ୍କେଇ ଦେଲେ ଯଦି ସହଜରେ ଭାଙ୍ଗିଯାଏ ତେବେ ଗହମ ଫସଲ ଅମଳ ପାଇଁ ଉପଯୁକ୍ତ ଅଟେ। ଅମଳ ପରେ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ।

### ନଳିତା

-ନଳିତା ବୁଣିବା ପାଇଁ ମାଟିକୁ ଭଲଭାବରେ ଗୁଣ୍ଡକରି ହେକ୍ଟର ପ୍ରତି ୧୨ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ଶେଷ ଓଡ଼ ଚାଷରେ ପିତା ନଳିତାରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ଏବଂ ମଧୁର ନଳିତାରେ ୨୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ମୂଳସାର ହିସାବରେ ପ୍ରୟୋଗ କରନ୍ତୁ।

-ଧାଡ଼ିରେ ବୁଣିଲେ ନିର୍ବାଚିତ କିସମରୁ ହେକ୍ଟର ପ୍ରତି ୭.୫ କି.ଗ୍ରା. ପିତା ନଳିତା ବା ୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ। ଛଟାବୁଣା କରୁଥିଲେ ହେକ୍ଟର ପ୍ରତି ୧୦ କି.ଗ୍ରା. ପିତା ନଳିତା ବା ୭.୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ। ମଧୁର ନଳିତା ୨୫ ସେ.ମି. ଓ ୧୦ ସେ.ମି. ବ୍ୟବଧାନ ଓ ପିତା ନଳିତା ୩୦ ସେ.ମି. x ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ।

-ବୁଣିବା ପୂର୍ବରୁ ୧ କି.ଗ୍ରା. ମଞ୍ଜି ପ୍ରତି ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୨ ଗ୍ରାମ୍ କାର୍ବୋକ୍ସିନ୍ ସହିତ ଥିରାମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ।

### ଆଖୁ

-ପ୍ରଥମ ସାର ପ୍ରୟୋଗର ୩୦ ଦିନପରେ ଅର୍ଥାତ୍ ଆଖୁ ଲଗାଇବାର ୬୦ ଦିନ ପରେ ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ଦ୍ୱିତୀୟ କିସ୍ତିରେ ପ୍ରୟୋଗ କରି ହୁଡ଼ା ଟେକନ୍ତୁ ଓ ଜଳସେଚନ କରନ୍ତୁ।

-ଆଖୁ ଲଗାଇବାର ୬୦ ଦିନରେ ହେକ୍ଟର ପ୍ରତି ୫ କି.ଗ୍ରା. ଆଜୋସ୍ପିରିଲମ୍ ଓ ୨୫୦ କି.ଗ୍ରା. ଗୁଣ୍ଡ ଖତ ମିଶାଇ ପ୍ରୟୋଗ କରନ୍ତୁ।

-ଫସଲରେ ସହଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ୨୦୦ ମି.ଲି. କୋରାଜେନ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

-କୃଷି ବୈଷୟିକ ସୂଚନା କେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର -୩

## ଛେଳି -ମେଣ୍ଢାଙ୍କୁ ଟିକା ଦେବା ପୂର୍ବରୁ

ଏଣ୍ଟାରୋଟକ୍ସେମିଆ ଓ ପି.ପି.ଆର୍. ରୋଗର ଟିକା ଛେଳି ଓ ମେଣ୍ଢାଙ୍କୁ ପ୍ରାଣୀ ଚିକିତ୍ସକଙ୍କୁ ଯୋଗାଯୋଗ କରି ନିଶ୍ଚିତ ଭାବେ ଦିଅନ୍ତୁ । ଛେଳି ଓ ମେଣ୍ଢାଙ୍କୁ ସକାଳ ୬ ରୁ ୧୦ ଘଟିକା ଓ ଅପରାହ୍ନ ୪ ଘରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଚରିବାକୁ ବାହାରକୁ ଛାଡ଼ନ୍ତୁ । ଗୁହାଳରେ ଯଥେଷ୍ଟ ପରିମାଣରେ ଥଣ୍ଡା ପାଣି ରଖନ୍ତୁ । ଛେଳି ଓ ମେଣ୍ଢାଙ୍କୁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ କୃମିନାଶକ ଔଷଧ ଦିଅନ୍ତୁ । ଏହି ମାସରେ ଛେଳି ଓ ମେଣ୍ଢାମାନେ ଚରିଲେ ମଧ ଯଥେଷ୍ଟ ଘାସ ପାଇ ନ ଥାନ୍ତି । ତେଣୁ ଛେଳି ବା ମେଣ୍ଢା ପିଛା ୧୦୦ ଗ୍ରାମ୍ ଦାନା ନିହାତି ଦିଅନ୍ତୁ ଏବଂ ଡାଳ ପତ୍ର କାଟି ଖାଇବାକୁ ଦିଅନ୍ତୁ ।



# ଯୁବ ଇଞ୍ଜିନିୟରଙ୍କୁ ରୋଜଗାରର ବାଟ ଦେଖାଇଛି ଚାଷ

ଇଞ୍ଜିନିୟରିଂ ପଢା ପରେ ଚାକିରି ପ୍ରତି ତାଙ୍କ ମନ ବଳିଲା ନାହିଁ। ନିଜେ ସ୍ୱାବଲମ୍ବୀ ହେବା ସହ ଆଉ କେତେଜଣଙ୍କୁ ରୋଜଗାରକ୍ଷମ କରାଇବା ନିଶା ତାଙ୍କୁ ଘାରିଲା। ତେବେ ନିଜ ସ୍ୱପ୍ନକୁ ସାକାର କରିବା ଲାଗି ଶେଷରେ ଚାଷ ସହ ପ୍ରାଣୀପାଳନକୁ ଆପଣେଇ ନେଲେ। କଥାରେ ଅଛି ବୁଦ୍ଧି ଥିଲେ ଉପାୟ ବଳେ ବଳେ ଆସେ। ମାତ୍ର ବର୍ଷ କେଇଟାରେ ସେ ନିଜ ଲକ୍ଷ୍ୟ ହାସଲରେ ସଫଳ ହୋଇଛନ୍ତି। ତା' ସହ 'ଚାଷକୁ ଆପଣେଇ ଜଣେ ନିଜକୁ ରୋଜଗାରକ୍ଷମ କରିପାରିବ'- ଏପରି ବିଶ୍ୱାସ ସୃଷ୍ଟି କରିବାରେ ସେ ସକ୍ଷମ ହୋଇଛନ୍ତି। ଏହି ସଫଳ ଚାଷୀ ହେଲେ ଉଦୟ ନାଥ କର(ମୋ:୭୮୭୩୧୫୮୪୮୦)। ଭଦ୍ରକ ଜିଲା ବନ୍ତ ବ୍ଲକ ଅନ୍ତର୍ଗତ ସିଲନ୍ଦି ଗ୍ରାମରେ ତାଙ୍କର ଜନ୍ମ। ସ୍ୱର୍ଗତ କାହ୍ନୁ ଚରଣ କର ଓ କାଳି ଦେବୀଙ୍କ ଏହି ସାନ ପୁଅ ୧୯୯୫ରେ ମେକାନିକାଲ ଇଞ୍ଜିନିୟରିଂରେ ଡିପ୍ଲୋମା ଶେଷ କଲେ। ଚାକିରି ନ କରି ପ୍ରଥମେ ଧାନ ଚାଷ ଏବଂ ପରେ ବ୍ୟବସାୟ ଆରମ୍ଭ କରିଥିଲେ। ବ୍ୟବସାୟରେ ଆତ୍ମସନ୍ତୋଷ ନ ମିଳିବାରୁ ଶେଷରେ ପୁଣି ଥରେ ଚାଷରେ ମନୋନିବେଶ କଲେ। ଏହାପରେ ପ୍ରାଣୀପାଳନକୁ ସାମିଲ କଲେ। ୨୨ ଏକର ଫାର୍ମରେ ବିଭିନ୍ନ ପ୍ରକାର ଚାଷ କାର୍ଯ୍ୟ ହାତକୁ ନେଇଛନ୍ତି। ମାଛ ଚାଷ, କୁକୁଡ଼ା ଫାର୍ମ, ଛେଳି ଫାର୍ମ, ଗୋ-ପାଳନ, ଠେକୁଆ ପାଳନ, ହଂସ, ବତକ, ମୁକ୍ତା ଚାଷ, ବିଭିନ୍ନ କିସମର ଘାସ ଚାଷ, କୁକୁର ପାଳନ ଓ ପ୍ରଜନନ, କଶ୍ମୀର ସେଓ ମଧ ଚାଷ କରୁଛନ୍ତି। ୨୦୧୭ରେ କେନ୍ଦ୍ରୀୟ କମିଶନର ତାଙ୍କ ଫାର୍ମକୁ ପରିଦର୍ଶନରେ ଆସି ସେଓ ଚାଷ ଦେଖି ଉଦୟଙ୍କୁ ପ୍ରଶଂସା କରିଥିଲେ। ଏବେ ଧଳା ଘୁଷୁରି ପାଳନ ଆରମ୍ଭ କରିଛନ୍ତି। ରାଜସ୍ଥାନରୁ ୨୦ଟି ଧଳା ଘୁଷୁରି ଆଣି ପ୍ରଜନନ କରାଇଛନ୍ତି। ଆଉ ୩୦ ଘୁଷୁରି ରଖିବାକୁ ଘର ପ୍ରସ୍ତୁତି ଚାଲିଛି। ଏହା ଲାଭଦାୟକ ହେବ ବୋଲି ସେ ଆଶା ବାନ୍ଧିଛନ୍ତି। ଏ ନେଇ ଉଦୟ କହନ୍ତି, 'ଚଳିତ ମାସରୁ ବ୍ୟକ୍ତିଗତ ପ୍ରଚେଷ୍ଟାରେ ଧଳା ଘୁଷୁରି ପାଳନ ଉପରେ ପ୍ରଶିକ୍ଷଣ ଶିବିର ମୋ ଫାର୍ମରେ ଆୟୋଜନ କରିବାକୁ ଯାଉଛି । ବସନ୍ତିଆ ପ୍ରାଣୀ ନିରୀକ୍ଷକ କୃଷ୍ଣଚନ୍ଦ୍ର ଲେଙ୍କା ନିୟମିତ ଫାର୍ମକୁ ଯାଇ ଛେଳି କୁକୁଡା, ଗାଈ, ଘୁଷୁରି, କୁକୁର, ଠେକୁଆଙ୍କ ଚିକିତ୍ସା କରାଇବା ସହ ମୋତେ ପ୍ରତିଟି କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି। ଉଦୟଙ୍କ ସମ୍ପର୍କରେ ସ୍ଥାନୀୟ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ନିର୍ମଳ କୁମାର ବାରିକ କହନ୍ତି, 'ଏବେ ଉଦୟଙ୍କୁ ଦେଢ ଏକର ଜମିରେ ଘାସ ଚାଷ ପାଇଁ ରାଜ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ତାଙ୍କ ଫାର୍ମରେ ଉନ୍ନତି ପାଇଁ ଯେଉଁ ସବୁ ସରକାରୀ ଯୋଜନା ରହିଛି ସବୁଥିରେ ତାଙ୍କୁ ସହଯୋଗ କରାଯିବ।' ତେବେ ନିଜର ଫାର୍ମରୁ ବାର୍ଷିକ ପ୍ରାୟ ୧୨ଲକ୍ଷ ଟଙ୍କା ଲାଭ ପାଇବା ଲାଗି ଆଶା ରଖିଛନ୍ତି ଉଚ୍ଚଶିକ୍ଷିତ ଉଦୟ। ଦୃଢ଼ ଇଚ୍ଛାଶକ୍ତି ଥିଲେ ଜଣେ ନିଶ୍ଚିତ ସ୍ୱାବଲମ୍ବୀ ହୋଇପାରିବ ବୋଲି ଦୃଢୋକ୍ତି ବ୍ୟକ୍ତ କରନ୍ତି ଏହି ସଫଳ ଚାଷୀ।



ନିଜ କ୍ଷେତରେ ଉଦୟ ନାଥ କର

- ସନାତନ ରାଉତ

# ସୂର୍ଯ୍ୟମୁଖୀରେ ଧଳା ମାଛି ଦମନ

ଧଳାମାଛି ଦମନ କରିବା ସକାଶେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ବୁପ୍ରୋଫେଜିନ୍ ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ଲାଗି ହେକ୍ଟର ପ୍ରତି ୧ କି.ଗ୍ରା. ୮୭୫ ଗ୍ରାମ୍ ମାନ୍‌କୋଜେବ୍ ବା ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଭଲ। କଳଙ୍କି ରୋଗ ଦମନ ସକାଶେ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ।



# ଦୁଧିଆଳୀ ଗାଈର ଯତ୍ନ

ଦୁଧିଆଳୀ ଗାଈକୁ ଗ୍ରୀଷ୍ମ ପ୍ରଭାବରୁ ରକ୍ଷା କରିବା ପାଇଁ ଛାଇ ଜାଗାରେ ବାନ୍ଧନ୍ତୁ ଓ ଯଥେଷ୍ଟ ପରିମାଣରେ ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ । ଦୁଧିଆଳୀ ଗାଈ ଓ ବଳଦଙ୍କୁ ଫାଟୁଆ ରୋଗର ପ୍ରତିଷେଧକ ଟିକା ୬ ମାସ ଅନ୍ତରରେ ଥରେ ଦିଅନ୍ତୁ । ଅଧିକ ଗରମରୁ ରକ୍ଷା ଲାଗି ଗାଈଙ୍କୁ ଦିନ ୧୨ଟାରେ ଥରେ ଓ ଦିନ ୪ଟା ବେଳକୁ ଆଉ ଥରେ ଥଣ୍ଡାପାଣିରେ ଗାଧୋଇ ଦିଅନ୍ତୁ ।



# ମକାରେ ଜଳସେଚନ



ଦିନର ତାପମାତ୍ରା ବଢୁଥିବାରୁ ପାଣିର ଆବଶ୍ୟକତା ବଢିଥାଏ। ମାଟିର ଅବସ୍ଥା ଦେଖି ଜଳସେଚନ କରନ୍ତୁ। କୌଣସି ଅବସ୍ଥାରେ ୬ ଘଣ୍ଟାରୁ ଅଧିକ ସମୟ ଠିଆ ପାଣି ରଖନ୍ତୁ ନାହିଁ। ମକା ଚଅଁର ବାହାରିବା ଅବସ୍ଥାରେ ଥିଲେ ଦ୍ୱିତୀୟ ବାର କୋଡାଖୁସା କରି ଘାସ ବାଛି ଦିଅନ୍ତୁ। ତା'ପରେ ଏକର ପ୍ରତି ୮ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।

# ପୋଟଳରେ ଫୁଲ କଷି ହେଉଥିଲେ...

ଖରାଟିଆ ପନିପରିବା ଯଥା କଲରା, କାକୁଡ଼ି, ଜହ୍ନି, ଖଡ଼ା, ଲେଉଟିଆ, ପୋଇ, ଲାଉ, କଖାରୁ, ବାଇଗଣ, ଲଙ୍କା, ଭେଣ୍ଡି, ଛଚିନ୍ଦ୍ରା ଆଦି ଲାଭଜନକ ଭାବେ ଚାଷ କରାଯାଇ ପାରିବ । ପୋଟଳ ଗଛର ଫୁଲ କଷି ହୋଇ ଫଳ ହେଉଥିଲେ ଗଛ ମୂଳରୁ ଘାସ ବାଛି ଖୁସାଇ ସାର ପ୍ରୟୋଗ କରନ୍ତୁ । କଖାରୁଜାତୀୟ ଫସଲରେ ଫଳ ଖସି ପଡୁଥିଲେ ପ୍ଲାନୋଫିକ୍‌ସ ୧ ମି.ଲି./୪.୫ ଲିଟର ପାଣିରେ ମିଶାଇ ଉପରଓଳି ସ୍ପ୍ରେ କରନ୍ତୁ । ଫଳମାଛି ଲାଗିଲେ ମଧ କଖାରୁ ଜାତୀୟ ଫସଲର ଫଳ ଝଡ଼ିଯାଇଥାଏ ଓ ଏହା ବଙ୍କା ମଧ ହୋଇ ଯାଇଥାଏ । ମାଟିର ବତର ଦେଖି ପାଣି ଦିଅନ୍ତୁ । ତରଭୁଜ ପାଚିଲା ପରେ ତୋଳନ୍ତୁ । ତରଭୁଜ ସମ୍ପୂର୍ଣ୍ଣ ପାକଳ ହୋଇ ନ ଥିଲେ ତରଭୁଜ ଫାଟିବାକୁ କମ୍ କରିବା ପାଇଁ ବୋରାକ୍ସ ୨ ଗ୍ରାମ୍/୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।



# ଆଖୁରେ ପିଲ ବାହାରୁଥିଲେ...



ଆଖୁରେ ପିଲ ବାହାରିବା ସମୟରେ ପ୍ରତି ୧୦ଦିନ ଅନ୍ତରରେ ଜଳସେଚନ କରନ୍ତୁ। ଗଛମୂଳ ଓଦା ରହିବା ଲାଗି ଶୁଖିଲା ପତ୍ରଦ୍ୱାରା ନାଳୀଗୁଡିକୁ ଆଚ୍ଛାଦ କରନ୍ତୁ। ଗ୍ରୀଷ୍ମ ଋତୁରେ ଜଳାଭାବରୁ ଫସଲକୁ ରକ୍ଷା କରିବା ସକାଶେ ଶତକଡା ୪ ଭାଗ (ଏକ ଲିଟର ପାଣିରେ ୪୦ଗ୍ରାମ ହିସାବରେ ) ପଟାସ ସାର ପତ୍ରସିଞ୍ଚା କରନ୍ତୁ। ଶୁଖିଲା ଆଖୁ ପତ୍ରକୁ ଗଛରୁ ଛଡାଇ ଦେଇ ଆଖୁ ଲଗାଇବାର ୫ ମାସ ହୋଇଥିଲେ ଭେଳା ବାନ୍ଧନ୍ତୁ। ଦୁଇଧାଡିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡିଯାଏ ନାହିଁ। ଆଖୁ ଫସଲ ଲଗାଇବାର ତିନି ମାସରୁ ଅଧିକ ହୋଇଯାଇଥିଲେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୩୩କି.ଗ୍ରା ଯବକ୍ଷାରଜାନ ଓ ୧୨କି.ଗ୍ରା ପଟାସ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ।

## ସାପ କାମୁଡ଼ାରେ ଶିଶୁକନ୍ୟା ମୃତ

ବାଙ୍ଗିରିପୋଷି,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଚଟିରିସାହି ଗ୍ରାମର ଜଣେ ଶିଶୁକନ୍ୟାଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ହେଲେ ଠାକୁରଦାସ ବିନ୍ଧାଣୀଙ୍କ ଝିଅ ଇସାନୀ। ରାତିରେ ବାପା ମା'ଙ୍କ ପାଖରେ ଶୋଇଥିବା ବେଳେ ଏକ ଚିତି ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୯/୨୧) ରୁଜୁ ହୋଇଛି।

# ପୁଣି ଏକ ଆନ୍ତଃରାଜ୍ୟ ସାଇବର କ୍ରାଇମ୍‌ର ପର୍ଦ୍ଦାଫାଶ

ଝାରସୁଗୁଡ଼ା ଅଫିସ,୬।୪

କିଛିଦିନର ବ୍ୟବଧାନ ପରେ ଝାରସୁଗୁଡା ଜିଲା ପୋଲିସ ପୁଣି ଏକ ଆନ୍ତଃରାଜ୍ୟ ସାଇବର କ୍ରାଇମ୍‌ର ପର୍ଦ୍ଦାଫାଶ କରି ୩ଜଣଙ୍କୁ ଗିରଫ କରିଛି। ଗତ ଫେବୃୟାରୀ ମାସରେ ବେଲପାହାଡର ଯୁବତୀ ନୀତା ଛତରଙ୍କୁ କୌନ ବେନେଗା କରୋଡପତିରେ ୩୫ଲକ୍ଷ ଟଙ୍କା ଲଟେରି ଜିତିଛ କହି ତାଙ୍କ ନିକଟରୁ ସାଇବର ଅପରାଧୀମାନେ ୧ଲକ୍ଷ ୬୯ହଜାର ଟଙ୍କା ଲୁଟି ନେଇଥିଲେ। ଏହାର ପର୍ଦ୍ଦାଫାଶ୍ କରି ପୋଲିସ ନେପାଳ ସୀମାରୁ ନିରୋଜ କୁମାରଙ୍କୁ ଗିରଫ କରି ମାର୍ଚ୍ଚ ୧୬ତାରିଖରେ କୋର୍ଟ ଚାଲାଣ କରିଛି। ଏଭଳି ସ୍ଥିତିରେ ପୁଣି ବେଲପାହାଡର ଶିବାଶିଷ କର୍ମକାର ନାମକ ଜଣେ ରେଳବାଇ କର୍ମଚାରୀଙ୍କଠାରୁ ସାଇବର ଅପରାଧୀମାନେ ଫୋନ୍‌ପେ'ରେ ୩୬ହଜାର ଟଙ୍କା ଲୁଟିନେଇଥିଲେ । ଶିବାଶିଷ ଏ ନେଇ ବେଲପାହାଡ ଥାନାରେ ଅଭିଯୋଗ କରିବା ପରେ ପୋଲିସ୍ ଗତ ୨୪ତାରିଖରେ କେସ୍ ନଂ.୫୯/୨୧ରେ ମାମଲା ରଜୁକରି ତଦନ୍ତ ଚଳାଇଥିଲା। ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ ସୁନ୍ଦରଗଡ ଜିଲା ଲେଫ୍ରିପଡା ଥାନା ଲଖନପୁରରୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝାଡଖଣ୍ଡ ଗିରିଡି ଜିଲା ଅହଲ୍ୟାପୁର ଗ୍ରାମର ଗୁଡୁଲାଲ୍ ରଣା(୨୬), ପପୁ ରଣା(୩୨) ଓ ଗୋପାଳ ରଣା(୩୪)। ସମ୍ପୃକ୍ତ ଅନ୍ୟଜଣେ ଅଭିଯୁକ୍ତ ବିର୍ଜୁ ରଣା ଫେରାର୍ ଅଛନ୍ତି। ଏମାନଙ୍କ ନିକଟରୁ ଲୁଟ୍ ୨୩ହଜାର ଟଙ୍କା, ୯ ମୋବାଇଲ୍, ସୋନି ସାଉଣ୍ଡ୍ ସିଷ୍ଟମ୍ ଆଦି ସାମଗ୍ରୀ ପୋଲିସ ଜବତ କରିଛି। ଏ ନେଇ ଏସ୍‌ପି ବିକାଶ ଚନ୍ଦ୍ର ଦାସ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ସାଇବର ଅପରାଧୀମାନେ ରେଳବାଇ କର୍ମଚାରୀ ଶିବାଶିଷଙ୍କୁ ପ୍ରଥମେ ମୋବାଇଲ୍‌ରେ କଲ୍‌କରି ଫୋନ୍‌ପେ'ରେ ତୁମର ୧୯ଶହ ଟଙ୍କା ଅଫର୍ ଆସିଛି । ପରେ ସେମାନେ ଏକ ଲିଙ୍କ୍ ପଠାଇଥିଲେ । ଏହାକୁ ଶିବାଶିଷ ପରିଚାଳନା କରିଥିଲେ। ପରେ ୧୯ଶହ ଟଙ୍କା ଅଫର୍ ମିଳିବା ପରିବର୍ତ୍ତେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମେ ୨ କିସ୍ତିରେ ୩୬ ହଜାର ଟଙ୍କା କଟିଥିଲା।



ଏସ୍‌ପିଙ୍କ ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତମାନେ।

■ଠକେଇର ଶିକାର ହୋଇଥିଲେ ରେଳବାଇ କର୍ମଚାରୀ

■ଝାଡ଼ଖଣ୍ଡର ୩ ଅଭିଯୁକ୍ତ ଗିରଫ

ଏ ନେଇ ଶିବାଶିଷ ପୋଲିସ୍‌ରେ ଜଣାଇଥିଲେ। ଏସ୍‌ପି ଦାସଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ଏକ ପୋଲିସ୍ ଟିମ୍ ଗଠନ କରାଯାଇଥିଲା । ଏଥିରେ ବେଲପାହାଡ ଆଇଆଇସି ରଶ୍ମିତା ବେହେରା ଓ ସବ୍‌ଇନ୍ସପେକ୍ଟର ପି.କେ. ସ୍ୱାଇଁ ରହିଥିଲେ । ଏହି ଟିମ୍ ସାଇବର ଅପରାଧୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆଧାରକରି ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିବାରେ ସକ୍ଷମ ହୋଇଥିଲା। ଅଭିଯୁକ୍ତମାନେ ସୁନ୍ଦରଗଡ ଜିଲାରେ କାଠ କାମ କରନ୍ତି। ସହଜ ଉପାୟରେ ଅର୍ଥ ଉପାର୍ଜନ କରିବାପାଇଁ ସେମାନେ ଅଜଣା ମୋବାଇଲ୍ ନମ୍ବରରେ ଲୋକଙ୍କୁ ଫୋନ୍‌କଲ୍ କରି ଲୋଭ ଦେଖାଇ ଜାଲରେ ଫସାଉଥିଲେ । ସୂଚନାଯୋଗ୍ୟ ଗତ ମାର୍ଚ୍ଚ ମାସରେ ବ୍ରଜରାଜନଗରର ଜଣେ ଏମ୍‌ସିଏଲ୍ ଅଧିକାରୀ ବିମାନ ଟିକେଟ୍ କରିବାକୁ ଯାଇ ୬ଲକ୍ଷ ଟଙ୍କା ସାଇବର କ୍ରାଇମ୍ ଠକେଇର ଶିକାର ହୋଇଥିଲେ । ପୋଲିସ୍ ୪ଲକ୍ଷ ଟଙ୍କା ଉଦ୍ଧାର କରିବାରେ ସକ୍ଷମ ହୋଇଛି। ଏ ନେଇ ପୋଲିସ୍ ବ୍ରଜରାଜନଗର ଥାନାରେ ଏକ ମାମଲା (ନଂ.୮୯/୨୧) ରୁଜୁକରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଭବାନୀପାଟଣାରେ ଭାଜପାର ପ୍ରତିଷ୍ଠା ଦିବସ

ଭବାନୀପାଟଣା, ୬।୪ (ସ୍ୱ.ପ୍ର.): କଳାହାଣ୍ଡି ଜିଲା ଭବାନୀପାଟଣା ଜିଲା କାର୍ଯ୍ୟାଳୟରେ ମଙ୍ଗଳବାର ଭାଜପାର ୪୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ୧୯୮୦ ଏପ୍ରିଲ ୬ ତାରିଖରେ ପ୍ରତିଷ୍ଠିତ ହୋଇଥିବା ଭାରତୀୟ ଜନତା ପାର୍ଟି (ଭାଜପା) ଗତ ୮ ବର୍ଷ ଧରି ଦେଶର ଶାସନ କ୍ଷମତାରେ ରହିଛି। ଏହି ଦଳକୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀ ଓ ବରିଷ୍ଠ ରାଜନେତା ଲାଲକୃଷ୍ଣ ଆଡ଼ଭାନୀ ପ୍ରତିଷ୍ଠା କରିଥିଲେ। ଜିଲା ସଭାପତି ଦେବେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଆରମ୍ଭରେ ଭାରତ ମାତା ଓ ବରିଷ୍ଠ ନେତୃବର୍ଗଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଦେଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରତିଷ୍ଠା ଦିବସରେ ବରିଷ୍ଠ ଭାଜପା ନେତା ଭବେନ୍ଦ୍ର ପଣ୍ଡା, ନଗର ସଭାପତି ସନ୍ତୋଷ ବିଶି, ଜିଲା ସାଧାରଣ ସମ୍ପାଦକ ଜୟଶଙ୍କର ନାୟକ, ଯୁବମୋର୍ଚ୍ଚା ଜିଲା ସଭାପତି ବିଜୟଦେବ ସାହୁ ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ସଂକଳ୍ପିତ ଭାରତ ଗଠନ ଦିଗରେ ସବକା ସାଥ, ସବକା ବିକାଶ, ସମସ୍ତଙ୍କ ମୂଳମନ୍ତ୍ର ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ନେତା ଅକ୍ରୁର ହରପାଲ, ଚିନ୍ମୟ ବେହେରା, କିଶନ ଶର୍ମା, ଜଗବନ୍ଧୁ ସାହୁ ପ୍ରମୁଖ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ନଗର ଯୁବମୋର୍ଚ୍ଚା ସଭାପତି ଚିତ୍ତରଞ୍ଜନ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବରଗଡ଼ ରେଡ଼ିଓ ଗୁଞ୍ଜନକୁ ଜାତୀୟ ପୁରସ୍କାର

ବରଗଡ଼ ଅଫିସ୍,୬।୪: ଆଞ୍ଚଳିକ ସଂସ୍କୃତିକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ବରଗଡ଼ର ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ଗୁଞ୍ଜନ ଶ୍ରେଷ୍ଠ ଜାତୀୟ ପୁରସ୍କାର ପାଇଁ ମନୋନୀତ ହୋଇଥିବା ସୂଚନା ମିଳିଛି । କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ତରଫରୁ ଅଷ୍ଟମ ଜାତୀୟ ଗୋଷ୍ଠୀ ବେତାର ଆୱାର୍ଡ଼-୨୦୨୦ ପାଇଁ ଏହା ଘୋଷଣା କରାଯାଇଛି। ପଶ୍ଚିମ ଓଡ଼ିଶାର ଲୋକ କଳାକାର ଯୁଧିଷ୍ଠିର ସାହୁ(୮୦) କରମା ପରିବେଷଣ କରିଥିଲେ ଏବଂ କାର୍ଯ୍ୟକ୍ରମର ଅବଧି ୧୪ମିନିଟ ରହିଥିଲା । ରେଡ଼ିଓ ଗୁଞ୍ଜନର କେନ୍ଦ୍ର ନିର୍ଦ୍ଦେଶକ ନିହାର ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପ୍ରଯୋଜନା କରିଥିବାବେଳେ ମୋହନ ସାହୁ ଏହାର ପରିକଳ୍ପନା କରିଥିଲେ। ଏଥିରେ ନୃସିଂହ ସାହୁ ଓ ବିଶିକେଶନ ବାଗ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ବରଗଡ଼ର ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ଗୁଞ୍ଜନ ଉକ୍ତ ଆୱାର୍ଡ଼ ପାଇଁ ମନୋନୀତ ହୋଇଛି।

### ମହିଳା ନିଖୋଜ

ସଜନାଗଡ଼, ୬।୪(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ କାଠଗୋଛି ଅଞ୍ଚଳର ଜଣେ ମହିଳା ସୋମବାର ରାତିରୁ ନିଖୋଜ ଅଛନ୍ତି। ମଙ୍ଗଳବାର ସକାଳେ ମିତ୍ରପୁର କାଠଗୋଛିର ଏକ ପରିତ୍ୟକ୍ତ ପଥର ଖାଦାନ ଆଡ଼ିରେ ଏକ ଶାଢ଼ୀ, ଚପଲ, ଏକ ବ୍ୟାଗ୍ ପଡ଼ିଥିବାରୁ ଗାଁ ଲୋକଙ୍କ ମଧ୍ୟରେ ସନ୍ଦେହ ଉପୁଜିଥିଲା। ଖବରପାଇ ଦମକଳ ବାହିନୀ ପହଞ୍ଚି ଖୋଜାଖୋଜି କରିବା ପରେ ବି କିଛି ପାଇ ନ ଥିଲେ । ଉକ୍ତ ଖାଦାନରେ ବହୁତ ପାଣି ଥିବାରୁ କିଛି ମିଳି ନ ଥିବା ଗ୍ରାମବାସୀ ଆଶଙ୍କା କରିଛନ୍ତି।



ଭାଜପା ଭୁବନେଶ୍ୱର ପାର୍ଟି ଅଫିସରେ ପ୍ରତିଷ୍ଠା ଦିବସରେ ଭିଡିଓ କନ୍‌ଫରେନ୍ସରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ ଶୁଣୁଛନ୍ତି ନେତା ଓ କର୍ମୀ।

# '୪୧ବର୍ଷର ଯାତ୍ରା ସଂଘର୍ଷମୟ ଥିଲା'

ଭୁବନେଶ୍ୱର, ୬।୪(ବ୍ୟୁରୋ)

## ଭାଜପାର ୪୧ତମ ପ୍ରତିଷ୍ଠା ଦିବସ

ଭାଜପାର ୪୧ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଦଳର ରାଜ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ରାଜ୍ୟ ଭାଜପା କାର୍ଯ୍ୟାଳୟ ପରିସର ଭିତରେ ରାଜ୍ୟ ସଭାପତି ସମୀର ମହାନ୍ତି ଦଳୀୟ ପତାକା ଉତ୍ତୋଳନ କରିବା ସହ ଶ୍ୟାମା ପ୍ରସାଦ ମୁଖାର୍ଜୀ ଏବଂ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଛନ୍ତି। ଏହି ଅବସରରେ ସମୀର ଆହୁରି କହିଛନ୍ତି, ଦୀର୍ଘ ୪୧ ବର୍ଷର ଯାତ୍ରା ସଂଘର୍ଷ ପୂର୍ଣ୍ଣ ଥିଲା । ଭାଜପାକୁ ବିଶ୍ୱର ସର୍ବବୃହତ ରାଜନୈତିକ ଦଳଭାବେ ଗଢି ତୋଳିବା ଲାଗି ବହୁ ମହାମନିଷୀଙ୍କ ଅବଦାନ ରହିଛି। ସେମାନଙ୍କ ତ୍ୟାଗ ବଳୀଦାନ ଚିର ସ୍ମରଣୀୟ ହୋଇ ରହିବ ଏବଂ ଆମ ସମସ୍ତଙ୍କୁ ପ୍ରେରଣା ଦେଉଥିବ ବୋଲି ସମୀର କହିଛନ୍ତି । ଏହି ଅବସରରେ ଭାଜପାର ୩ ଜଣ ପ୍ରତିଷ୍ଠାତା ସଦସ୍ୟ ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକ, ସଜ୍ଜନ ଶର୍ମା ଓ ସୁବାସ ଗନ୍ତାୟତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡିଶାରେ ଭାଜପାକୁ ଯେପରି ଜନ ସମର୍ଥନ ମିଳୁଛି ତାହା ଅତ୍ୟନ୍ତ ଉତ୍ସାହଜନକ ।

ଉତ୍କଳ ଜନନୀର ସେବା କରିବା ପାଇଁ ଆମକୁ ସୁଯୋଗ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଦେଶବାସୀଙ୍କ ପାଇଁ ଅନେକ ଜନକଲ୍ୟାଣକାରୀ ଯୋଜନା ଲାଗୁ କରିଛନ୍ତି। ଆଗାମୀ ଦିନରେ ରାଜ୍ୟବାସୀଙ୍କ ଜନସମର୍ଥନ ପାଇ ଓଡିଶାକୁ ଏକ ନମ୍ବର ରାଜ୍ୟ ଭାବେ ପରିଗଣିତ କରିବା ପାଇଁ ଭାଜପା କାର୍ଯ୍ୟକର୍ତାମାନେ ଆଜିର ଦିନରେ ସଂକଳ୍ପ ନେବାକୁ ସମୀର ଆହ୍ୱାନ ଦେଇଛନ୍ତି। ରାଜ୍ୟ ସହ ପ୍ରଭାରୀ ବିଜୟ ପାଲ ସିଂ ତୋମାର ସମସ୍ତ କାର୍ଯ୍ୟକର୍ତାଙ୍କୁ ଶୁଭେଚ୍ଛା ଜଣାଇ କହଛନ୍ତି, । ଦେଶରେ ୧୮ ରାଜ୍ୟରେ ଭାଜପା ଏବଂ ଏନଡିଏର ସରକାର ଚାଲିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ବିକାଶମୁଖୀ ହୋଇଛି ବୋଲି ବିଜୟ କହିଛନ୍ତି ।

# କୋଟିଆ ପ୍ରସଙ୍ଗରେ ବାଚସ୍ପତିଙ୍କ ଆଲୋଚନା

ଭୁବନେଶ୍ୱର, ୬।୪(ବ୍ୟୁରୋ)

ଓଡିଶାର କୋଟିଆରେ ଆନ୍ଧ୍ରପ୍ରଦେଶ ସରକାର ଦ୍ୱିତୀୟ ଥର ଲାଗି ଆସନ୍ତା ୮ ତାରିଖରେ ନିର୍ବାଚନ କରିବାକୁ ଯାଉଛନ୍ତି। ଏ ନେଇ ଆନ୍ଧ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିସାରିଛନ୍ତି। ଆନ୍ଧ୍ରର ଏଭଳି ଦାଦାଗିରି ପରେ ଓଡିଶା ସରକାର ସୁପ୍ରିମକୋର୍ଟ ଯିବାକୁ ପ୍ରସ୍ତୁତ ହେଉଛନ୍ତି। ପୂର୍ବରୁ ମଧ୍ୟ ସମାନ ଘଟଣାକୁ ନେଇ ଓଡିଶା ସୁପ୍ରିମକୋର୍ଟରେ ମାମଲା ଦାୟର କରିଛି। ଆନ୍ଧ୍ର ସରକାରଙ୍କ ଏଭଳି କାର୍ଯ୍ୟକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ଆଲୋଚନା ହେଉ ବୋଲି ଦାବି ଉଠୁଛି। ଅନ୍ୟପଟେ ମଙ୍ଗଳବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ରାଜସ୍ୱ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଓ କୋରାପୁଟ ଜିଲାପାଳ ମହମ୍ମଦ ଅବଦଲ ଅଖତାରଙ୍କ ସହ ଆଲୋଚନା କରିଛନ୍ତି। ବାଚସ୍ପତି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁମଧ୍ୟ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ଏ ପ୍ରସଙ୍ଗରେ ଜିଲା ପ୍ରଶାସନ ଠାରୁ ଏକ ବିସ୍ତୃତ ବିବରଣୀ ତଲବ କରାଯାଇଛି। ଓଡିଶାର ସ୍ୱାର୍ଥ ରକ୍ଷା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ। ଏହାକୁ ବ୍ୟାହତ ହେବାକୁ ଦିଆଯିବ ନାହିଁ ବୋଲି ବାଚସ୍ପତି ପାତ୍ର କହିଛନ୍ତି।

# ପାରାଦୀପ ବନ୍ଦର ବୁଲିଲେ ନବୀନ ଜିନ୍ଦଲ



ବନ୍ଦର ପ୍ରଶାସନିକ ଭବନ ବୋର୍ଡ କକ୍ଷରେ ନବୀନ ଜିନ୍ଦଲ ଓ ଅନ୍ୟ ଅଧିକାରୀମାନେ।

ପାରାଦୀପ, ୬।୪(ସ୍ୱ.ପ୍ର.)

## ପୁଞ୍ଜି ନିବେଶ ପାଇଁ ଆଲୋଚନା

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍)ର ଅଧ୍ୟକ୍ଷ ନବୀନ ଜିନ୍ଦଲ ମଙ୍ଗଳବାର ଅପରାହ୍ନରେ ପାରାଦୀପ ବନ୍ଦର ଗସ୍ତରେ ଆସିଥିଲେ। ସେଠାରେ ସେ ବନ୍ଦର ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଏହାପରେ ଆଗାମୀ ଦିନରେ ପାରାଦୀପରେ ବୃହତ୍ ପୁଞ୍ଜିନିବେଶ ହେବ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି। ଜିନ୍ଦଲଙ୍କ ସହ ବନ୍ଦର ଅଧ୍ୟକ୍ଷ ଭିନିତ୍ କୁମାର ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରିଥିଲେ। ପ୍ରଶାସନିକ ଭବନର ବୋର୍ଡ କକ୍ଷରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଏ.କେ. ବୋଷଙ୍କ ସମେତ ଅନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ଜିନ୍ଦଲ ପ୍ରଥମେ ବନ୍ଦର ନିଷିଦ୍ଧାଞ୍ଚଳ ଓ ପିଆଇସିଟିର କ୍ଲିନ କାର୍ଗୋ ବର୍ଥ ବୁଲି ଦେଖିଥିଲେ। ପରେ ବନ୍ଦର ଭିତ୍ତିକ ଶିଳ୍ପାଞ୍ଚଳ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ, ପାରାଦୀପ ବନ୍ଦରରେ ଜେଏସଡବ୍ଲ୍ୟୁ ବର୍ଥ କାମ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ଡିଙ୍କିଆ ପଞ୍ଚାୟତ ଅଞ୍ଚଳରେ ବୃହତ୍ ଷ୍ଟିଲପ୍ଲାଣ୍ଟ ହେବାର ପ୍ରସ୍ତାବ ରହିଛି। ଏହି ସମୟରେ ନବୀନ ଜିନ୍ଦଲଙ୍କ ଗସ୍ତ ପୁଣି ଏକ ବୃହତ୍ ପୁଞ୍ଜିନିବେଶର ସମ୍ଭାବନା ସୃଷ୍ଟି କରିଛି।

# ଶିକ୍ଷକ ସଂଘ ସମ୍ମିଳନୀ

ବରଗଡ଼ ଅଫିସ୍,୬।୪

ବରଗଡ଼ ହିନ୍ଦୀ ବାଳକ ବିଦ୍ୟାଳୟରେ ରବିବାର ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ (ଅଲୋଷ୍ଟା)ର ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯାଚକେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ଅବସରପ୍ରାପ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଉପେନ୍ଦ୍ର ମୋହନ ବିଳାସ, କ୍ଷୀରୋଦ୍ର ପ୍ରଧାନ, ସଂଘର ରାଜ୍ୟ ଯୁଗ୍ମ ସମ୍ପାଦକ ଘନେନ୍ଦ୍ର ବେହେରା, ଆନନ୍ଦ ସାହୁ, ପ୍ରମୋଦ କୁମାର ମେହେର, ଖଗେଶ୍ୱର କୁମ୍ଭାର, ନିରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ। ସମ୍ମିଳନୀରେ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବା ସହିତ ତାର ସମାଧାନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସେହିପରି ବରଗଡ଼ ଜିଲା ପାଇଁ ସଂଘର ଏକ କମିଟି ଗଠନ କରାଯାଇଥିଲା। ଏଥିରେ ନିରଞ୍ଜନ ପ୍ରଧାନ ସଭାପତି, ଆନନ୍ଦ ପ୍ରଧାନ କାର୍ଯ୍ୟକାରୀ ସଭାପତି, ସୁଧାଂଶୁ ବେହେରା ସମ୍ପାଦକ, କୁବେର ସ୍ୱାଇଁ, ବିବେକାନନ୍ଦ ଦାଶ ଉପସଭାପତି, ଲମ୍ବୋଦର ସାହୁ ଯୁଗ୍ମ ସମ୍ପାଦକ, ଅନୀଲ କୁମାର ପ୍ରଧାନ, ଦ୍ୱାରୁ ପ୍ରଧାନ, ଅଶ୍ୱିନୀ କୁମାର ପ୍ରଧାନ, ସଞ୍ଜୀବ କୁମାର ସାହୁ ସହ ସମ୍ପାଦକ, ସନ୍ତୋଷ ପ୍ରଧାନ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି।

# ଓଡ଼ିଆ ଯବାନ ସୁବାସ ଶହୀଦ

ଭବାନୀପାଟଣା/କୋକସରା, ୬।୪ (ସ୍ୱ.ପ୍ର./ଡି.ଏନ.ଏ.)

## ଛତିଶଗଡ଼ ମାଓବାଦୀ ହମ୍‌ଲା ଘଟଣା

■ପୈତୃକ ଗ୍ରାମ ଧନସରାରେ ଶୋକର ଛାୟା

■ଟିକିଲି ଗ୍ରାମରେ ରହିବା ସ୍ୱପ୍ନ ଅଧୁରା

ଛତିଶଗଡ଼ ରାଜ୍ୟ ସୁକମା-ବିଜାପୁରରେ ମାଓବାଦୀଙ୍କ ଆକ୍ରମଣରେ ୨୨ ଯବାନ ଶହୀଦ ହୋଇଥିଲେ। ଶହୀଦ ଯବାନଙ୍କ ମଧ୍ୟରେ କଳାହାଣ୍ଡି ଜିଲା କୋକସରା ବ୍ଲକ ଅଞ୍ଚଳ ଧନସରା ଗ୍ରାମର ଜଣେ ଯବାନ ସୁବାସ ନାଏକ ରହିଛନ୍ତି। ସୁବାସଙ୍କ ବାପା ସ୍ୱର୍ଗତ ସୀତାରାମ ନାଏକ ମୂଳବାସିନ୍ଦା କୋକସରା ବ୍ଲକ ଧନସରା ଅଞ୍ଚଳର । ସେ ଆଜକୁ ପ୍ରାୟ ୪୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଗାଁ ଛାଡି ପେଟପାଟଣା ପାଇଁ ଛତିଶଗଡ଼ ବିଜାପୁର ବାସାଗୁଡା ଗ୍ରାମରେ ରହୁଥିଲେ। ଶହୀଦ ଯବାନ ସୁବାସଙ୍କ ଜନ୍ମ ୧୯୮୬ରେ ବାସାଗୁଡାଠାରେ ହୋଇଥିଲା। ପାଠପଢା ସରିବା ପରେ ୨୦୧୯ରେ ସେ ଯବାନ ଭାବେ ଯୋଗଦେଇଥିଲେ। ଓଡିଆରଜି ଯବାନ ଭାବେ ବିଜାପୁର ଅଞ୍ଚଳରେ କାର୍ଯ୍ୟରତ ଥିଲେ। ଗତ ୨ ତାରିଖରେ ସେ ଘରୁ କାର୍ଯ୍ୟରେ ଯୋଗଦେବାକୁ ଯାଇଥିଲେ। ଏହାରି ଭିତରେ ବିଜାପୁର ଅଞ୍ଚଳ ଘଞ୍ଚ ଜଙ୍ଗଲ ମଧ୍ୟରେ ମାଓବାଦୀ ଆକ୍ରମଣରେ ଶହୀଦ ହୋଇଥିଲେ। ତାଙ୍କ ଶହୀଦ ହେବା ଖବର ଶୁଣିବା ପରେ କାନ୍ଦବୋବାଳିରେ ଫାଟି ପଡିଥିଲା ବାସାଗୁଡା ଗ୍ରାମ। ତାଙ୍କ ପୈତୃକ ଗ୍ରାମ ଧନସରାରେ ମଧ୍ୟ ଶୋକର ଛାୟା ଖେଳିଯାଇଛି। ସୁବାସ କୋକସରା ବ୍ଲକ ଟିକିଲି ଗ୍ରାମରୁ ବିବାହ କରିଥିଲେ ଓ ଭବିଷ୍ୟତରେ ଏହି ଗାଁରେ ରହିବା ପାଇଁ ଘର ମଧ୍ୟ ନିର୍ମାଣ କରିଥିଲେ। ହେଲେ ତାଙ୍କ ସବୁ ସ୍ୱପ୍ନ ଅଧାରେ ରହିଗଲା। ଘରେ ବିଧବା ମା'ଙ୍କ ସହ ସ୍ତ୍ରୀ, ଦୁଇ ଛୋଟ ଝିଅ ଓ ଦେଢ ବର୍ଷର ପୁଅ ଅଛନ୍ତି।

# କଂଗ୍ରେସ ଛାଡ଼ିଲେ ସ୍ମୃତିରେଖା

ଭୁବନେଶ୍ୱର, ୬।୪(ବ୍ୟୁରୋ)

## ବ୍ଲକ ସଭାପତି ବନମାଳୀ ରାଉତ ବହିଷ୍କୃତ

ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥୀ ତଥା କଂଗ୍ରେସ ନେତ୍ରୀ ସ୍ମୃତିରେଖା ପହି ମଙ୍ଗଳବାର ଆନୁଷ୍ଠାନିକ ଭାବେ ଦଳରୁ ନିଜକୁ ମୁକ୍ତ କରିଛନ୍ତି। ସେ କଂଗ୍ରେସର ପ୍ରାଥମିକ ସଦସ୍ୟତା ସମେତ ସବୁ ପଦପଦବୀରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫାପତ୍ରକୁ ସେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। କଂଗ୍ରେସ ଦଳ ଶାସକ ବିଜେଡି ସହ ଅଘୋଷିତ ମେଣ୍ଟ କରିଛି। ପିପିଲି ଉପନିର୍ବାଚନରେ ମଧ୍ୟ ଭିତିରି ବୁଝାମଣା ହୋଇଛି। କଂଗ୍ରେସର ଭବିଷ୍ୟତ ସନ୍ଦିହାନ ହେଉଥିବାବେଳେ ଏହାକୁ ନଜରରେ ରଖି ସେ ଇସ୍ତଫା ଦେଇଥିବା ନିଜ ପ୍ରତିକ୍ରିୟାରେ କହିଛନ୍ତି।

ସ୍ମୃତିରେଖା ଖବରଦାତା ସମ୍ମିଳନୀରେ କହିଛନ୍ତି, କଂଗ୍ରେସ ସଙ୍ଗଠନ ରାଜ୍ୟରେ ନିମ୍ନଗାମୀ ହେଉଛି। ଜଣେ ମହିଳା ଭାବେ ୨୦୧୯ ନିର୍ବାଚନରେ ସେ କଂଗ୍ରେସ୍ ଟିକେଟରେ ଲଢ଼ିବାକୁ ସାହସ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଦଳର ଉଚ୍ଚାରଣ ଓ ଆଚରଣ ତାଙ୍କୁ ବ୍ୟଥିତ କରିଛି। ସ୍ୱିତାରାଣୀ ହତ୍ୟାକାଣ୍ଡ, କୃତ୍ରିମ ଘାଇ ଖୋଳାଯିବା ପ୍ରସଙ୍ଗ ଏବଂ ବେଆଇନ ଖଣି ଖନନ ମାମଲାରେ ସେ ସ୍ୱର ଉଠାଇଥିଲେ। ହେଲେ ଏସବୁ ପ୍ରସଙ୍ଗରେ କଂଗ୍ରେସ ତାଙ୍କୁ ସହଯୋଗ କଲାନାହିଁ। ରାଜ୍ୟ ଓ କେନ୍ଦ୍ରୀୟ ନେତୃବୃନ୍ଦ ଅଣଦେଖା କଲେ। ଓଡ଼ିଶାରେ କଂଗ୍ରେସ ୨ ନମ୍ବରରେ ଥିବାବେଳେ ଏବେ ୩ ନମ୍ବରକୁ ଖସିଆସିଛି। ରାଜ୍ୟରେ କଂଗ୍ରେସ ଆଗକୁ ବଢିପାରିବ ନାହିଁ ବୋଲି ସେ ଅନୁଭବ କରୁଛନ୍ତି। ଶାସକ ବିଜେଡି ଇଙ୍ଗିତରେ କାମ କରୁଥିବାରୁ କଂଗ୍ରେସକୁ ଭରସା କରି ସାଧାରଣ ଲୋକଙ୍କୁ ନ୍ୟାୟ ଦେଇ ହେବନାହିଁ ବୋଲି ସ୍ମୃତିରେଖା କହିଛନ୍ତି। ସେ ଆଗାମୀ ଦିନରେ ଭାଜପାରେ ଯୋଗଦେବେ ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷରେ ଧର୍ମଶାଳା ବ୍ଲକ କଂଗ୍ରେସ ସଭାପତି ବନମାଳୀ ରାଉତଙ୍କୁ ଦଳରୁ ବହିଷ୍କୃତ କରାଯାଇଥିବା ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ ପ୍ରେସ୍ ବିଜ୍ଞପ୍ତି ସୂଚନା ଦେଇଛନ୍ତି। ବିଦ୍ୟୁତ୍ ଦର ବୃଦ୍ଧି ପ୍ରସଙ୍ଗରେ ମଙ୍ଗଳବାର ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ବନମାଳୀ ଯୋଗଦେଇ ନ ଥିଲେ। ସେ ସ୍ମୃତିରେଖାଙ୍କ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଦଳବିରୋଧୀ କାର୍ଯ୍ୟ ପାଇଁ ବନମାଳୀଙ୍କୁ ବହିଷ୍କାର କରାଯାଇଛି। ସ୍ମୃତିରେଖାଙ୍କ ଇସ୍ତଫା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ମନୋଜ କହିଛନ୍ତି।




ଖବରଦାତା ସମ୍ମିଳନୀରେ ସ୍ମୃତିରେଖା ଓ ଅନ୍ୟମାନେ।

# ୧୧୨ର ପରିଚାଳନା, ଏନ୍‌ଏଚ୍ ପାଟ୍ରୋଲିଂ ଉପରେ ଗୁରୁତ୍ୱ

## ଡିଜିପିଙ୍କ ସମୀକ୍ଷା ବୈଠକ

■କରୋନା ଏନ୍‌ଫୋର୍ସମେଣ୍ଟ ଟିମ୍, ସ୍ୱାସ୍ଥ୍ୟ ପରୀକ୍ଷା ଓ ଟିକାକରଣର ସମୀକ୍ଷା

କଟକ ଅଫିସ, ୬।୪




କଟକ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଡିଜିପି ଅଭୟଙ୍କ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ସମୀକ୍ଷା ବୈଠକ।

କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଭିଡିଓ କନଫରେନ୍ସ ଜରିଆରେ ଏକ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଜିପି ଅଭୟ ଯୋଗଦେଇ ଆପରାଧିକ ଘଟଣାଗୁଡ଼ିକର ତଦାରଖ କରିବା ସହ କରୋନା ଟିମ୍ ସ୍ୱାସ୍ଥ୍ୟ ପରୀକ୍ଷା ଓ ଟିକାକରଣ ଇତ୍ୟାଦିର ସମୀକ୍ଷା କରିଥିଲେ। ସେହିପରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା, ଡାଏଲ-୧୧୨ର ପରିଚାଳନା ଏବଂ ଏନ୍‌ଏଚ୍ ପାଟ୍ରୋଲିଂ ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ଇ-ଅଭିଯୋଗରେ ପଡ଼ିରହିଥିବା ବିଚାରାଧୀନ ମାମଲା, ତଦନ୍ତ ରେକର୍ଡର ଡିଜିଟାଲାଇଜେଶନ, ମୋବାଇଲ ପୋଲିସ ଏବଂ ପାସ୍‌ପୋର୍ଟ ଯାଞ୍ଚର ସମୀକ୍ଷା କରିଥିଲେ। ଏତଦ୍‌ବ୍ୟତୀତ ଡ୍ରଗ୍‌ସ ସମ୍ପର୍କିତ ପ୍ରାକ୍ ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ଥାନାରେ ଜବତ ହୋଇ ପଡିରହିଥିବା ଗାଡିଗୁଡିକର ବ୍ୟବସ୍ଥାପନ କରିବାକୁ ଡିଜିପି କହିଥିଲେ।

ବିଚାର ପ୍ରକ୍ରିୟା ସମୟରେ ପୋଲିସ ସାକ୍ଷୀଙ୍କ ଉପସ୍ଥିତି ଓ ଜିନିଷପତ୍ରର ଯୋଗାଣ ଏବଂ କ୍ରୟ ଉପରେ ସମୀକ୍ଷା କରିଥିଲେ। ଏହି ବୈଠକରେ ଛତିଶଗଡରେ ମାଓବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ରାଜ୍ୟର ସମସ୍ତ ଆରକ୍ଷୀ ଅଧୀକ୍ଷକ, କଟକ ଓ ରାଉରକେଲାର ରେଲୱେ ଆରକ୍ଷୀ ଅଧୀକ୍ଷକ, ଭୁବନେଶ୍ୱର ଓ କଟକ ଡିସିପିଙ୍କ ସମେତ ସମସ୍ତ ରେଞ୍ଜର ଆଇଜି, ଡିଆଇଜି, କଟକ-ଭୁବନେଶ୍ୱର ପୋଲିସ କମିଶନରଙ୍କ ସହ ଡିଜିପି ଉପରୋକ୍ତ ବିଷୟରେ ସମୀକ୍ଷା କରିଥିଲେ। ଏହି ବୈଠକରେ ଏସ୍‌ସିଆରବି ନିର୍ଦ୍ଦେଶକ, ଗୋଇନ୍ଦା ନିର୍ଦ୍ଦେଶକ, ଆଇଜି (ଅପରେଶନ), ଗୋଇନ୍ଦା ବିଭାଗ ଡିଆଇଜି, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ହେଡକ୍ୱାର୍ଟର୍ସ), ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା), ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ କ୍ରାଇମବ୍ରାଞ୍ଚ, ଆଇଜି କ୍ରାଇମବ୍ରାଞ୍ଚ, ଆଇଜି (ପ୍ରୋଭିଜନିଂ), ଆଇଜି (କାର୍ମିକ) ପ୍ରମୁଖ ଉପସ୍ଥିତ ଥିଲେ।



ଅଭିନେତ୍ରୀ କାଟ୍ରିନା କୈଫ କରୋନାରେ ସଂକ୍ରମିତ ହୋଇଛନ୍ତି। ସେ ଏବେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ଏ ନେଇ ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ସମସ୍ତ ସତର୍କତା ସତ୍ତ୍ୱେ କରୋନା ରିପୋର୍ଟ ପଜିଟିଭ୍ ଆସିଛି। ଏଣୁ ପ୍ରୋଟୋକଲ ପାଳନ କରି ନିଜକୁ ହୋମ କ୍ୱାରାଣ୍ଟାଇନରେ ରଖିଛି ବୋଲି ସେ କହିଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ପରୀକ୍ଷା କରାଇନେବାକୁ ସେ ଅନୁରୋଧ କରିଛନ୍ତି। କାଟ୍ରିନାଙ୍କ ପୂର୍ବରୁ ଅଭିନେତ୍ରୀ ଭୂମି, ବିକ୍କି କୌଶଳ, ଅକ୍ଷୟ କୁମାର, ରଣବୀର କପୁର, ଆଲିଆ ଭଟ୍ଟ, ସଞ୍ଜୟ ଲିଲା ଭଁସାଲି, ମନୋଜ ବାଜପେୟୀ, ବିକ୍ରାନ୍ତ ମୈସି ଏବଂ ତାରା ସୁତାରିଆ ପ୍ରମୁଖ କରୋନା ସଂକ୍ରମିତ ହୋଇସାରିଛନ୍ତି।

# ମୁଣ୍ଡନ ଚୁଟିରେ ଡ୍ରାଗନ ନଜର

**ଭାରତୀୟ ହିନ୍ଦୁ ସଂସ୍କୃତିରେ ମୁଣ୍ଡନ ଏକ ପ୍ରାଚୀନ ପରମ୍ପରା। ବିଶେଷକରି ମାନସିକଧାରୀଙ୍କ ପାଇଁ ଏହାର ମହତ୍ତ୍ୱ ଖୁବ୍ ବେଶୀ। ଦେଶର ବିଭିନ୍ନ ମନ୍ଦିରରେ ନିର୍ଦ୍ଧାରିତ ସ୍ୱତନ୍ତ୍ର ତିଥିରେ ମୁଣ୍ଡନ ପାଇଁ ଅସମ୍ଭାଳ ଭିଡ଼ ହୁଏ। ମୁଣ୍ଡନରୁ ସଂଗୃହୀତ ଚୁଟି ଦେବାଳୟଗୁଡ଼ିକର ଆର୍ଥିକ ବିକାଶର ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ଏଥିସହିତ ଚୁଟି ତସ୍କରିକୁ ନେଇ ମୁଣ୍ଡଟେକିଛି ବିବାଦ। ଏ କ୍ଷେତ୍ରରେ ସର୍ବାଗ୍ରେ ରହିଛି ଆନ୍ଧ୍ରପ୍ରଦେଶର ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି)। ତସ୍କରମାନେ ଇ-ନିଲାମ ପ୍ରକ୍ରିୟାରେ ଭାଗନେଇ ଚୁଟି ଖରିଦ କରୁଛନ୍ତି। ଏହାକୁ ଉଚ୍ଚ ଦରରେ ବିକ୍ରି କରି ବହୁ କୋଟି ଟଙ୍କା କମାଉଛନ୍ତି। ଏଭଳି କାରବାର ପଛରେ ଚାଇନାର ହାତ ରହିଥିବା ଜଣାପଡ଼ିଛି।**



**ନୂଆଦିଲ୍ଲୀ:** ଭାରତ-ଚାଇନା ମଧ୍ୟରେ ଥିବା ଅହିନକୁଳ ସମ୍ପର୍କ କଥା କାହାରିକୁ ଅଛପା ନାହିଁ। ଗଲ୍‌ୱାନ ସଂଘର୍ଷ ପରେ ଦୁଇ ଦେଶ ମଧ୍ୟରେ ସାମାଜିକ, ଅର୍ଥନୈତିକ ଏବଂ ବ୍ୟାବସାୟିକ ସମ୍ପର୍କ ପ୍ରଭାବିତ ହୋଇଛି। ଏସବୁ ଭିତରେ ଚୁଟି ତସ୍କରିକୁ ନେଇ ପୁଣି ଚର୍ଚ୍ଚାକୁ ଆସିଛି ବେଜିଂ। ଭାରତ-ମ୍ୟାନ୍‌ମାର ସୀମାନ୍ତରୁ ବିପୁଳ ପରିମାଣର ଚୁଟି ଜବତ ହୋଇଛି। ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି)ରୁ ଏହି ଚୁଟି ଚାଇନା ଚାଲାଣ କରାଯାଉଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ଜବତ ହୋଇଥିବା ଚୁଟିର ମୂଲ୍ୟ ୨ କୋଟି ଟଙ୍କା। ତେବେ ଏହା ପ୍ରଥମ ଘଟଣା ନୁହେଁ, ପୂର୍ବରୁ ମଧ୍ୟ ଏଭଳି ଚୁଟି ଚାଲାଣ ପାଇଁ ଚାଇନା ଚର୍ଚ୍ଚାକୁ ଆସିସାରିଛି।

ଗତବର୍ଷ ଶେଷ ଏବଂ ଚଳିତ ବର୍ଷ ପ୍ରାରମ୍ଭରେ ଆମେରିକାର କଷ୍ଟମ ବିଭାଗ ୧୧.୮ ମେଟ୍ରିକ୍ ଟନ୍ ଚୁଟି ଜବତ କରିଥିଲା। ଉକ୍ତ ଚୁଟି ଚାଇନାର ସିନ୍‌ଜିଆଙ୍ଗ ପ୍ରଦେଶରୁ ଆସିଥିଲା, ଯାହାର ଆନୁମାନିକ ମୂଲ୍ୟ ଥିଲା ୮ ଲକ୍ଷ ଡଲାର। ଚାଇନାରେ ଉଇଗର ମୁସ୍‌ଲିମ୍‌ଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଯାଉଛି। ଏହି ସମ୍ପ୍ରଦାୟର ମହିଳାଙ୍କ ଚୁଟି ଜବରଦସ୍ତ କାଟି ଦିଆଯାଉଛି। ଜବତ ହୋଇଥିବା ଚୁଟି ଉଇଗର ମୁସ୍‌ଲିମ୍ ସମ୍ପ୍ରଦାୟର ମହିଳାଙ୍କର ବୋଲି ଆମେରିକାର କଷ୍ଟମ ଆଣ୍ଡ ବର୍ଡର ପ୍ରୋଟେକ୍ସନ (ସିବିପି) ପକ୍ଷରୁ ସ୍ପଷ୍ଟ କରାଯାଇଥିଲା। ସିନ୍‌ଜିଆଙ୍ଗ୍ ପ୍ରଦେଶରେ ଛୋଟବଡ଼ ୩୭ ଉଦ୍ୟୋଗ ରହିଛି, ଯାହା ସିଧାସଳଖ ଏଭଳି ଚୁଟି କାରବାର ସହିତ ଜଡ଼ିତ। ତେବେ ଆସାମ ରାଇଫଲ୍ସର ଯବାନଙ୍କ ଦ୍ୱାରା ମ୍ୟାନ୍‌ମାର ସୀମାନ୍ତରୁ ଜବତ ହୋଇଥିବା ୧୨୦ ବସ୍ତା ଚୁଟି ଟିଟିଡିରୁ ଚାଇନା ଯାଉଥିବା ଅନୁମାନ କରାଯାଉଛି। ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଭାରତରୁ ଚାଇନାକୁ ଚୁଟି ଚାଲାଣ କରାଯିବା ପଛରେ ବିଧିବଦ୍ଧ ଭାବେ ଏକ ର୍‍ୟାକେଟ୍ କାମ କରୁଛି। ପ୍ରଥମେ ଭାରିଯାନ ସହାୟତାରେ ଥାଇଲାଣ୍ଡ, ମ୍ୟାନ୍‌ମାରକୁ ଚୁଟି ଚାଲାଣ ହେଉଛି। ସେଠାରୁ ଚାଇନାକୁ ପଠାଯାଉଛି। ଅନ୍ୟପଟେ ଜବତ ଚୁଟି ଟିଟିଡିର ନୁହେଁ ବୋଲି ଟ୍ରଷ୍ଟବୋର୍ଡ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି।

ତିରୁମାଲା ତିରୁପତି ଦେବସ୍ଥାନମ୍ ଦେଶର ଧନୀ ମନ୍ଦିର ଭିତରୁ ଗୋଟିଏ। ପ୍ରତିବର୍ଷ ଏଠାରେ ମୁଣ୍ଡନ କରିବା ଲାଗି ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଆସ୍ଥା ଏବଂ ବିଶ୍ୱାସ କାରଣରୁ ମହିଳାମାନେ ମଧ୍ୟ ଏଠାରେ ନିଜର ମୁଣ୍ଡନ ସଂସ୍କାର କରିଥାଆନ୍ତି। ମନ୍ଦିର ଟ୍ରଷ୍ଟ ବୋର୍ଡ ମାଧ୍ୟମରେ ସଂଗୃହୀତ ଚୁଟିର ଇ-ନିଲାମ କରାଯାଏ। ପ୍ରତି ୩ ମାସରେ ହେଉଥିବା ଏହି ନିଲାମ ପ୍ରକ୍ରିୟାରେ ଅନ୍ତର୍ଜାତୀୟ ବ୍ୟବସାୟୀ, କମ୍ପାନୀ ଅଂଶଗ୍ରହଣ କରିବାର ସୁଯୋଗ ପାଇଥାଆନ୍ତି। ୨୦୨୦-୨୧ରେ ମୁଣ୍ଡନରୁ ସଂଗୃହୀତ ଚୁଟି ନିଲାମ କରି ଟ୍ରଷ୍ଟ ୧୩୧ କୋଟି ଟଙ୍କା କମାଇଥିବା ଜଣାପଡ଼ିଛି।

କେବଳ ଟିଟିଡିରୁ ନୁହେଁ, ଦେଶର ବିଭିନ୍ନ ମନ୍ଦିରରେ ଅନୁରୂପ ଭାବେ ଏଭଳି ଚୁଟି ନିଲାମ ହୋଇଥାଏ। ହେଲେ ଇ-ନିଲାମ ପରେ କିଏ ଚୁଟି ଖରିଦ କରେ ଏବଂ ଏହା କେଉଁ ସ୍ଥାନକୁ ଚାଲାଣ ହୁଏ ସେ ସମ୍ପର୍କିତ ସବିଶେଷ ତଥ୍ୟ ଅନେକାଂଶରେ ସାର୍ବଜନୀନ ହୁଏନାହିଁ। ଏଥିରେ ଦଲାଲଙ୍କ ହାତ ରହିଥିବା ଅନୁମାନ କରାଯାଉଛି। ଏମାନେ ନିଲାମରେ ଭାଗନେଇ ଚୁଟି କିଣିବା ସହ ଏହାକୁ ଉଚ୍ଚ ଦରରେ ଚାଇନାକୁ ବିକ୍ରି କରିଥାଆନ୍ତି।

## ଚାଇନାରେ ୭୦% ୱିଗ୍ ଇଣ୍ଡଷ୍ଟ୍ରି

ୱିଗ୍ (କୃତ୍ରିମ ଚୁଟି) ଉଦ୍ୟୋଗ ଚାଇନା ଅର୍ଥବ୍ୟବସ୍ଥାର ଅନ୍ୟତମ ଅଙ୍ଗ। ପୃଥିବୀର ହାରାହାରି ୭୦% ୱିଗ୍ ଇଣ୍ଡଷ୍ଟ୍ରି ଚାଇନାରେ ରହିଥିବାବେଳେ ୱିଗ୍ କ୍ୟାପିଟେଲ ଭାବେ ପ୍ରସିଦ୍ଧି ଅର୍ଜନ କରିଛି ସୁଚେଙ୍ଗ। ଏଠାକାର ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ଉଦ୍ୟୋଗ ସହିତ ଜଡ଼ିତ। ଏକ ଅନ୍‌ଲାଇନ୍ ଶପିଂ ସାଇଟ୍ 'ଅଲି ଏକ୍ସପ୍ରେସ'ରେ କେବଳ ଦୈନିକ ୪୦ ହଜାର ୱିଗ୍ ବିକ୍ରି ହୋଇଥାଏ। ଚାଇନାରେ ଏଭଳି ଶତାଧିକ ସାଇଟ୍ ରହିଛି। ଆମେରିକା ଏବଂ ବ୍ରିଟେନ ଏହି ୱିଗ୍ କାରବାରର ପ୍ରମୁଖ ଗ୍ରାହକ।



ତାପସୀ ପନ୍ନୁ

# ବଲିଉଡ୍‌ରେ ତାପସୀଙ୍କ ୮ ବର୍ଷ

**ମୁମ୍ବାଇ:** ବଲିଉଡ୍‌ରେ ଅଭିନୟ କ୍ୟାରିୟରର ୮ ବର୍ଷ ସମ୍ପୂର୍ଣ୍ଣ କରିଛନ୍ତି ତାପସୀ ପନ୍ନୁ। ଡେଭିଡ୍ ଧବନଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଚଷମେ ବଦ୍ଦୁର' ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିଥିବା ତାପସୀଙ୍କୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ଏହା ପରେ ସେ ବେବି, ନାମ୍ ଶବାନା, ପିଙ୍କ୍, ମୁଲ୍କ, ଥପ୍ପଡ, ମନ୍‌ମର୍ଜିୟାଁ, ବଦ୍‌ଲା, ଷାଣ୍ଢ କି ଆଁଖ ଆଦି ଚଳଚ୍ଚିତ୍ରରେ ତାପସୀଙ୍କ ଯାଦୁ ଦେଖିବାକୁ ମିଳିଥିଲା। ବଲିଉଡ୍‌ରେ ଏଣ୍ଟ୍ରି ପୂର୍ବରୁ ସେ ସାଉଥ୍ ଇଣ୍ଡଷ୍ଟ୍ରିରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେଠାରୁ ତାଙ୍କ ଯାତ୍ରା ଧିରେ ଧିରେ ଆଗେଇ ଚାଲିଥିଲା। ସୁବିଧାଜନକ ସ୍ଥିତିରୁ ସେ ଦୂରେଇ ରହି ସର୍ବଦା ତାଙ୍କ ଅଭିନୟକୁ ଅଧିକରୁ ଅଧିକ ଜୀବନ୍ତ କରିବାକୁ ଉଦ୍ୟମ କରିଥାନ୍ତି ବୋଲି ତାପସୀ କହିଛନ୍ତି। ଆରମ୍ଭରୁ ଅନେକଗୁଡ଼ିଏ ତ୍ରୁଟିରୁ ତାଙ୍କ ଅଭିଜ୍ଞତା ବଢ଼ିଥିଲା ଏବଂ ଏହାକୁ ମାଧ୍ୟମ କରି ସେ ଗୋଟିଏ ପରେ ଗୋଟିଏ ସିଡ଼ି ଚଢ଼ିଥିବା ପ୍ରକାଶ କରିଛନ୍ତି। ତେବେ କେବଳ ବଲିଉଡ୍ ନୁହେଁ ଏକାଧିକ ଜାତୀୟ ପ୍ରସଙ୍ଗ ଉପରେ ନିଜ ମତ ରଖି ମଧ୍ୟ ଅନେକ ଥର ତାପସୀ ଚର୍ଚ୍ଚାକୁ ଆସିଛନ୍ତି। ସେହିପରି ସୋସିଆଲ ମିଡିଆରେ ଟ୍ରୋଲର ଜବାବ ଦେବାରେ ମଧ୍ୟ ତାପସୀ ବେଶ୍ ସିଦ୍ଧହସ୍ତ।

# କେମିତି ରହିବ ଆଜିର ପାଗ

**ରାଜ୍ୟ**- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ ଶୁଖିଲା ରହିବ। ଦିନର ସର୍ବାଧିକ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇପାରେ। ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେଓଗଡ଼, ଅନୁଗୋଳ, ସୋନପୁର, ବୌଦ୍ଧ, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, ନବରଙ୍ଗପୁର ଆଦି ଜିଲାରେ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇପାରେ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକାଳେ ଆକାଶ ନିର୍ମଳ ରହିବ। ଅପରାହ୍ଣରେ ପାଗ ମେଘୁଆ ରହିପାରେ। ବୁଧବାର ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ମଙ୍ଗଳବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୧ | ୨୪.୭ |
| ଚାନ୍ଦବାଲି | ୩୫.୮ | ୨୪.୨ |
| କଟକ | ୩୫.୬ | ୨୪.୨ |
| ପାରାଦୀପ | ୩୧.୮ | ୨୬.୦ |
| ଭୁବନେଶ୍ୱର | ୩୬.୬ | ୨୪.୫ |
| ଗୋପାଳପୁର | ୩୨.୧ | ୨୬.୦ |
| ପୁରୀ | ୩୨.୪ | ୨୭.୦ |
| ଅନୁଗୋଳ | ୩୯.୧ | ୨୪.୨ |
| ବାରିପଦା | ୩୮.୦ | ୨୪.୫ |
| ଝାରସୁଗୁଡ଼ା | ୪୦.୦ | ୨୦.୮ |
| କେନ୍ଦୁଝର | ୩୭.୦ | ୨୧.୮ |
| ସମ୍ବଲପୁର | ୪୦.୧ | ୨୨.୬ |
| ସୁନ୍ଦରଗଡ଼ | ୩୯.୦ | ୨୧.୦ |
| ହୀରାକୁଦ | ୩୮.୯ | ୨୧.୩ |
| ତାଳଚେର | ୩୯.୩ | ୨୩.୭ |
| ଭବାନୀପାଟଣା | ୪୦.୮ | ୨୨.୦ |
| ବଲାଙ୍ଗୀର | ୪୧.୫ | ୨୨.୭ |
| କୋରାପୁଟ | ୩୫.୨ | ୧୮.୦ |
| ଫୁଲବାଣୀ | ୩୯.୦ | ୨୦.୫ |
| ଟିଟିଲାଗଡ଼ | ୪୨.୫ | ୨୪.୮ |
| ମାଲକାନଗିରି | ୪୧.୦ | ୨୧.୫ |
| ସୋନପୁର | ୪୧.୦ | ୨୧.୮ |
| ଦାରିଙ୍ଗିବାଡ଼ି | - | ୧୮.୦ |
| ନୟାଗଡ଼ | ୩୮.୦ | ୨୪.୦ |
| ବୌଦ୍ଧ | ୪୧.୦ | - |
| ଛତ୍ରପୁର | ୩୩.୦ | ୨୫.୨ |
| ପାରଳାଖେମୁଣ୍ଡି | ୩୭.୦ | ୨୦.୫ |
| ରାୟଗଡ଼ା | ୪୦.୨ | ୨୦.୨ |

ଡିଗ୍ରୀ ସେଲ୍‌ସିୟସ୍

# ଟିକା ନେଲେ ସୁନା ଉପହାର

**ଅହମ୍ମଦାବାଦ:** କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ବ୍ୟାପକ ଟିକାକରଣ ଉପରେ ଜୋର ଦିଆଯାଉଛି। କିନ୍ତୁ ଟିକା ନେବା ପାଇଁ ଏବେ ବି କେତେକଙ୍କ ମନରେ ସନ୍ଦେହ ରହିଛି। ଟିକାନେଲେ କାଳେ କିଛି ସାଇଡ୍ ଇଫେକ୍ଟ ହେବ ସେଥିପାଇଁ ଭୟରେ ଅନେକ ମଧ୍ୟ ଭାକ୍ସିନ ନେବା ପାଇଁ ଯାଉ ନାହାନ୍ତି। ତେଣୁ ଟିକାକରଣ ପାଇଁ ଆଗ୍ରହ ବଢ଼ାଇବାକୁ ଉପହାର ପ୍ରଦାନକୁ ମାଧ୍ୟମ କରାଯାଉଛି। ଏହି ଲକ୍ଷ୍ୟରେ ଏବେ ଗୁଜରାଟର ରାଜକୋଟରେ ଟିକା ନେଉଥିବା ବ୍ୟକ୍ତିଙ୍କୁ ଉପହାରରେ ମିଳୁଛି ସୁନାର ଅଳଙ୍କାର। କରୋନା ଟିକା ନେବା ପାଇଁ ଏବେ ବି ଅନେକ ସ୍ଥାନରେ ଲୋକେ ଅମଙ୍ଗ ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଲୋକଙ୍କୁ ଟିକାକରଣ ନିମନ୍ତେ ବ୍ୟାପକ ସଚେତନତା କରାଯାଉଛି। ହେଲେ ଲୋକଙ୍କୁ ସଚେତନତା ବଦଳରେ ପ୍ରଲୋଭନ ଦେଖାଇ ଟିକା ପାଇଁ ଆକୃଷ୍ଟ କରାଯାଉଛି ଗୁଜୁରାଟର ରାଜକୋଟ ସହରରେ। କରୋନା ଭ୍ୟାକ୍ସିନ୍ ନେବା ପରେ ସମସ୍ତଙ୍କୁ ସୁନାର ଏକ ନାକ ଫୁଲ ଉପହାରରେ ଦେବାପାଇଁ ଘୋଷଣା କରାଯାଇଛି। ସହରର ଏକ ସ୍ୱର୍ଣ୍ଣକାର ସମୁଦାୟ ପକ୍ଷରୁ ଏଭଳି ଏକ ନାକଫୁଲ ଉପହାର ଦିଆଯାଉଛି। ଏଭଳି ଘୋଷଣା ଫଳରେ ବହୁ ସଂଖ୍ୟାରେ ଲୋକେ ଭ୍ୟାକ୍ସିନ୍ ନେବା ପାଇଁ ଉତ୍ସାହର ସହିତ ଆସୁଥିବା ଲକ୍ଷ୍ୟ କରାଯାଇଛି। ସେହିପରି ପୁରୁଷମାନଙ୍କୁ ଉପହାରରେ ହ୍ୟାଣ୍ଡ ବ୍ଲେଣ୍ଡର ଦିଆଯାଉଛି। ଏଭଳି ଉପହାର ଦିଆଯାଉଥିବାରୁ ରାଜକୋଟର ଟିକାକରଣ କେନ୍ଦ୍ରରେ ପ୍ରବଳ ଭିଡ ଦେଖିବାକୁ ମିଳୁଛି। ଏଭଳି ଉତ୍ସାହ ଦେଖି ଉପହାର ପ୍ରଦାନ କରୁଥିବା ସ୍ଥାନୀୟ ସ୍ୱର୍ଣ୍ଣକାର ସମ୍ପ୍ରଦାୟ ବେଶ୍ ଖୁସି ହୋଇଛନ୍ତି ଏବଂ ସେମାନଙ୍କ ଉଦ୍ଦେଶ୍ୟ ପୁରା ହୋଇଛି ବୋଲି କହିଛନ୍ତି।





ଶୁଭ ବିବାହ ଶୁଭେଚ୍ଛା



କାଞ୍ଚନ (ଗୁଢ଼ି), ନଆଗାଁ (ଖ)
ତୁଷାର (ସରୋଜ), ଯୋଗିସର୍ଡା।
ଜିଲ୍ଲା- ବଲାଙ୍ଗିର
ଶୁଭେଚ୍ଛା ସହ:- ବନ୍ଧୁ ଓ ପରିବାର ବର୍ଗ।
ଧ-୨୦୪୪୧

# ନିଜ ଘରକୁ ବୋହୂ ହୋଇ ଆସିଲେ ନିଖୋଜ ଯୁବତୀ

**ବେଜିଂ:** ୨୦ ବର୍ଷ ତଳେ କେଉଁଆଡ଼େ ନିଖୋଜ ହୋଇଯାଇଥିବା ଜଣେ ଯୁବତୀ ତାଙ୍କ ଅଜାଣତରେ ନିଜ ଭାଇଙ୍କୁ ବିବାହ କରିଛନ୍ତି। ବାହାଘର ପରେ ବର-କନ୍ୟା ଭାଇ ଭଉଣୀ ବୋଲି ଜଣାପଡ଼ିଛି। ଏଭଳି ଘଟଣା ଚାଇନାର ଜିଆଙ୍ଗସୁର ସୋଝାଓ ଅଞ୍ଚଳରେ ଘଟିଛି। ଘଟଣାରୁ ଜଣାପଡ଼ିଛି, ସୋଝାଓ ଅଞ୍ଚଳରେ ଏକ ବିବାହ ଅନୁଷ୍ଠିତ ହୋଇଥିଲା। ପରେ ବରଙ୍କ ମା' ନିଜ ବୋହୂଙ୍କୁ ଦେଖିବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେହି ସମୟରେ ବୋହୂଙ୍କ ହାତରେ ଥିବା ଜନ୍ମ ସମୟର ଏକ ଚିହ୍ନକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେ ତାଙ୍କ ହଜିଯାଇଥିବା ଝିଅ ବୋଲି ମା' ଚିହ୍ନିପାରିଥିଲେ। ଉକ୍ତ ଚିହ୍ନକୁ ଦେଖି ସଙ୍ଗେ ସଙ୍ଗେ ସେ କନ୍ୟାଙ୍କ ପାଳିତ ମାତାପିତାଙ୍କୁ ତାଙ୍କ ବିଷୟରେ ପଚାରିବୁଝିଥିଲେ। ସେହି ସମୟରେ ଜଣାପଡ଼ିଥିଲା ଯେ, ଉକ୍ତ ଯୁବତୀଙ୍କୁ ସେମାନେ ୨୦ ବର୍ଷ ତଳେ ରାସ୍ତା କଡ଼ରୁ ପାଇଥିଲେ। ବଡ଼ ହେବା ପରେ ଝିଅର ବାହାଘର ଠିକ୍ ହୋଇଥିଲା। ଏହାପରେ ସମସ୍ତ ସତ୍ୟାସତ୍ୟ ସାମ୍ନାକୁ ଆସିଥିଲା। ଅନ୍ୟପକ୍ଷରେ ବର ଜଣଙ୍କ କନ୍ୟାଙ୍କ ନିଜ ଭାଇ ନୁହଁନ୍ତି। ଝିଅକୁ ହରାଇବା ପରେ ସେ ଏକ ଶିଶୁପୁତ୍ରକୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ବାହାଘର ପରେ ଝିଅକୁ ଦେଖି ମା' ଆଶ୍ଚର୍ଯ୍ୟ ହେବା ସହ ଖୁସିରେ ନାଚି ଉଠିଥିଲେ। କିଛି ସମୟ ପାଇଁ ଉକ୍ତ ସମାରୋହରେ ଭାବ ବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ଅନ୍ୟପଟେ ଉଭୟ କନ୍ୟା ବର ଭାଇ ଭଉଣୀ ହେବା ସତ୍ତ୍ୱେ ମଧ୍ୟ ତାଙ୍କ ମା' ଏହି ବିବାହରେ ଅରାଜି ହୋଇ ନ ଥିଲେ। ଉକ୍ତ ଯୁବକଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିବାରୁ ଉଭୟଙ୍କ ବାହାଘରକୁ ସ୍ୱୀକୃତି ମିଳିଥିବା ଜଣାପଡିଛି।


# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ସୌମେନ୍ଦ୍ର ସାମନ୍ତରାୟ (ଲିଟୁ)
ବାଲିଗାଡ଼ିଆ (ଟାଙ୍ଗିସାହି), ଜଙ୍କିଆ, ଖୋର୍ଦ୍ଧା
ଜନ୍ମ: ୦୩।୦୫।୧୯୭୧
ତିରୋଧାନ: ୨୪।୦୩।୨୦୨୧
ତୁମେ ଆମକୁ ଅସମୟରେ ଛାଡ଼ି ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ନୀତି, ଆଦର୍ଶ ତ୍ୟାଗ, ଭଲ ପାଇବା, ଦିଗ୍‌ଦର୍ଶନ ଆମ ପାଇଁ ଅବିସ୍ମରଣୀୟ ଓ ପ୍ରେରଣାର ଉତ୍ସ ହୋଇ ରହିଯିବ। ତୁମ ପୁଣ୍ୟ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସାନଭାଇ ସରପଞ୍ଚ ରାଜେନ୍ଦ୍ର ସାମନ୍ତରାୟ (ଗିଟୁ), ବାପା, ବୋଉ, ପତ୍ନୀ, ସାନବୋହୂ, ପୁଅ, ପୁତୁରା, ଝିଆରୀ ଓ ପରିବାରବର୍ଗ, ବନ୍ଧୁ, ଆତ୍ମୀୟସ୍ୱଜନ।
ଧ-୨୦୪୪୦

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା କମଳାମଣୀ ଦେବୀ
ଚଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ
ଚାହୁଁ ଚାହୁଁ ବର୍ଷ ପରେ ବର୍ଷ ବିତିଗଲା। ତୁମର ଅନୁପସ୍ଥିତି ଆମର ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରିଦେଇଛି। ଆଜି ମଧ୍ୟ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୫୯୮୭୯

**ଏକାଦଶାହ ଉପଲକ୍ଷେ**



✓ ଶୋଷାମଣି ଦାସ
ସ୍ୱାମୀ: ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଦାସ
ନଡିଆ ବରାଇ, କେନ୍ଦ୍ରାପଡ଼ା
ଧରାବତରଣ : ୦୭-୦୯-୧୯୩୩
ସ୍ୱର୍ଗାରୋହଣ: ୨୮-୦୩-୨୦୨୧ (ଦୋଳପୂର୍ଣ୍ଣମୀ)
"ମା ପରି କହ ସାରା ଦୁନିଆରେ କିଏ ସେ ଆଉ ମିଳିବ, ସ୍ୱର୍ଗଠାରୁ ବଳି ଗରିୟସୀ ସିଏ କିଏ ତାହା ନ ମାନିବ।"
"ଦୁନିଆରେ ଯେତେ ଦୁଃଖ ଅଛି, ମା ଛେଉଣ୍ଡ ହେବାର ଦୁଃଖ ସବୁଠୁ ନିର୍ମମ।"
: ପବିତ୍ର ଆତ୍ମାର ସଦ୍‌ଗତି କାମନା ସହ :
ପୁତ୍ର ଓ ପୁତ୍ରବଧୂ: ଦିଲ୍ଲୀପ-ରାଜଶ୍ରୀ, ପ୍ରଦୀପ-ମଞ୍ଜୁ, ଶାନ୍ତନୁ-ବିଥିକା, ନାତୁଣୀ-ନାତୁଣୀ ଜ୍ୱାଇଁ: ସସ୍ମିତ-ଖୁସବୁ, ସୁଜିତ-ଇପ୍ସିତା, ପ୍ରଭୁ-ପ୍ରଜ୍ଞାଦୂତୀ, ନାତି: ସନ୍ଦିପନ, ସ୍ମିତପଜ୍ଞ, ସାର୍ଥକ, ଅଣନାତି: ରିତ, ଜେରୀ, ରିଷ୍ଟୁ, ଅଣନାତୁଣୀ: ମିଠୁ ଏବଂ ସାନଭାଇ: ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର
ଧ-୨୦୪୩୩



# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**GOVT. APPROVED HINDUSTAN TELECOM**
ଭାରତର ନଂ.1 କମ୍ପାନୀ
ଆପଣଙ୍କ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ହାଇ କ୍ୱାଲିଟି 4G/5G ମୋବାଇଲ ଟାୱାର ଲଗାନ୍ତୁ *T&C
ଅଗ୍ରିମ: 60 ଲକ୍ଷ | ଭଡ଼ା: 50 ହଜାର | କମ୍ପାନୀ ତରଫରୁ ବାଇକ୍ + ଅନ୍ୟ ସୁବିଧା
ନୋଟ୍: ଠକମାନଙ୍କ ପ୍ରତି ସାବଧାନ
: Contact :
18002127174
Website : www.hindustantelecom.in

**EASY FINANCE**
Mini Loan, Personal Loan, Business Loan, Mortgage Loan, Home Loan, Agricultural Loan.
Above loans are available in "EASY FINANCE"
Address : 32-E, The Chandan, Ground Floor, Ashok Nagar, Bhubaneswar, Land mark-Hotel Rail View, Ph: 0674-3561582, 0674-3569237
Website www.easyfinance.org.in
Bhubaneswar : 8093095943, 8093095941
Nayagarh : 8093095930
Khurda : 8093095931, 8093095935, 8093095940
Jagatsinghpur : 8093095932, 8093095934
Puri : 8093095936, 8093095957
REST OF ODISHA (RM) 7077318777

**ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ**
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

**BINODAYA FINANCE**
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହଋଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦିଲ୍ଲୀ ପାଇଁ ଏକାଧିକ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୬।୪(ପି.ଟି.)**

ଆଉ ଦୁଇ ଦିନ ପରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆୟୋଜନ ହେବାକୁ ଯାଉଥିବା ବେଳେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ନୂଆ ଚ୍ୟାଲେଞ୍ଜ୍ ସୃଷ୍ଟି ହୋଇଛି। ଯୁବ ତଥା ତାରକା ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ଦଳର ନେତୃତ୍ୱ ଦିଆଯାଇଛି। ଫଳରେ ପନ୍ତ ସମସ୍ତଙ୍କ ନଜରରେ ରହିଛନ୍ତି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆୟୋଜିତ ହୋଇଥିବା ଗତ ସଂସ୍କରଣରେ ଦିଲ୍ଲୀ ଶ୍ରେୟାସ ଆୟାରଙ୍କ ନେତୃତ୍ୱରେ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ମୁମ୍ବାଇ ଇଣ୍ଡିଆନ୍ସଠାରୁ ପରାସ୍ତ ହୋଇ ରନର୍ସଅପ ବିବେଚିତ ହୋଇଥିଲା। ଏଥର କିନ୍ତୁ ଦିଲ୍ଲୀ ଆଉ ଗୋଟିଏ ପାଦ ଉପରକୁ ଯାଇ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛି। ତେବେ ଦଳ ପାଇଁ ଏଥର ଆଗକୁ ବିଭିନ୍ନ ଦୃଷ୍ଟିକୋଣରୁ ଚ୍ୟାଲେଞ୍ଜ୍ ରହିଛି ବୋଲି ଦିଲ୍ଲୀ ଟିମ୍ ମ୍ୟାନେଜମେଣ୍ଟ ହୃଦୟଙ୍ଗମ କରିଥିବ। ପନ୍ତ ଏବେ ଜଣେ ପରପକ୍ୱ ବ୍ୟାଟ୍ସମ୍ୟାନ ତଥା ଉଇକେଟକିପର ଭାବେ ନିଜକୁ ପ୍ରମାଣିତ କରିଛନ୍ତି। ଫଳରେ ତାଙ୍କ ଉପରେ ପ୍ରଶଂସକ ବହୁତ କିଛି ଆଶା ରଖିଛନ୍ତି।


ରିଷଭ ପନ୍ତ

**ଆଇପିଏଲ୍**

ଦିଲ୍ଲୀର ବ୍ୟାଟିଂ ଲାଇନ୍ ଜବରଦସ୍ତ ରହିଛି। ସେହିପରି ଦ୍ରୁତ ବୋଲିଂରେ ମଧ୍ୟ ଦିଲ୍ଲୀ ବେଶ୍ ଶକ୍ତିଶାଳୀ ମନେହେଉଛି। ତେଣୁ ଦିଲ୍ଲୀ ଏଥର ମଧ୍ୟ ଟାଇଟଲ ପାଇଁ ଦୃଢ଼ ଦାବିଦାର ମନେହେଉଛି। ଇଞ୍ଜୁରି କାରଣରୁ ନିୟମିତ ଅଧିନାୟକ ଶ୍ରେୟାସ ଆୟାର ଆଇପିଏଲ୍‌ରୁ ବାଦ୍ ପଡିଛନ୍ତି। ତେଣୁ ପନ୍ତଙ୍କୁ ନୂଆ ଅଧିନାୟକ ରୂପେ ଦାୟିତ୍ୱ ପ୍ରଦାନ କରାଯାଇଛି। ୨୦୧୯ରେ ମଧ୍ୟ ଦିଲ୍ଲୀ ଦ୍ୱିତୀୟ ରନର୍ସଅପ ବିବେଚତ ହୋଇଥିଲା। ତେଣୁ ସମୟକ୍ରମେ ଦିଲ୍ଲୀର ପ୍ରଦର୍ଶନରେ ଦୃଷ୍ଟାନ୍ତମୂଳକ ଉନ୍ନତି ହୋଇଛି। ଦିଲ୍ଲୀ ଏପ୍ରିଲ ୧୦ ତାରିଖରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ।

## ଦଳର ଶକ୍ତି

ଟୁର୍ନାମେଣ୍ଟରେ ଦିଲ୍ଲୀ ସବୁଠାରୁ ସନ୍ତୁଳିତ ଦଳ ବିବେଚିତ ହେଉଛି। ବ୍ୟାଟିଂ ଓ ଦ୍ରୁତ ବୋଲିଂରେ ଦିଲ୍ଲୀ ଅନ୍ୟ ଦଳଗୁଡିକଠାରୁ ଆଗରେ ରହିଛି। ଅଭିଜ୍ଞ ଓପନର ଶିଖର ଧାୱନ, ପୃଥ୍ୱୀ ଶ ଓ ଅଜିଙ୍କ୍ୟ ରାହାନେଙ୍କୁ ନେଇ ଟପ୍ ଅର୍ଡରରେ ବେଶ୍ ଶକ୍ତିଶାଳୀ ରହିଛି। ପନ୍ତଙ୍କ ସମେତ ମାର୍କସ ଷ୍ଟୋଇନିସ୍, ଶିମରନ ହେଟମେୟର ଓ ସାମ ବିଲିଙ୍ଗ୍ସଙ୍କୁ ନେଇ ମିଡ୍‌ଲ ଅର୍ଡର ମଧ୍ୟ ଦୃଢ଼ ରହିଛି। ଅଭିଜ୍ଞ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ସାମିଲ ହେବା ପରେ ଦଳର ବ୍ୟାଟିଂ ଆହୁରି ଦୃଢ ହୋଇଛି ଓ ଏଥିରେ ପରିପକ୍ୱତା ଆସିଛି। ଗତ ସଂସ୍କରଣରେ ଧାୱନ ୬୧୮ ରନ କରିଥିଲେ ଓ ଦ୍ୱିତୀୟ ସର୍ବାଧିକ ରନ୍ ସ୍କୋରର ସାବ୍ୟସ୍ତ ହୋଇଥିଲେ। ଗତ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜରେ ମଧ୍ୟ ସେ ୯୮ ଓ ୬୭ ରନ ସଂଗ୍ରହ କରି ଜବରଦସ୍ତ ଫର୍ମରେ ଥିବା ସୂଚନା ଦେଇଛନ୍ତି।

ସେହିପରି ପୃଥ୍ୱୀ ବିଜୟ ହଜାରେ ଟ୍ରଫିରେ ୮୨୭ ରନ ସଂଗ୍ରହ କରି ଭଲ ଫର୍ମରେ ରହିଛନ୍ତି। ସେହିପରି ପନ୍ତ ଗତ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବିପକ୍ଷ ସିରିଜରେ ମ୍ୟାଚ୍ ୱିନର ଭାବେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ପନ୍ତ, ଅଲରାଉଣ୍ଡର ଷ୍ଟୋଇନିସ୍ ଓ ବିଲିଙ୍ଗ୍ସ ଫିନିଶର ଭୂମିକାରେ ଅବତୀର୍ଣ୍ଣ ହେବେ। ବୋଲିଂ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଦକ୍ଷିଣ ଆଫ୍ରିକାର ଦୁଇ ଦ୍ରୁତ ବୋଲର କାଗିସୋ ରବାଡ଼ା (୨୦୨୦ ପର୍ପଲ କ୍ୟାପ ବିଜେତା) ଓ ଅନରିଚ ନୋର୍ଜେ ଏଥର ଉପଯୋଗୀ ସାବ୍ୟସ୍ତ ହେବେ। ଗତ ସଂସ୍କରଣରେ ଏହି ଦୁଇ ବୋଲର ମିଳିତ ଭାବେ ୫୨ଟି ଉଇକେଟ ହାସଲ କରିଥିଲେ। ସେହିପରି କ୍ରିସ୍ ୱୋକ୍ସ, ଇଶାନ୍ତ ଶର୍ମା ଓ ଉମେଶ ଯାଦବ ମଧ୍ୟ ବୋଲିଂରେ ଏକାଧିକ ବିକଳ୍ପ ସୃଷ୍ଟି କରିଛନ୍ତି।

## ଦୁର୍ବଳତା

ଦଳରେ ପର୍ଯ୍ୟାପ୍ତ କ୍ୱାଲିଟି ଖେଳାଳି ନାହାନ୍ତି ଓ ଦଳର ଏହା ସବୁଠାରୁ ବଡ଼ ଦୁର୍ବଳତା। ପୁଣି ବିକଳ୍ପ ଅର୍ଥାତ ବଦଳ ଖେଳାଳି ମଧ୍ୟ ଆବଶ୍ୟକ ସଂଖ୍ୟାରେ ନାହାନ୍ତି। ରାବାଡ଼ା ଓ ନୋର୍ଜେଙ୍କୁ ମଧ୍ୟ ଅବଶ୍ୟକ ସ୍ଥଳେ ବିଶ୍ରାମ ଦିଆଯିବା କଷ୍ଟକର ହେବ। ସେହିପରି ଉଇକେଟକିପିଂରେ ପନ୍ତଙ୍କର ବଦଳ ଖେଳାଳି ନାହାନ୍ତି। ଦଳରେ କେବଳ ଉଇକେଟକିପର ବ୍ୟାଟ୍ସମ୍ୟାନ ବିଷ୍ଣୁ ବିନୋଦ ସାମିଲ ହୋଇଥିଲେ ମଧ୍ୟ ସେ ସେତେଟା ପରିପକ୍ୱ ନୁହନ୍ତି। ପୁଣି ଉମେଶ ଓ ଇଶାନ୍ତ ଗତ କିଛି ମାସରେ ହ୍ୱାଇଟ ବଲ୍ ଅର୍ଥାତ ସୀମିତ ଓଭର କ୍ରିକେଟ ଖେଳିନାହାନ୍ତି।

## ସୁଯୋଗ

ଚ୍ୟାଲେଞ୍ଜ ଥିଲେ ମଧ୍ୟ ପନ୍ତ ଓ ଅନ୍ୟ ଯୁବ ଖେଳାଳିଙ୍କ ପାଇଁ ଅଲଗା କିଛି କରିଦେଖାଇବାର ସୁଯୋଗ ରହିଛି। ଧୋନୀଙ୍କ ପ୍ରଭାବରୁ ମୁକ୍ତ ହୋଇ ପନ୍ତ ଯଦି ଦଳକୁ ଚାମ୍ପିୟନ କରାଇବାରେ ସଫଳ ହୁଅନ୍ତି ତା'ହେଲେ ଏହା ଏକ ବଡ଼ ଉପଲବ୍ଧି ହେବ। ଆଗକୁ ଘରୋଇ ପରିବେଶରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପ୍ରସ୍ତୁତି ପାଇଁ ଆଇପିଏଲ ପନ୍ତଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ସେହିପରି ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ଅକ୍ଷର ପଟେଲ ମଧ୍ୟ ବିଶ୍ୱକପ୍ ପାଇଁ ପ୍ରସ୍ତୁତିର ସୁଯୋଗ ପାଇବେ।

## ଆଶଙ୍କା

ନେତୃତ୍ୱ ପାଇଥିବାରୁ ପନ୍ତ ନିଜର ସ୍ୱାଭାବିକ ଖେଳ ଖେଳିବା ନେଇ ଆଶଙ୍କା ରହିଛି। ନେତୃତ୍ୱର ଅତିରିକ୍ତ ଦାୟିତ୍ୱ ତାଙ୍କ ଆକ୍ରମଣାତ୍ମକ ପ୍ରଦର୍ଶନକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ରାବାଡା ଓ ନର୍ଜେଙ୍କ ବିକଳ୍ପ ଭାବେ ଉମେଶ ଓ ଇଶାନ୍ତ ସେତେଟା ସଫଳ ହେବା ନେଇ ଆଶଙ୍କା ରହିଛି। ଗତବର୍ଷ ଦିଲ୍ଲୀ ୭ଟି ବିଜୟ ପରେ କ୍ରମାଗତ ୪ଟି ପରାଜୟ ବରଣ କରିଥିଲା। ଫଳରେ ପ୍ଲେ ଅଫ୍‌ରେ ସ୍ଥାନ ହାସଲ ନେଇ ଆଶଙ୍କା ସୃଷ୍ଟି ହୋଇଥିଲା। ତେଣୁ ଏଭଳି ସ୍ଥିତି ସୃଷ୍ଟି ହେବାର ଆଶଙ୍କା ଏଥର ମଧ୍ୟ ରହିଛି।

**ଦିଲ୍ଲୀ ଦଳ:** ରିଷଭ ପନ୍ତ (ଅଧିନାୟକ), ଶିଖର ଧାୱନ, ପୃଥ୍ୱୀ ଶ, ଅଜିଙ୍କ୍ୟ ରାହାନେ, ଶିମରନ ହେଟମେୟର, ମାର୍କସ ଷ୍ଟୋଇନିସ୍, କ୍ରିସ୍ ୱୋକ୍ସ, ଆର. ଅଶ୍ୱିନ, ଅକ୍ଷର ପଟେଲ, ଅମିତ ମିଶ୍ରା, ଲଳିତ ଯାଦବ, ପ୍ରବୀଣ ଦୁବେ, କାଗିସୋ ରାବାଡ଼ା, ଅନରିଚ ନୋର୍ଜ, ଇଶାନ୍ତ ଶର୍ମା, ଆଭେସ ଖାଁ, ଷ୍ଟିଭ ସ୍ମିଥ୍, ଉମେଶ ଯାଦବ, ରିପଲ ପଟେଲ, ବିଷ୍ଣୁ ବିନୋଦ, ଲୁକମ୍ୟାନ ମେରିୱାଲା, ଏମ. ସିଦ୍ଧାର୍ଥ, ଟମ୍ କୁରନ ଓ ସାମ ବିଲିଙ୍ଗ୍ସ।


ମୁଖ୍ୟ କୋଚ୍ ରିକି ପଣ୍ଟିଂ ଓ ସହକାରୀ କୋଚ୍ ମହମ୍ମଦ କୈଫ୍।

# ବିଦେଶୀଙ୍କ ତୁଳନାରେ ଭାରତୀୟ ଖେଳାଳି ଅଧିକ ସହନଶୀଳ: ଗାଙ୍ଗୁଲି

**ବାୟୋ ବବଲ ଚ୍ୟାଲେଞ୍ଜ୍**



**କୋଲକାତା,୬।୪(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ତଥା ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ବାୟୋ ବବଲ (ଜୈବ ସୁରକ୍ଷିତ ପରିବେଶ)କୁ ନେଇ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। ବାୟୋ ବବଲ ଖେଳାଳି ପାଇଁ ନିଶ୍ଚିତ ଭାବେ କଷ୍ଟକର ସ୍ଥିତି ସୃଷ୍ଟି କରିଛି। ମାନସିକ ଭାବେ ଏହା ଖେଳାଳି ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତେବେ ଭାରତୀୟ ଖେଳାଳିମାନେ ଅଧିକ ସହନଶୀଳ ହୋଇଥିବାରୁ ଏହି ଚ୍ୟାଲେଞ୍ଜକୁ ସଫଳତାର ସହ ସାମ୍ନା କରିପାରିବେ। ବିଦେଶୀ ଖେଳାଳିଙ୍କ ତୁଳନାରେ ଦେଖିବାକୁ ଗଲେ ଭାରତୀୟମାନେ ମାନସୀକ ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ଅଧିକ ସହନଶୀଳ ଓ ଦୃଢ ବୋଲି ଗାଙ୍ଗୁଲି କହିଛନ୍ତି।

କୋଭିଡ-୧୯ ମହାମାରୀ ପୁଣିଥରେ ତା'ର ପ୍ରକୋପ ଆରମ୍ଭ କରିଥିବା ବେଳେ ବାୟୋ ବବଲରେ ଅନ୍ତର୍ଜାତୀୟ କ୍ରିକେଟ ଖେଳାଯାଉଛି ଓ ଏଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ମଧ୍ୟ ଆୟୋଜନ ହେବାକୁ ଯାଉଛି। ଖେଳାଳିମାନଙ୍କ ଜୀବନ ଏବେ ହୋଟେଲ ଓ ଷ୍ଟାଡିୟମ ମଧ୍ୟରେ ସୀମିତ ରହିବ। ଏହା କୌଣସି ଖେଳାଳିଙ୍କ ପାଇଁ ଆଦୌ ସହଜ ନୁହେଁ ବୋଲି କୁହାଯାଇପାରେ। ବାୟୋ ବବଲରେ ଖେଳାଳିମାନାଙ୍କ ମାନସିକ ସ୍ଥିତି ନେଇ ପୂର୍ବରୁ ଭାରତୀୟ ଅଧିନାୟକ ବିରାଟ କୋହଲି ଚିନ୍ତା ପ୍ରକଟ କରିଥିଲେ।

ପୂର୍ବରୁ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ଖେଳାଳିଙ୍କ ସହ କ୍ରିକେଟ ଖେଳିଛି। ଏହି ଦେଶର ଖେଳାଳିମାନେ ମାନସିକ ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ଭାରତୀୟଙ୍କ ଭଳି ସେତେଟା ଦୃଢ ନୁହଁ ବୋଲି ଗାଙ୍ଗୁଲି କହିଛନ୍ତି। ବିଦେଶୀ ଖେଳାଳିମାନେ ଅତିଶୀଘ୍ର ହାର ମାନିଯାଉଥିବା ବେଳେ ଭାରତୀୟ ଅପେକ୍ଷାକୃତ ଅଧିକ ସହନଶୀଳ ବୋଲି ସେ ମତ ଦେଇଛନ୍ତି। ଗତ ୬-୭ ମସାରେ ବାୟୋ ବବଲରେ ବହୁତ କ୍ରିକେଟ ଖେଳାଯାଉଛି। ଖେଳାଳିମାନେ ହୋଟେଲରୁ ଷ୍ଟାଡିୟମ ଓ ଷ୍ଟାଡିୟମରୁ ହୋଟେଲ ଯିବା ଆସିବା କରୁଛନ୍ତି। ଏହା ନିଶ୍ଚିତ ଭାବେ କଷ୍ଟକର ବୋଲି ସେ କହିଛନ୍ତି। ଏନେଇ ସେ ଅଷ୍ଟ୍ରେଲିଆର ଉଦାହରଣ ଦେଇଛନ୍ତି। ଭାରତଠାରୁ ଘରୋଇ ପରିବେଶରେ ପରାସ୍ତ ହେବା ପରେ ଅଷ୍ଟ୍ରେଲିଆ କୋଭିଡ୍-୧୯ ପାଇଁ ଦକ୍ଷିଣ ଆଫ୍ରିକା ଗସ୍ତରୁ ଓହରିଯାଇଥିଲା। ଏହି ଗସ୍ତରେ ଅଷ୍ଟ୍ରେଲିଆ ମାର୍ଚ୍ଚ ଓ ଏପ୍ରିଲ୍‌ରେ ୩ଟି ଟେଷ୍ଟ ଖେଳିବାର କାର୍ଯ୍ୟକ୍ରମ ଥିଲା। ତେବେ ସ୍ୱାସ୍ଥ୍ୟଗତ ବିପଦ ଓ ବାୟୋ ବବଲର କଟକଣାକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ଏହି ଗସ୍ତରେ ଯିବାକୁ ମନା କରିଦେଇଥିଲା। ମହାମାରୀ ବେଳେ ସମସ୍ତେ ସକରାତ୍ମକ ରହିବା ଉଚିତ ଓ ପରିସ୍ଥିତିର ସମ୍ନା କରିବା ଉଚିତ।

୨୦୦୫ରେ କ୍ୟାରିୟରରେ ସମ୍ମୁଖୀନ ହୋଇଥିବା ଝଟ୍‌କା କଥା ମନେ ପକାଇ ଗାଙ୍ଗୁଲି ସଫଳ ପ୍ରତ୍ୟାବର୍ତ୍ତନ କଥା କହିଛନ୍ତି। ନେତୃତ୍ୱରୁ ବିଦା କରିବା ସହ ତାଙ୍କୁ ସେତେବେଳେ ଦଳରୁ ମଧ୍ୟ ବାଦ୍ ଦିଆଯାଇଥିଲା। କ୍ୟାରିୟରରେ ଉତ୍ଥାନ ଓ ପତନ ତଥା ଚାପ ରହିଛି। ତେବେ ଏଭଳି ସ୍ଥିତ ସହ ସକାରାତ୍ମକ ଭାବେ ମୁକାବିଲା କରାଯାବ ଉଚିତ ଓ ଆଗକୁ ବଢିବାକୁ ପ୍ରୟାସ କରାଯିବ ଉଚିତ ବୋଲି ଗାଙ୍ଗୁଲି କହିଛନ୍ତି।

# କ୍ଲବ ଯୁବଶକ୍ତି ପକ୍ଷରୁ ୨ ଦିନିଆ କ୍ୟାରମ ଟୁର୍ନାମେଣ୍ଟ

**ଭୁବନେଶ୍ୱର, ୬।୪:** ରାଜ୍ୟର ଏକ ଅଗ୍ରଣୀ ଯୁବ ସଂଗଠନ ଓ ସାମାଜିକ ଅନୁଷ୍ଠାନ 'କ୍ଲବ ଯୁବଶକ୍ତି' ପକ୍ଷରୁ ୨ଦିନିଆ ଜିଲ୍ଲାସ୍ତରୀୟ କ୍ୟାରମ ଟୁର୍ନାମେଣ୍ଟ ରବିବାର ସ୍ଥାନୀୟ ମଧୁମଣ୍ଡପ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏହି ୨ଦିନିଆ ଟୁର୍ନାମେଣ୍ଟରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମୋଟ ୬ ଟି ଦଳ ଅଂଶ ଗହଣ କରିଥିଲେ। ପ୍ରଥମ ଦିନ (ଶନିବାର) ରେ ଖେଳାଯାଇଥିବା ସମସ୍ତ ଲିଗ ପର୍ଯ୍ୟାୟରେ ୬ ଟି ଦଳର ମୋଟ ପଏଣ୍ଟ ଅନୁସାରେ ଶ୍ରେଷ୍ଠ ୨ଟି ଦଳ ଫାଇନାଲକୁ ପ୍ରବେଶ କରିଥିଲେ। ୨ୟ ଦିନ (ରବିବାର) ଫାଇନାଲ ମ୍ୟାଚ ଟିମ ଆଡ୍‌ଭୋକେଟ ଗ୍ରୁପ ଏବଂ ଟିମ ବ୍ୟାଙ୍କର୍ସ ଗ୍ରୁପ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟିମ ଆଡଭୋକେଟ ପକ୍ଷରୁ ଆଇନଜୀବୀ ଭାଗିରଥି ପଟ୍ଟନାୟକ ଏବଂ କାନ୍ତିପ୍ରସନ୍ନ ସ୍ୱାଇଁ ଖେଳୁଥିବା ବେଳେ ଟିମ୍ ବ୍ୟାଙ୍କର୍ସ ପକ୍ଷରୁ ଏସ୍‌ବିଆଇର ବରିଷ୍ଠ ଅଧିକାରୀ ସୁନିଲ ପଟ୍ଟନାୟକ ଓ ବିରେନ୍ଦ୍ର ମିଶ୍ର ଖେଳୁଥିଲେ। ଆୟୋଜକଙ୍କ ନିୟମାବଳୀ ଅନୁସାରେ ୩ ଟି ମ୍ୟାଚ ମଧ୍ୟରୁ ୨ଟି ମ୍ୟାଚର ବିଜେତାଙ୍କୁ ଚମ୍ପିଆନ ଟିମ ଘୋଷିତ କରାଯିବ। ଉକ୍ତ ନିୟମାବଳୀ ଅନୁସାରେ ମ୍ୟାଚ ଖେଳା ଯାଇଥିଲା ଏବଂ ପରିଶେଷରେ ୨-୧ ସିରିଜରେ ଟିମ ଆଡଭୋକେଟ ଚମ୍ପିଆନ ଘୋଷିତ ହୋଇଥିଲେ। ୧୧-୨୪, ୨୫-୬ ଏବଂ ୧୮-୮ ପଏଣ୍ଟରେ ଟିମ ଆଡଭୋକେଟ ବିଜୟୀ ହୋଇଥିବା ବେଳେ ବ୍ୟାଙ୍କର୍ସ ଟିମ ରର୍ନସଅପ ବିବେଚିତ ହୋଇଥିଲା।

# କାଉଣ୍ଟି କ୍ରିକେଟ ଖେଳିବେ ହନୁମା ବିହାରୀ

**ନୂଆଦିଲ୍ଲୀ, ୬।୪ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍‌ଗୁଡ଼ିକ ଦ୍ୱାରା ଅଲୋଡା ହୋଇପଡ଼ିଥିବା ଭାରତର ଟେଷ୍ଟ ସ୍ପେଶାଲିଷ୍ଟ ହନୁମା ବିହାରୀ ୟୁନାଇଟେଡ କିଙ୍ଗଡମ୍ (ୟୁକେ)ରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜ ପାଇଁ ନିଜକୁ ପ୍ରସ୍ତୁତ କରିବା ଲାଗି ଅଣ୍ଟା ଭିଡ଼ିଛନ୍ତି। ଇଂଲିଶ କାଉଣ୍ଟି ଦଳ ୱାରୱିକ୍‌ଶାୟାର ପାଇଁ ସେ ଖେଳିବା ଲାଗି ସ୍ଥିର କରିଛନ୍ତି। ଏହି ଡାହାଣହାତୀ ମିଡ୍‌ଲ ଅର୍ଡର ବ୍ୟାଟ୍ସମ୍ୟାନ ୟୁକେ ଅଭିମୁଖେ ଯାତ୍ରା କରିସାରିଲେଣି। ବର୍ମିଂହାମ୍‌ଭିତ୍ତିକ କାଉଣ୍ଟି ଦଳ ତରଫରୁ ସେ ଅତିକମ୍‌ରେ ତିନୋଟି ମ୍ୟାଚ ଖେଳିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଫିସିଆଲ ସୂଚନା ଦେଇଛନ୍ତି। ବିହାରୀ ଶେଷଥର ପାଇଁ ଆଇପିଏଲ୍ ୨୦୧୯ରେ ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ ଖେଳିଥିଲେ। ମାତ୍ର ଜଣେ ଟେଷ୍ଟ ସ୍ପେଶାଲିଷ୍ଟର ମାନ୍ୟତା ଲାଭ କରିଥିବାରୁ କ୍ରମାଗତ ଦୁଇଟି ସିଜନରେ ତାଙ୍କ ପ୍ରତି କୌଣସି ଫ୍ରାଞ୍ଚାଇଜ୍ ଆଗ୍ରହ ପ୍ରକାଶ କରି ନ ଥିଲେ। ୨୭ ବର୍ଷୀୟ ଏହି ବ୍ୟାଟ୍ସମ୍ୟାନ ଭାରତ ତରଫରୁ ୧୨ ଟେଷ୍ଟ ଖେଳି ୩୨ରୁ ଅଧିକ ଆଭରେଜରେ ୬୨୪ରନ ସଂଗ୍ରହ କରିଛନ୍ତି। ବିହାରୀ ଶେଷଥର ପାଇଁ ଭାରତ ତରଫରୁ ଅଷ୍ଟ୍ରେଲିଆ ବିପକ୍ଷ ସିଡ୍‌ନୀ ଟେଷ୍ଟ ଖେଳିଥିଲେ। ହାମଷ୍ଟ୍ରିଙ୍ଗ ଇଞ୍ଜୁରି ସତ୍ତ୍ୱେ ସେ ରବିଚନ୍ଦ୍ରନ ଅଶ୍ୱିନଙ୍କ ସହ ଦୀର୍ଘ ୪ ଘଣ୍ଟା କ୍ରିଜ୍‌ରେ ରହିଥିଲେ। ସେ ଯଦିଓ ୨୩ ରନ କରି ଅପରାଜିତ ରହିଥିଲେ କିନ୍ତୁ ଭାରତକୁ ପରାଜୟରୁ ବଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବିହାରୀ ଏଥର ଘରୋଇ ସିଜନରେ ଟେଷ୍ଟ ଦଳର ଅଂଶବିଶେଷ ଥିଲେ। ତାଙ୍କର ଅନ୍ୟ ଟେଷ୍ଟ ସାଥୀ ଖେଳାଳିମାନେ କିନ୍ତୁ ବିଭିନ୍ନ ଆଇପିଏଲ ଟିମ୍‌ରୁ ଖେଳୁଛନ୍ତି। କେବଳ ଟେଷ୍ଟ ଚାମ୍ପିୟନଶିପ୍ ନୁହେଁ ପରେ ଖେଳାଯିବାକୁ ଥିବା ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଖେଳିବା ଲାଗି ବିହାରୀଙ୍କୁ ପ୍ରସ୍ତୁତ ହେବାକୁପଡ଼ିବ। ସୂଚନାଯୋଗ୍ୟ, କିଛି ବର୍ଷ ହେଲା ବିଶେଷ କରି ଇଂଲଣ୍ଡ ଟୁର୍ ପୂର୍ବରୁ ଏହାର ଖେଳାଳିମାନଙ୍କୁ କାଉଣ୍ଟି କ୍ରିକେଟ ଖେଳିବା ଲାଗି ବିସିସିଆଇ ଉତ୍ସାହିତ କରି ଆସୁଛି।


ହନୁମା ବିହାରୀ

## କିରନ ମୋରେଙ୍କୁ କରୋନା

**ମୁମ୍ବାଇ, ୬।୪ (ପି.ଟି.)**

ଭାରତର ପୂର୍ବତନ ଉଇକେଟକିପର ତଥା ମୁମ୍ବାଇ ଇଣ୍ଡିଆନ୍ସ ଟ୍ୟାଲେଣ୍ଟ ସ୍କାଉଟ୍ କିରଣ ମୋରେ କରୋନା ସଂକ୍ରମିତ ହୋଇଥିବା କୋଭିଡ୍ ଟେଷ୍ଟ ଦ୍ୱାରା ସ୍ପଷ୍ଟ ହୋଇଛି। ୫୮ ବର୍ଷୀୟ ମୋରେ ୫ଥର ଆଇପିଏଲ୍ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଦଳର ଉଇକେଟକିପିଂ ପରାମର୍ଶଦାତା ରହିଛନ୍ତି। ତାଙ୍କ ନିକଟରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥିଲା। ବର୍ତ୍ତମାନ ସେ ଆଇସୋଲେଶନରେ ଅଛନ୍ତି।

# ଟପ୍ ଟେନ୍‌କୁ ଫେରିଲେ ଶିଖା

**ଦୁବାଇ, ୬।୪ (ପି.ଟି.)**

ଆଇସିସିର ଅନ୍ତର୍ଜାତୀୟ ଦିନିକିଆ ମହିଳା କ୍ରିକେଟ ର୍‍ୟାଙ୍କିଙ୍ଗ ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ଭାରତୀୟ ଓପନର ସ୍ମୃତି ମନ୍ଧାନା,ଫାଷ୍ଟ ବୋଲର ଝୁଲଣ ଗୋସ୍ୱାମୀ ଓ ଅଲରାଉଣ୍ଡର ଦୀପ୍ତି ଶର୍ମା ପ୍ରମୁଖ ସେମାନଙ୍କ ସ୍ଥାନ ବଜାୟ ରଖିଥିବାବେଳେ ଶିଖା ପାଣ୍ଡେ ଟପ୍ ୧୦ରେ ପ୍ରବେଶ କରିଛନ୍ତି। ବ୍ୟାଟିଂ ର୍‍ୟାଙ୍କିଙ୍ଗରେ ମନ୍ଧାନା ୭୧୦ ପଏଣ୍ଟ ସହ ୭ମ ସ୍ଥାନ ଅଧିକାର କରିଥିବାବେଳେ ଅଧିନାୟିକା ମିଥାଲି ରାଜ (୭୦୯) ଅଷ୍ଟମ ସ୍ଥାନରେ ଅଛନ୍ତି। ଏହି ତାଲିକାର ଶୀର୍ଷରେ ରହିଛନ୍ତି ଇଂଲଣ୍ଡର ଟାମି ବିମଣ୍ଟ (୭୬୫)। ବୋଲିଂରେ ଭେଟେରାନ ପେସର ଗୋସ୍ୱାମୀ ୬୮୧ ପଏଣ୍ଟ ସହ ତାଙ୍କ ୫ମ ସ୍ଥାନ ବଜାୟ ରଖିଛନ୍ତି। ପୁନମ୍ ୬ଷ୍ଠ ସ୍ଥାନ ବଜାୟ ରଖିପାରିଛନ୍ତି। ୨୦୧୯ ନଭେମ୍ବରରେ ଶେଷଥର ପାଇଁ ଏକ କ୍ରିକେଟ ଇଭେଣ୍ଟ ଖେଳିଥିବା ଶିଖା ୬୧୦ ପଏଣ୍ଟ ସହ ୧୦ମ ସ୍ଥାନ ଅଧିକାର କରିଛନ୍ତି। ଶିଖା ୨୦୧୦ ଫେବୃୟାରୀରେ ତାଙ୍କ କ୍ୟାରିୟର ଶେଷ୍ଠ ବୋଲିଂ ର୍‍ୟାଙ୍କିଙ୍ଗ ୫ମ ସ୍ଥାନ ଅଧିକାର କରିଥିଲେ। ଅଲରାଉଣ୍ଡରଙ୍କ ମଧ୍ୟରେ ଟପ୍ ଟେନ୍‌ରେ ଏକମାତ୍ର ଭାରତୀୟ ଖେଳାଳି ଦୀପ୍ତି ସ୍ଥାନ ପାଇଛନ୍ତି। ସେ ୩୪୩ ପଏଣ୍ଟ ସହ ୫ମ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ଆଲିସା ହିଲି ତାଙ୍କ କ୍ୟାରିୟର ଶ୍ରେଷ୍ଠ ୩ୟ ର୍‍ୟାଙ୍କିଙ୍ଗର ସମକକ୍ଷ ହୋଇପାରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ସେମାନଙ୍କ ରେକର୍ଡ ଦ୍ୱିତୀୟ ବିଜୟ ମ୍ୟାଚରେ ସେ ବିସ୍ଫୋରକ ୬୫ ରନ ସଂଗ୍ରହ ଯୋଗୁ ଏହା ସମ୍ଭବ ହୋଇପାରିଛି। ସେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୭୫୩ ପଏଣ୍ଟ ଅର୍ଜନ କରିବାରେ ସମର୍ଥ ହୋଇଛନ୍ତି। ଏହାପୂର୍ବରୁ ସେ ୨୦୧୯ରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୭୫୩ ରନ ସଂଗ୍ରହ କରିପାରିଛନ୍ତି। ସାମନ ଗେମ୍‌ରେ ଅଲରାଉଣ୍ଡର ଏଲିସ୍ ପେରୀ ୫୯ରନ କରି ଅପରାଜିତ ରହିବାରୁ ତାଙ୍କ ପଏଣ୍ଟ ସଂଖ୍ୟା ୭୦୦ ଅତିକ୍ରମ କରିପାରିଛି। ଆଶଲେ ଗାର୍ଡନରଙ୍କ ୪୧ ବଲ୍‌ରୁ ଅପରାଜିତ ୫୩ ରନ ଯୋଗୁ ସେ ପ୍ରଥମ ଥର ବିଶ୍ୱର ଟପ୍ ୩୦ ବ୍ୟାଟରଙ୍କ ମଧ୍ୟରେ ସ୍ଥାନ ପାଇପାରିଛନ୍ତି। ବୋଲର କାଟେଗୋରିରେ ମିଗାନ ସ୍କଟଙ୍କ (୪/୩୨) ଯୋଗୁ ସେ ମାରିଜାନେ କାପଙ୍କୁ ଅତିକ୍ରମ କରି ଦ୍ୱିତୀୟ ସ୍ଥାନ ଅଧିକାର କରିନେଇଛନ୍ତି। ୩୪ରନ ଦେଇ ୩ ଉଇକେଟ ନେଇଥିବା ନିକୋଲା କାରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୩୭ତମ ସ୍ଥାନ ଅଧିକାର କରିଛନ୍ତି।


ଶିଖା ପାଣ୍ଡେ

# ମୀରାବାଈଙ୍କଠାରୁ ପଦକ ଆଶା

**ନୂଆଦିଲ୍ଲୀ, ୬।୪ (ପି.ଟି.)**

ଉତ୍ତର କୋରିଆ ଟୋକିଓ ଅଲିମ୍ପିକ୍ସରୁ ଓହରିଯିବାରୁ ଭାରତର ଷ୍ଟାର ଭାରୋତ୍ତୋଳିକା ମୀରାବାଈ ଚାନୁ ପଦକ ଜିତିବା ସମ୍ଭାବନା ବୃଦ୍ଧି ପାଇଛି। ଟୋକିଓ ଅଲିମ୍ପିକ୍ସ ଜୁଲାଇ ୨୩ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପୂର୍ବତନ

**ଅଲିମ୍ପିକ୍ସରୁ ଓହରିଲା ଉତ୍ତର କୋରିଆ**

ବିଶ୍ୱ ଚାମ୍ପିୟନ ନିକଟରେ ମହିଳା ୪୯କେଜି ଟୋକିଓ ଗେମ୍ସ କ୍ୱାଲିଫାଇଂ ର୍‍ୟାଙ୍କିଙ୍ଗରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ୨୦୧୯ ବିଶ୍ୱ ଚାମ୍ପିୟଶିପ୍‌ରେ ଉତ୍ତରକୋରିଆର ରି' ସଙ୍ଗ୍ ଗମ ଚାନୁଙ୍କୁ ପଛରେ ପକାଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେ ୨୦୪ କେଜି ଉତ୍ତୋଳନ କରିଥିବାବେଳେ ଚାନୁ ୨୦୧ କେଜି ଉତ୍ତୋଳନ କରିଥିଲେ। ଜାତୀୟ କୋଚ୍ ବିଜୟ ଶର୍ମା କହିଛନ୍ତି, ଅଲିମ୍ପିକ୍ସରୁ ଉତ୍ତର କୋରିଆ ଓହରିଯିବା ଆମ ପାଇଁ ଖୁସିର ଖବର। ହେଲେ ଆମକୁ ଚାଇନା ସହିତ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିବ। ସଦ୍ୟ ପ୍ରକାଶିତ କ୍ୱାଲିଫାଇଂ ର୍‍ୟାଙ୍କିଙ୍ଗରେ ଚାଇନାର ୩ ଜଣ ଭାରୋତ୍ତୋଳିକା ଟପ୍ ୫ରେ ରହିଛନ୍ତି। ହୋଉ ଝିହୁଇ ତାଲିକାର ଶୀର୍ଷରେ ରହିଥିବାବେଳେ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ତଥା ବିଶ୍ୱରେକର୍ଡ ଅଧିକାରିଣୀ ଜିଆଙ୍ଗ ହୁଇହୁଆ ଓ ଝାଙ୍ଗ ରଙ୍ଗ୍ ଯଥାକ୍ରମେ ଦ୍ୱିତୀୟ ଓ ୫ମ ସ୍ଥାନ ଅଧିକାର କରିଛନ୍ତି। ଏହି ୩ଜଣ ଭାରୋତ୍ତୋଳିକାଙ୍କ ମଧ୍ୟରୁ ଜଣେ ଅଲିମ୍ପିକ୍ସରେ ଭାଗ ନେବେ। କାରଣ ଚାଇନା ପ୍ରତ୍ୟେକ ଓଜନ କାଟେଗୋରି ପାଇଁ ଜଣେ ଲେଖାଏ ଆଥଲେଟ ପଠାଇବ। ଚାନୁ ନିଜ କାଟେଗୋରିରେ ଦ୍ୱିତୀୟ ଶ୍ରେଷ୍ଠ ବିବେଚିତ ହେଉଛନ୍ତି।


ମୀରାବାଈ ଚାନୁ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଏପ୍ରିଲ ୭/୨୦୨୧ Sambalpur, Wednesday, April 7/ 2021



ନୂଆ ଲୁକ୍‌ରେ ଦୂତୀ ଚାନ୍ଦ।

# ଭାରତୀୟ ରିଲେ ଦଳରେ ଦୂତୀ

**ଭୁବନେଶ୍ୱର, ୬।୪(କ୍ରୀଡ଼ା ପ୍ରତିନିଧି)**

ଟୋକିଓ ଅଲିମ୍ପିକ୍ସ ପାଇଁ ରିଲେ ଟ୍ରାଏଲ ଇଭେଣ୍ଟ ପୋଲାଣ୍ଡର ସିଲେସିଆସ୍ଥିତ ଚୋର୍ଜୋଠାରେ ମେ' ୧ ଓ ୨ ତାରିଖରେ ଅନୁଷ୍ଠିତ ହେବ। ଏହି ୱାର୍ଲ୍ଡ ଆଥ୍‌ଲେଟିକ୍ସ ରିଲେରେ ଭାରତର ତିନୋଟି ଟିମ୍ ଭାଗନେବ। ତାହାହେଲା ମହିଳା ୪x୧୦୦ ମିଟର, ମହିଳା ୪x୪୦୦ ମିଟର ଏବଂ ପୁରୁଷ ୪x୪୦୦ ମିଟର ରିଲେ। ଅଲିମ୍ପିକ୍ସର ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟଭାବେ ବିବେଚିତ ହେଉଥିବା ଏହି ପ୍ରତିଯୋଗିତାର ମହିଳା ୪x୧୦୦ ମିଟର ରିଲେ ରେସ୍ ଟିମ୍‌ରେ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ସ୍ଥାନ ପାଇଛନ୍ତି। ଆଥ୍‌ଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ଟୁଇଟ୍ କରି ଏହା ସ୍ପଷ୍ଟ କରାଯାଇଛି। ଦୂତୀଙ୍କ ବ୍ୟତୀତ ଏହି ଦଳରେ ସ୍ଥାନ ପାଇଥିବା ଅନ୍ୟ ଆଥ୍‌ଲେଟମାନେ ହେଲେ ଏସ. ଧନଲକ୍ଷ୍ମୀ, ହିମା ଦାସ, ଅର୍ଚ୍ଚନା ସୁସେନ୍ଦ୍ରନ, ହିମାଶ୍ରୀ ରୟ ଓ ଏ.ଟି. ଧନେଶ୍ୱରୀ।



ହିମା ଦାସ



ଅର୍ଚ୍ଚନା ସୁସେନ୍ଦ୍ରନ



ଏ.ଟି. ଧନେଶ୍ୱରୀ



ହିମାଶ୍ରୀ ରୟ




ଏସ. ଧନଲକ୍ଷ୍ମୀ

ସେହିପରି ୪x ୪୦୦ ମିଟର ଦଳରେ ଏମ.ଆର. ପୁଭମ୍ମା, ଶୁଭ ଭେଙ୍କଟେଶ୍, କିରନ, ଅଞ୍ଜଳି ଦେବୀ, ଆର. ରେବତୀ, ଭି.କେ. ବିସ୍ମୟ ଓ ଜିସ୍ନା ମାଥ୍ୟୁ। ପୁରୁଷ ୪x୪୦୦ ମିଟର ରିଲେ ଦଳରେ ଅମୋଜ ଜ୍ୟାକବ, ନାଗାନାଥନ ପାଣ୍ଡି, ମହମ୍ମଦ ଆନାସ ୟାହିୟା, ଆରୋକା ରାଜୀବ, ସାର୍ଥକ ଭାମ୍ବ୍ରି, ଆୟାସାମୀ ଧରୁନ ଓ ନିର୍ମଳ ନୋଆ ଟମ୍ ସ୍ଥାନ ପାଇଛନ୍ତି। ''ଆଗାମୀ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ମୁଁ ଅଭ୍ୟାସକୁ ଜୋରଦାର କରିଛି। ନିଜ ଫିଟ୍‌ନେସରେ ମଧ୍ୟ ପର୍ଯ୍ୟାପ୍ତ ଉନ୍ନତି ଆଣିଛି। ଏବେ ସମସ୍ତ ପ୍ରତିଯୋଗୀ ବ୍ୟକ୍ତିଗତଭାବେ ଟ୍ରେନିଂ ନେଉଥିଲେ ହେଁ ଚଳିତ ମାସ ୧୦ ତାରିଖରୁ ପଟିଆଲାରେ ଏକତ୍ରିତ ହୋଇ ମିଳିତଭାବେ ଅଭ୍ୟାସ କରିବେ। ମୁଁ ମଧ୍ୟ ସେହିଦିନ ପଟିଆଲା ଯାଇ ଅନ୍ୟ ୫ ଆଥଲେଟ୍‌ଙ୍କ ସହ ମିଶି ଟ୍ରେନିଂ ନେବି। ଭାରତୀୟ ଦଳ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବା ଆଶା ରଖିଛି'' ବୋଲି ୧୦୦ ମିଟରରେ ଜାତୀୟ ରେକର୍ଡ ଧାରିଣୀ ଦୂତୀ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ୱାର୍ଲ୍ଡ ଆଥଲେଟିକ୍ସ ରିଲେର ଟପ୍-୮ ଟିମ୍ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ୨୦୧୯ରେ ଦୋହାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ଭାରତୀୟ ୪x୪୦୦ ମିଟର ମିକ୍ସଡ ରିଲେ ଦଳ ଟୋକିଓ ଟିକେଟ ପାଇ ସାରିଛି। ୨୦୧୯ ଦୋହା ଏସିଆନ ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ଭାରତୀୟ ଆଥଲେଟ୍‌ମାନେ ପୋଲାଣ୍ଡରେ ବଡ଼ ଅନ୍ତର୍ଜାତୀୟ ଇଭେଣ୍ଟରେ ଭାଗନେବାକୁ ଯାଉଛନ୍ତି। ଏଥିପାଇଁ ଏଏଫ୍‌ଆଇ ପକ୍ଷରୁ ମୋଟ ୨୦ ଆଥଲେଟ୍‌ଙ୍କ ନାମ ଘୋଷଣା କରାଯାଇଛି।

## ୱାର୍ଲ୍ଡ ଆଥଲେଟିକ୍ସ

# ଅଲିମ୍ପିକ୍ସ ପୂର୍ବରୁ ତୁର୍କୀରେ ଟ୍ରେନିଂ ନେବେ ନୀରଜ, ହିମା

**ନୂଆଦିଲ୍ଲୀ,୬।୪(ପି.ଟି.):** ତାରକା ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଓ ଧାବିକା ହିମା ଦାସଙ୍କ ସମେତ ଭାରତର ଶ୍ରେଷ୍ଠ କେତେଜଣ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟ ତୁର୍କୀରେ ଟ୍ରେନିଂ ନେବେ। ଚଳିତ ମାସ ଶେଷଆଡକୁ ଆଥ୍‌ଲେଟମାନେ ଟ୍ରେନିଂ-କମ୍- କମ୍ପିଟିଶନ ଟୁର୍‌ରେ ତୁର୍କୀ ଯିବେ ବୋଲି ମଙ୍ଗଳବାର ଆଥ୍‌ଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ତରଫରୁ ସୂଚନା ଦିଆଯାଇଛି। ଚୋପ୍ରାଙ୍କୁ ବାଦ୍ ଦେଲେ ଅନ୍ୟତମ ଅଲିମ୍ପିକ ଥ୍ରୋୟର ଶିବପାଲ ସିଂ, ଦେଶର ରିଲେ ରେସର (ଉଭୟ ୪x୧୦୦ ଓ ୪x ୪୦୦ ପୁରୁଷ ଓ ମହିଳା) ମଧ୍ୟ ଏହି ଗସ୍ତରେ ଯିବେ। କୋଚ୍‌ଙ୍କ ସହ ଏକ ୪୦ ଜଣିଆ ଆଥ୍‌ଲେଟିକ ଦଳ ତୁର୍କୀ ଗସ୍ତ କରିବ। ରାଜଧାନୀ ଆଣ୍ଟାଲ୍ୟାରେ ଅବସ୍ଥାନ କରି ଖେଳାଳିମାନେ କେତୋଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରି କେତେକ ଆଥଲେଟ ଅଲିମ୍ପିକ୍ ପାଇଁ ଯୋଗ୍ୟତା ମଧ୍ୟ ହାସଲ କରିପାରିବେ। ହିମା ପୂର୍ବରୁ ୨୦୧୮ ଏସିଆନ ଗେମ୍ସରେ ୪୦୦ ମି.ରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ୪x୧୦୦ ଓ ୪x ୪୦୦ମି ରିଲେ ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ହିମା ୪x୧୦୦ମିରେ ଟ୍ରେନିଂ ନେବେ। ପୋଲାଣ୍ଡର ସିଲେସିଆରେ ମେ' ୧ ଓ ୨ରେ ଆୟୋଜନ ହେବାକୁ ଥିବା ୱାର୍ଲ୍ଡ ଆଥ୍‌ଲେଟିକ ରିଲେରେ ଭାରତୀୟ ରିଲେ ଦଳ ଅଂଶଗ୍ରହଣ କରିବ। ଏହି ଟ୍ରେନିଂ କମ୍ କମ୍ପିଟିଶନ ଟୁର୍ ପାଇଁ ଆମେ




ନୀରଜ ଚୋପ୍ରା

ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ଠାରୁ ଅନୁମତି ପାଇଛୁ। ୟୁରୋପରେ ବିଭିନ୍ନ କାରଣ ପାଇଁ ଟ୍ରେନିଂ ବେସ୍‌ର ସୁବିଧା ଉପଲବ୍ଧ ନ ହେବାରୁ ଆମେ ତୁର୍କୀରେ ଟ୍ରେନିଂ ନେବାକୁ ନିଷ୍ପତ୍ତି ନେଇଛୁ ବୋଲି ଏଏଫ୍‌ଆଇ ଅଧ୍ୟକ୍ଷ ଆଦିଲ ସୁମରିୱାଲା କହିଛନ୍ତି। ଟ୍ରେନିଂ ସହିତ ଆଥ୍‌ଲେଟମାନେ ତୁର୍କୀରେ କେତୋଟି ପ୍ରତିଯୋଗିତାରେ ଭାଗନେବେ। ଯେଉଁମାନେ ଅଲିମ୍ପିକ ପାଇଁ ଯୋଗ୍ୟତା ହାସଲ କରିନାହାନ୍ତି ସେମାନଙ୍କ ପାଇଁ ସୁଯୋଗ ରହିବ। ତୁର୍କୀରେ ପାଗ ଭଲ ରହିଛି ଓ ସୁବିଧାସୁଯୋଗ ତଥା ଭିତ୍ତିଭୂମି ବିଶ୍ୱସ୍ତରୀୟ ବୋଲି ସେ କହିଛନ୍ତି। ୨୦୧୬ ଅଲିମ୍ପିକ୍ ପୂର୍ବରୁ ଓ ପୁଣି ଥରେ ୨୦୧୯ରେ ଆଣ୍ଟାଲ୍ୟାରେ ଭାରତୀୟ ଆଥଲେଟମାନେ ଟ୍ରେନିଂ ନେଇଥିଲେ। ଏବେ ଭିଜା ପାଇଁ ଏଏଫ୍‌ଆଇ କାର୍ଯ୍ୟ ଆରମ୍ଭ କରିଛି ବୋଲି ସୁମରିୱାଲା କହିଛନ୍ତି। ଚଳିତ ମାସରେ ଆଥଲେଟ୍‌ମାନେ ତୁର୍କୀ ଗସ୍ତ କରିବେ। ପ୍ରଥମେ ଭିଜା ପାଇବା ପରେ ଟିକେଟ ଓ ସେଠାରେ ରହିବା ଖାଇବାର ବ୍ୟବସ୍ଥା କରିବୁ ବୋଲି ସେ କହିଛନ୍ତି। ଦେଶର ୪x୧୦୦ ଓ ୪x ୪୦୦ ରିଲେ ଟିମ୍ ତୁର୍କୀରୁ ସିଧା ପୋଲାଣ୍ଡର ସିଲେସିଆ ଯାତ୍ରା କରିବେ। ଶ୍ରେଷ୍ଠ ୮ଟି ରିଲେ ଦଳ ସିଧାସଳଖ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବେ। ଦୋହାରେ ଅନୁଷ୍ଠିତ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରି ଭାରତୀୟ ୪x ୪୦୦ ମିକ୍ସଡ ରିଲେ ଟିମ୍ ଅଲିମ୍ପିକ ଯୋଗ୍ୟତା ହାସଲ କରିସାରିଛି। ୪x୧୦୦ ଓ ୪x ୪୦୦ ରିଲେ ଦଳଗୁଡିକ ୱାର୍ଲ୍ଡ ରିଲେରେ ଅଂଶଗ୍ରହଣ କରିବାକୁ ତୁର୍କୀରୁ ପୋଲାଣ୍ଡ ଯାତ୍ରା କରିବେ। ହିମା ୪x୧୦୦ ପାଇଁ ଟ୍ରେନିଂ ନେବେ ବୋଲି ସୁମରିୱାଲା କହିଛନ୍ତି। ମରୋକ୍କୋ ରାଜଧାନୀ ରାବାଟ୍‌ରେ ମେ' ୨୩ରେ ଆରମ୍ଭ ହେବାକୁ ଥିବା ଡାଇମଣ୍ଡ ଲିଗ୍ ମିଟିଂର ପ୍ରଥମ ଲେଗ୍‌ରେ ନୀରଜ ଓ ଶିବପାଲ ଅଂଶଗ୍ରହଣ କରିବେ। ବିଦେଶରେ ଟ୍ରେନିଂ ସାରିବା ପରେ ଆଥ୍‌ଲେଟମାନେ ଭାରତ ପ୍ରତ୍ୟାବର୍ତ୍ତନ କରି ଜାତୀୟ ଆନ୍ତଃ- ରାଜ୍ୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ବେଙ୍ଗାଲୁରୁରେ ଆସନ୍ତା ଜୁନ୍‌ରେ ଏହି ଅଲିମ୍ପିକ କ୍ୱାଲିଫାଇଂ ଇଭେଣ୍ଟ ଆୟୋଜନ କରାଯିବ। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବା ପରେ ଆଥ୍‌ଲେଟମାନେ ପୁଣି ଥରେ ଟ୍ରେନିଂ ପାଇଁ ବିଦେଶ ଯାଇପାରିବେ ବୋଲି ସୁମରିୱାଲା କହିଛନ୍ତି।




## ୟଙ୍ଗ୍ ଷ୍ଟୁଡେଣ୍ଟ କ୍ରିକେଟ କ୍ଲବ ବିଜୟୀ

**ବଲାଙ୍ଗୀର ଅଫିସ, ୬।୪:** ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ଓସିଏ ଭିଜନ ୨୦୨୪ ସିନିୟର ଇନ୍‌ଟ୍ରାକ୍ଲବ ସୁପରଲିଗ୍ କ୍ରିକେଟ ପ୍ରତିଯୋଗିତାରେ ମଙ୍ଗଳବାର ୟଙ୍ଗ୍ ଷ୍ଟୁଡେଣ୍ଟ କ୍ରିକେଟ କ୍ଲବ ବିଜୟ ଲାଭ କରିଛି। ମଙ୍ଗଳବାର ମ୍ୟାଚ୍ ୟଙ୍ଗ ଷ୍ଟୁଡେଣ୍ଟ କ୍ରିକେଟ କ୍ଲବ ଓ ପାଟଣାଗଡ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ୟଙ୍ଗ ଷ୍ଟୁଡେଣ୍ଟ କ୍ରିକେଟ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୪୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୨୬୨ ରନ୍ ସ୍କୋର କରିଥିଲା । ଦଳ ତରଫରୁ ସନ୍ତୋଷ ଆନନ୍ଦ ମିଶ୍ର ସର୍ବାଧିକ ୧୨୦ ରନ୍ ଓ ରୋହିତ ନାଗ ୬୪ ରନ୍ ସଂଗ୍ରହ କରିଥିଲେ। ପାଟଣାଗଡ କ୍ରିକେଟ ଦଳ ତରଫରୁ ହର ବେହ୍ରାକର, ବିଶାଳ ହାତୀ ଓ ପଲ୍ଲବ ନାଗ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୨୬୩ ରନ୍‌ର ଲକ୍ଷକୁ ପିଛା କରିବାକୁ ଯାଇ ପାଟଣାଗଡ କ୍ରିକେଟ କ୍ଲବ ୪୪.୩ ଓଭରରେ ସମସ୍ତ ଉଇକେଟ ହରାଇ କେବଳ ୨୦୦ ରନ୍ ସଂଗ୍ରହ କରିପାରିଥିଲା। ଦଳ ତରଫରୁ ବିକାଶ ବନ୍‌ଛୋର ୭୧ ରନ୍ ଓ ସୁମନ ପଟ୍ଟନାୟକ ୪୭ ରନ୍ କରିଥିଲେ। ୟଙ୍ଗ ଷ୍ଟୁଡେଣ୍ଟ କ୍ରିକେଟ କ୍ଲବ ତରଫରୁ ପୂର୍ଣ୍ଣଚନ୍ଦ୍ର ବର୍ଗତ୍ତୀ ୪ଟି ଓ ସ୍ୱାଗତ ପଟ୍ଟନାୟକ ୨ଟି ଉଇକେଟ ଅକ୍ତିଆର କରିଥିଲେ । ୟଙ୍ଗ ଷ୍ଟୁଡେଣ୍ଟ କ୍ରିକେଟ କ୍ଲବର ସନ୍ତୋଷ ଆନନ୍ଦ ମିଶ୍ରଙ୍କୁ ତାଙ୍କର ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଶ୍ରେଷ୍ଠ ଖେଳାଳି ଘୋଷିତ କରାଯାଇଥିଲା। ଏହି ମ୍ୟାଚକୁ ସମୀର କୁମାର ପାଣିଗ୍ରାହୀ ଓ ଶ୍ୟାମସୁନ୍ଦର ପଣ୍ଡା ପରିଚାଳନା କରିଥିଲେ। ଶୁଭମ ନାଏକ ଓ ସ୍ୱାଗତ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ବୁଧବାର ନବକିଶୋର କ୍ଲବ ଓ ନାଏକ କ୍ରିକେଟ ଏକାଡେମୀ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ ।

# ରାବାଡା, ନର୍ଜେ ପହଞ୍ଚିଲେ: ଓପନିଂ ମ୍ୟାଚ ଖେଳିବେନି

**ମୁମ୍ବାଇ, ୬।୪ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବା ଲାଗି ଦିଲ୍ଲୀ କ୍ୟାପିଟାଲ୍ସ ପେସ୍ ବୋଲର କାଗିସୋ ରାବାଡା ଓ ଆନରିଚ୍ ନର୍ଜେ ମଙ୍ଗଳବାର ଏଠାରେ ପହଞ୍ଚିଛନ୍ତି। କିନ୍ତୁ ୭ ଦିନ ବାଧ୍ୟତାମୂଳକ କ୍ୱାରାଣ୍ଟାଇନ ଯୋଗୁ ସେମାନେ ଶନିବାର ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷ ଦଳର ଓପନିଂ ମ୍ୟାଚ ଖେଳିପାରିବେ ନାହିଁ। ଗତବର୍ଷ ଦକ୍ଷିଣ ଆଫ୍ରିକୀୟ ବୋଲରମାନଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିଲା। ତେଣୁ ଦଳରେ ସେମାନେ ସ୍ଥାନ ବଜାୟ ରଖିଛନ୍ତି। ଆଇପିଏଲ୍‌ର ଅଂଶବିଶେଷ ଥିବା ଦକ୍ଷିଣ ଆଫ୍ରିକା ଚଳିତ ପାକିସ୍ତାନ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିଛନ୍ତି। ସୋମବାର ସେମାନେ ଜାତୀୟ ଦଳ ଛାଡ଼ି ସେମାନଙ୍କ ଆଇପିଏଲ୍ ଟିମ୍ ସହ ଯୋଗ ଦେଉଛନ୍ତି।

# ୟୁନିୟନ ସ୍ପୋର୍ଟିଂ ଫାଇନାଲରେ



ଆଶିଷ ରାୟ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଖୋର୍ଦ୍ଧା ଅଫିସ, ୬।୪**

ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡ଼ିୟମରେ ଚାଲିଥିବା ୪ର୍ଥ ସର୍ବଭାରତୀୟ ଫ୍ଲଡ଼ଲାଇଟ୍ ଖୋର୍ଦ୍ଧା କପ୍ ଟି୨୦ କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂକୁ ୪ ଉଇକେଟରେ ହରାଇ କଟକର ୟୁନିୟନ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି।

ରାମେଶ୍ୱର ସ୍ପୋର୍ଟିଂ ଟସ ଜିତି ଆଜି ପ୍ରଥମେ ବ୍ୟାଟିଂ କରିଥିଲା। ମାତ୍ର ୟୁନିୟନ ସ୍ପୋର୍ଟିଂର ନିଖୁଣ ବୋଲିଂ ଆଗରେ ଏହି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ ବିନିମୟରେ ୯୮ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ନିତେଶ ସାହୁ ସର୍ବାଧିକ ୩୫(୨୮ବଲ) ଓ ନରେନ୍ଦ୍ର ଦାସ ୨୧ (୨୬ବଲ) ରନ କରିଥିଲେ। ୟୁନିୟନ ସ୍ପୋର୍ଟିଂ ପକ୍ଷରୁ ଆଶିଷ ରାୟ ୪ ଓଭରରେ ୧୩ ଦେଇ ୨ଟି, ସର୍ବେଶ୍ୱର ମହାନ୍ତି ୪ ଓଭରରେ ୧୬ରନ ଦେଇ ୨ଟି ଓ ଶେଖର ମାଝି ୪ ଓଭରରେ ୨୪ରନ ଦେଇ ୨ଟି ଉଇକେଟ୍ ନେଇଥିଲେ। ୯୯ ରନ ବିଜୟ ଲକ୍ଷ୍ୟର ପିଛା କରି ୟୁନିୟନ ସ୍ପୋର୍ଟିଂ ୧୮.୧ ଓଭରରେ ୬ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଅନୁରାଗ କନୋଜିୟା ୩୧(୨୬ବଲ), ଭେଙ୍କଟେଶ ଏ,ଭାଣ୍ଡେ ୨୩(୨୩ବଲ) ଓ ଲିଲାଧର ୧୬(୧୯ବଲ) ରନ କରିଥିଲେ। ରାମେଶ୍ୱର ଦଳ ପକ୍ଷରୁ ବିଶ୍ୱଜିତ ଭୁୟାଁ ୪ ଓଭରରେ ୨୨ରନ ଦେଇ ୨ଟି ଓ ରାକେଶ ଶର୍ମା ୪ ଓଭରରେ ୨୫ରନ ଦେଇ ୨ଟି ଉଇକେଟ ନେଇଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳୀ ଭାବେ ୟୁନିୟନ ସ୍ପୋର୍ଟିଂର ଆଶିଷ ରାୟଙ୍କୁ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଦିଲ୍ଲୀପ ତିର୍କୀ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ପରଫର୍ମର ଅଫ ଦି ଡେ' ଭାବେ ଅନୁରାଗ କନୋଜିୟାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ମ୍ୟାଚକୁ ପ୍ରିତିରଞ୍ଜନ ବିଜୟସିଂ ଓ ସଞ୍ଜୀବ ପଟ୍ଟନାୟକ ପରିଚାଳନା କରିଥିବା ବେଳେ, କାଜଲ ବଲିୟାରସିଂ ମ୍ୟାଚ ରେଫରି ଓ ଅସିତ ପରିଡ଼ା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବୁଧବାର ବିଶ୍ରାମ ଦିବସ ଥିବାରୁ ଓଡ଼ିଶା ମହିଳା କ୍ରିକେଟ୍ ଦଳର ୨ଟି ଟିମ୍ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ କରାଯିବ। ଏହି ମ୍ୟାଚରେ ଦୃତତମ ଧାବିକା ତଥା ଅଲମ୍ପିୟାନ ଦୂତୀ ଚାନ୍ଦ ଅତିଥି ଭାବେ ଉପସ୍ଥିତ ରହିବେ ବୋଲି କ୍ଲବର କୋଷାଧ୍ୟକ୍ଷ ଚଣ୍ଡିପ୍ରସାଦ ଆଚାର୍ଯ୍ୟ କହିଛନ୍ତି। ଏଥିସହ ଭାରତୀୟ ଦଳରେ ପ୍ରତିନିଧିତ୍ୱ କରିଥିବା ୪ଜଣ ମହିଳା କ୍ରିକେଟର ରସନାରା ପରବିନ୍, ସୁଶ୍ରୀ ଦିବ୍ୟଦର୍ଶନୀ, ମଧୁସ୍ମିତା ବେହେରା ଓ ପ୍ରୀୟଙ୍କା ସାହୁଙ୍କୁ ସମ୍ମାନିତ କରାଯିବ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସାରଙ୍ଗପୁର-ଗନିଆପାଲି ରାସ୍ତା ଘରଣଯନ୍ତା



ପଦ୍ମପୁର(ଡି.ଏନ.ଏ): ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ପଲସାପାଲି ପଞ୍ଚାୟତର ସାରଙ୍ଗପୁର ଗ୍ରାମରୁ ଗାଇସିଲାଟ ବ୍ଲକର ଗନିଆପାଲିକୁ ସଂଯୋଗ କରୁଥିବା ୩ କିଲୋମିଟର ଗ୍ରାମ୍ୟ ଉନ୍ନୟନ ରାସ୍ତା ଏବେ ଶୋଚନୀୟ ହୋଇପଡିଛି। ରାସ୍ତାରୁ ପିଚୁ, ମେଟାଲ ଉଠିଯିବାରୁ ରାସ୍ତାସାରା ଖାଲକମା ହୋଇପଡିଛି। ଫଳରେ ଲୋକଙ୍କ ଯିବା ଆସିବାରେ ଅସୁବିଧା ହେଉଛି। ବିଭିନ୍ନ ସମୟରେ ଦୁର୍ଘଟଣା ମଧ ଘଟୁଛି। ତୁରନ୍ତ ରାସ୍ତା ମରାମତି କରିବା ପାଇଁ ପ୍ରଶାସନର ଦୃଷ୍ଟି ଦେବାକୁ ସମାଜସେବୀ ନୀଳାଞ୍ଚଳ ଦରୁଆନଙ୍କ ସମେତ ସାରଙ୍ଗପୁର, ନୂଆପାଲି, ଗନିଆପାଲିର ଗ୍ରାମବାସୀ ଦାବି କରିଛନ୍ତି ।

## ସଂକ୍ଷେପରେ

### ମାସ୍କ ପିନ୍ଧିଲେନି, ଜରିମାନା ଦେଲେ

ବିନିକା,୬।୪(ଡି.ଏନ୍.ଏ.)- କରୋନା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏ ନେଇ ସରକାରଙ୍କ ପକ୍ଷରୁ କଡାକଡି ଭାବେ ମାସ୍କ ବ୍ୟବହାର ଓ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ଲୋକଙ୍କୁ ସଚେତନ କରାଯାଉଛି । ହେଲେ କେତେକ ଅମାନିଆ ଏହାକୁ ମାନୁ ନାହାନ୍ତି। ସୋନପୁର ସଦର ବ୍ଲକ ଲଛିପୁର ଫାଣ୍ଡି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ବସ୍‌ଷ୍ଟାଣ୍ଡରେ ମାସ୍କ ଚେକିଂ କରାଯାଇଥିଲା। ଫାଣ୍ଡି ଅଧିକାରୀ ସରୋଜ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ମାସ୍କ ଚେକିଂରେ ୧୫ଜଣ ଅମାନିଆଙ୍କ ପାଖରୁ ୭ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଫାଣ୍ଡି ଅଧିକାରୀ ପାଣିଗ୍ରାହୀ କହିଛନ୍ତି ଯେ, ସୋମବାର ଲୋକଙ୍କୁ ଏ ନେଇ ସଚେତନତା କରାଯାଇଥିଲା। ଆଗାମୀ ଦିନରେ ଯାଞ୍ଚ ପ୍ରକ୍ରିୟାକୁ ଆହୁରି କଡାକଡି କରାଯିବ ।

### ବିଜେଡି ସଂଖ୍ୟାଲଘୁ ସେଲ୍‌ର ବୈଠକ

ଭବାନୀପାଟଣା, ୬।୪ (ଡି.ଏନ.ଏ.) କଳାହାଣ୍ଡି ଜିଲା ବିଜେଡି ସଂଖ୍ୟାଲଘୁ ସେଲର ଏକ ବୈଠକ ଭବାନୀପାଟଣା ଉର୍ଦ୍ଧ୍ୱ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅବଦୁଲ କାଦିରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟସଭା ସଦସ୍ୟ ତଥା ରାଜ ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ମୁନ୍ନା ଖାଁ ଯୋଗଦେଇଥିଲେ। କଳାହାଣ୍ଡି ଜିଲାର ସଂଖ୍ୟାଲଘୁମାନଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଜିଲା ସଂଖ୍ୟାଲଘୁ ସେଲ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବୈଠକରେ ସୁଖବିନ୍ଦର ସିଂ, ମହମ୍ମଦ ନୁର, ଜେମ୍ସ ପିଟର, ବର୍କତ ଉଲ୍ଲା ଖାଁ, ହରଦୀପ ସିଂ, ଖୁସେଦ ଛୋଟୁ ଖାଁ, ଭବାନୀଶଙ୍କର ନିଆଲ, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ, ଆୟୁବ ଅଲ୍ଲୀ ଖାଁ, ଜାକିର ହୁସେନ, ସେଖ ମୁନ୍ନା, ପ୍ରଶାନ୍ତ ନାଏକ, ରାଜୀବ ଲୋଚନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପାର ପ୍ରତିଷ୍ଠା ଦିବସ

ରିଷିଡା, ୬।୪ (ଡି.ଏନ.ଏ.): କଳାହାଣ୍ଡି ଜିଲା ରିଷିଡା ବଜାର ପଡିଆଠାରେ କର୍ଲାମୁଣ୍ଡା ପାଜା ମଣ୍ଡଳ ପକ୍ଷରୁ ମଙ୍ଗଳବାର ଭାଜପାର ୪୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ ଭାଜପା ଯୁବ ନେତା ଶରତ ସାହୁଙ୍କ ସମେତ ଅନେକ ଭାଜପା କର୍ମକର୍ତ୍ତା ଯୋଗଦେଇଥିଲେ ।

# ସଚେତନ ହେଲେ ସୁରକ୍ଷିତ ହେବେ

■ ରାଜ୍ୟ ମହିଳା କମିଶନ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ

■ କରୋନା ସମୟରେ ଉଲ୍ଲେଖନୀୟ କାର୍ଯ୍ୟକରିଥିବା ୧୦ଜଣଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗୀର ଅଫିସ, ୬।୪

ରାଜ୍ୟ ମହିଳା କମିଶନ ଓ ଜିଲା ସମାଜ ମଙ୍ଗଳ ବିଭାଗ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କଲେଜ ଛକ କଲ୍ୟାଣ ମଣ୍ଡପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ମହିଳା କମିଶନ ଅଧକ୍ଷା ଡ. ମିନତୀ ବେହେରା ଯୋଗଦେଇ ସୁସ୍ଥ ଓ ସମ୍ପନ୍ନ ସମାଜ ଗଠନ ପାଇଁ ମହିଳା ଓ ପୁରୁଷଙ୍କୁ ଉଚିତ୍ ମର୍ଯ୍ୟାଦା ପ୍ରଦାନ କରିବାକୁ ହେବ ବୋଲି କହିଥିଲେ। କୋଭିଡ ସମୟରେ ନାରୀମାନେ ଯେଉଁଳି କାର୍ଯ୍ୟ କରିଛନ୍ତି ତାକୁ ସମସ୍ତେ ପ୍ରଶଂସା କରୁଛନ୍ତି। ମାତ୍ର ଏହି ସମୟରେ ହିଁ ନାରୀମାନଙ୍କୁ ଅଧିକ ନିର୍ଯାତନା ଦିଆଯାଇଥିବା ଖବର ମିଳୁଛି। ଏହା ନିଶ୍ଚିତଭାବେ ଉଦ୍‌ବେଗଜନକ। ମହିଳାମାନଙ୍କ ଅଧିକାର ଓ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ନାରୀମାନେ ଯେତେ ସଚେତନତ ହେବେ ତାହା ସେମାନଙ୍କ ପାଇଁ ଓ ସମାଜ ପାଇଁ ମଙ୍ଗଳକର ହେବ । ଆଇନ ସଚେତନତା କାର୍ଯ୍ୟକ୍ରମ ଜରିଆରେ ମହିଳାମାନଙ୍କୁ ଅଧିକ ସଚେତନ କରାଯାଇପାରିବ ବୋଲି ସେ କହିଥିଲେ ।



ବଲାଙ୍ଗୀରରେ ରାଜ୍ୟ ମହିଳା କମିଶନ ଅଧକ୍ଷା ଡ. ମିନତି ବେହେରା ବକ୍ତବ୍ୟ ରଖୁଛନ୍ତି ।

କାର୍ଯ୍ୟକ୍ରମରେ ବଲାଙ୍ଗୀର ଏସପି ନିତିନ କୁଶଲକର, ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ମହିଳା କମିଶନ ସଦସ୍ୟା ଜେନିଲା ପ୍ରୟଦର୍ଶିନୀ, ସ୍ନେହାଞ୍ଜଳି ମହାନ୍ତି, କମିଶନର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଜୟା ବାରୱା ମଞ୍ଚାସୀନ ହୋଇଥିଲେ । ଏସପି କୁଶଲକର ତାଙ୍କ ବକ୍ତବ୍ୟରେ ମହିଳାମାନଙ୍କ ସୁରକ୍ଷା ଓ ସେମାନଙ୍କ ଅଧିକାର ପ୍ରତି ଜିଲା ପୋଲିସ ସମ୍ପୂର୍ଣ୍ଣ ଭାବେ ଦାୟିତ୍ୱର ସହ କାର୍ଯ୍ୟ କରୁଛି ବୋଲି କହିଥିଲେ । ତେବେ ଅଧିକ ସଂଖ୍ୟକ ପାରିବାରିକ ହିଂସା ଓ ସ୍ୱାମୀ-ସ୍ତ୍ରୀ ଝଗଡାକୁ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ଦିଗରେ ଆଇନ ସହାୟତା ନେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଅତିରିକ୍ତ ଜିଲାପାଳ ଲାଗୁରୀ ମହିଳାଙ୍କ ପ୍ରତି ହିଂସା ଓ ନିର୍ଯାତନାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ସଚେତନତା କାର୍ଯ୍ୟକ୍ରମ ବୃଦ୍ଧି କରିବାକୁ କହିଥିଲେ। କାର୍ଯ୍ୟକ୍ରମରେ ଯୌତୁକ ନିର୍ଯାତନା, ଘରୋଇ ହିଂସା ଆଇନ ଓ ଅନ୍ୟ ଆଇନ ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ କରୋନା ସମୟରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭୀମ ଭୋଇ ମେଡିକାଲ କଲେଜ ଆସୋସିଏଟ୍ ପ୍ରଫେସର ଡା ଦେଶବନ୍ଧୁ ବେହେରା, ଡିଏସ୍‌ଡବ୍ଲ୍ୟୁ ଅଫିସ ପ୍ରୋଗ୍ରାମ ଅଫିସର ଭଗବତୀ ଗୁରୁ, ଆଡଭୋକେଟ୍ ଏସ୍.ଲତାଶ୍ରୀ, ସଖୀ ୱନ୍‌ଷ୍ଟପ୍ ସେଣ୍ଟର ପରାମର୍ଶଦାତା ଲିନା ବାବୁ, ପଲ୍ଲୀ ନିକେତନର ସମ୍ପାଦକ ଟଙ୍କଧର ମହାକୁର, ଭୁତିଆରବହାଲ ସରପଞ୍ଚ ପୁଷ୍ପିତା ସାହୁ, ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ, ଟାଉନ୍ ଥାନା ସବ୍‌ଇନ୍ସପେକ୍ଟର ପୂର୍ଣ୍ଣିମା ଓରାମ୍, ଅଙ୍ଗନୱାଡି କର୍ମୀ ସନ୍ଧ୍ୟାରାଣୀ ଗିରି, ବେଲପଡାର ଆଶାକର୍ମୀ ଉମା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରୋଗାମ ଅଫିସର ଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଭାରପ୍ରାପ୍ତ ଡିଏସ୍‌ଡବ୍ଲ୍ୟୁଓ ନାନ୍‌କୁ ସା ଧନ୍ୟବାଦ ଦେଇଥିଲେ ।

# ପଶ୍ଚିମାଞ୍ଚଳ ଏକତା ମଞ୍ଚର ବୁଦ୍ଧିଜୀବୀ ସମ୍ମିଳନୀ

## ଟାଉନ ହଲ ସତ୍ୟନାରାୟଣଙ୍କ ନାମରେ ନାମିତ ହେଉ

ସୋନପୁର,୬।୪(ନି.ପ୍ର.)

ପଶ୍ଚିମାଞ୍ଚଳର ଅଗ୍ରଣୀ ସାମାଜିକ, ସାଂସ୍କୃତିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସୁବର୍ଣ୍ଣପୁର ପଞ୍ଚରଥ ମନ୍ଦିର ପ୍ରାଙ୍ଗଣରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗୌରିଶ୍ୟାମ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆଇନଜୀବୀ ଶ୍ୟାମା ଓଁ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି ବୈଠକର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ମଞ୍ଚର ଦୀର୍ଘ ୮ ବର୍ଷର ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମ୍ବଲପୁରୀ ଦିନ ଜରିଆରେ ପଶ୍ଚିମାଞ୍ଚଳର ଏକତା ପ୍ରତିଷ୍ଠା ଦିଗରେ କରା ଯାଇଥିବା କାର୍ଯ୍ୟ ସମ୍ପର୍କରେ ସଂଯୋଜକ ମାନସ ରଞ୍ଜନ ବକ୍ସି ଆଲୋଚନା କରିଥିଲେ। ସମ୍ବଲପୁରୀ ଭାଷା ସଂସ୍କୃତି ପାଇଁ ସୁବର୍ଣ୍ଣପୁର ମାଟିର ଅଗ୍ରଣୀ ଭୂମିକା ରହିଥିବା ଏବଂ ଗୁରୁ ସତ୍ୟନାରାୟଣ ବହିଦାର ଏଠାରେ ଜନ୍ମଗ୍ରହଣ କରି ସମ୍ବଲପୁରୀ ଭାଷାକୁ ଏକ ସ୍ୱତନ୍ତ୍ର ଭାଷା ଏବଂ ସଂସ୍କୃତି ଭାବରେ ଉପସ୍ଥାପିତ କରାଇ ପାରିଥିବା ନେଇ ଭବାନୀ ଶଙ୍କର ଭୋଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସୁବର୍ଣ୍ଣପୁରରେ ନବ ନିର୍ମିତ ଟାଉନ ହଲକୁ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ନାମରେ ନାମିତ କରି ସେଠାରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜିଲା ପ୍ରଶାସନକୁ ଦାବି ପତ୍ର ପ୍ରଦାନ ପାଇଁ ସ୍ଥିର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀବସ୍ତ ମଲ୍ଲିକ, ଡ. ପୁରୁଷୋତ୍ତମ ମିଶ୍ର, ପ୍ରଦ୍ୟୁମ୍ନ କୁମାର ସାହୁ, ଶଶ୍ୱତ ତ୍ରିପାଠୀ, ବେଣୁଧର ପ୍ରଧାନ, ଗଣପତି ବାଘ, ସଚ୍ଚିଦାନନ୍ଦ ଦାଶ, ରକ୍ଷେଦଶ୍ୟାମ ପୁରୋହିତ, ଅଭିଶେକ ମିଶ୍ର, ସୃଜନ କୁମାର ପଣ୍ଡା, ଉତ୍ତମ ଖମାରୀ, ଜପ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ ।



ସମ୍ମିଳନୀରେ ଉପସ୍ଥିତ ବୁଦ୍ଧିଜୀବୀ ଓ ମଞ୍ଚର କର୍ମକର୍ତ୍ତା ।

# ୪ ବର୍ଷ ହେଲା ଜଳପ୍ରକଳ୍ପ ଅଚଳ

## ୨ଓ୍ୱାର୍ଡର ୫ଶହରୁ ଊର୍ଦ୍ଧ୍ୱ ଲୋକେ ପାଣି ପାଇଁ ହଟହଟା

ତରଭା, ୬।୪ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ କର୍ଲାମୁହାଣ ଗ୍ରାମରେ ଏବେ ଘୋର ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଗାଁରେ ଥିବା ଜଳପ୍ରକଳ୍ପ ଅଚଳ ହୋଇ ପଡିବାରେ ଏହି ସମସ୍ୟା ଉପୁଜିଛି। ଇତିମଧ୍ୟରେ ୪ବର୍ଷ ବିତିଯାଇଥିଲେ ହେଁ ଏହାର ମରାମତି କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଦୁଇଓ୍ୱାର୍ଡ ବିଶିଷ୍ଟ କର୍ଲାମୁହାଣ ଗ୍ରାମବାସୀଙ୍କୁ ପାଇପ ପାଣି ଯୋଗାଇ ଦେବା ପାଇଁ ୨୦୧୨-୧୩ ଆର୍ଥିକ ବର୍ଷରେ ଜାତୀୟ ଗ୍ରାମ୍ୟ ପାନୀୟ ଜଳଯୋଗାଣ ପାଣ୍ଠିରୁ ୨୬ ଲକ୍ଷ ୯୩ ହଜାର ବ୍ୟାୟରେ ଏକ ପ୍ରକଳ୍ପ ନିର୍ମାଣ ହୋଇଥିଲା। ତେଲନଦୀରେ ଖୋଳା ଯାଇଥିବା କୂପରୁ ଗାଁକୁ ପାଇପ ଯୋଗେ ଜଳ ଯୋଗାଣ କରାଯାଇଥିଲା। ଦୁଇରୁ ତିନି ବର୍ଷ ଠିକ୍ ଭାବେ ଚାଲିବା ପରେ ପ୍ରକଳ୍ପ ବିଭିନ୍ନ କାରଣରୁ ଗତ ଚାରିବର୍ଷ ହେବ ଅଚଳ ହୋଇପଡିଛି । ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବିଭାଗୀୟ ଅଧିକାରୀ ତତ୍ପରତା ପ୍ରକାଶ କରି କିଛି ମାସ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିଥିଲେ । କିନ୍ତୁ ପରେ ଯଥା ପୂର୍ବଂ ତଥା ପର ସ୍ଥିତି ହୋଇଥିଲା । ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁନାହିଁ। ୪୦ଡିଗ୍ରୀ ତାପମାତ୍ରାରେ ଲୋକେ ଆଉଟପାଉଟ ହେଉଥିବା ବେଳେ ପାନୀୟ ଜଳାଭାବ ସମସ୍ୟାକୁ ଦ୍ୱିଗଣିତ କରିଛି । ପାନୀୟ ଜଳ ପ୍ରକଳ୍ପ ଥିଲେ ମଧ ଲୋକେ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି । ଜିଲା ପ୍ରଶାସନ ଏ ଦିଗରେ ଅବିଳମ୍ବେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।


ଅଚଳ ହୋଇ ପଡ଼ିଥିବା କର୍ଲାମୁହାଣ ପମ୍ପ୍ ହାଉସ ।

### ଗାଁସାଥୀ ସଂଘର ବୈଠକ

ଖପ୍ରାଖୋଲ, ୬।୪(ଡି.ଏନ.ଏ.)

ବଲାଙ୍ଗୀରଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରଜା ବଙ୍ଗଳାଠାରେ ବ୍ଲକସ୍ତରୀୟ ଗାଁସାଥୀ ସଂଘର ବୈଠକ ମଙ୍ଗଳବାର ତପିନ୍ଦ୍ର ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ହେଉଥିବା ବିଭିନ୍ନ କାମଗୁଡିକ ଉପରେ ଆଲୋଚନା ହୋଇଥିଲା । ଏହି ଯୋଜନାର ସଫଳ ରୂପାୟନ ପାଇଁ ଗାସାଥୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ କେତେକ ସ୍ଥାନରେ ସେମାନଙ୍କୁ ଉପେକ୍ଷା କରାଯାଉଥିବା ନେଇ କ୍ଷୋଭ ପ୍ରକାଶ ପାଇଥିଲା। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତିଭାବେ ତପିନ୍ଦ୍ର ସୁନା, ଉପସଭାପତି ବିନୋଦ ପଧାନ, ସମ୍ପାଦିକା ବୈଜୟନ୍ତୀ ସରାଫ, ସହସମ୍ପାଦକ ସରୋଜ କୁମାର ସାହୁ, ଯୁଗ୍ମ ସମ୍ପାଦକ ନରେଶ ବେହେରା, କୋଷାଧ୍ୟକ୍ଷ ଭାବେ ଯୁଗେନ୍ଦ୍ର ଦୀପ୍ ମନୋନୀତ ହୋଇଥିଲେ। ଏଥି ସହିତ ସମସ୍ତ ପଞ୍ଚାୟତରୁ ଜଣେ ଲେଖାଏ ସଦସ୍ୟ ମନୋନୟନ କରାଯାଇଥିଲା। ହରେକୃଷ୍ଣ ନିଆଲ, ରବିନ୍ଦ୍ର ବରିହା, ପିତବାସ ବର୍ଗତି, ଶ୍ରୀମତୀ ସେଲମା, ବୀର ବାଗ, ଦୀପକ କୁମାର ଭୋଇ, ପିଙ୍କୁ ମେହେର ପ୍ରମୁଖ ଗାଁସାଥୀ ଉପସ୍ଥିତ ଥିଲେ। ଶେଷରେ ଏକ ଦାବିପତ୍ର ବିଡିଓ ତରଣୀ ସୁନାଙ୍କୁ ପ୍ରଦାନ କରାଯାଇଥିଲା।

# ସରପଞ୍ଚ ଉପନିର୍ବାଚନ, ଯାଞ୍ଚ ହେଲା ପ୍ରାର୍ଥିପତ୍ର

ଦେଓଗାଁ, ୬।୪ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଗୁଡଖାପଲା ପଞ୍ଚାୟତରେ ସରପଞ୍ଚ ଉପ ନିର୍ବାଚନ ପାଇଁ ମଙ୍ଗଳବାର ଦେଓଗାଁ ବ୍ଲକ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି । ଏହି ପଦବୀ ପାଇଁ ମିଥୁନ ସୁନା, ଉମେଶ ସୁନା,ଧର୍ମ ସୁନା,ଅଷ୍ଟମି ସୁନା ଓ ବୃନ୍ଦାବନ ହରପାଲ ପ୍ରମୁଖ ୫ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ୪ ଜଣଙ୍କ କାଏମ ରହିଛି। ବୃନ୍ଦାବନ ହରପାଲଙ୍କ ଜାତିଗତ ପ୍ରମାଣପତ୍ର ନଥିବାରୁ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରମାଣପତ୍ର ଦେବା ପାଇଁ କୁହାଯାଇଛି । ଆସନ୍ତା ୯ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଦିନ ଧାର୍ଯ୍ୟ ହୋଇଛି। ୨୮ ରେ ଭୋଟଗ୍ରହଣ, ୨୯ରେ ଗଣତି ଓ ୩୦ ତାରିଖରେ ଫଳାଫଳ ଘୋଷଣା କରାଯିବ। ପ୍ରକାଶ ଯେ, ଚଳିତ ବର୍ଷ ଜାନୁୟାରୀ ମାସ ୫ ତାରିଖରେ ଏହି ପଞ୍ଚାୟତର ସରପଞ୍ଚ ଯୁଗେଶ୍ୱର ଦୀପଙ୍କ ପରଲୋକ ପରେ ଉପନିର୍ବାଚନ ହେଉଛି।

# ଦିବ୍ୟାଙ୍ଗ ଚିନ୍ତାମଣିଙ୍କ କାନ୍ଧରେ ପରିବାର ବୋଝ

## ଗୋଟିଏ ପରିବାରରେ ୩ ଦିବ୍ୟାଙ୍ଗ

କର୍ଲାମୁଣ୍ଡା, ୬।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବ୍ରା ପଞ୍ଚାୟତ ସିଲେଟପଡା ଗାଁରେ ବାସ କରନ୍ତି ଚିନ୍ତାମଣି ଗହୀରଙ୍କ ପରିବାର। ୪ଜଣ ବିଶିଷ୍ଟ ଏହି ଗରିବ ପରିବାରରେ ୩ଜଣ ଭିନ୍ନକ୍ଷମ ଓ ଜଣେ ବିଧବା ମହିଳା ରହିଛନ୍ତି। ପରିବାର ମୁଖ୍ୟ ଚିନ୍ତାମଣି ଗହୀର (୫୫) ଦିବ୍ୟାଙ୍ଗ (ମୁକ) ହୋଇଥିବା ବେଳେ ସ୍ତ୍ରୀ ଚଞ୍ଚଳା ଗହୀର (୫୦) ଅନ୍ଧ। ସେହିପରି ଚିନ୍ତାମଣିଙ୍କ ଅବିବାହିତ ଭଉଣୀ ପଦ୍ମାବତୀ ଗହୀର (୪୦) ଆଜକୁ ୨୦ ବର୍ଷ ତଳେ ଗୋଟିଏ ଗୋଡ ଅକାମି ହୋଇ କ୍ୟାନସର ରୋଗରେ ପୀଡିତ ଥିବା ବେଳେ ମା' ବେଲମତୀ ବେୱା (୭୦) ରହିଛନ୍ତି। ପରିବାର ଚଳାଇବାକୁ ଦିବ୍ୟାଙ୍ଗ ଚିନ୍ତାମଣି ଗାଁ ଲୋକଙ୍କ ଗାଇଗୋରୁ ଚରାଇଥାନ୍ତି। ସେଥିରୁ ଯାହା ଅର୍ଥ ମିଳେ ସେଥିରେ ୪ କୁଟୁମ୍ବଙ୍କୁ ପୋଷୁଥିବା ଗ୍ରାମବାସୀ ପ୍ରକାଶ କରୁଛନ୍ତି। ଏହି ପରିବାରକୁ ସରକାରୀ ସହାୟତା ସହିତ କ୍ୟାନସରରେ ପୀଡିତ ପଦ୍ମାବତୀଙ୍କ ଚିକିତ୍ସା ବ୍ୟବସ୍ଥା କରାଯିବା ସହ ଚଞ୍ଚଳା ଗହୀରଙ୍କୁ (ଦିବ୍ୟାଙ୍ଗ ଭତ୍ତା) ପ୍ରଦାନ କରାଯିବା ଲାଗି ସିଲେଟପଡା ଗ୍ରାମ ବିକାଶ କମିଟି ସଭ୍ୟ ଜଳନ୍ଧର ଭୋଇ, ଦ୍ରୋଣ ସାହୁ ଦାବି କରିଛନ୍ତି।


ଚିନ୍ତାମଣିଙ୍କ ପରିବାରବର୍ଗ ।

# ଧାନ ଫସଲ ଦଳିଦେଲେ ହାତୀପଲ

ବିନିକା, ୬।୪ (ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଂରକ୍ଷିତ ଜଙ୍ଗଲରୁ ବାହାରିଥିବା ହାତୀପଲ ସୋମବାର ରାତିରେ ମହାନଦୀ ଡେଇଁ ବିନିକା ବ୍ଲକ ସିନ୍ଦୁରପୁର ରାଜସ୍ୱ ସର୍କଲ ଅନ୍ତର୍ଗତ ମଣିଗାଁ ମୌଜାରେ ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ନଦୀକୂଳ ବାହାଳିଆ ଜମିରେ ହୋଇଥିବା ରବିଧାନ ଫସଲକୁ ସେମାନେ ଦଳିଚକଟି ନଷ୍ଟ କରି ଦେଇଛନ୍ତି। ପ୍ରାୟ ୨୦ଏକର ଜମିର ଧାନ ଫସଲ ନଷ୍ଟ ହୋଇଥିବା ମଣିଗାଁ ଝରାପଡାର ଲକ୍ଷ୍ମଣ ଗାଇଗରିଆ, ସୁରୁ ଭୋଇ, ବିଶୁଦ୍ଧ ଖଣ୍ଡଗିରି, ଶଙ୍କର ଭୋଇ, ସନ୍ତୋଷ ନାଇକ, ବାବୁଲୁ ପାଣିଗ୍ରାହୀ, ରାମହରି ମହାକୁର, ଅର୍ଜୁନ ଭୁଏ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ନଦୀକୂଳରେ ଥିବା ଝରାପଡାବାସୀ ହାତୀ ଆତଙ୍କରେ ଭୟଭୀତ ହୋଇ ପଡିଥିଲେ। ପିଲାଛୁଆ ଧରି ଗ୍ରାମବାସୀ କବାଟ କିଳି ରହିଥିଲେ। ଗତବର୍ଷ ନଭେମ୍ବର ଓ ଡିସେମ୍ବର ମାସରେ ମଧ ଉଲୁଣ୍ଡା ପଟରୁ ହାତୀପଲ ମହାନଦୀ ଡେଇଁ ଏହି ଅଞ୍ଚଳରେ ଘରଦ୍ୱାର ଭାଙ୍ଗିଥିଲେ। ଏହାକୁ ଦେଖିଲେ ବନ ବିଭାଗ ହାତୀ ଘଉଡାଇବାରେ ବିଫଳ ହୋଇଥିବା ଝରାପଡାର ରାମ ପଧାନ, ଅନିରୁଦ୍ଧ ବେହେରା, ବଶିଷ୍ଟ ପଧାନ, କୁବେର ପଧାନ ପ୍ରମୁଖ କହିଛନ୍ତି। ବନ ବିଭାଗ ଓ ରାଜସ୍ୱ ପ୍ରଶାସନ ଅବିଳମ୍ବେ ହାତୀ ଉପଦ୍ରବରେ ଧାନ ଫସଲ ନଷ୍ଟ ହୋଇଥିବା କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ପ୍ରଦାନ ସହ ଝରପଡାବାସୀଙ୍କ ସୁରକ୍ଷା ଦିଗରେ ବିଧିବଦ୍ଧ ପଦକ୍ଷେପ ନେବାକୁ ଦାବି ହେଉଛି।


ହାତୀ ଦଳିଚକଟି ଦେଇଥିବା ରବିଧାନ ଖେତ ।

### ମାସ୍କ ଚେକିଂ: ୧୬ହଜାର ଜରିମାନା ଆଦାୟ

ସଇଁତଲା, ୬।୪ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଦୁଇଦିନ ହେଲା ମାସ୍କ ଚେକିଂକୁ କଡ଼ାକଡ଼ି କରାଯାଇଛି। ବିନା ମାସ୍କରେ ବୁଲୁଥିବା ଅମାନିଆମାନଙ୍କଠାରୁ ୧୬ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ମଙ୍ଗଳବାର ସ୍ଥାନୀୟ ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗଙ୍କ ନେତୃତ୍ୱରେ ଥାନାଧିକାରୀ ବାରିଣୀ ଦାସ ଓ ପୋଲିସମାନେ ହାଟପଦାଠାରେ ମାସ୍କ ଚେକିଂ କରିଥିଲେ। ଆଗାମୀ ଦିନରେ ଚେକିଂ କଡାକଡି କରାଯିବ ବୋଲି ତହସିଲଦାର କହିଛନ୍ତି।

# ବିନା ଡାକ୍ତରରେ ରିଷିଡ଼ା ଡାକ୍ତରଖାନା

ରିଷିଡା, ୬।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା ରିଷିଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ) ବିନା ଡାକ୍ତରରେ ଚାଲିଛି । ଏଠାରେ କାର୍ଯ୍ୟରତ ଡା. ପ୍ରଶାନ୍ତ କୁମାର ସାମଲ ପିଜି ପରୀକ୍ଷା ଦେଉଥିବାରୁ ଏଠାରେ ଡାକ୍ତରର ଅଭାବ ପରିଲକ୍ଷିତ ହୋଇଛି। ୧୯୬୨ରେ ପ୍ରତିଷ୍ଠା ଏହି ଡାକ୍ତରଖାନାରେ ଏବେ ଫାର୍ମାସିଷ୍ଟଙ୍କ ଭରସାରେ ଚାଲିଛି। ବର୍ତ୍ତମାନ ଏହି ଡାକ୍ତରଖାନା କେନ୍ଦ୍ରରେ କରୋନା ଟିକା ଦିଆଯାଉଛି। ଡାକ୍ତରଖାନାରେ ଡାକ୍ତର ନ ଥିବା ଯୋଗୁ ଅନେକ ରୋଗୀ ଖର୍ଚ୍ଚାନ୍ତ ହୋଇ ଭବାନୀପାଟଣା, ବଲାଙ୍ଗୀର ମେଡିକାଲ କଲେଜ ଉପରେ ନିର୍ଭର କରୁଛନ୍ତି । ଅନେକ ରୋଗୀ ଡାକ୍ତର ନ ଥିବା ଯୋଗୁ ଡାକ୍ତରଖାନା ଆସି ଫେରି ଯାଉଛନ୍ତି। ଅନ୍ୟପକ୍ଷରେ ଚୁକ୍ତିଭିତ୍ତିକ କର୍ମଚାରୀମାନେ ଡାକ୍ତରଖାନାକୁ ନିୟମିତ ଆସୁ ନ ଥିବା ରୋଗୀମାନେ ପ୍ରକାଶ କରିଛନ୍ତି ।



ରିଷିଡା ଡାକ୍ତରଖାନା ।

# ଏମ୍‌ଜିଏନ୍‌ଆରଇଜିଏସ୍ କାମର ତଦାରଖ

## ଦିଗସିରା ପଞ୍ଚାୟତରେ ଡିଆରଡିଏ ଟିମ

ଟିଟିଲାଗଡ଼, ୬।୪ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକରେ ରିଙ୍ଗୱେଲ ଯୋଜନାରେ ଦିଗସିରା ପଞ୍ଚାୟତ ସଫଳତା ପାଇଛି। ଶ୍ରମିକ ଓ ଚାଷୀ ପରିବାରକୁ ବ୍ୟକ୍ତିଗତ ପ୍ରକଳ୍ପ ରିଙ୍ଗୱେଲ ଯୋଜନାରେ ସାମିଲ ପରେ ଜୀବିକା ନିର୍ବାହ ନେଇ ହିତାଧିକାରୀ ସ୍ୱାବଲମ୍ବୀ ହୋଇଛନ୍ତି। ମଙ୍ଗଳବାର ଡିଆରଡିଏ ଡିପିଏମ ଡ. ଘନଶ୍ୟାମ ସାହୁ, ଓଡିଶା ଜୀବିକା ମିଶନ ବିପିଏମ ରିଜନସ ଏକ୍କାଙ୍କ ନେତୃତ୍ୱରେ ଏକ ଟିମ କ୍ଷେତ୍ର ପରିଦର୍ଶନ ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ। ବିଡିଓ ନବିନ ଚନ୍ଦ୍ର ନାୟକ, ସହକାରୀ ଯନ୍ତ୍ରୀ ନବୀନ ଅଗସ୍ତି, ଏପିଓ ହିମାଂଶୁ ମହାରଣାଙ୍କ ସହ ଡିଆରଡିଏ ଅଧିକାରୀ ଏମ୍‌ଜିଏନ୍‌ଆରଇଜିଏସ୍ ପ୍ରକଳ୍ପ ବୁଲି ଦେଖିଥିଲେ। ଡିଆରଡିଏ ଟିମ ଚାଷୀଙ୍କ ମତାମତର ଭିଡିଓ ଚିତ୍ର ଉତ୍ତୋଳନ କରିଥିଲେ। ସବୁଜିମାରେ ପରିପୂର୍ଣ୍ଣ କ୍ଷେତରେ ଅଧିକାରୀଙ୍କ ଦ୍ୱାରା ଡକ୍ୟୁମେଣ୍ଟେସନ କରାଯାଇଥିଲା। ଏହି ଚାଷୀଙ୍କ ସଫଳତା ଅନ୍ୟ ବ୍ଲକ ଚାଷୀଙ୍କ ପାଇଁ ଏକ ଦୃଷ୍ଟାନ୍ତ ସୃଷ୍ଟି କରିବ ବୋଲି ଅଧିକାରୀ କହିଛନ୍ତି। ଏହି ପଞ୍ଚାୟତର ୪୨ଜଣ ଚାଷୀଙ୍କୁ ରିଙ୍ଗୱେଲ ଯୋଜନାରେ ସାମିଲ କରାଯାଇଥିଲା। ଚାଷୀମାନେ କିଭଳି ଯୋଜନାରୁ ଲାଭାନ୍ୱିତ ହୋଇ ପରିବା ବିକ୍ରି କରି ଲାଭାନ୍ୱିତ ହୋଇଛନ୍ତି ଅଧିକାରୀଙ୍କୁ କହିଥିଲେ। ବ୍ଲକ କନିଷ୍ଠ ଯନ୍ତ୍ରୀ ବିଭୁତିଭୂଷଣ ନାୟକ, ସ୍ଥାନୀୟ ସରପଞ୍ଚ ଗୋଲକ ବିହାରି ସିଂଭୋଇ, ଗ୍ରାମ ରୋଜଗାର ସେବକ ରମେଶ ଯୋଷୀଙ୍କ ମତକୁ ମଧ ଡିଆରଡିଏ ଅଧିକାରୀ ରେକର୍ଡ କରିଛନ୍ତି। ପାଣି ଅଭାବ ନେଇ ପଡିଆ ରହୁଥିବା ଚାଷୀଙ୍କ କ୍ଷେତରେ ୪୨ଡିଗ୍ରୀ ତାପମାତ୍ରାରେ ସବୁଜିମା ଦେଖି ଅଧିକାରୀମାନେ ଖୁସିବ୍ୟକ୍ତ କରିଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଲୋକଙ୍କୁ ସ୍ଥାୟୀ ଜୀବିକା ନିର୍ବାହର ପନ୍ଥା ପ୍ରଦାନ ନେଇ ଦିଗସିରାରେ ପାଇଲଟ ପ୍ରୋଜେକ୍ଟ ଆରମ୍ଭ କରାଯାଇଥିବା ଅଧିକାରୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେଶ ଭାତ୍ରା, ବୈଷୟିକ ପରାମର୍ଶଦାତା ସୁମିତ ରଞ୍ଜନ ମିଶ୍ର, ୱାର୍ଡସଭ୍ୟ ଦିଲୀପ ବନଛୋର, ଗ୍ରାମସାଥୀ ଜଳେଶ୍ୱର ସାହୁ, ବୈଦ୍ୟନାଥ ସାହୁ, ଜିଓଟେଗ ଚନ୍ଦ୍ରଶେଖର ସାହୁ, ଜେଏସ ରୋହିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଡିଆରଡିଏ ଅଧିକାରୀମାନେ ଜଣେ ଚାଷୀଙ୍କ ମତକୁ ରେକର୍ଡ କରୁଛନ୍ତି।

## ଖରା ବଢୁଛି, ଆଖୁ ରସର ବେପାର ଜମୁଛି

ରିଷିଡା : କଳାହାଣ୍ଡି ଜିଲା ରିଷିଡା ଅଞ୍ଚଳରେ ଗତ କିଛି ଦିନ ତାପମାତ୍ରା ବର୍ଷା ଯୋଗୁ ହ୍ରାସ ହୋଇଥିବା ବେଳେ ପୁଣି ତାପମାତ୍ର ବଢ଼ିବାରେ ଲାଗିଛି । ଖରା ବଢ଼ୁଥିବାରୁ ଆଖୁରସ ଦୋକାନରେ ଭଲ ବେପାର ଚାଲୁଛି। ଏଥିସହ ବିଭିନ୍ନ ଜୁସ୍ ଦୋକାନ ଓ ଥଣ୍ଡା ପାନୀୟ ଦୋକାନ ଖୋଲିଛି । ଟୋପି ଦୋକାନରେ ଟୋପି ବିକ୍ରି ହେଉଛି । ଏଠାରେ ତାପମାତ୍ରା ୪୦ ଡିଗ୍ରୀ ମଧରେ ରହୁଥିବାରୁ ପୂର୍ବାହ୍ନ ୧୧ଟାରେ ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଛି । ଖରା ଯୋଗୁ ଦିନ ବେଳା ଯାତାୟାତ କରୁଥିବା ବସ ଯାତ୍ରୀ ସଂଖ୍ୟା ହ୍ରାସ ଘଟିଛି।

## ସଂକ୍ଷେପରେ

### ଗଛରେ ପିଟିହୋଇ ବାଇକ୍ ଆରୋହୀ ମୃତ

ଜୁନାଗଡ଼, ୬।୪ (ଡି.ଏନ.ଏ.)-କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ସନ୍ୟାସୀକୁଣ୍ଡାମାଲ-ଘୋଲିଯିବା ଛକ ମଧରେ ସୋମବାର ରାତିରେ ଗଛରେ ପିଟିହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜୁନାଗଡ଼ ବ୍ଲକ ବରଗାଁର ସଞ୍ଜୀବ ବିଶ୍ୱାଳ (୨୬)। ମିଳିଥିବା ସୂଚନା ଅନୁଯାୟୀ, ସଞ୍ଜୀବ ସୋମବାର ରାତିରେ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ପଲାସ ଗ୍ରାମକୁ ଯାଇ ବାଇକ୍ ଯୋଗେ ଫେରୁଥିଲେ। ସନ୍ୟାସୀକୁଣ୍ଡାମାଲ-ଘୋଲିଯିବା ଛକ ମଧରେ ଭାରସମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାରଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ମୃତକଙ୍କ ବାପା ତରଙ୍ଗ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ପରେ ବ୍ୟବଚ୍ଛେଦ କରି ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲେ।

### ଜିଲାସ୍ତରୀୟ ଆର୍‌ଏସ୍‌ଏସ୍ ସଂଘ ବୈଠକ

ନୂଆପଡା ଅଫିସ/କୋମନା, ୬।୪ (ଡି.ଏନ.ଏ.)- ନୂଆପଡା ଜିଲା କୋମନା ବ୍ଲକ କୁରେଶ୍ୱର ଉଦ୍ୟାନବନ୍ଧ ଶିଶୁ ମନ୍ଦିରଠାରେ ଜିଲାସ୍ତରୀୟ ଆରଏସଏସ ସଂଘ ଏକ ସସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ତିନି ଥର ବ୍ରହ୍ମନାଦ ପରେ ଜିଲା କାର୍ଯ୍ୟବାହ ଜୟଶ୍ୱର ଶବର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଞ୍ଜୟ ଚଳାନଙ୍କ ଦ୍ୱାରା ମାସିକ ଗୀତର ଅଭ୍ୟାସ କରାଯାଇଥିଲା । ପରେ ପୂର୍ବ ବୈଠକର ଦୃଢୀକରଣ କରାଯାଇ ପ୍ରାନ୍ତ ପ୍ରମୁଖ ଅରୁଣ କୁମାର ନାଏକ ଜିଲାରେ ଶାଖାସଂଖ୍ୟା ବଢ଼ାଇବା ସହିତ ସଂଘ କାର୍ଯ୍ୟକୁ ମଜଭୁତ କରିବା ପାଇଁ ସମସ୍ତଙ୍କୁ ଅବଗତ କରାଇଥିଲେ। ବିଭାଗ ସହପ୍ରଚାରକ ଚକ୍ରଧର ବାରିକ ସଂଘ ଆଗାମୀ ଉତ୍ସବ ବର୍ଷ ପ୍ରତିପଦା, ଶ୍ରୀରାମ ନବମୀ କିପରି ଅଧିକ ସ୍ଥାନରେ ପାଳିତ ହୋଇପାରିବ ନେଇ ଆଲୋଚନା କରିଥିଲେ। ବୈଠକରେ ନୂଆପଡା, କୋମନା, ଖଡିଆଳ, ସିନାପାଲି, ବୋଡେନ ୨୦ଟି ଖଣ୍ଡରୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ । ଜିଲା ସଂଘ ଚାଳକ ଉଦୟ ସିଂ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

### ଲଟେରି ମାଧ୍ୟମରେ ଠିପିବନ୍ଦ ମଦଦୋକାନ ଆବଣ୍ଟନ

ନୂଆପଡା ଅଫିସ,୬।୪ : ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ନୂଆପଡା ଜିଲାର ବିଭିନ୍ନ ଅଞ୍ଚଳ ପାଇଁ ଠିପିବନ୍ଦ ବିଦେଶୀ ମଦ ଦୋକାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ଟେଣ୍ଡର ପ୍ରସେସରେ ଜିଲାର ୯ଟି ଦୋକାନ ପାଇଁ ୧୬୫ ଜଣ ଆବେଦନ କରିଥିଲେ। ଟେଣ୍ଡର ପ୍ରକ୍ରିୟାକୁ ଅନୁସରଣ କରି ମଙ୍ଗଳବାର ଜିଲାପାଳ ସ୍ୱାଧୀନ ସିଂହ, ଅବକାରୀ ଅଧୀକ୍ଷକ ଦଣ୍ଡପାଣି ବେହେରା ଓ ସମସ୍ତ ଆବେଦନକାରୀଙ୍କ ଉପସ୍ଥିତିରେ ଲଟେରି ମାଧ୍ୟମରେ ଠିପିଖୋଲା ମଦ ଦୋକାନକୁ ଆବଣ୍ଟିତ କରିଛନ୍ତି। ବିବେକାନନ୍ଦ ଗୁପ୍ତା ବେଲଟୁକୁରି, ଶାଶ୍ୱତ ଗୁପ୍ତା ଖରିଆର ରୋଡ ୧, ପ୍ରିତମ ଅଗ୍ରୱାଲ ଖରିଆର ରୋଡ ୨, ସନ୍ତୋଷ ଗୁପ୍ତା ନୂଆପଡା, ନିତିନ ଜାଇଶ୍ୱାଲ ଲଖନା, କୀର୍ତି ଯାଦବ କୋମନା, ଶାଶ୍ୱତ ଗୁପ୍ତା ଖରିଆଳ, ମହମ୍ମଦ ଅରିଫ ବୋଡେନ ଓ ପ୍ରମୋଦ ମେହେର ସିନାପାଲି ଠିପିବନ୍ଦ ମଦ ଦୋକାନ ପାଇଁ ଟେଣ୍ଡର ପାଇଛନ୍ତି।

# ନିର୍ମାଣ କାର୍ଯ୍ୟ ଶେଷ ନ ହେଉଣୁ ଭାଙ୍ଗିଲାଣି ପାଇଖାନା

### ସ୍ୱଚ୍ଛ ଭାରତ ମିଶନ ଫେଲ୍

ନୂଆପଡା ଅଫିସ,୬।୪

ନୂଆପଡା ଜିଲା ସୁନାବେଡା ଅଭୟାରଣ୍ୟରେ ସ୍ୱଚ୍ଛ ଭାରତ ମିଶନ ଫେଲ ମାରିଛି। ଜିଲା ଜଳ ଓ ପରିମଳ ମିଶନ ଯୋଜନାରେ ପାଇଖାନା ନିର୍ମାଣ ପାଇଁ ହିତାଧିକାରୀଙ୍କୁ ୧୨ ହଜାର ଟଙ୍କା ଦିଆଯାଉଛି। କିନ୍ତୁ ଏହି ଟଙ୍କା ହିତାଧିକାରୀଙ୍କୁ ନ ଦେଇ ଠିକାଦାରମାନଙ୍କୁ ଦିଆଯାଉଥିବାରୁ ନିମ୍ନମାନର କାର୍ଯ୍ୟ କରାଯାଉଥିବା ଅଭିଯୋଗ ହେଉଛି। କମ ସିମେଣ୍ଟ ବାଲିରେ କାର୍ଯ୍ୟ କରୁଥିବାରୁ ବର୍ଷାରେ ପାଇଖାନା ଧୋଇ ହୋଇଯାଉଛି। ଫଳରେ ବ୍ୟାବହାର ନ ହେବା ପୂର୍ବରୁ ପାଇଖାନା ସବୁ ଭାଙ୍ଗି ଗଲାଣି। କେଉଁଥିରେ କବାଟ ଲାଗିଛି ତ ଆଉ କେଉଁଠି ଖୋଲା ହୋଇ ପଡିଛି। ଜିଲାରେ ସ୍ୱଚ୍ଛ ଭାରତ ମିଶନ କେତେ ଦୂର ସଫଳ ହୋଇଛି ତାହା ସହଜେ ଅନୁମେୟ। ଗୋଟେ କି ଦୁଇଟା ନୁହେଁ ଶହ ଶହ ପାଇଖାନା ଘର ଏଭଳି ପରିସ୍ଥିତିରେ ଅଛି। ଆଦିବାସୀମାନଙ୍କ ସରଳତାର ସୁଯୋଗ ନେଇ ପ୍ରଶାସନଠାରୁ ଆରମ୍ଭ କରି ସାଧାରଣ ଲୋକେ ମଧ୍ୟ ସୁନାବେଡାବାସୀଙ୍କୁ ଭୂଆଁ ବୁଲାଇ ଠକିବାରେ ଲାଗିଛନ୍ତି। ଏଥି ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଅସାଧୁ ଉପାୟ ଅବଲମ୍ବନ କରିଥିବା ଠିକାଦାର ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁନାବେଡା ସରପଞ୍ଚ ତିଲ ସିଂ ଝାଙ୍କର, ସୋସେଙ୍ଗ ପୂର୍ବତନ ସରପଞ୍ଚ ଜଗମୋହନ ମାଝି, ଯୁବରାଜ ଛତ୍ରିଆ, ଭୁଜବଳ ମାଝି, ବିଶ୍ରାମ ଛତ୍ରିଆ, ବିଜୟ ଝଙ୍କର, ମାନସିଂ ମାଝି, ଗୌସିଂଗ ମାଝି, ପୁରନ ବିଶ୍ୱାଳ, ପର୍ଶୁରାମ ମାଝି, ମଦନ ମାଝି, ମନିରାମ ମାଝି, କମଳ ମାଝି, ଜଗଦେଓ ମାଝି, ଧନୀରାମ ସୁଆର, କଳିରାମ ସୁଆର ପ୍ରମୁଖ ଦାବି କରିଛନ୍ତି।



ପାଇଖାନା ଭାଙ୍ଗି ପଡ଼ିଛି।

# କେନାଲ ସଙ୍କୁଚିତ, ତଳମୁଣ୍ଡକୁ ଯାଉନି ପାଣି

ବରଗଡ଼ ଅଫିସ୍,୬।୪

ବରଗଡ଼ ଜିଲା ପ୍ରଧାନପାଲି ସବମାଇନର କେନାଲରୁ ବରାହଗୋଡ଼ା ପଟକୁ ଯାଇଥିବା କେନାଲ ଦିନକୁ ଦିନ ସଙ୍କୁଚିତ ହୋଇ ପଡୁଛି । କେନାଲର ଉଭୟ ପାର୍ଶ୍ୱକୁ ଜବରଦଖଲ କରି ଘର କରାଯାଉଥିବାରୁ ଏଭଳି ସ୍ଥିତି ଉପୁଜିଛି । ଏଥିପାଇଁ ତଳମୁଣ୍ଡକୁ ପାଣି ପହଞ୍ଚି ପାରୁ ନ ଥିବା ଯୋଗୁ ଫସଲ ନଷ୍ଟ ହେଉଛି। ଏଭଳି ଅଭିଯୋଗ ନେଇ ମଙ୍ଗଳବାର ବରାହଗୋଡ଼ା ପାଣି ପଞ୍ଚାୟତର ଏକ ପ୍ରତିନିଧି ଦଳ ମଙ୍ଗଳବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ବରାହଗୋଡ଼ା ଶାଖା କେନାଲ ଉପରେ ଅନେକ ଚାଷୀ ନିର୍ଭର କରିଥାନ୍ତି । ମାତ୍ର କେନାଲ ଜମିକୁ ଜବରଦଖଲ କରି ସେଠାରେ ଘରଦ୍ୱାର ନିର୍ମାଣ କରିଥିବା ଲୋକେ ନାନା ବର୍ଜ୍ୟବସ୍ତୁ କେନାଲ ଭିତରକୁ ପକାଉଛନ୍ତି। ଗୋଟିଏପଟେ ଜବରଦଖଲ ଏବଂ ଅନ୍ୟପଟେ ବର୍ଜ୍ୟବସ୍ତୁ ଯୋଗୁ କେନାଲ ସଙ୍କୁଚିତ ହୋଇ ପଡୁଛି ଏବଂ ଜମିକୁ ପାଣି ମାଡ଼ି ପାରୁନାହିଁ । ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଜିଲାପାଳଙ୍କୁ ନିବେଦନ କରାଯାଇଛି । ବରାହଗୋଡ଼ା ପାଣି ପଞ୍ଚାୟତର ସଭାପତି ଏକାଦଶିଆ ସାହୁ, ସୁରେଶ୍ୱ ନେକାଣ୍ଡି ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ମଦ ଦୋକାନ ଲଟେରି ଉଠାଣ

ବରଗଡ଼ ଅଫିସ୍,୬।୪

ବରଗଡ଼ ଜିଲାରେ ରହିଥିବା ୨୩ଟି ଠିପିବନ୍ଦ ବିଦେଶୀ ମଦ ଦୋକାନ ପାଇଁ ମଙ୍ଗଳବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଲଟେରି ଉଠାଣ ହୋଇଥିଲା। ଲଟେରି ମାଧ୍ୟମରେ ଦୋକାନୀଙ୍କୁ ଚୟନ କରାଯାଇଥିଲା। ଏଥିପାଇଁ ୪୮୮ଜଣ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ଲଟେରି ମାଧ୍ୟମରେ ୨୩ଜଣଙ୍କ ନାମ ଘୋଷଣା କରାଯାଇଥିଲା। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଲଟେରି ଉଠାଣ କରିଥିଲେ । ଏହି ସମୟରେ ଅବକାରୀ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।



ମଦ ଦୋକାନ ପାଇଁ ବରଗଡ଼ ଜିଲାପାଳ ଲଟେରୀ ଉଠାଣ କରୁଛନ୍ତି ।

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଭବାନୀପାଟଣା, ୬।୪ (ଡି.ଏନ.ଏ.)

ଭବାନୀପାଟଣା ଜିଲା ଦୌରାଜଜ୍ କୋର୍ଟରେ ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜିଲା ଦୌରା ଜଜ୍ ପ୍ରଦୀପ ପଟ୍ଟନାୟକ ମାମଲାର ଶୁଣାଣି କରି ଆବଶ୍ୟକ ତଥ୍ୟ ପ୍ରମାଣ ନ ଥିବା ଯୋଗୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ୨୦୧୮ ଫେବୃୟାରୀ ୨୮ରେ ଭବାନୀପାଟଣା ସହର କୁମାରପଡା ବାପଧାରୀ ପୂଝାରୀ ପରିବାର ସହ ଜୁନାଗଡ ନିକଟ ସାନ ଡୁମେରବାହାଲକୁ ୧୬ ପ୍ରହରୀରେ ଯୋଗଦେବା ପାଇଁ ଯାଇଥିଲେ। ତାଙ୍କ ଭଡାଘରେ ସମ୍ପର୍କୀୟ ଶଳଅ କାଳିଆ ବିଶି ଓ ତାର ସ୍ତ୍ରୀ ଜଗିଥିଲେ। ଏହି ସମୟରେ କାଳିଆ ସ୍ତ୍ରୀଙ୍କୁ ହତ୍ୟା କରି ଭବାନୀପାଟଣା ସହର ନିକଟ ଏକ ହୋଟେଲ ନିକଟରେ ଥିବା ନାଳ ପାଖରେ ପୋତି ଦେଇଥିଲେ। ଏ ନେଇ ଭବାନୀପାଟଣା ଟାଉନ ଥାନାରେ ୨୦୧୮ ମାର୍ଚ୍ଚ ୩ରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ପରେ କାଳିଆ ସ୍ତ୍ରୀଙ୍କୁ ହତ୍ୟା କରିଥିବା ସ୍ୱୀକାର କରିବା ପରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଭବାନୀପାଟଣା ଜିଲା ଦୌରାଜଜ୍ କୋର୍ଟରେ ମାମଲାର ଶୁଣାଣି ହୋଇଥିଲା। ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କ୍ଷୀରୋଦ ପ୍ରସାଦ ନେଗୀ ଓ ଆକାଶ ପଟ୍ଟଯୋଷୀ ମାମଲା ପରିଚାଳନା କରିଥିଲେ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCON-BBS-T-330E ତା.18.03.2021ରିଖ

କାର୍ଯ୍ୟର ନାମ : ବାମୁର - ସମ୍ବଲପୁର ମଧ୍ୟରେ ଦୋହରୀକରଣ ସମ୍ବନ୍ଧୀୟ କେବୁଲ ବିଛାଇବା LT ଏବଂ HT ଓଭରହେଡ୍ ଲାଇନ୍ ସହିତ ଷ୍ଟେସନ ଭବନ, ସେବା ଭବନ, ଲେଭେଲ୍ କ୍ରସିଂ ଫାଟକ, ଗୁମଟି, ଷ୍ଟାଫ୍ କ୍ୱାର୍ଟର ଗୁଡ଼ିକର ବିଦ୍ୟୁତୀକରଣ, ଷ୍ଟାଫ୍ କ୍ୱାର୍ଟର ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ, ସିଗ୍ନାଲରେ ଆଲୋକ, ସଡ଼କର ଆଲୋକ, ପ୍ଲାଟଫର୍ମ ଏବଂ ପରିକ୍ଷେତ୍ର ଆଲୋକିତକରଣ ଇତ୍ୟାଦି ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 150.54 ଲକ୍ଷ, କାର୍ଯ୍ୟ ଶେଷ ହେବା ଅବଧି : 06 ମାସ

ଟେଣ୍ଡର ଖୋଲିବା/ବନ୍ଦ ହେବା ତାରିଖ, ସମୟ: ତା. 09.04.2021 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ ଭୁବନେଶ୍ୱର

PR-01/CE/21-22


# ନିମ୍ନମାନର ରାସ୍ତା କାମ: ୮ ଦିନରେ ଉଠିଲା ପିଚୁ



ନିମ୍ନମାନର କାମ ଯୋଗୁ ରାସ୍ତାରୁ ପିଚୁ ଉଠିଛି।

ଖଡିଆଳ, ୬।୪ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ ଦୁଆଝରଠାରେ ଖମତରାଇ ନିର୍ମାଣାଧୀନ ରାସ୍ତା କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୪ କି.ମି. ୩୦୦ ମିଟର ରାସ୍ତା କାମ ପାଇଁ ୭୦ ଲକ୍ଷ ବ୍ୟୟରେ ହେବାକୁ ଥିବା ବେଳେ ନିର୍ମାଣ ହେବାର ୮ ଦିନ ହୋଇନାହିଁ ରାସ୍ତାରୁ ପିଚୁ ବାହାରି ପଡୁଛି ଏବଂ ରାସ୍ତାର ମେଟାଲ ଦେଖିବାକୁ ମିଳୁଛି। ପିଚୁ ଦେବା ଆଗରୁ ରାସ୍ତାକୁ ଭଲ ଭାବେ ସଫା କରାଯାଇ ନାହିଁ । ଯେଉଁ ପରିମାଣରେ ସିଞ୍ଚନ ହୋଇନାହିଁ ଚିପ୍ସରେ ଯେଉଁ ପରିମାଣର ପିଚୁ ଦେବା କଥା ତାହା ଦିଆ ହୋଇନାହିଁ। ଫଳରେ ପିଚୁ ବାହାରି ପଡିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ କାର୍ଯ୍ୟ ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରଞ୍ଜନ କାମର ସିଂଙ୍କୁ ପଚାରିବାରୁ ରାସ୍ତାରେ ଟ୍ରାକ୍ଟର ଚାଲିବାରୁ ପିଚୁ ବାହାରିଥିବା ବୋଲି କହିଥିବା ବେଳେ ଠିକାଦାରଙ୍କୁ କହି ଆଉ ଥରେ ମରାମତି କରାଯିବ ବୋଲି କହିଛନ୍ତି। ସ୍ଥାନୀୟ ପ୍ରଶାସନ ନିମ୍ନମାନର କାର୍ଯ୍ୟ ପ୍ରତି ଧ୍ୟାନ ଦେଉ ନ ଥିବାରୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମ୍ପୃକ୍ତ ଠିକାଦାର ଏବଂ ବିଭାଗୀୟ ଅଧିକାରୀମାନଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ୨୫ ପର୍ଯ୍ୟନ୍ତ ଓକିଲ ସଂଘ କୋର୍ଟ ବର୍ଜନ ପାଇଁ ନିଷ୍ପତ୍ତି

### କରୋନାର ସଂକ୍ରମଣ ବୃଦ୍ଧି

ଭବାନୀପାଟଣା, ୬।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲାରେ କରୋନାର ଦ୍ୱିତୀୟ ଲହର ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ବିଶେଷ କରି ଭବାନୀପାଟଣା ପୌର ପରିଷଦ ଅଞ୍ଚଳରେ ପ୍ରତିଦିନ କରୋନା ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢିଚାଲିଛି। ଏହାକୁ ଦୃଷ୍ଟିରେ ଏପ୍ରିଲ ୬ରୁ ୨୫ ତାରିଖ ପର୍ଯ୍ୟନ୍ତ କେବଳ ଜରୁରୀକାଳିନ ମାମଲା ଓ ଜାମିନ ସଂକ୍ରାମିତ ମାମଲା ଛାଡି ଅନ୍ୟ ସମସ୍ତ ମାମଲା ପରିଚାଳନାକୁ ବର୍ଜନ କରିବା ପାଇଁ କଳାହାଣ୍ଡି ଓକିଲ ସଂଘ ନିଷ୍ପତ୍ତି ନେଇଛି। ଏ ନେଇ କଳାହାଣ୍ଡି ଓକିଲ ସଂଘ ସଭାପତି ବଟକୃଷ୍ଣ ଆଚାର୍ଯ୍ୟ ଓ ସମ୍ପାଦକ ଅଶ୍ୱିନୀ କୁମାର ଦାସ ସୂଚନା ଦେଇଛନ୍ତି। କଳାହାଣ୍ଡି ଓକିଲ ସଂଘ ସଭାପତି ବଟକୃଷ୍ଣ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ସଂଘର କାର୍ଯ୍ୟକାରୀ କମିଟି ଏକ ଜରୁରୀ ବୈଠକ କୋର୍ଟ ବାର୍ ରୁମ୍‌ରେ ଅନୁଷ୍ଠିତ ହୋଇଥିଲା। ଜିଲାରେ ବିଶେଷ କରି ଭବାନୀପାଟଣା ପୌରାଞ୍ଚଳରେ କରୋନା ରୋଗୀଙ୍କ ସଂଖ୍ୟା ପ୍ରତିଦିନ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ଯାହାକୁ ନେଇ ଓକିଲ ସଂଘ ଉଦ୍‌ବେଗ ପ୍ରକାଶ କରିବା ସହିତ ନିଜର ଓ ନିଜ ପରିବାରର ସୁରକ୍ଷା ସହିତ କୋର୍ଟ କାର୍ଯ୍ୟରେ କାମ କରୁଥିବା କର୍ମଚାରୀଙ୍କ ସୁରକ୍ଷା ଓ ପ୍ରତିଷେଧକ ପାଇଁ ଏପ୍ରିଲ ୬ରୁ ୨୫ ତାରିଖ ପର୍ଯ୍ୟନ୍ତ କେବଳ ଜରୁରୀକାଳିନ ମାମଲା ଓ ଜାମିନ ସଂକ୍ରାମିତ ମାମଲା ଛାଡିଦେଲେ ଅନ୍ୟ ସମସ୍ତ ମାମଲା ପରିଚାଳନାକୁ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଓକିଲ ସଂଘ ପକ୍ଷରୁ ଜିଲା ଓ ଦୌରାଜଜ୍‌ଙ୍କୁ ଲିଖିତ ଭାବେ ଜଣାଇବା ସହିତ ଭବାନୀପାଟଣାର ସମସ୍ତ ବିଚାରପତିଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇ ଦିଆଯାଇଛି ବୋଲି କଳାହାଣ୍ଡି ଓକିଲ ସଂଘ ସଭାପତି ଆଚାର୍ଯ୍ୟ ଓ ସମ୍ପାଦକ ଦାସ ପ୍ରକାଶ କରିଛନ୍ତି।

# ପଦ୍ମପୁର ନାଗରିକ କମିଟିର ନୂତନ କର୍ମକର୍ତ୍ତା

ପଦ୍ମପୁର, ୬।୪ (ଡି.ଏନ.ଏ)

ପଦ୍ମପୁର ନାଗରିକ କମିଟିର ଏକ ସାଧାରଣ ବୈଠକ ମଙ୍ଗଳବାର ସ୍ଥାନୀୟ ରାଜାଜୀ ଟାଉନ ହଲ୍‌ଠାରେ ସଭାପତି ରାମଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ପ୍ରଫେସର ମହେନ୍ଦ୍ର କୁମାର ଭୋଇ ସଭାପତି, ନିରୋଜ ଦୋରା ଉପସଭାପତି, ଅଜିତ ଶତପଥି ସମ୍ପାଦକ, ଆଦିତ୍ୟ ରଥ ସହ ସମ୍ପାଦକ ଏବଂ ଗୋବିନ୍ଦ ଅଗ୍ରୱାଲଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ସେହିପରି ୧୦ଜଣ କାର୍ଯ୍ୟକାରୀ କମିଟିକୁ ମନୋନୀତ ହୋଇଥିଲେ। ଶେଷରେ ନିରୋଜ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ ।


**DISTRICT RURAL DEVELOPMENT AGENCY, JHARSUGUDA**

No.957 Date 05.04.2021

**TENDER NOTICE**

Sealed tenders are invited from reputed Manpower Agencies/ Service Providers to provide the services of 12 (Twelve) Nos. of MGNREGS Assistants @ 2 Nos. per Block and 2 Nos. for DRDA, 5 (Five) Nos. of Additional Computer Programmer (ACP) @ 01 No. per Block and 1 (One) No. of Data Entry Operator (DEO) for DRDA for handling of MGNREGS related works for a period of one year on contract basis for day to day official work. The engagement of Manpower Agencies/ Service Provider Firm shall be made through two bid systems i.e. technical and financial bid separately. The technically qualified Manpower Agencies/ Service Providers Firms can only participate in the Financial Bid. The undersigned reserves the right to accept or reject any or all applications without assigning any reason (s) thereof. For details please visit our website in www.jharsuguda.nic.in.

1. Last date of receipt of sealed bid is on Dt.20.04.2021 upto 5.30 P.M. through Registered/ Speed Post only.
2. Date and time for opening of
   (i) Technical bid : On dt.22.04.2021 at 10.00 A.M.
   (ii) Financial bid: On dt.22.04.2021 at 11.00 A.M.

Sd./-
Collector-cum-DPC,
MGNREGS, Jharsuguda



**OFFICE OF THE PANCHAYAT SAMITI, JHUMPURA**

No. 896 Date: 26.03.2021

**Detailed Tender Call Notice No. 03/BDO, Jhumpura 2020-21**

No. i-01: The Block Development Officer, Jhumpura invites sealed percentage rate tenders in a Single Cover System on behalf of Govt. of Odisha from registered and eligible class of civil contractor of the State PWD(R&B)/Water Resources/Rural Works/MI/CPWD for the following works eventually to be drawn up in the PWD F-2 forms in conformity with the Detailed Tender Call Notice.

| Sl. No. | Name of the Work with Location | Scheme | Est. Cost in Rupees | Amount Put to Tender in Rs. | EMD to be Deposited in Rs. | Cost of Tender Document in Rs. | Class of Contractor | Time of Completion |
|---|---|---|---|---|---|---|---|---|
| 1 | Construction of Science Lab Room at O.A.V. Khendra under Khendra G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 2 | Construction of Science Lab Room at Naradapur High School under Naradapur G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 3 | Construction of Science Lab Room at Jhumpura High School under Jhumpura G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 4 | Construction of Science Lab Room at Balibandha High School under Balibandha G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 5 | Construction of Science Lab Room at Gummura High School under Gummura G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 6 | Construction of Science Lab Room at Ukhunda High School under Ukhunda G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 7 | Construction of Science Lab Room at Dhabaleswar High School Kalinga, under Chouthia G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 8 | Construction of Science Lab Room at C.B. High School Chouthia under Chouthia G.P. | OMBADC | 1747000 | 1496126 | 14961 | 6000 | "C" & "D" | 6 Calendar Months |
| 9 | Construction of Addl. Class Room of Rasabantala High School under Tukudia G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 10 | Construction of Addl. Class Room of Gumura High School under Gumura G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 11 | Construction of Addl. Class Room of Ukhunda High School under Ukhunda G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 12 | Construction of Addl. Class Room at Balibandha High School Unit 1 under Balibandha G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 13 | Construction of Addl. Class Room at Balibandha High School Unit II under Balibandha G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 14 | Construction of Addl. Class Room at C.B. High School, Chouthia Unit I under Chouthia G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 15 | Construction of Addl. Class Room at C.B. High School, Chouthia Unit II under Chouthia G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 16 | Construction of Addl. Class Room at Naradpur High School Unit I under Naradpur G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |
| 17 | Construction of Addl. Class Room at Naradpur High School Unit II under Naradpur G.P. | OMBADC | 1240000 | 1053480 | 10535 | 6000 | "C" & "D" | 6 Calendar Months |

**Terms and Conditions**

1. The last date of receipt of Tender paper is Dt.19.04.2021 upto 01.00 PM.
2. The term and conditions of the tenders is available in D.T.C.N. (Detailed Tender Call Notice) available in the office notice board No.- 891/date 26.03.2021
3. Cost of tender paper: The tender specification can be obtained from the office of the Block Development Officer, Jhumpura on payment towards the cost of Tender papers as mentioned above (Non refundable) in shape of bank draft or demand draft only (no other modes will be entertained) drawn in favour of Block Development Officer, Jhumpura in any nationalized bank having its branch at Jhumpura on any working day from 05.04.2021 to 19.04.2021 for the above work.
4. For more details please visit **www.keonjhar.nic.in.**

OIPR-19108/11/0001/2122 Sd./- Block Development Officer, Jhumpura


# ବେଣାଚେରରେ ଦେଇଛି ଜୀବିକା

ବରଗଡ଼ ଅଫିସ୍,୬।୪

ବରଗଡ଼ ବ୍ଲକ ଅଧୀନ ନିଲେଶ୍ୱର ଗ୍ରାମର କୃଷ୍ଣ ସାହୁ । ବୟସ ୫୩ ହେବ। ପୋଲିଓ ଯୋଗୁ ସେ ପିଲାବେଳୁ ଦିବ୍ୟାଙ୍ଗ ପାଲଟି ଯାଇଛନ୍ତି। ସେ ଚାଲି ପାରନ୍ତି ନାହିଁ। ତଥାପି କୃଷ୍ଣ ହାରି ନାହାନ୍ତି । ନିଜେ ରୋଜଗାର କରି ପରିବାର ପୋଷଣରେ ସେ ସକ୍ଷମ ହୋଇଛନ୍ତି । ଆଉ ବେଣାଚେର ହିଁ ତାଙ୍କୁ ଯୋଗାଇଛି ଜୀବିକା।

ସ୍ତ୍ରୀ କୁନ୍ତଳା, ପୁଅ ସୁଶାନ୍ତ ଓ ଝିଅ ଲାବାନଙ୍କୁ ନେଇ କୃଷ୍ଣଙ୍କ ପରିବାର। ଘରଡ଼ିହକୁ ଛାଡ଼ିଦେଲେ ଜମିବାଡ଼ି କିଛି ନାହିଁ। ସେ ବେଣାଚେରରୁ କୁଲର, ଝରକା ଚଦର ପ୍ରସ୍ତୁତ କରି ଯାହା ରୋଜଗାର କରନ୍ତି, ସେଥିରେ ତାଙ୍କ ପରିବାର ଚଳେ ବୋଲି କୃଷ୍ଣ କହିଛନ୍ତି। କୃଷ୍ଣ ବେପାରୀଙ୍କଠାରୁ ବେଣାଚେର ବିଡ଼ା ପ୍ରତି ୧୦ଟଙ୍କା ଦରରେ କିଣିଥାନ୍ତି। ସେଥିରୁ କୁଲର, ଝରକାର ପରଦା ତିଆରି କରନ୍ତି। ଏଥିରେ ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କୁ ସହଯୋଗ କରୁଥିବା ସେ କହିଛନ୍ତି। ପରଦା ତିଆରି ହେବା ପରେ ତାକୁ ନିଜ ଟ୍ରାଇ ସାଇକେଲରେ ଧରି ଗ୍ରାମଠାରୁ ପ୍ରାୟ ୧୫ କି.ମି ଦୂର ବରଗଡ଼ ସହରକୁ ବିକ୍ରି ପାଇଁ ଆସିଥାନ୍ତି। ତାତି ବୃଦ୍ଧି ପାଇବା ସହିତ ଝାଞ୍ଜି ପବନ ବହିବା ଆରମ୍ଭ ହୋଇଥିବାରୁ ଏବେ ବେଣାଚେର ପରଦାର ଚାହିଦା ବଢ଼ିଛି। ଫଳରେ କୃଷ୍ଣ ତାଙ୍କ ପ୍ରସ୍ତୁତ ବେଣାଚେରକୁ ଟ୍ରାଇ ସାଇକେଲରେ ଧରି ସକାଳୁ ବରଗଡ଼ ସହରକୁ ବିକ୍ରି ପାଇଁ ଆସୁଛନ୍ତି। ଗତ ୮ଦିନ ହେଲା ସେ ସହରକୁ ଆସି ସ୍ଥାନୀୟ କଚେରୀ ଆଗରେ ବିକ୍ରିବଟା କରୁଛନ୍ତି।

ତେବେ ବେଣାଚେର ପରଦା ବିକ୍ରିବଟା ସେତେ ଜୋର୍ ଧରିନାହିଁ। ଦିନକୁ ଶହେ ଦେଢ଼ଶହ ଟଙ୍କା ରୋଜଗାର ହେଉଛି ବୋଲି ସେ କହିଛନ୍ତି। ଗତବର୍ଷ ଲକ୍‌ଡାଉନ୍ ଯୋଗୁ ବିକ୍ରିବଟା ପୂରାପୂରି ଠପ୍ ପଡ଼ି ଯାଇଥିଲା। ଫଳରେ ପରିବାର ପୋଷଣ କଷ୍ଟସାଧ୍ୟ ହୋଇଥିଲା। ଏଥର କିଛି ରୋଜଗାର କରିବା ଆଶା ରହିଛି। କିନ୍ତୁ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଲକ୍ ଡାଉନ୍ ଆଶଙ୍କାରେ ରହିଥିବା କୃଷ୍ଣ କହିଛନ୍ତି।



ବରଗଡ଼ କଚେରୀ ସମ୍ମୁଖ ଏକ ଗଛମୂଳେ ଦିବ୍ୟାଙ୍ଗ କୃଷ୍ଣ ସାହୁ ଗରାଖ ଅପେକ୍ଷାରେ ଅଛନ୍ତି ।